ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, March 1/2023 Page 20 ₹ 7.00

୪୯ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 97 ମୂଲ୍ୟ₹୭/-





# ଏପ୍ରିଲ ୩ରେ ହିନ୍ଦୋଳ, ଅଠାବିରା ଏନ୍‌ଏସି ନିର୍ବାଚନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଢେଙ୍କାନାଳ ଜିଲା ହିନ୍ଦୋଳ ଓ ବରଗଡ଼ ଜିଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର କାର୍ଯ୍ୟକାଳ ଏପ୍ରିଲ ୧୨ ତାରିଖରେ ଶେଷ ହେଉଛି। ଏହା ପୂର୍ବରୁ ଏହି ଦୁଇ ସ୍ଥାନରେ ନିର୍ବାଚନ କରିବା ପାଇଁ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୩ରେ ଏହି ୨ ଏନ୍‌ଏସି ପାଇଁ ଭୋଟ୍ ଗ୍ରହଣ କରାଯିବ। ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ମଙ୍ଗଳବାରଠାରୁ ଭୋଟ୍ ଗଣତି ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ୍ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଏନ୍‌ଏସିରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

**ଏପ୍ରିଲ ୫ରେ ଗଣତି**

- ମାର୍ଚ୍ଚ ୩ରେ ବିଜ୍ଞପ୍ତି, ୯ରୁ ନାମାଙ୍କନପତ୍ର ଦାଖଲ
- ୨୦ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର

ଏହି ନିର୍ବାଚନ ପାଇଁ ମାର୍ଚ୍ଚ ୩ରେ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୯ରୁ ପ୍ରାର୍ଥୀମାନେ ନାମାଙ୍କପତ୍ର ଦାଖଲ କରିପାରିବେ। ଏହା ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବ। ୧୭ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୦ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ। ଏପ୍ରିଲ ୩ରେ ଭୋଟ୍ ଗ୍ରହଣ ହେବ। ଏପ୍ରିଲ ୫ରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଏହା ପରେ ଏପ୍ରିଲ ୧୯ରେ ଏନ୍‌ଏସି ଉପାଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

# ଭାଜପା ଗରିବଙ୍କ ହକ୍ ମାରି ଦେଉଛି: ସୁଲତା



ରାଜଭବନ ସମ୍ମୁଖରେ ମଙ୍ଗଳବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଅନୁଷ୍ଠିତ ଧାରଣାରେ ବିଧାୟକ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ବିଜେଡି ରଣହୁଙ୍କାର ଦେଇଛି। ବିଧାନସଭାରେ ଏହାକୁ ନେଇ ବିଜେଡି ସଦସ୍ୟମାନେ କେନ୍ଦ୍ର ବିରୋଧରେ ପ୍ରତିବାଦ କରିଥିବା ବେଳେ ମଙ୍ଗଳବାର ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ରାଜଭବନ ଆଗରେ ଧାରଣା ଦିଆଯାଇଛି। ମୋର୍ଚ୍ଚାର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରୁ ଏକ ଶୋଭାଯାତ୍ରାରେ ବାହାରି ରାଜଭବନଠାରେ ଧାରଣା ଦେଇଥିଲେ। ବିଜେଡି ପକ୍ଷରୁ ଶ୍ରୀମୟୀ ମିଶ୍ର, ମେୟର ସୁଲୋଚନା ଦାସ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ରାଜଭବନ ଆଗରେ ଧାରଣା ଦେଇଥିଲେ। ସୁଲତା କହିଛନ୍ତି, କିଛିଦିନ ତଳେ ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଆବାସ ବନ୍ଦ କରିବାକୁ ନିବେଦନ କରିଥିଲେ। ରାଜ୍ୟ ଭାଜପା ନେତାମାନେ ଗରିବଙ୍କ ହକ୍ ମାରିଦେଉଥିବାରୁ ଏହାର ପ୍ରତିବାଦରେ ଧାରଣା ଦିଆଯାଉଛି। ୧୫ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଘର ଆମ ହକ୍, ଭାଜପା ଏହି ହକ୍ ମାରିଛି। ରାଜ୍ୟର ଏହି ହକ୍ ଦିଆଯାଉ ବୋଲି ସେ କହିଛନ୍ତି। ଏ ନେଇ ରାଜ୍ୟପାଳଙ୍କୁ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

**ରାଜଭବନ ସମ୍ମୁଖରେ ମହିଳା ବିଜେଡିର ଧାରଣା**

# କର୍ମୀଙ୍କୁ ଚିଠି ଲେଖିଲେ ସଭାପତି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ବିଜୁ ଜୟନ୍ତୀ ପାଇଁ ବିଜେଡିର ପ୍ରସ୍ତୁତି**

- ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେବେ
- ମାର୍ଚ୍ଚ ୫ରୁ ୨୫ ଯାଏ ବିଭିନ୍ନ କାର୍ଯ୍ୟକ୍ରମ
- ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ

ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ୧୦୭ତମ ଜୟନ୍ତୀ ପାଳନ ହେବ। ଏ ନେଇ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଜୁ ଜୟନ୍ତୀ ପାଳନ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ କର୍ମୀମାନଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି। ନବୀନ ଓଡ଼ିଶା ଗଢ଼ିବା ପାଇଁ ବିଜୁ ଜୟନ୍ତୀରେ ବିଜେଡି କର୍ମୀ ଶପଥ ନେବେ। ଦଳ ପକ୍ଷରୁ ମାର୍ଚ୍ଚ ୫ରୁ ୨୫ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ବିଜେଡି କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ଦିଗରେ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ।

ବିଜୁ ଯୁବ ଏବଂ ଛାତ୍ର ଜନତା ଦଳକୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି। ଏପ୍ରିଲ ୧୭ରେ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ରାଜ୍ୟସ୍ତରରେ ପାଳନ କରାଯିବ। ମାର୍ଚ୍ଚ ୯ରୁ ୧୭ ପର୍ଯ୍ୟନ୍ତ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ମହିଳା ସମାବେଶ ଆୟୋଜନ କରାଯିବ। ରାଜ୍ୟରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ ଦିଗରେ ବିଜୁବାବୁଙ୍କ ଅବଦାନ ଓ ରାଜ୍ୟ ସରକାରଙ୍କ ମହିଳା କଲ୍ୟାଣ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯିବ। ମାର୍ଚ୍ଚ ୫ ତାରିଖ ସକାଳ ୬ଟାରେ ପ୍ରଭାତଫେରି, ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣରୁ ବିଜୁ ଜୟନ୍ତୀ ପାଳନର ଶୁଭାରମ୍ଭ କରାଯିବ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସାଇକେଲ ଶୋଭାଯାତ୍ରା କରାଯିବ। ଅପରାହ୍ନରେ କର୍ମକର୍ତ୍ତାଙ୍କୁ ନେଇ ସାଧାରଣ ସଭା ଆୟୋଜନ କରାଯିବ। ଏଥିରେ ନବୀନ ଓଡ଼ିଶା ଗଠନ ପାଇଁ ଶପଥ ବିଜେଡି କର୍ମୀମାନେ ନେବେ ବୋଲି ଦଳର ସଭାପତି ଚିଠିରେ ଉଲ୍ଲେଖ କରିଛନ୍ତି। ବିଜୁବାବୁଙ୍କ ଜନ୍ମ ଦିବସ ବିଭିନ୍ନ ସ୍ତରରେ କିପରି ପାଳନ କରାଗଲା ତାହାର ଏକ ବିଶଦ ବିବରଣୀ, ଫଟୋଗ୍ରାଫ୍ ଏବଂ ଭିଡିଓ ରାଜ୍ୟ କାର୍ଯ୍ୟାଳୟକୁ ପଠାଇବାକୁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି।

# ପୋଲିସ-ଭାଜପା କର୍ମୀ ମୁହାଁମୁହିଁ: ତେଜିଲା ରାଜନୀତି

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

- ଯୁବମୋର୍ଚ୍ଚାର ୫୦ କର୍ମୀ ଆହତ, ତାଙ୍କ ଚିକିତ୍ସା ଠିକ୍‌ରେ ହେଉନି: ସୁଶ୍ରୀ
- ହତ୍ୟା ଅଭିଯୁକ୍ତଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ: ଚିନ୍ମୟ
- ବିଜେଡି ସରକାରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଶିକାର ଓଡ଼ିଶା: ତେଜସ୍ୱୀ ସୂର୍ଯ୍ୟ

ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ନବ ଦାସ ହତ୍ୟାକାଣ୍ଡ ଘଟଣାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ହୋଇଥିଲା। ଏହି ସମୟରେ ପୋଲିସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ଫଳରେ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଲଟିଥିଲା। ତେବେ ଏହି ଘଟଣାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ ରାଜନୀତି ଜୋର୍ ଧରିଥିବା ବେଳେ ଜାତୀୟସ୍ତର ନେତାମାନେ ମଧ୍ୟ ଟୁଇଟ୍ କରି ଏହାର ପ୍ରତିବାଦ କରିଛନ୍ତି।

ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ସୁଶ୍ରୀ ଅର୍ପିତା ଅପରାଜିତା ବଡ଼ଜେନା କହିଛନ୍ତି, ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯାଉଥିବା ସମୟରେ ପୋଲିସର ମାତ୍ରାଧିକ ଏବଂ ଆକ୍ରୋଶମୂଳକ ଆକ୍ରମଣରେ ଯୁବମୋର୍ଚ୍ଚାର ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବିକ୍ଷୋଭସ୍ଥଳରେ କାର୍ଯ୍ୟରତ ପୋଲିସଙ୍କୁ ଉଠାଇ ଆଣି ହସ୍ପିଟାଲର ଏସି ରୁମ୍‌ରେ ଚିକିତ୍ସା କରାଯାଉଛି। ହେଲେ ଗୁରୁତର ଭାବେ ଆହତ ହୋଇଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଷ୍ଟ୍ରେଚରରେ ରଖାଯାଇ ଚିକିତ୍ସା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାରୀ ହସ୍ପିଟାଲରେ ଚିକିତ୍ସା ନ ପାଇ ବହୁ କାର୍ଯ୍ୟକର୍ତ୍ତା ଫେରିଯାଇଛନ୍ତି ବୋଲି ସୁଶ୍ରୀ କହିଛନ୍ତି।

ଭାଜପା ଯୁବମୋର୍ଚ୍ଚା ଶୋଭାଯାତ୍ରାକୁ ବିରୋଧକରି ବିଜେଡି ନେତା ଚିନ୍ମୟ ସାହୁ କହିଛନ୍ତି, ବିରୋଧୀ ଦଳ ନେତା ଯିଏ ଜଣେ ଅଭ୍ୟାସଗତ ଅପରାଧୀ କିଛିଦିନ ତଳେ ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିବା ସହିତ ଧମକଚମକ ଦେଇଥିଲେ ସେକଥା ଓଡ଼ିଶାବାସୀ ଦେଖିଛନ୍ତି। ଆଜି ତାଙ୍କ କ୍ରାଇମ ପାର୍ଟନର ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଲୋୟର ପିଏମ୍‌ଜିରେ ଯେଭଳି ବିକ୍ଷୋଭ ନାଁରେ ଦଙ୍ଗାକଲେ ଏବଂ ପୋଲିସ ଅଧିକାରୀଙ୍କୁ ଟାର୍ଗେଟକରି ସେମାନଙ୍କୁ ଲହୁଲୁହାଣ କରିଛନ୍ତି ଏହାକୁ କଠୋର ଭାଷାରେ ନିନ୍ଦା କରୁଛୁ। ରାଜ୍ୟବାସୀ କେବେହେଲେ ଏହାକୁ ଗ୍ରହଣ କରିବେ ନାହିଁ। ପୋଲିସ ଆମ ସୁରକ୍ଷା ଲାଗି ଅଛି। ସେମାନଙ୍କୁ ବାରମ୍ବାର ଆହତ କରିବା ସହିତ ଆକ୍ରମଣ କରି ସେମାନଙ୍କ ମନୋବଳ ଭାଙ୍ଗିବା ଉଚିତ ନୁହେଁ। ଯେଉଁ ଦଳର ଛାମୁଆ ସଙ୍ଗଠନ ନେତା ହତ୍ୟା ଅଭିଯୁକ୍ତ ହେବେ ସେମାନଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ ବୋଲି ଚିନ୍ମୟ କହିଛନ୍ତି।

ତେବେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟ ଟୁଇଟ୍ କରି ପୋଲିସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ଚାଲିଥିବା ଗୋଡ଼ାଗୋଡ଼ି ଦୃଶ୍ୟ ଶେୟାର କରିଛନ୍ତି। ଏଥିରେ ଭାଜପା କର୍ମୀଙ୍କୁ ପୋଲିସ ବାଡ଼ାଉଥିବାର ଦୃଶ୍ୟ ରହିଛି। ଏନେଇ ସେ ଟୁଇଟ୍‌ରେ ସେ ଉଲ୍ଲେଖ କରିଛନ୍ତି, ବିଜେଡି ସରକାର ଏବଂ ଏହାର ବିଫଳ ଆଇନଶୃଙ୍ଖଳା ପରିସ୍ଥିତିର ଶିକାର ଓଡ଼ିଶା ହୋଇଛି। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କରାଯାଉଥିବା ପ୍ରତିବାଦ ବେଳେ ପୋଲିସ ଏଭଳି ଅମାନୁଷିକ ଆକ୍ରମଣ କରିଛି। ଏହାଦ୍ୱାରା ବହୁ ଭାଜପା କାର୍ଯ୍ୟକର୍ତ୍ତା ଆହତ ହୋଇଥିବା ସେ ଉଲ୍ଲେଖ କରିଛନ୍ତି।

# କାଉନ୍‌ସିଲର ପ୍ରାର୍ଥୀ ୫୦ ହଜାର, ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ୨ ଲକ୍ଷ ଖର୍ଚ୍ଚ ଅନୁମତି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ସର୍ବଦଳୀୟ ବୈଠକ**

ଅତାବିରା ଓ ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟକାଳ ଏପ୍ରିଲ ୧୨ରେ ଶେଷ ହେବ। ଏହାପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ପ୍ରସ୍ତୁତି କରିଛନ୍ତି।

ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ନିର୍ବାଚନ କମିଶନର ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ରେ ସମୁଦାୟ ୧୨ ୱାର୍ଡର ୧୬ ବୁଥ୍ ରହିଛି। ଏହାର ଭୋଟରଙ୍କ ସଂଖ୍ୟା ୧୩୫୨୦। ସେହିପରି ହିନ୍ଦୋଳ ଏନ୍‌ଏସିର ସମୁଦାୟ ୧୬ ୱାର୍ଡର ୧୬ ବୁଥ୍ ରହିଥିବା ବେଳେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୯୮୭୭। ଉଭୟ ଏନ୍‌ଏସିର ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି । ଏଗୁଡ଼ିକର ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ନିର୍ବାଚନ ପାଇଁ କାଉନ୍‌ସିଲର ଏବଂ ଅଧ୍ୟକ୍ଷ ପଦ ନିମନ୍ତେ ପ୍ରାର୍ଥୀମାନେ ସେମାନଙ୍କ ଆପରାଧିକ ପୃଷ୍ଠଭୂମି, ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସତ୍ୟପାଠ ଦାଖଲ କରିବେ। ଅସମ୍ପୂର୍ଣ୍ଣ ସତ୍ୟପାଠ କିମ୍ବା ସତ୍ୟପାଠ ଦାଖଲ ନ କରିବା ଦ୍ୱାରା ସମ୍ପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ନାକଚ କରାଯିବ। ଯଦି କେହି ମିଥ୍ୟା ସତ୍ୟପାଠ ଦାଖଲ କରିବା ଜଣାଯାଏ, ସେମାନଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥିପତ୍ର ମନୋନୟନ ପ୍ରମାଣପତ୍ର ସହିତ ଜାତିଗତ ପ୍ରମାଣପତ୍ର ଦାଖଲକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ପ୍ରାର୍ଥୀମାନେ ସଂରକ୍ଷିତ ସ୍ଥାନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି,ସେମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ର ମନୋନୟନପତ୍ର ସହ ଦାଖଲ କରିବେ, ନଚେତ୍ ସେମାନଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯିବ। ନିର୍ବାଚନ ଫିସ୍‌ରେ ଛାଡ଼ ପାଇଁ ସେମାନେ ବିବେଚିତ ହେବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି। କାଉନ୍‌ସିଲର ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫୦ ହଜାର ଟଙ୍କା ଓ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୨ ଲକ୍ଷ ଟଙ୍କା ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି। ନିର୍ବାଚନ ସମୟରେ କାଉନ୍‌ସିଲର ପଦ ନିମନ୍ତେ ଜଣେ ପ୍ରାର୍ଥୀ (ତିନିଚକିଆ ଓ ଚାରିଚକିଆ ଯାନ) ମୋଟ୍ ୨ଟି ଯାନ ବ୍ୟବହାର କରିପାରିବେ। ଅଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ଲଢୁଥିଲେ ଜଣେ ପ୍ରାର୍ଥୀ(ଦୁଇଚକିଆ ଓ ଚାରିଚକିଆ ଯାନ) ସମୁଦାୟ ୪ଟି ଯାନ ବ୍ୟବହାର କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି।

ଏହି ସର୍ବଦଳୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ବିଜୟ କୁମାର ଦାଶ, ଆୟୋଗର ଯୁଗ୍ମ ସଚିବ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ,ଆଇନ ଅଧିକାରୀ ମାଧୁରୀ ମିଶ୍ର, ଭାଜପାର ଯତୀନ ମହାନ୍ତି ଓ ଜୟନ୍ତ କୁମାର ଜେନା, କଂଗ୍ରେସର ଶିବାନନ୍ଦ ରାୟ, ବିଜେଡିର ବିଧାୟକ ଅନନ୍ତ ନାରାୟଣ ଜେନା, ବିଏସ୍‌ପିର ରାଜ୍ୟ ସାଧାରଣ ସମ୍ପାଦକ ମଧୁସୂଦନ ଯାଦବ, ଏସ୍‌ପିର ସୁଦର୍ଶନ ପ୍ରଧାନ, ଏଏପିର ସୌମ୍ୟରଞ୍ଜନ ସ୍ୱାଇଁ, କଳିଙ୍ଗ ସେନାର ମନୋଜ କୁମାର ନାୟକ, ସିପିଆର ଜୟନ୍ତ ଦାଶ, ସମତାକ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ, କୃପା ପାର୍ଟିର ବିଶ୍ୱନାଥ ରାଉତ ଓ ମୋ ଦଳର ଅଶୋକ କୁମାର ମହନ୍ତି ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
7325808610

ବାଡ଼ିବଗିଚା କାମ ପାଇଁ ମାଳି ଆବଶ୍ୟକ
ରହିବାକୁ ଘର + 12500/- ।
ଫୁଲନଖରା, କଟକ
ଯୋଗାଯୋଗ:
7809525452

MARKETING PERSON wanted, preferably having experience in marketing of building materials, for a Paint and Hardware Shop at Bhubaneswar.
Contact: 6371440992

Required
Required Spinning Master/Technical Manager for Spinning Mills in Orissa. Interested person may contact : 9830021565

MOTHER DAIRY
MOTHER DAIRY ICE CREAM DIVISION
REQUIRES
SALES EXECUTIVE TO BE PLACED UNDER SUPER STOCKIST AT BHUBANESWAR
NAME OF THE POSITION :- PILOT SALES REPRESENTATIVE
QUALIFICATION :- +2 WITH HAVING EXPERIENCE OF SALES IN FMCG SECTOR
SALARY :- 10,000/- PER + TRAVEL EXPENCES @ 100 Rs PER DAY
CONTACT :- SAGEN TRADING M:-9874062623
INTERESTED CANDIDATES MAY email THEIR RESUME TO sagen.trade@gmail.com

WANTED
ଧରିତ୍ରୀ Oriya daily
is looking for
RECOVERY EXECUTIVES
- Minimum 4-5 years experience in recovery. Working with targets and tight deadlines will be needed.
- Tracking outstanding debts.
- Update account status and database regularly.
- Graduates with good knowledge of MS Office, TALLY and databases.
Apply immediately to : recruitment@dharitri.com
Attractive salary commensurate with experience



# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ | Bhubaneswar, Wednesday, March 1/2023 | ପୃଷ୍ଠା-୧




### ମେସି ଫିଫାର ଶ୍ରେଷ୍ଠ ଖେଳାଳି

ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର ଲିଓନେଲ ମେସି ଫିଫାର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।


୧୦ ୦୮


### କର୍ମକ୍ଷେତ୍ରକୁ ଫେରିଲେ କାଜଲ

ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ମ୍ୟାଟରନିଟି ବ୍ରେକ୍ ପରେ ଏବେ ପୁଣିଥରେ ତାଙ୍କ କର୍ମକ୍ଷେତ୍ରକୁ ଫେରିଛନ୍ତି।



# ଗାନ୍ଧୀମାର୍ଗ ରଣକ୍ଷେତ୍ର, ବିଧାନସଭା ଅଚଳ

## ଭାଜପା ଯୁବମୋର୍ଚ୍ଚା-ପୋଲିସ ମୁହାଁମୁହିଁ

- ପୋଲିସ ଉପରକୁ ପାଣିବୋତଲ, ଅଣ୍ଡା, ଢେଲା ମାଡ଼
- ବିଧାନସଭା ଘେରାଉ ଉଦ୍ୟମ ବେଳେ ପୋଲିସର ଲାଠିମାଡ଼
- କିରୋସିନ ଢାଳି ପୋଲିସ ଭ୍ୟାନ୍ ଜାଳିବାକୁ ଉଦ୍ୟମ
- ଏସିପିଙ୍କ ସମେତ ୨୧ ପୋଲିସ, ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ସମୟର ଦୃଶ୍ୟ। **(ଫଟୋ: ମନୋରଞ୍ଜନ)**

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ଇତିମଧ୍ୟରେ ମାସେ ପୂରିଥିବାବେଳେ ସରକାର ହତ୍ୟାର କାରଣ ଜାଣିବାରେ ବିଫଳ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାନସଭାରେ ତୁମ୍ବିତୋଫାନ ଚାଲିଥିବାବେଳେ ରାଜ୍ୟରେ ଆଇନଶୃଙ୍ଖଳା, ଅରାଜକତା ଓ କୁଶାସନ ବିରୋଧରେ ଭାଜପା ଯୁବ ମୋର୍ଚ୍ଚା ମଙ୍ଗଳବାର ରାଜରାସ୍ତାକୁ ଓହ୍ଲାଇଛି। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ମୋହିତ ଚହଲ୍ ଓ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଏହି ସମୟରେ କମିଶନରେଟ ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷରୁ ଧସ୍ତାଧସ୍ତି ସହ ଅଣ୍ଡା ଓ ପଥର ମାଡ଼ ହେବାରୁ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଲଟିଥିଲା। ଏଥିରେ ୨୧ ପୋଲିସ, ୪୦ରୁ ☞ପୃଷ୍ଠା-୨

## ଆଇନଶୃଙ୍ଖଳା ବନାମ ପିଏମ୍ଏୱାଇ

### ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଅବହେଳା ପ୍ରସଙ୍ଗରେ ମଙ୍ଗଳବାର ବିଧାନସଭାରେ ବିରୋଧୀ-ଶାସକ ମୁହାଁମୁହିଁ ହୋଇଛନ୍ତି। ନବ ଦାସ ହତ୍ୟାକାଣ୍ଡର ତଦନ୍ତକୁ ନେଇ ବିରୋଧୀ ଦଳ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ହତ୍ୟାକାଣ୍ଡକୁ ୩୦ ଦିନ ପୂରିଥିବା ବେଳେ ତଦନ୍ତ କେଉଁ ଆଡ଼କୁ ଯାଉଛି ତାହା ରାଜ୍ୟବାସୀ ଜାଣିପାରୁନାହାନ୍ତି। ରାଜ୍ୟରେ ଅପରାଧ ବଢ଼ିବା, ଆଇନଶୃଙ୍ଖଳା ରକ୍ଷା କରିବାରେ ସରକାର ବିଫଳ ହେବା ଓ ହତ୍ୟା ମାମଲାର ରହସ୍ୟକୁ ଲୁଚାଇ ରଖିଥିବା ବିରୋଧୀ ଦଳ ଅଭିଯୋଗ କରିଛି। ଶାସକ ଦଳ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ କେନ୍ଦ୍ରୀୟ ଅବହେଳାକୁ ପ୍ରସଙ୍ଗ କରି ବିରୋଧୀଙ୍କୁ କାଉଣ୍ଟର ଆଟାକ୍ କରିଛି। ଉଭୟ ବିରୋଧୀ ଓ ଶାସକ ଦଳଙ୍କ ହଙ୍ଗାମା ଯୋଗୁ ବିଧାନସଭା ପ୍ରକମ୍ପିତ ହୋଇଥିଲା। ଗୃହରେ ଶୂନ୍ୟକାଳ, ମୁଲତବୀ ଆଲୋଚନା ହୋଇପାରିନାହିଁ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ ହୋଇ ଗୃହକୁ ପୂର୍ବାହ୍ନ ୧୧ଟା ୩୪ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ☞ପୃଷ୍ଠା-୨

## ନିକୁଞ୍ଜ ଧଳ ସ୍ୱତନ୍ତ୍ର ରିଲିଫ୍ କମିଶନର

ଭୁବନେଶ୍ୱର,୨୮।୨(ବ୍ୟୁରୋ)

୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ନିକୁଞ୍ଜ ବିହାରୀ ଧଳଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ଭାବେ ନିଯୁକ୍ତ କରିଛନ୍ତି। ମଙ୍ଗଳବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।



ନିକୁଞ୍ଜ ବର୍ତ୍ତମାନ ଶକ୍ତି ଓ ଅବକାରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏସ୍ଆରସି ଥିବା ପ୍ରଦୀପ ଜେନାଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି କରିବା ପରେ ତାଙ୍କଠାରୁ ଏହି ଦାୟିତ୍ୱ ଅପସାରଣ କରାଯାଇଛି।

### ଆଜିର ସମ୍ପାଦକୀୟ

## ବାଘ ଆଇଲେ








Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org



**ଆଜିର ମନ୍ତବ୍ୟ**

"ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ସରକାର କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଛନ୍ତି। କଂଗ୍ରେସ ଏଥିରେ ଭୟଭୀତ ନ ହୋଇ ଜନତାଙ୍କ ପ୍ରସଙ୍ଗରେ ପ୍ରଶ୍ନ ଉଠାଇ ଚାଲିବ।

– ସୁପ୍ରିୟା ଶ୍ରୀନେତ, କଂଗ୍ରେସ ମୁଖପାତ୍ର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କରେ ଲଣ୍ଡଭଣ୍ଡ**
**ଅତ୍ୟନ୍ତ ପ୍ରୀତି ହଗେ ବାବୁ ତୁଣ୍ଡ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ। ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇନଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଧନ,**
**ବିକଳ ମନ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ, ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଉଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଇରାଶିଷଙ୍କ ସମେତ ୨୨ ଗିରଫ

- ଲାଗିଲା ହତ୍ୟା ଉଦ୍ୟମ ଅଭିଯୋଗ
- ପୋଲିସ ଓ ସାଦା ପୋଷାକଧାରୀ ଗୁଣ୍ଡାଙ୍କ ବିରୋଧରେ ପାଲଟା ଅଭିଯୋଗ
- ରାତି ଅଧରେ ଥାନା ସମ୍ମୁଖରେ ଧାରଣାରେ ବସିଲେ ଭାଜପା ନେତୃମଣ୍ଡଳୀ

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କରାଯାଇଥିବା ବିଧାନସଭା ଘେରାଉବେଳେ ସୃଷ୍ଟ ହିଂସା ଘଟଣାରେ ପୋଲିସ ଯୁବମୋର୍ଚ୍ଚା ସଭାପତି ଇରାଶିଷଙ୍କ ସମେତ ୨୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଅଭିଯୋଗ ଲଗାଯାଇ ରାତାରାତି କୋର୍ଟଚାଲାଣ କରାଯାଇଛି। ଏହାର ପ୍ରତିବାଦରେ ଭାଜପା କର୍ମୀମାନେ ବିଳମ୍ବିତ ରାତିରେ କ୍ୟାପିଟାଲ ଥାନାରେ ଧାରଣା ଦେଇଛନ୍ତି। ଏଥିସହ ଭାଜପା କର୍ମୀଙ୍କୁ ଲାଠି ଆକ୍ରମଣ ସହ ମହିଳାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ପୋଲିସ ଏବଂ ସାଦା ପୋଷାକଧାରୀ ଗୁଣ୍ଡାଙ୍କ ବିରୋଧରେ ଲିଖିତ ଏତଲା ଦିଆଯାଇଛି।

ସୂଚନା ଅନୁଯାୟୀ, ଭାଜପା କାର୍ଯ୍ୟାଳୟଠାରୁ ଇରାଶିଷଙ୍କ ନେତୃତ୍ୱରେ କର୍ମୀମାନେ ବିଧାନସଭା ଆଡ଼କୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଲୋୟର ପିଏମ୍‌ଜିଠାରେ ଅଟକାଇଥିଲା। ହେଲେ ଭାଜପାକର୍ମୀ ପୋଲିସ ଉପରକୁ ଢେଲା ଓ ଅଣ୍ଡା ମାଡ଼ କରିଥିଲେ। ଏଥିରେ ୨୧ ଜଣ ପୋଲିସ କର୍ମଚାରୀ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଇରାଶିଷଙ୍କ ସମେତ ୨୨ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଆଇପିସି ଦଫା ୧୪୭, ୨୯୪, ୩୫୩, ୩୨୩, ୩୩୨, ୩୨୫, ୩୦୭, ୫୦୬, ୧୪୯ ରେ ଏକ ମାମଲା (ନଂ.୧୩୫/୨୦୨୩) ରୁଜୁ କରିଛି। ଅପରପକ୍ଷରେ ଭାଜପା କର୍ମୀଙ୍କୁ ପୋଲିସର ବର୍ବର ଅତ୍ୟାଚାର ସହ ଲାଠି ମାଡ଼ କରିବା ଅଭିଯୋଗରେ ପୋଲିସରେ ପାଲଟା ଅଭିଯୋଗ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଅର୍ପିତା ବଡ଼ଜେନାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ଯୋଜନା ମୁତାବକ ଭାଜପା କର୍ମୀମାନେ ବିଧାନସଭା ଆଡ଼କୁ ଆସୁଥିବାବେଳେ ଲୋୟର ପିଏମ୍‌ଜିଠାରେ ରାଜ୍ୟ ସରକାର ଏବଂ ପୋଲିସ ପ୍ରୋତ୍ସାହନରେ ପୂର୍ବରୁ ଉପସ୍ଥିତ ଥିବା କେତେଜଣ ସାଦା ପୋଷାକଧାରୀ ବିଜେଡି ଗୁଣ୍ଡା ଭାଜପା ମହିଳା କର୍ମୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ପୋଲିସ ଲାଠି ଚାଳନା କରିଥିଲା। ଏପରି କି ମହିଳା କର୍ମୀଙ୍କୁ ପୁରୁଷ ପୋଲିସ ଟଣା ଓଟରା କରି ଚୁଟି ଘୋଷାରିବା ସହ ଗାଡ଼ିରୁ ଠେଲି ଦେଇଥିଲା। ଏଥିରେ ଅନେକ କର୍ମୀ ଆହତ ହୋଇଛନ୍ତି। ପୋଲିସ ଏବଂ ସାଦା ପୋଷାକଧାରୀ ଗୁଣ୍ଡାମାନଙ୍କ ଆକ୍ରମଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଭାଜପାର ଗୋଲକ ମହାପାତ୍ର, ସୁରମା ପାଢ଼ୀ, ପ୍ରଭାତି ପରିଡ଼ା, ଜଗନ୍ନାଥ ପ୍ରଧାନ, ସୁରଥ ବିଶ୍ୱାଳ, ଠାକୁର ରଞ୍ଜିତ ଦାସ ପ୍ରମୁଖ ଥାନା ସମ୍ମୁଖରେ ଧାରଣାରେ ବସି ରହିଥିଲେ।

# ଗିରଫ ଭାଜପା କର୍ମୀଙ୍କୁ ତୁରନ୍ତ ଛାଡ଼: ତେଜସ୍ୱୀ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ସମୟରେ କାର୍ଯ୍ୟକର୍ତ୍ତାଙ୍କ ଉପରେ ଓଡ଼ିଶା ପୋଲିସର ବର୍ବରତାକୁ ଦଳର ରାଷ୍ଟ୍ରୀୟ ଯୁବ ମୋର୍ଚ୍ଚା ସଭାପତି ତେଜସ୍ୱୀ ସୂର୍ଯ୍ୟା ନିନ୍ଦା କରିଛନ୍ତି। ଶୋଭାଯାତ୍ରାକୁ ଭଣ୍ଡୁର କରିବା ସହ ଭାଜପା କର୍ମୀଙ୍କ ଉପରେ ପୋଲିସ ଜାଣିଶୁଣି ଲାଠି ମାଡ଼ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି କି ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୨ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ ଘଟଣାକୁ ସୂର୍ଯ୍ୟା ବିରୋଧ କରିଛନ୍ତି। ଏଥିସହ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଟୁଇଟ୍ ଯୋଗେ ଦାବି କରିଛନ୍ତି। ତେବେ କ୍ୟାପିଟାଲ ଥାନା ସମ୍ମୁଖରେ ଭାଜପା କର୍ମୀମାନେ ରାତି ସାରା ଧାରଣା ଦେବାକୁ ସୂର୍ଯ୍ୟା ପ୍ରଥମେ ଟୁଇଟ୍ ଯୋଗେ ଜଣାଇଥିଲେ।



ଭୁବନେଶ୍ୱର କ୍ୟାପିଟାଲ ଥାନା ସମ୍ମୁଖରେ ଧାରଣା ଦେଇଥିବା ଭାଜପା ନେତା ଓ କର୍ମୀ।



ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଭ୍ୟାନ୍‌ରେ ନେଉଥିବାବେଳେ ଜଣେ ମହିଳା କର୍ମୀ ତଳେ ପଡ଼ିଯାଇଛନ୍ତି।

## ଭାଜପା ଯୁବମୋର୍ଚ୍ଚାର ବିଧାନସଭା ଘେରାଉ ସମୟର କିଛି ଦୃଶ୍ୟ...




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମଙ୍ଗଳବାର ବିଧାନସଭା ଅଭିମୁଖେ ବାହାରିଥିବା ଯୁବମୋର୍ଚ୍ଚାର ଶୋଭାଯାତ୍ରା। (ଫଟୋ: ମୌସମ)



ଭାଜପା କର୍ମୀମାନେ ପୋଲିସ ଉପରକୁ ପଥର ଓ ଅଣ୍ଡା ମାଡ଼ କରୁଛନ୍ତି।



ପୋଲିସ ଭ୍ୟାନ୍ ଉପରେ ଭାଜପା କର୍ମୀମାନେ।



ଭାଜପା କର୍ମୀଙ୍କ ଟେକାପଥର ମାଡ଼ରେ ଆହତ ପୋଲିସ କର୍ମଚାରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଲାଠିମାଡ଼ରେ ଆହତ ଜଣେ ମହିଳା କର୍ମୀଙ୍କୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ହସ୍ପିଟାଲରେ ଭେଟୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଗାନ୍ଧୀମାର୍ଗ ରଣକ୍ଷେତ୍ର...

ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ୫ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଦଳୀୟ ରାଜ୍ୟ କାର୍ଯ୍ୟାଳୟରୁ ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମେ ରାମମନ୍ଦିର ନିକଟରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମେତ ସମସ୍ତ ବିଧାୟକ ଓ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗ ଦେଇଥିଲେ। ରାଜ୍ୟ ସଭାପତି ଏବଂ ବିରୋଧୀ ଦଳ ନେତା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ସେଠାରୁ ବିଧାନସଭା ଘେରାଉ ଲାଗି ଶୋଭାଯାତ୍ରା ବାହାରି ଥିଲା। ସେମାନେ ଗାନ୍ଧୀମାର୍ଗରେ ଥିବା ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡ଼କୁ ଯିବା ପାଇଁ ଚେଷ୍ଟା କରିବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏତେ ସଂଖ୍ୟାରେ ଭାଜପା କର୍ମୀଙ୍କୁ ଅଟକାଯିବାରୁ ସ୍ଥିତି ଅଣାୟତ୍ତ ହୋଇ ଯାଇଥିଲା। ଭାଜପା କର୍ମୀଙ୍କ ପକ୍ଷରୁ ପୋଲିସ ଉପରକୁ ପାଣି ବୋତଲ, ପାଣି ପାଉଚ୍, ଢେଲା ପଥର, ଅଣ୍ଡା ମାଡ଼ କରାଯାଇଥିଲା। ଫଳରେ ସେଠାରେ କାର୍ଯ୍ୟରତ କଟକ ସହାରଞ୍ଚଳ ପୋଲିସ ଜିଲା ଅନ୍ତର୍ଗତ ଜୋନ-୨ ଏସିପି ଅମିତାଭ ମହାପାତ୍ରଙ୍କ ମୁଣ୍ଡରେ ଢେଲା ବାଜି କ୍ଷତ ସୃଷ୍ଟି ହୋଇଥିଲା। ଏହା ପରେ ଶାନ୍ତ ଥିବା ପୋଲିସ ଗୋଡ଼ାଇ ଗୋଡ଼ାଇ ଭାଜପା କର୍ମୀମାନଙ୍କ ଉପରେ ଲାଠିଚାଳନା କରିଥିଲା। ଏହି ସମୟରେ କେତେଜଣ ଭାଜପା କର୍ମୀ କିରୋସିନ ଢାଳି ପୋଲିସ ଭ୍ୟାନ୍‌କୁ ନିଆଁ ଲଗାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏପରି କି କେତେଜଣ ଭାଜପା କର୍ମୀ ପୋଲିସ ଭ୍ୟାନ୍‌ରେ ଚଢ଼ିଯାଇ ଦଳୀୟ ପତାକା ଧରି ପୋଲିସ ଓ ବିଜେଡି ସରକାର ବିରୋଧରେ ନାରାବାଜି ଦେଇଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥିଲା। ପର୍ଯ୍ୟାୟକ୍ରମେ ଭାଜପା କର୍ମୀମାନଙ୍କୁ ପୋଲିସ ଭ୍ୟାନ୍‌ରେ ଉଠାଇନେବାକୁ ଚେଷ୍ଟା କରିଥିଲା। ହେଲେ ଭ୍ୟାନ୍‌ରୁ ପୋଲିସକୁ ଠେଲି ଭାଜପା କର୍ମୀ ବିକ୍ଷୋଭ କରିଥିବା ଦେଖିବାକୁ ମିଳିଥିଲା। ଶେଷରେ ଇରାଶିଷଙ୍କ ସମେତ ଶତାଧିକ କର୍ମୀଙ୍କୁ ପୋଲିସ ଲୋୟର ପିଏମ୍‌ଜିରୁ ଉଠାଇ ନେଇଥିଲା। ଘଟଣାରେ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚାର ଉପ-ସଭାପତି ଗୀତାଞ୍ଜଳୀ ରାଉତଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଛନ୍ତି। ଅପରପକ୍ଷରେ ଢେଲା ପଥର ମାଡ଼ରେ ଏସିପିଙ୍କ ସମେତ ୨୧ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ମହିଳା ପୋଲିସ ବଦଳରେ ପୁରୁଷ ପୋଲିସ ମହିଳା କର୍ମୀମାନଙ୍କୁ ଉଠାଇନେବା ସହ ଆକ୍ରମଣ କରିଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଇରାଶିଷ କହିଛନ୍ତି, ରାଜ୍ୟରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ ହତ୍ୟା କରିଛି। ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ଯୁବମୋର୍ଚ୍ଚା ଏହାର ଜବାବ୍ ମାଗିବାକୁ ଆସିଛି। ଓଡ଼ିଶାର ଯୁବକ, ମହିଳା କେହି ସୁରକ୍ଷିତ ନାହାନ୍ତି। ଯେ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ ଗାଦି ଛାଡ଼ିନାହାନ୍ତି, ବିଜେଡି ସରକାର ରାଜ୍ୟରୁ ଯାଇନାହିଁ। ସେ ପର୍ଯ୍ୟନ୍ତ ଭାଜପା ଯୁବମୋର୍ଚ୍ଚା ଗାଁ ଗହଳିରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଲଢ଼େଇ କରିବ ବୋଲି ସେ କହିଛନ୍ତି।

ଘଟଣା ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ପୋଲିସ କର୍ମଚାରୀଙ୍କୁ ପୋଲିସ ଡିଜି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଆକ୍ରମଣକୁ ଅତି ନିନ୍ଦନୀୟ କହିବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କହିଛନ୍ତି। ଡିସିପି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି, ବିକ୍ଷୋଭକାରୀମାନେ ଢେଲାମାଡ଼ କରି ୪ରୁ ୫ରୁ ପୋଲିସ ଭ୍ୟାନ୍‌କୁ ଭାଙ୍ଗି ଦେଇଛନ୍ତି। ଗାଡ଼ିକୁ ଜଳାଇବା ସହ ପୋଲିସ ଫୋର୍ସ ଉପରେ ଆକ୍ରମଣ କରାଯିବାକୁ ଭାଜପା ପକ୍ଷରୁ ଯୋଜନା କରାଯାଇଥିଲା ବୋଲି ସେ କହିଛନ୍ତି। ବିକ୍ଷୋଭକାରୀ ଭାଜପାକର୍ମୀଙ୍କ ବିରୋଧରେ ଏକ ମାମଲା (ନଂ.୧୩୫/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଇତିମଧ୍ୟରେ ୨୨ରୁ ଅଧିକ ଭାଜପା କର୍ମୀଙ୍କୁ ଅଟକ ରଖାଯାଇଛି ବୋଲି କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ବିକ୍ଷୋଭକାରୀ ଭାଜପାକର୍ମୀଙ୍କ ବିରୋଧରେ ଏକ ମାମଲା (ନଂ.୧୩୫/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଇତିମଧ୍ୟରେ ୨୨ରୁ ଅଧିକ ଭାଜପା କର୍ମୀଙ୍କୁ ଅଟକ ରଖାଯାଇଛି ବୋଲି କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ସେପଟେ ପୋଲିସ ମାଡ଼ରେ ଆହତ ହୋଇ ଚିକିତ୍ସିତ ହେଉଥିବା କର୍ମୀମାନଙ୍କୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟ ନେତାମାନେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଆଇନଶୃଙ୍ଖଳା ବନାମ...

ମଙ୍ଗଳବାର ପ୍ରଶ୍ନକାଳ ଶେଷ ହେବା ମାତ୍ରେ ଆରମ୍ଭ ହୋଇଯାଇଥିଲା ହଟ୍ଟଗୋଳ। ବାଚସ୍ପତି ଶୂନ୍ୟକାଳ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରାଜ୍ୟରେ ଆଇନଶୃଙ୍ଖଳା ଓ ନବ ଦାସ ହତ୍ୟାକାଣ୍ଡ ତଦନ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ସମୟରେ ଶାସକ ଦଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରସଙ୍ଗରେ ବ୍ୟାନର ଧରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। କେନ୍ଦ୍ର ସରକାର ହାଏ ହାଏ, ଓଡ଼ିଶା ପ୍ରତି ଅବହେଳା ବନ୍ଦ କର ବନ୍ଦ କର ସ୍ଲୋଗାନ ଦେଇ ବିଧାନସଭାରେ ପ୍ରବଳ ହୋହଲ୍ଲା କରିଥିଲେ। ଶାସକ ଦଳର ଏପରି ଉଗ୍ରରୂପ ଦେଖି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଣ୍ଡିତୁଣ୍ଡ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଫଳରେ ଗୃହରେ କିଛି ସମୟ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ଶାସକ ଓ ବିରୋଧୀ ସଭ୍ୟଙ୍କୁ ଶାନ୍ତ ହେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଧାନସଭାକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସହ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ ସ୍ୱାଭାବିକ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ତୃତୀୟ ଚନ୍ଦ୍ର ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ। ନିକଟସ୍ଥ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମାଧ୍ୟମରେ ସୁଖଭ୍ରମଣ ଯୋଗ ରହିଛି। ମନ ବୁଝିଲା ଭଳି କଥା କହି ସହକର୍ମୀଙ୍କୁ ଆପଣେଇ ନେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଲାଭ ପାଇବେ।

**ବୃଷ**
ଧନଭାବରେ ଚନ୍ଦ୍ର ଥିବାରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସଙ୍ଗକୁ ଅର୍ଥଲାଭ ମଧ୍ୟ ହେବ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପଡ଼ୋଶୀଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ**
କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ କିନ୍ତୁ ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**କର୍କଟ**
ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍ ବ୍ୟବହାର କରିପାରିବେ। ମନକଥା ମନରେ ରଖିପାରିବେ ନାହିଁ,ଫଳରେ ସମସ୍ୟାକୁ ଡାକି ଆଣିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ସଭାସମିତିରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅବହେଳା କାରଣରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ।

**କନ୍ୟା**
ଦୈହିକ ଦୁର୍ବଳତା ଯୋଗୁ ମନରେ ଉତ୍ସାହ ଆସିବନାହିଁ। ଅସୁବିଧା କ୍ଷେତ୍ରରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି। ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟା କରିପାରନ୍ତି।

**ତୁଳା**
କାର୍ଯ୍ୟହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ରାସ୍ତାରେ ଯାତ୍ରା କାଳରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା**
କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ। ଆଜି ଦିନ ଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ**
ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଏକ ବିଶେଷ ଆବଶ୍ୟକତା କାରଣରୁ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରିବେ। ଦୂରଯାତ୍ରାରେ ତକଲିଫ ଭୋଗକରିବାକୁ ପଡ଼ିବ କିନ୍ତୁ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର**
ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବା ସଙ୍ଗକୁ ସ୍ଥଗିତ କାମଟିକୁ ସହଜରେ ସମ୍ପନ୍ନ କରିପାରିବେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କ ପାଖରେ ରହିଯାଇଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ।

**ମୀନ**
ପାରିବାରିକ କ୍ଷେତ୍ରରେ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ନୂତନଭାବେ ଆରମ୍ଭ କରିଥିବା କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀ ବୁଧବାର, ମାର୍ଚ୍ଚ ୧ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୦୯.୧୮ମି. ଗତେ, ଆରଦ୍ରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ପ୍ରତିଷ୍ଠା ତଥା ଦେବତା ପ୍ରତିଷ୍ଠାଦି ପାଇଁ ଶୁଭଦିନ। ଦିବା ଘ. ୦୬.୧୦ମି. ଗତେ ଘ.୦୭.୪୩ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୯ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।




# ୭ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡ

## ଭୋପାଳ ଉଜ୍ଜୟିନୀ ଟ୍ରେନ୍ ବିସ୍ଫୋରଣ ମାମଲା

**ଲକ୍ଷ୍ନୌ, ୨୮।୨:** ମଧ୍ୟପ୍ରଦେଶର ଭୋପାଳ-ଉଜ୍ଜୟିନୀ ପାସେଞ୍ଜର ଟ୍ରେନ୍ ବିସ୍ଫୋରଣ ମାମଲାରେ ଏକ ସ୍ୱତନ୍ତ୍ର ଏନ୍ଆଇଏ କୋର୍ଟ ଆତଙ୍କବାଦୀ ସଙ୍ଗଠନ ଇସ୍ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ଜଡ଼ିତ ୭ ଜଣଙ୍କୁ ମଙ୍ଗଳବାର ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ମୃତ୍ୟୁଦଣ୍ଡାଦେଶ ପାଇଥିବା ଦୋଷୀମାନେ ହେଲେ, ମହମ୍ମଦ ଫୈଜାନଲ, ଗୌସ ମହମ୍ମଦ ଖାନ୍, ମହମ୍ମଦ ଆଝାର, ଆତିଫ୍ ମୁଜାଫର୍, ମହମ୍ମଦ ଦାନିଶ୍, ମହମ୍ମଦ ସୟଦ ମିର୍ ହୁସେନ୍ ଏବଂ ଆସିଫ୍ ଇକ୍‌ବାଲ୍। ଏଥିସହ ଅନ୍ୟଜଣେ ଅଭିଯୁକ୍ତ ଆଶିକ୍ ଇରାନୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୨୦୧୭ରେ ଘଟିଥିବା ଏହି ବିସ୍ଫୋରଣରେ ୯ ଜଣ ଗୁରୁତର ଆହତ ହୋଇଥିଲେ। ବିଚାରପତି ଭି.ଏସ୍. ତ୍ରିପାଠୀ ମାମଲାର ରାୟ ଶୁଣାଇ କହିଥିଲେ, ଏହା ବିରଳରୁ ବିରଳତମ ମାମଲା ହୋଇଥିବାରୁ ଦୋଷୀମାନେ ମୃତ୍ୟୁଦଣ୍ଡ ପାଇବାକୁ ଯୋଗ୍ୟ। ଦଣ୍ଡାଦେଶ ନିଶ୍ଚିତ କରିବା ପାଇଁ ଏନ୍ଆଇଏ କୋର୍ଟ ମାମଲାର ଫାଇଲ୍ ଆଲାହାବାଦ ହାଇକୋର୍ଟଙ୍କୁ ପଠାଇଛନ୍ତି।

# ମୁକେଶ ଅମ୍ବାନୀ, ଅମିତାଭ ଓ ଧର୍ମେନ୍ଦ୍ରଙ୍କ ଘର ଉଡ଼ାଇଦେବାକୁ ଧମକ

**ନାଗପୁର, ୨୮।୨:** ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିତାଭ ବଚ୍ଚନ ଏବଂ ଧର୍ମେନ୍ଦ୍ରଙ୍କ ଘର ବୋମାରେ ଉଡ଼ାଇ ଦେବାକୁ ମଙ୍ଗଳବାର କେହିଜଣେ ନାଗପୁର ପୋଲିସକୁ ଫୋନ୍ ଯୋଗେ ଧମକ ଦେଇଛନ୍ତି। ଏହି ଅଘଟଣ ପାଇଁ ଅସ୍ତ୍ରଶସ୍ତ୍ର ଧରି ୨୫ ଜଣ ମୁମ୍ବାଇର ଦାଦରରେ ପହଞ୍ଚିଥିବା ସେ ପୋଲିସକୁ କହିଥିଲେ। ନାଗପୁର ପୋଲିସ ତୁରନ୍ତ ଏହାର ସୂଚନା ମୁମ୍ବାଇ ପୋଲିସକୁ ଦେଇଥିଲା। ବୋମା ନିଷ୍କ୍ରିୟକାରୀ ଟିମ୍‌କୁ ଅମିତାଭ, ଅମ୍ବାନୀ ଏବଂ ଧର୍ମେନ୍ଦ୍ରଙ୍କ ଘର ନିକଟକୁ ପଠାଯାଇଛି। ଏଥିସହ ମୁମ୍ବାଇ ପୋଲିସ ପକ୍ଷରୁ ସେମାନଙ୍କ ଘର ଚାରିପଟେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଇଛି।

# ଏପ୍ରିଲରୁ ଜୁନ୍ ୧୫ଯାଏ ଖରାରେ କାମ ମନା

## ଶ୍ରମ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ):** ଚଳିତ ବର୍ଷ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ପାଇବାକୁ ଥିବାରୁ ଗ୍ରୀଷ୍ମଋତୁରେ ଅଂଶୁଘାତ ହେବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ଶ୍ରମ ବିଭାଗ ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏପ୍ରିଲରୁ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଶ୍ରମିକଙ୍କୁ ଖରାରେ କାମ କରିବାକୁ ମନା ହୋଇଛି। ଏ ନେଇ ଶ୍ରମ ଓ କର୍ମଚାରୀ ବିଭାଗ ପକ୍ଷରୁ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ସବୁ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇ କୁହାଯାଇଛି ଯେ, ଏପ୍ରିଲରୁ ଜୁନ୍ ୧୫ ଯାଏ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପଦକ୍ଷେପ ନେବେ। ଆବଶ୍ୟକ ସ୍ଥଳେ କାର୍ଯ୍ୟ ନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବେ। ଅତ୍ୟାବଶ୍ୟକ ସେବା ସହ ଜଡ଼ିତ କାର୍ଯ୍ୟସ୍ଥଳରେ ସତର୍କ ପଦକ୍ଷେପ ନେବେ। ସେହିପରି ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଉପମଣ୍ଡଳ ଚିକିତ୍ସାଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ହେଲ୍‌ଥ ସେଣ୍ଟରର ଚିକିତ୍ସାଧିକାରୀ ତଥା କର୍ମଚାରୀ, ରାଜ୍ୟ ବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟରେ ରୌଦ୍ରତାପଜନିତ ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା ସହ ରୋଗୀଙ୍କ ତତ୍ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସତର୍କ ରହିବାକୁ ଶ୍ରମ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଅମ୍ବାନୀ, ପରିବାର ସଦସ୍ୟଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଅ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୮।୨:** ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଦେଶ ଭିତରେ ଓ ବାହାରେ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ଅହସାନୁଦ୍ଦିନ ଅମାନୁଲ୍ଲାହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସୁରକ୍ଷାଗତ ବିପଦ ଥିଲେ ସିକ୍ୟୁରିଟି ପ୍ରଦାନକୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ବାସଭବନରେ ସୀମିତ କରାଯାଇ ପାରିବ ନାହିଁ। ସାରା ଭାରତରେ ସର୍ବୋଚ୍ଚ ସୁରକ୍ଷା ଜେଡ୍ ପ୍ଲସ୍ ସିକ୍ୟୁରିଟି ପ୍ରଦାନକୁ ମହାରାଷ୍ଟ୍ର ସରକାର ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁନିଶ୍ଚିତ କରିବ। ଅମ୍ବାନୀ ଓ ତାଙ୍କ ପରିବାର ଲୋକେ ବିଦେଶକୁ ଗଲେ ମଧ୍ୟ ମନ୍ତ୍ରଣାଳୟ ସେମାନଙ୍କ ସୁରକ୍ଷା କଥା ବୁଝିବ। ଏ ବାବଦରେ ହେବାକୁଥିବା ଖର୍ଚ୍ଚ ଅମ୍ବାନୀ ପରିବାର ବହନ କରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜେଡ୍ ପ୍ଲସ୍ ସିକ୍ୟୁରିଟି ପାଉଥିବା ବ୍ୟକ୍ତିମାନଙ୍କୁ ୧୦ରୁ ଊର୍ଦ୍ଧ୍ୱ ଏନ୍ଏସ୍‌ଜି କମାଣ୍ଡୋଙ୍କ ସମେତ ୫୫ ଜଣ ସୁରକ୍ଷାକର୍ମୀ ୨୪ ଘଣ୍ଟା ସୁରକ୍ଷା ଯୋଗାଇଦେବେ। ୨୦୨୨ ଜୁଲାଇ ୨୨ରେ ଅମ୍ବାନୀ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ଦିଆଯାଉଥିବା ସୁରକ୍ଷା ବଳବତ୍ତର ରଖିବା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ରାୟ ଉପରେ ବିକାଶ ଶାହ ନାମକ ଜଣେ ବ୍ୟକ୍ତି ସ୍ପଷ୍ଟିକରଣ ଲୋଡ଼ିଥିବାରୁ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।







Stores also at :
BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbhal Road, Marwadi Para
ROURKELA Kesar Bhawan, Main Road
Toll Free : 1800 3131 777
Follow Us :
NOWHERE ELSE

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ବାଘ ଆଇଲେ

ସମ୍ବଲପୁର ଜିଲାର ଦେବ୍ରିଗଡ଼ ଓ କେନ୍ଦୁଝର ଜିଲାର ଘଟଗାଁ ଜଙ୍ଗଲରେ ଦୁଇଟି ମହାବଳ ବାଘ ବୁଲୁଥିବାର ଦୃଶ୍ୟ ବନ ବିଭାଗ କ୍ୟାମେରାରେ କଏଦ ହୋଇଥିବା ଫଟୋରୁ ଏବେ ଦେଖିବାକୁ ମିଳିଛି। ଏହା ନିଶ୍ଚିତ ଭାବେ ଖୁସିର କଥା। ସେହିଭଳି ଅଲିଭ୍ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳରେ ବହୁଳ ମାତ୍ରାରେ ସମୂହ ଅଣ୍ଡାଦାନ କରୁଥିବା ଦେଖାଯାଉଛି। ଏହା ଯେତିକି ଖୁସି ଆଣିଦେଉଛି, ସେତିକି ଦୁଃଖ ମଧ୍ୟ। ସମୁଦ୍ରରେ ଅନେକ ସଂଖ୍ୟକ ଟ୍ରଲର ଚଳପ୍ରଚଳ କରୁଥିବାରୁ ଅସଂଖ୍ୟ କଇଁଛଙ୍କ ମୃତ୍ୟୁ ଘଟିଆସୁଛି। ଏସବୁଥିରୁ ଓଡ଼ିଶାର ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା କେତେ ଦୁର୍ବଳ ରହିଛି ତାହା ନ କହିବା ଭଲ। ୨୮ ଫେବୃୟାରୀରେ ବିଧାନସଭାରେ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି ଯେ, ଗତ ୩ ବର୍ଷ ମଧ୍ୟରେ ୨୪୫ ହାତୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ମାତ୍ର ୬ଟି ହାତୀ ଶିକାରର ସମ୍ମୁଖୀନ ହୋଇଥିବା ତଥ୍ୟ ମନ୍ତ୍ରୀ ଯାହା ଗୃହରେ ଉପସ୍ଥାପନ କରିଛନ୍ତି ତାହା ସରକାରୀ ଆକଳନ। ବାସ୍ତବରେ ଦେଖିଲେ ଏହି ସଂଖ୍ୟା ଯଥେଷ୍ଟ ଅଧିକ। କାରଣ ଗୋଟିଏ ବର୍ଷ ଭିତରେ ଆଠଗଡ଼ ବନଖଣ୍ଡରେ ଯେଉଁ ୧୧ ହାତୀଙ୍କ ମଡ଼ ଠାବ କରାଯାଇଥିଲା, ସେଥିରେ କେବଳ ଜୁନ୍ ୨୦୨୨ରେ ୫ଟି ହାତୀର ମୃତଦେହ ଥିବା ଜଣାପଡ଼ିଥିଲା। ତେଣୁ ସେଗୁଡ଼ିକର ମୃତ୍ୟୁ କଦାପି ସ୍ୱାଭାବିକ ହୋଇ ନ ଥିବ। ମୋଟ ଉପରେ କହିଲେ ହାତୀ ବଂଶ କମିଯିବା ଦ୍ୱାରା ତାହା ପରିବେଶ ସନ୍ତୁଳନକୁ ବିଗାଡ଼ି ଦେଉଛି। ବିଶେଷଜ୍ଞଙ୍କ ମତରେ ଜଙ୍ଗଲରେ ଥିବା ବଡ଼ ଗଛର ଡାଳକୁ ହାତୀ ଖାଇଥାଏ। ତାହା ଦ୍ୱାରା ଛୋଟ ଗଛଗୁଡ଼ିକ ବଢ଼ିବାରେ ସହାୟକ ହୋଇଥାଏ। କିନ୍ତୁ ହାତୀ ବଂଶ ହ୍ରାସ ପାଇଲେ ବଡ଼ ଗଛର ଡାଳ ସେହିଭଳି ରହିଯାଇଥାଏ। ସେହି ସମୟରେ ଛୋଟ ଗଛ ଉଧେଇପାରି ନ ଥାଆନ୍ତି। ପୁଣି ଯେତେବେଳେ ସେହି ବୃହଦାକାୟ ଦ୍ରୁମଗୁଡ଼ିକର ମୃତ୍ୟୁ ଘଟେ ସେତେବେଳେ ଛୋଟ ଗଛ ବଢ଼ି ନ ଥିବାରୁ ପରିବେଶଗତ ସନ୍ତୁଳନ ରକ୍ଷା ହୋଇପାରି ନ ଥାଏ।

ମହାବଳ ବାଘ ବିଷୟକୁ ଫେରିଲେ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ରହିଛି ମାତ୍ର ୨୮। ଜନସଂଖ୍ୟା ବୃଦ୍ଧି ଯୋଗୁ ଜଙ୍ଗଲକ୍ଷୟ, ଶିକାର ଓ ବାସସ୍ଥାନ ଅଭାବଜନିତ କାରଣରୁ ବାଘ ସଂଖ୍ୟା କମିବାରେ ଲାଗିଛି। ସମସ୍ତେ ଜାଣନ୍ତି ଯେ, ଖାଦ୍ୟଶୃଙ୍ଖଳର ଯେଉଁ ସର୍ବୋଚ୍ଚ ସ୍ତର ରହିଛି ତାହା ମଧ୍ୟରେ ବାଘର ସ୍ଥାନ ଅନନ୍ୟ। ବାଘ ଗୋଟେ ଶିକାରୀ ଜନ୍ତୁ ହୋଇଥିବାରୁ ସନ୍ତୁଳନତା ବଜାୟ ରଖିବାରେ ଏହାର ଆବଶ୍ୟକତା ଯଥେଷ୍ଟ। ଓଡ଼ିଶା କଥା ଦେଖିଲେ ଏଠାରେ କଲରାପତରିଆ ବାଘ ଶିକାର ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଅତୀତରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ସକାଶେ ସାତକୋଶିଆରେ ବ୍ୟାଘ୍ର ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଥିଲା। ମଧ୍ୟପ୍ରଦେଶରୁ ଯେଉଁ ଦୁଇଟି ବାଘ ଅଣାଯାଇଥିଲା ସେଥିରୁ 'ମହାବୀର' ନାମକ ବାଘର ୧୪ ନଭେମ୍ବର ୨୦୧୮ରେ ସାତକୋଶିଆରେ ମୃତ୍ୟୁ ଘଟିଥିବା ବେଳେ ବାଘୁଣୀ 'ସୁନ୍ଦରୀ'କୁ ବନ ବିଭାଗ ୨୩ ମାର୍ଚ୍ଚ ୨୦୨୧ରେ ବାନ୍ଧବଗଡ଼କୁ ଫେରାଇ ଦେଇଥିଲା। ମହାବୀରର ମୃତ୍ୟୁ ଶିକାରଜନିତ ବୋଲି ଆଲୋଚନା ହୋଇଥିଲେ ମଧ୍ୟ ତାହା ସ୍ପଷ୍ଟ ହୋଇପାରି ନାହିଁ। ତେଣୁ ବାଘବଂଶ ହ୍ରାସ ସୁରକ୍ଷାଜନିତ ଅବହେଳା କାରଣରୁ ଘଟୁଛି ବୋଲି କୁହାଯାଉଛି। ସମଗ୍ର ଭାରତ କଥା ଦେଖିଲେ ଅପେକ୍ଷାକୃତ ଭାବେ ମଧ୍ୟପ୍ରଦେଶରେ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ଭଲ ରହିଛି। ସମ୍ଭବତଃ ସେଥିପାଇଁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ନିକଟରେ ନାମିବିଆ ଓ ଦକ୍ଷିଣ ଆଫ୍ରିକାରୁ ଅଣାଯାଇଥିବା ଯଥାକ୍ରମେ ୮ ଓ ୧୨ଟି ଚିତା ବାଘକୁ ରଖାଯିବାର ବ୍ୟବସ୍ଥା କରାଯାଇଛି। ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଦେଶରୁ ଅଣାଯାଉଥିବା ଚିତାଗୁଡ଼ିକ ଏଠାକାର ଜଳବାୟୁରେ ଖାପ ଖାଇ କିଭଳି ବଢ଼ିବେ ତାହା ଦେଖିବାର ଅଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ)ର ଏକ ରିପୋର୍ଟ ଅନୁସାରେ ୨୦୧୨ରୁ ୨୦୨୦ ମଧ୍ୟରେ ୮୫୭ ବାଘଙ୍କର ମୃତ୍ୟୁ ଘଟିଛି। ୨୦୨୧ରେ ଭାରତରେ ୧୨୧ ବାଘଙ୍କ ମୃତ୍ୟୁ ଘଟିବା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଥିଲା। ଓଡ଼ିଶା ହେଉ ବା କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଜୀବଜନ୍ତୁଙ୍କ ଶିକାରଜନିତ ମୃତ୍ୟୁକୁ ଘୋଡ଼ାଇବାରେ ବ୍ୟସ୍ତ। ଅପାରଗତାକୁ ଲୁଚାଇବା ପାଇଁ ଯେତେ ସଫେଇ ଦିଆଗଲେ ମଧ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସ ପରିବେଶ ପାଇଁ ଏକ ବିପଦ ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ସମଗ୍ର ଜୀବସତ୍ତାକୁ କଲବଲ କରିଦେଲାଣି। ଏଭଳି ସମୟରେ ଜୈବବିବିଧତା ଅଧିକ ବିଗିଡ଼ିଗଲେ ଆଗକୁ ଭୟଙ୍କର ବିପର୍ଯ୍ୟୟ ମାଡ଼ିଆସିବା ଥୟ।

# ମହାବିପତ୍ତି

ଜୈବବିବିଧତା ପରିପୂର୍ଣ୍ଣ ହିମାଳୟ ପାଦଦେଶର ରାଜ୍ୟ ବିଶେଷକରି ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଅନେକ ସମୟରେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘଟିଚାଲିଛି। ହିମଖଣ୍ଡଜନିତ ବନ୍ୟା ସହ ଭୂସ୍ଖଳନ ଓ ବାଦଲଫଟା ବର୍ଷାରେ ବ୍ୟାପକ ଧନଜୀବନ କ୍ଷତି ହେଉଛି। ଏହାବାଦ୍ ଉତ୍ତରାଖଣ୍ଡର ଜୋଶୀମଠ ପାହାଡ଼ ନିକଟରେ ମସୋରିର ଲାଣ୍ଡୋର ଏବଂ କର୍ଣ୍ଣପ୍ରୟାଗରେ ମାଟି ଦବି ଘର ଫାଟିବା ବିପର୍ଯ୍ୟୟର ପୂର୍ବସୂଚନା ବୋଲି ବୁଝିବାକୁ ହେବ। ଏହାବ୍ୟତୀତ ଫେବୃଆରୀ ୨୭ରେ ଜୋଶୀମଠରେ ଭୂତଳ ପାଇପ୍ ଲାଇନ୍ ଫାଟିବା ଘଟଣା ସାମ୍ନାକୁ ଆସିଛି। ଏସବୁ ବିପର୍ଯ୍ୟୟ ସଙ୍କେତ ପର୍ଯ୍ୟଟନ ସମୃଦ୍ଧ ଶିମ୍ଲା ଓ ଦାର୍ଜିଲିଂରେ ମଧ୍ୟ ଲକ୍ଷ୍ୟ କରାଗଲାଣି। ତେବେ କର୍ଣ୍ଣପ୍ରୟାଗର ବିପର୍ଯ୍ୟୟର ଗୁରୁତ୍ୱକୁ ଉପଲବ୍ଧି କରି ଫେବୃଆରୀ ୨୭ରେ ବିଭିନ୍ନ ବୈଷୟିକ ଅନୁଷ୍ଠାନର ୮ ଜଣ ସଦସ୍ୟ ବିଶିଷ୍ଟ କମିଟି ତଦନ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ହିମାଳୟ ଅଞ୍ଚଳରେ ଏଭଳି ବିପର୍ଯ୍ୟୟ ଘଟିବା ପଛରେ କେବଳ ପ୍ରକୃତି ଦାୟୀ ନୁହେଁ, ବରଂ ଏହାର ମୁଖ୍ୟ କାରଣ ମନୁଷ୍ୟକୃତ କାର୍ଯ୍ୟକଳାପ ବୋଲି ବୈଜ୍ଞାନିକମାନେ ସତର୍କ କରିଦେଇଛନ୍ତି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ସେଠାରେ ଅନିୟନ୍ତ୍ରିତ ନିର୍ମାଣ, ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଧ୍ୱଂସ, ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ପ୍ରାକୃତିକ ଜଳ ପ୍ରବାହରେ ବାଧା ସୃଷ୍ଟି କରାଯିବା ଯୋଗୁ ବିପର୍ଯ୍ୟୟ ବଢ଼ିଚାଲିଛି। ବିକାଶ ଲାଗି ଜଙ୍ଗଲ ଧ୍ୱଂସ କରାଯାଇ ହିମାଳୟର ପରିସଂସ୍ଥାନକୁ ଭାଙ୍ଗି ଦିଆଯାଉଛି। ଉତ୍ତରାଖଣ୍ଡରେ ଟନେଲ ଏବଂ ୭୦ଟି ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗଛ କାଟିବା ଓ ପାହାଡ଼ ଫଟାଇବା ଫଳରେ ପରିସଂସ୍ଥାନ ଏବେ ଅତ୍ୟଧିକ ପ୍ରଭାବିତ। ବୁଝିବାକୁ ହେବ, ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶ କିମ୍ବା ହିମାଳୟର ଅନ୍ୟ ଅଞ୍ଚଳରେ ଦେଖାଯାଉଥିବା ପରିବେଶଗତ ବିପର୍ଯ୍ୟୟ ରାତାରାତି ସୃଷ୍ଟି ହୋଇନି। ବହୁ ଦଶନ୍ଧି ଧରି ବିଭିନ୍ନ ସଂସ୍ଥା ଦ୍ୱାରା ଦିଆଯାଉଥିବା ବିପଦ ସଙ୍କେତକୁ ଲଗାତର ଅଣଦେଖା କରାଯାଇଆସିଛି। ଉଦାହରଣ ସ୍ୱରୂପ, ୧୯୭୬ରେ ଗଡ଼ୱାଲ କମିଶନଙ୍କ ଅଧକ୍ଷତାରେ ଗଠିତ କମିଟି ଜୋଶୀମଠ ବିପଦରେ ଥିବା ଦର୍ଶାଇ ନିର୍ମାଣ କାର୍ଯ୍ୟରୁ ବିରତ ହେବାକୁ ସତର୍କ କରିଥିଲା। ଏହାସହ ନ୍ୟାସନାଲ ରିମୋଟ୍ ସେନସିଂ ଏଜେନ୍ସି(ଏନ୍‌ଆର୍‌ଏସ୍‌ଏ) ସମେତ ୧୨ଟି ବୈଜ୍ଞାନିକ ସଂସ୍ଥା ଦ୍ୱାରା କରାଯାଇଥିବା ଗବେଷଣା ସ୍ପଷ୍ଟ କରିଛି ଯେ, ଜୋଶୀମଠର ୯୯% ଅଞ୍ଚଳ ଭୂସ୍ଖଳନପ୍ରବଣ। ବିଶେଷଜ୍ଞଙ୍କ ଚେତାବନୀ ସତ୍ତ୍ୱେ ସେଠାରେ ଚାରିଧାମ ପ୍ରୋଜେକ୍ଟ ଓ ଜାତୀୟ ରାଜପଥ ଚଉଡ଼ା କାର୍ଯ୍ୟ ଚାଲୁଛି। ଚାରିଧାମ ରେଲୱେ ପ୍ରୋଜେକ୍ଟରେ ୧୨୫ କି.ମି. ଲାଇନ୍ ବିଛାଯିବା କାର୍ଯ୍ୟକ୍ରମ ଜାରି ରହିଛି; ଯାହା ମଧ୍ୟରୁ ୧୦୫ କି.ମି. କେବଳ ଟନେଲ୍। ଏହିସବୁ କାର୍ଯ୍ୟ ଦ୍ୱାରା ଜୋଶୀମଠ ସହ କର୍ଣ୍ଣପ୍ରୟାଗ, ଚାମୋଲି, ସମ୍ବରି ଓ ଟେହେରିଗଡ଼ୱାଲର ବହୁ ଅଞ୍ଚଳ ପ୍ରଭାବିତ ହେଉଛି। ଏବେ ହିମାଚଳ ପ୍ରଦେଶର ଛାମ୍ବା ଜିଲା ଖାରୋଗା ଗାଁରେ ଘରଗୁଡ଼ିକରେ ଫାଟ ଦେଖାଯାଉଛି। ଖାରୋଗା ଗାଁ ବାଜୋଲି-ହୋଲି ଜଳବିଦ୍ୟୁତ୍ ପ୍ରକଳ୍ପ ଟନେଲ୍‌ର ନିମ୍ନଭାଗରେ ଅଛି। ଏହାବାଦ୍ ହିମାଳୟ ଅଞ୍ଚଳରେ ୧୬୫ଟି ଛୋଟବଡ଼ ଡ୍ୟାମ୍ ଅଛି ଓ ଆଉ ୯୧୨ଟି କରାଯିବାର ଯୋଜନା ରହିଛି ବୋଲି ହିମାଚଳପ୍ରଦେଶ ଶକ୍ତି ବିଭାଗ ପ୍ରକାଶ କରିଛି। ଏହିସବୁ କାରଣରୁ ହିମାଳୟ ଅଞ୍ଚଳ ଅତୀତରୁ ବିପର୍ଯ୍ୟୟର ସାମ୍ନା କରିଆସୁଛି। ୨୦୧୩ର କେଦାରନାଥ ବିପର୍ଯ୍ୟୟ ଏବଂ ୨୦୨୧ର ବନ୍ୟା ଏଠାରେ ସ୍ମରଣଯୋଗ୍ୟ। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଉଭୟ ଭୂପୃଷ୍ଠ ଓ ଭୂଗର୍ଭ ଖଣି ଖନନ କାର୍ଯ୍ୟ ଦ୍ୱାରା ସେହି ଅଞ୍ଚଳରେ ପରିବେଶ, ଜନଜୀବନ ପ୍ରଭାବିତ ହେଉଛି। କିନ୍ତୁ ଆମେ ଯଦି ସମସ୍ତେ ଭାବି ବସିବା ଯେ, ଆମେ ସୁରକ୍ଷିତ ଅଛୁ ଓ ଆମ ଘର ଫାଟୁନାହିଁ, ତେବେ ଆମେ ବଡ଼ ଭୁଲ କରିବସିବା। ଏବେ ଯାହା କିଛି ଅଞ୍ଚଳରେ ଘଟୁଛି ତାହା କେବଳ ସତର୍କସଙ୍କେତ। ହିମାଳୟରୁ ଆରମ୍ଭକରି ଓଡ଼ିଶାର ଖଣି ଅଞ୍ଚଳ ପର୍ଯ୍ୟନ୍ତ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ ସେସବୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିବ ବୋଲି ଭାବିବା ଭୁଲ। ଏହାର ମୂଳ କଥା ହେଲା, ପରିବେଶର ଯେତେବେଳେ ପରିବର୍ତ୍ତନ ଘଟିବା ଆରମ୍ଭ ହୋଇଗଲାଣି ସେତେବେଳେ ସମଗ୍ର ସୃଷ୍ଟି ପ୍ରଭାବିତ ହେବ। ଆମେ ବ୍ୟକ୍ତିଗତ ଭାବରେ ସେହି ମହାବିପତ୍ତିରୁ ବର୍ତ୍ତିବା ଅସମ୍ଭବ।

# ସେମାନେ ବି ମନ୍ତ୍ରୀ ଥିଲେ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ସେଦିନ ଇନ୍ଦିରା ପାର୍କରେ ପ୍ରାତଃଭ୍ରମଣ ସାରି ଆମେ କିଛି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନିକଟସ୍ଥ ଏକ ଚା' ଦୋକାନରେ ପଡ଼ିଥିବା ବେଞ୍ଚରେ ବସି ଚା' ପାନ ସଙ୍ଗେ ସଙ୍ଗେ ଥକା ମେଣ୍ଟାଉଥିଲୁ। ବେଞ୍ଚରେ ପଡ଼ିଥିବା ଖବରକାଗଜକୁ ଦେଖି ସେଥିରେ ପ୍ରକାଶ ପାଇଥିବା ଖବରର ଦୃଷ୍ଟି ଆକର୍ଷଣ କରି ରମେଶ ବାବୁ ହଠାତ୍ କହିଲେ, ବୁଝୁଛନ୍ତି ଆଜ୍ଞା! କେନ୍ଦ୍ର କୃଷିମନ୍ତ୍ରୀ ପଦ୍ମପୁରର ଏକ ନିର୍ବାଚନୀ ସଭାରେ ଭାଷଣ ଦେଇ ରାଜ୍ୟ ସରକାରଙ୍କୁ ନିନ୍ଦା କରି କହିଥିଲେ ଯେ, ରାଜ୍ୟ ସରକାର ବୀମା ପାଇଁ ଟଙ୍କା ଦେଇନଥିବାରୁ ବୀମା କମ୍ପାନୀ ଚାଷୀମାନଙ୍କୁ ସାହାଯ୍ୟ କରୁନାହିଁ। ସେ ସାଙ୍ଗେ ସାଙ୍ଗେ କହିଲେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏପରି କଥା ଶୋଭା ପାଏ ନାହିଁ। ତାଙ୍କ କହିବାର କଥା, ବୀମା କମ୍ପାନୀକୁ କେନ୍ଦ୍ର ସରକାର ହିଁ ଟଙ୍କା ଦେଇଥା'ନ୍ତି ଏବଂ ବୀମା କମ୍ପାନୀକୁ କେବଳ ରାଜ୍ୟ ସରକାର ଚୟନ କରିଥା'ନ୍ତି। ବୀମା କମ୍ପାନୀ ଯଦି ଚାଷୀଙ୍କୁ ବୀମା ବାବଦ ଅର୍ଥ ସାହାଯ୍ୟ ନ କଲା, ସେଥିରେ କେନ୍ଦ୍ର ସରକାର ହିଁ ଉତ୍ତରଦାୟୀ। ଏଥିରେ ରାଜ୍ୟ ସରକାରଙ୍କର କିଛି କହିବାର ନାହିଁ। ସଙ୍ଗେ ସଙ୍ଗେ ଉମାକାନ୍ତ ବାବୁ କହିଲେ, ଭାଇ! ସେ ବକ୍‌ବାସ୍ ବନ୍ଦ କର। ସେ ଭାଜପା ହୁଅନ୍ତୁ କିମ୍ବା ବିଜେଡି ହୁଅନ୍ତୁ ଅଥବା କଂଗ୍ରେସ, କୌଣସି ରାଜନେତା ସତିଆ ନୁହନ୍ତି। ସେଦିନ ଇନ୍ଦିରା ଗାନ୍ଧୀ ଗରିବ ହଟାଓ ଧ୍ୱନି ଦେଇ ଶାସନ କ୍ଷମତାକୁ ଆସିଲେ। ଇତିମଧ୍ୟରେ ଢେର ବର୍ଷ ବିତିଯାଇଥିଲେ ମଧ୍ୟ ଦାରିଦ୍ର୍ୟ ବଢ଼ିଛି ନା କମିଛି ସେ କଥା ଆପଣମାନେ ବେଶ୍ ଭଲଭାବେ ଜାଣିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଛେ ଦିନ୍ କହି କ୍ଷମତାକୁ ଆସିଲେ। ବର୍ତ୍ତମାନ ତାଙ୍କ ଶାସନର ଏକଦଶନ୍ଧି ପୂରିବାକୁ ଯାଉଛି। ଭଲଦିନ କିପରି ଆସିଲା ତାହା ବେକାରି, ଦରଦାମ୍ ବୃଦ୍ଧି ଇତ୍ୟାଦି ବିଭିନ୍ନ କଥାରୁ ଜଣାପଡ଼ିବ। ଏହା ଅନୁଭବୀ ହିଁ କେବଳ କହିପାରିବ। ଆଉ ଆମ ଓଡ଼ିଶାରେ ବିଜେଡ଼ିର ୨୨ ବର୍ଷ ଶାସନ କେତେ ଅଧୁରା ସ୍ୱପ୍ନ ପୂରଣ କରିଛି; ସେକଥା କାହାକୁ ଅଛପା ନାହିଁ। ଉମେଶ ବାବୁ କେବଳ କହିଲେ, ସେ ନେତା ହୁଅନ୍ତୁ ବା ମନ୍ତ୍ରୀ, ସେମାନେ ଯାହା କୁହନ୍ତି ତାହା କରନ୍ତି ନାହିଁ।

ମୁଁ କିନ୍ତୁ ବନ୍ଧୁମାନଙ୍କ କଥାରେ ଏକମତ ନ ହୋଇ କହିଲି, ଭାଇ! ମୁଁ ଆମ ସମୟର ଆମ ଓଡ଼ିଶାର କିଛି ମୁଖ୍ୟମନ୍ତ୍ରୀଙ୍କ ବିଷୟରେ କହିବି। ସେମାନେ କିନ୍ତୁ ବର୍ତ୍ତମାନର ରାଜନେତାଙ୍କଠାରୁ ଭିନ୍ନ ବୋଲି କହିପାରିବି। ସେଦିନ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ସେ ବିଧାନସଭାରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେଲେ। ଆସ୍ଥା ଭୋଟ୍‌ରେ ମଧ୍ୟ ବିଜୟ ଲାଭ କଲେ। କିନ୍ତୁ ଜଣେ ବା ଦୁଇଜଣ ବିଧାୟକ ତାଙ୍କ ସପକ୍ଷରେ ଭୋଟ ନ ଦେବାରୁ ସେ କହିଲେ, ଗୃହର ନେତା ହିସାବରେ ଯଦି ମୁଁ ସବୁ ସଦସ୍ୟଙ୍କୁ ଏକାଠି ନେଇ ଚାଲିପାରିଲି ନାହିଁ; ମୁଖ୍ୟମନ୍ତ୍ରୀ ପଦରେ ରହିବା ମୋର ଉଚିତ ନୁହେଁ। ଏହା କହି ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅନୁରୋଧ ସତ୍ତ୍ୱେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ତାଙ୍କ କର୍ମସ୍ଥଳୀ ବାଜିରାଉତ ଛାତ୍ରାବାସକୁ ଚାଲିଗଲେ। ଏହା ପରେ ନବବାବୁ କେବେ କ୍ଷମତା ରାଜନୀତିକୁ ଆସିନାହାନ୍ତି କିମ୍ବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିନାହାନ୍ତି। ବୋଧହୁଏ ୧୯୮୦ ମସିହାର କଥା। ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଚାଲି ଚାଲି ଯାଉଥିଲେ। ପଛରୁ ମତେ ଜଣେ ଚିହ୍ନେଇଦେଲେ ଯେ, ସେ ହେଉଛନ୍ତି ନବବାବୁ। ହାୱାନି ଓ ଧୋତି ପିନ୍ଧିଛନ୍ତି। ହାୱାଇ ସ୍ଲିପରଟି ଘୋରି ହୋଇ ମୁଣ୍ଡା ହୋଇଗଲାଣି। ନବବାବୁ ବେଡିଂ କାନ୍ଧେଇ ଚାଲିଛନ୍ତି। ଯା'ଙ୍କୁ ଦେଖିଲେ କିଏ କହିବ ଦୀର୍ଘ ୬ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ମଙ୍ଗ ଧରିଥିଲେ? କେବଳ ନବବାବୁ ନୁହନ୍ତି, ତାଙ୍କ ପରିବାରର ସବୁ ସଦସ୍ୟ ଏପରିକି ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ, ଭାଉଜ ରମାଦେବୀ, ନବବାବୁଙ୍କ ସ୍ତ୍ରୀ ଓ ଝିଆରୀ ଅନ୍ନପୂର୍ଣ୍ଣା ମହାରଣାଙ୍କର ଭାରତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ତ୍ୟାଗ ଓ ତିତିକ୍ଷାର ଅନ୍ତନାହିଁ। ତାଙ୍କୁ ଦେଖି ମୋ ମୁଣ୍ଡ ଶ୍ରଦ୍ଧାରେ ନଇଁଗଲା।



ସେଦିନ ଆଜିଭଳି ମଧ୍ୟ ନିର୍ବାଚନ ରଣାଙ୍ଗନରେ ନିତ୍ୟାନନ୍ଦ କାନୁନ୍‌ଗୋ ଅବତୀର୍ଣ୍ଣ ହୋଇଥିଲେ। ନିର୍ବାଚନ ବେଳେ ତାଙ୍କର କର୍ମୀମାନଙ୍କୁ କଡ଼ା ନିର୍ଦ୍ଦେଶ ଥିଲା ଯେ, ସେମାନେ ତାଙ୍କ ବିରୋଧରେ ନିର୍ବାଚନ ଲଢ଼ୁଥିବା ପ୍ରାର୍ଥୀଙ୍କ ବିଷୟରେ କିଛି କୁତ୍ସାରଟନା କରିବେ ନାହିଁ। କେବଳ ଭୋଟରଙ୍କୁ କହିବେ ଯେ, ନିତ୍ୟାନନ୍ଦବାବୁ କ୍ଷମତାକୁ ଆସିଲେ ସେମାନଙ୍କ ପାଇଁ କ'ଣ କରିବେ। ଏହି ପଦିଏ କଥାରେ ନିତ୍ୟାନନ୍ଦବାବୁ ନିର୍ବାଚନ ଜିତିକରି ଆସିଲେ। ସେହିପରି ବିନୋଦ କାନୁନ୍‌ଗୋ ମଧ୍ୟ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ, କିନ୍ତୁ ପରାଜୟ ବରଣ କଲେ। ଏହାପରେ ବନ୍ଧୁମାନଙ୍କ ଅନୁରୋଧ ସତ୍ତ୍ୱେ ମଧ୍ୟ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିନାହାନ୍ତି। ସେ ମହାତ୍ମା ଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟରେ ପ୍ରଭାବିତ ହୋଇ 'ଜ୍ଞାନମଣ୍ଡଳ' ପ୍ରଣୟନ ଭଳି ଏକ ବିରାଟ କାର୍ଯ୍ୟ ହାତକୁ ନେଲେ ଏବଂ ସେ ବିନୋଦ କାନୁନ୍‌ଗୋରୁ ବିଦ୍ୟା ବିନୋଦ ପାଲଟିଗଲେ। ଏହା ପରେପରେ ମୁଁ ଆମ ସମୟର ତିନିଜଣ ମୁଖ୍ୟମନ୍ତ୍ରୀଙ୍କ କଥା କହିଲି। ସେମାନେ ହେଉଛନ୍ତି ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥୀ ଏବଂ ଜାନକୀ ପଟ୍ଟନାୟକ। ଏମାନେ ସମସ୍ତେ ପରଲୋକଗତ।

ସେଦିନ ଅବିଭକ୍ତ ବାଲେଶ୍ୱର ଜିଲାର କୌଣସି ଏକ ସ୍ଥାନକୁ ବିରୋଧୀ ଦଳ ନେତା ବିଜୁ ପଟ୍ଟନାୟକ ଯାଉଥା'ନ୍ତି। ରାସ୍ତାଟି ଅଣଓସାରିଆ ଥାଏ। ପୋଲିସ ବିଜୁ ପଟ୍ଟନାୟକଙ୍କ ଗାଡ଼ିକୁ ଅଟକାଇଲେ ଏବଂ କହିଲେ, ସାର୍! ସାମ୍ନାପଟୁ ମୁଖ୍ୟମନ୍ତ୍ରୀ ଆସୁଛନ୍ତି। ପ୍ରୋଟୋକଲ ଦୃଷ୍ଟିରୁ ସେ ଆଗ ଯିବେ, ଆପଣ ଟିକେ ବାଟ ଛାଡ଼ିଦିଅନ୍ତୁ। ଏକଥା ଶୁଣି ବିଜୁବାବୁ କିଛି ପ୍ରତିବାଦ କଲେ ନାହିଁ। କିନ୍ତୁ ସାମ୍ନାପଟୁ ଆସୁଥିବା ଜାନକୀବାବୁ ତାଙ୍କୁ ଦେଖିପାରି କାର୍‌ରୁ ଓହ୍ଲାଇ ଆସି ବିଜୁବାବୁଙ୍କୁ କହିଲେ, ଆପଣ ଯାଆନ୍ତୁ ମୁଁ ପରେ ଯିବି। ବିଜୁବାବୁ ହସିହସି କହିଲେ, ତୁମେ ତ ମୁଖ୍ୟମନ୍ତ୍ରୀ ଅଛ; ରାସ୍ତାକୁ ଆଉଟିକେ ଓସାରିଆ କରିଦିଅ; ସୁତରାଂ ଯିବା ଆସିବାରେ କିଛି ଅସୁବିଧା ହେବ ନାହିଁ। କୁହନ୍ତୁ ତ ଦେଖି ଏପ୍ରକାର ଭଦ୍ରାମି ବା ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ଆଜିର ନେତାମାନଙ୍କ ପାଖରେ ଦେଖିବାକୁ ମିଳିବ କି?

ସେହିପରି ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନନ୍ଦିନୀ ଶତପଥୀ ବିରୋଧୀ ଦଳରେ ଥାଆନ୍ତି। ସେଦିନ ବାସନ୍ତୀ ବାରା ଘଟଣାରେ ବିଜୁବାବୁଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ଥିବା ଦାମୋଦର ରାଉତଙ୍କ ବିରୋଧରେ ଅଭିଯୋଗ ଆସିଲା। ବିଜୁବାବୁ ନିଜର ମହାନତା ସ୍ୱରୂପ ବିରୋଧୀ ଦଳର ସଦସ୍ୟା ନନ୍ଦିନୀ ଶତପଥୀଙ୍କୁ ଏ ଦିଗରେ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ନନ୍ଦିନୀ ଶତପଥୀ ମଧ୍ୟ ଘଟଣାର ନିରପେକ୍ଷ ତଦନ୍ତ କରି ଦାମବାବୁଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ।

ଆମର କହିବାର କଥା ହେଲା ନନ୍ଦିନୀ ଶତପଥୀ, ବିଜୁ ପଟ୍ଟନାୟକ ଓ ଜାନକୀ ବଲ୍ଲଭ ପଟ୍ଟନାୟକ ବିଭିନ୍ନ ଦଳରେ ଥିଲେ ମଧ୍ୟ ସମସ୍ତେ ସଂସ୍କୃତିସମ୍ପନ୍ନ ଥିଲେ। ବିଧାନସଭାରେ ପରସ୍ପର ମଧ୍ୟରେ କଥା କଟାକଟି ହୋଇଛି। ନିର୍ବାଚନ ବେଳେ ମଧ୍ୟ ବିରୋଧାଭାସ ଉଠିଛି। କିନ୍ତୁ ବର୍ତ୍ତମାନ ରାଜନୀତିରେ ନିର୍ବାଚନ ହେଉ ବା ଅନ୍ୟବେଳେ ଯେପରି ନିମ୍ନମାନର କଥା ରାଜନେତାଙ୍କ ପାଟିରୁ ବାହାରୁଛି, ତାହା ଆମ ଚିନ୍ତା ଓ ଚେତନାର ଊର୍ଦ୍ଧ୍ୱରେ। ଆମର କେବଳ ଏତିକି ନିବେଦନ, ସମସ୍ତେ ପରସ୍ପର ମଧ୍ୟରେ କୁତ୍ସାରଟନା ନ କରି ଅନ୍ତତଃପକ୍ଷେ ତଥ୍ୟଭିତ୍ତିକ ଆଲୋଚନା ବା ସମାଲୋଚନା କରନ୍ତୁ। ସେଥିରେ କାହାର କିଛି କହିବାର ନାହିଁ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

# ଶାନ୍ତି ପାଇଁ ଯୁଦ୍ଧ



ରଞ୍ଜନ କୁମାର ଦାସ

ଶାନ୍ତିରେ ଶୋଇବାକୁ, ବସିବାକୁ ଚାହୁଁଥିବା ଲୋକଙ୍କର ସବୁଠୁ ବଡ଼ ଶତ୍ରୁ ହେଲା ମଶା। ଆପଣ କ'ଣ ଗୋଟେ କରିବାକୁ ମନସ୍ଥକରି ବସିଲାବେଳକୁ ଟେବୁଲ ଫାଙ୍କରୁ ଆସି ଗୋଡ଼କୁ କାମୁଡ଼ିଦେବ। ଦିନଯାକର କ୍ଳାନ୍ତି ପରେ ଖଟରେ ଟିକେ ଗଡ଼ିପଡ଼ିଲା ବେଳକୁ କାନ ପାଖରେ ଆସି ଗଣଗଣ କରି ତା'ର ବିରକ୍ତିକର ଗୀତ ଆରମ୍ଭ କରିଦେବ। ଶାନ୍ତିପ୍ରିୟ ମଣିଷ ବିଚରା ତାକୁ ଘଉଡ଼ାଇ ଦେବାକୁ ହାତଗୋଡ଼ ହଲାଏ। ମାତ୍ର ମଶାର ଜନ୍ମ ତ ନିଉଛୁଣା, ରକ୍ତ ଶୋଷିବା ତା' କର୍ମ, ଅନ୍ୟକୁ କଷ୍ଟଦେବା ତା' ଧର୍ମ। ସେ କ'ଣ ଏ ହାତଗୋଡ଼ ହଲାକୁ ଡରେ? ହାତଗୋଡ଼ ହଲେଇଲେ ଟିକେ ଉଡ଼ି ପଳେଇବ, ପୁଣି ଟିକିଏ ପରେ ଫେରିବ ତା'ର ଅଭ୍ୟାସଗତ ଉପଦ୍ରବ କରିବାକୁ। ମଶା ଯଦି ସେତେ କ୍ଷତିକାରକ ନ ହୋଇଥା'ନ୍ତା ତ ଚିନ୍ତା ନ ଥିଲା। କାହିଁକି ମିଛରେ ତା' ପଛରେ କିଏ ପଡ଼ନ୍ତା? ବିଷାକ୍ତ ତା' ରକ୍ତରେ ନିଜ ହାତକୁ ରଞ୍ଜିତ କରନ୍ତା? ମାତ୍ର ମଶାର ସାମାନ୍ୟ କାମୁଡ଼ା ଟିକକ ମ୍ୟାଲେରିଆ, ଡେଙ୍ଗୁ ଓ ଚିକୁନଗୁନିଆ ଭଳି ରୋଗ ଆଣିପାରେ। ତେଣୁ ତାକୁ ମାରିବାର ଆବଶ୍ୟକତା ପଡ଼େ। କେବେକେବେ ଗୋଟାଏ ଚାପୁଡ଼ାକୁ ତା'ର ଜୀବନ ନ ଥାଏ। କେବେକେବେ ଅଧିକ ଚାଲାକ ମଶାଙ୍କ ପାଇଁ ଇଲେକ୍ଟ୍ରିକ୍ ର୍ୟାକେଟ ଦରକାର ପଡ଼େ। ତହୁଁ ଅଧିକ ମଶା ହେଲେ ଧୂଆଁ, ଧୂପ ବା ହିଟ୍ ଭଳି ରାସାୟନିକ ସ୍ପ୍ରେ'ର ଆବଶ୍ୟକତା ପଡ଼େ। ବେଳେବେଳେ ଆପଣ ଭାବିବେ ମଶାଟାକୁ ମାରିଲେ ହାତରେ, କାନ୍ଥରେ ବା ମଶାରିରେ ରକ୍ତର ଦାଗ ଲାଗିବ। ତେଣୁ ତାକୁ ବରଂ ଘଉଡ଼ାଇ ଦିଅ। ମାତ୍ର ମଶାର ଔଦ୍ଧତ୍ୟ ହିଁ ତା'ର ମୃତ୍ୟୁର କାରଣ ପାଲଟେ। ବିରକ୍ତିର ଚରମସୀମାରେ ପହଞ୍ଚିଲା ପରେ ମଣିଷ ଆଉ କରିବ କ'ଣ? ହାତରେ ରକ୍ତ ପଛେ ଲାଗୁ ମଶାଙ୍କର ମୃତ୍ୟୁହେବା ନିହାତି ଜରୁରୀ ବୋଲି ସେ ଭାବେ।

ମଶାଭଳି ରାତି ଅଧରେ କେବେକେବେ ବିରାଡ଼ି ବୋବାଏ। ବିରକ୍ତିକର ଏ ମାର୍ଜାରର ରାବ ଶୁଣିଲେ ଅଶୁଭ ବୋଲି ବିବେଚନା କରାଯାଏ। ତଥାପି ମଣିଷ ଧୈର୍ଯ୍ୟର ସହ ଅପେକ୍ଷା କରେ ସେ କେବେ ମନକୁମନ ଚାଲିଯିବ ବୋଲି। ନ ଗଲେ ବାଧହୋଇ ଟେକାପଥର ମାରି ତାକୁ ଘଉଡ଼ାଇବାକୁ ପଡ଼େ। ବଡ଼ ଧର୍ମସଙ୍କଟ। ଟେକାପଥର ମାରୁ ମାରୁ ବିରାଡ଼ି ମରିଗଲେ ବି ପାପ ହେବ। ଆଣ୍ଠୁକୁଡ଼ା ଦୋଷ ଲାଗିବ ବୋଲି ଲୋକେ କହନ୍ତି। କ'ଣ କରାଯିବ, ଗାଈ ମାରିଲେ ମଲି, ଗାଈକି ମାରିଲେ ମଲି।

ଏ ମଶା ଓ ମାର୍ଜାରମାନେ ଜୀବନର ସବୁ ସର୍ଗରେ କେଉଁଠି ନା କେଉଁଠି ଅନୁପ୍ରବେଶ କରନ୍ତି। ତାଙ୍କର ଉପସ୍ଥିତି କାହାରି କାମ୍ୟ ନୁହେଁ ବୋଲି ଜାଣି ମଧ୍ୟ ସେମାନେ ଏଭଳି କରନ୍ତି। ସେମାନଙ୍କୁ ଯେତେ ଅଣଦେଖା କଲେ ବି ସେମାନେ କୌଣସି ନା କୌଣସିମତେ ଶାନ୍ତି ବ୍ୟାହତ କରନ୍ତି। କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରନ୍ତି। ଏ ମଶା ତ ଦିନରାତି ନାଳନର୍ଦ୍ଦମାରେ ଦିନ କାଟେ। ଏ ମାର୍ଜାର ତ ଯା' ତା' ଅଇଁଠା ଖାଇବାରେ, ଲୁଚିଛପି କାହା ଘରେ



ପଶି ହାଣ୍ଡିଶାଳରେ ମୁହଁ ମାରିଦେବାରେ ଅଭ୍ୟାସ ରଖେ। ସେମାନଙ୍କଠାରୁ କ'ଣ ବା ଭଲ ଆଉ ଆଶା କରାଯାଇପାରେ? ଅତିବେଶିରେ ସେମାନେ ଅବହେଳା ଓ ଅବଜ୍ଞାର ଯୋଗ୍ୟ ବୋଲି ଆମେ ଭାବୁ। ମାତ୍ର ଯେତେବେଳେ ମଶାଙ୍କର ବ୍ୟବହାର ଅତିରିକ୍ତ ଅତିଷ୍ଠ କରେ, ଆମେ ବାଧହେଉ ଖବରକାଗଜ ମୋଡ଼ି ଅସ୍ତ୍ର ତିଆରି କରିବାକୁ, ହାତ ଉଠାଉ ତା'ର ନିପାତ କରିବାକୁ, ହିଟ୍ କିଣୁ ସ୍ପ୍ରେ କରିବାକୁ। ସେହିଭଳି ମାର୍ଜାର ନିଜକୁ ଯେତେ ବଡ଼ ଶିକାରୀ ଭାବୁ, ସିଂହ ଭଳି ଠାଣି ଦେଖାଉ ପଛେ, ମାର୍ଜାର ମାର୍ଜାର ହୋଇ ରୁହେ। ଗୋଟାଏ ଫୋପଡ଼ ତା'ଠି ବାଜିଗଲେ ସେ ଛୋଟେଇ ଛୋଟେଇ ପଳାଏ, ଆଉ ଦୁଆର ମାଡ଼େନି।

ସମାଜରେ ଥିବା ଅନେକ ମଣିଷଙ୍କ ଭିତରେ ବି ଏ ମଶକ ଓ ମାର୍ଜାର ପ୍ରକୃତି ଅଛି। ସେମାନେ ବିରକ୍ତ କରନ୍ତି, ଅତିଷ୍ଠ କରନ୍ତି, ଆମ ଧୈର୍ଯ୍ୟର ପରୀକ୍ଷା ନିଅନ୍ତି। ମାତ୍ର ଧୈର୍ଯ୍ୟର ବି ଗୋଟେ ସୀମା ଥାଏ। ସେ ସୀମା ଅତିକ୍ରମ କଲେ ଆଉ ବନ୍ଧବାଡ଼ ମାନେନି କ୍ରୋଧର ବନ୍ୟା। ସାଧାରଣ ମଣିଷର ନୀରବତାକୁ ଓ ସହିଷ୍ଣୁତାକୁ ଯେତେବେଳେ ଏ ମଶକ ଓ ମାର୍ଜାରମାନେ ଆହ୍ୱାନ ଦିଅନ୍ତି, ବେଳେବେଳେ ସେ ଆହ୍ୱାନକୁ ଗ୍ରହଣ କରିବାକୁ ପଡ଼େ। ନୀରବତା ଭାଙ୍ଗି ଉଠିବାକୁ ପଡ଼େ। ଶାନ୍ତଶିଷ୍ଟ ଲୋକଙ୍କୁ ମଧ୍ୟ ଅସ୍ତ୍ର ଧରିବାକୁ ପଡ଼େ। ବାସ୍ତବରେ ଶାନ୍ତ ଲୋକେ ଯେତେବେଳେ ଅସ୍ତ୍ର ଧରିବାର ପ୍ରୟୋଜନୀୟତା ଅନୁଭବ କରନ୍ତି, ସେତେବେଳେ ତାଙ୍କର କ୍ରୋଧ କମିବାର ନାଁ ଧରେନି। ଶାନ୍ତଶିଷ୍ଟ, ସରଳ, ଅମାୟିକ ବୁଦ୍ଧିଜୀବୀ ଲୋକେ ସବୁବେଳେ ନିଜ କାମରେ ବ୍ୟସ୍ତ ଥାଆନ୍ତି। ସେମାନେ ମଶକ, ମାର୍ଜାର, ମର୍କଟଙ୍କ କଥାରେ ମୁଣ୍ଡ ଖେଳାନ୍ତି ନାହିଁ। ମାତ୍ର ଏ ପୃଥିବୀର ବୁଦ୍ଧିଜୀବୀମାନଙ୍କ ନିଷ୍କ୍ରିୟତା ଓ ନିରାସକ୍ତି ହିଁ ମଶାଙ୍କର ବଂଶବୃଦ୍ଧି ପାଇଁ ଦାୟୀ, ମାର୍ଜାର ଓ ମର୍କଟମାନଙ୍କ ଦୌରାତ୍ମ୍ୟ ପାଇଁ ଦାୟୀ।

ଅତଃ ବୁଦ୍ଧିଜୀବୀମାନଙ୍କୁ ଏ ମଶାବିନାଶ ଅଭିଯାନର ଦାୟିତ୍ୱ ନେବାକୁ ହେବ। ନଚେତ୍ ସମାଜ ରୋଗଗ୍ରସ୍ତ ହୋଇଯିବ। ଖାଲି ମଶାରି ଭିତରେ ନିଜେ ନିଜକୁ ସୁରକ୍ଷିତ ରଖିଲେ ହେବନାହିଁ। ବରଂ ମଶାରି ବାହାରେ ଉଡ଼ିବୁଲୁଥିବା ମଶାମାନଙ୍କୁ ନିପାତ କରିବାର ଦାୟିତ୍ୱ ନେବାକୁ ହେବ। ସେଥିପାଇଁ କୁହାଯାଏ, ଶାନ୍ତି ପାଇଁ ବେଳେବେଳେ ଯୁଦ୍ଧର ଆବଶ୍ୟକତା ଅଛି। ଶାନ୍ତି ପାଇଁ ଅତୀତରେ, ଇତିହାସରେ ଅନେକ ଯୁଦ୍ଧ ହୋଇଛି। ଅନେକ ରକ୍ତପାତ ହୋଇଛି। ମହାଭାରତ ଯୁଦ୍ଧ ତ ଶାନ୍ତି ପ୍ରତିଷ୍ଠା ପାଇଁ ହୋଇଥିଲା ବୋଲି କୁହାଯାଏ। ଅତୀତରେ ଦୁଇ ଦୁଇଥର ବିଶ୍ୱଯୁଦ୍ଧ ମଧ୍ୟ ସେଇ ଶାନ୍ତି ପ୍ରତିଷ୍ଠା ପାଇଁ, ସମାଜର ଶତ୍ରୁମାନଙ୍କୁ, ଶାନ୍ତି ବ୍ୟାହତକାରୀମାନଙ୍କୁ ଦମନ କରିବା ପାଇଁ ହୋଇଛି। ପ୍ରତି ଯୁଗରେ ଏଭଳି ମହାଭାରତ ଲଢ଼ାଯାଏ ଏ ଦୁର୍ଯ୍ୟୋଧନ ଓ ରାବଣମାନଙ୍କ ନିଧନ ପାଇଁ। ଏ ଶକୁନି ଓ ମନ୍ଥରାମାନଙ୍କର ମୂଳୋତ୍ପାଟନ ପାଇଁ। ଏମାନଙ୍କ ନିଧନ ପାଇଁ ଅସ୍ତ୍ରୋତ୍ତୋଳନ କରିବା, ରକ୍ତପାତ କରିବା ପାପ ନୁହେଁ। ବରଂ ଧର୍ମ ସଂସ୍ଥାପନ ପାଇଁ ଯୁଗେଯୁଗେ ଅପେକ୍ଷା ଥାଏ କେବେ ଜଣେ କେହି ଅବତାରୀ ପୁରୁଷ ଆସିବ ଓ ଅସୁରମାନଙ୍କୁ ନିପାତ କରି ପୁଣି ପୃଥିବୀକୁ ସୁନ୍ଦରତର କରିବ।

**ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ମୋ:୯୪୩୭୨୮୬୫୧୨**

## ଏଇ ଭାରତରେ

ଅମୃତସରର ୧୮ ବର୍ଷୀୟା ରୁହାନି ବର୍ମା ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟର ପୁନଃ ଉପଯୋଗ କରି ଏକ କାର୍ବନ ନେଗେଟିଭ (କାର୍ବନ ନିର୍ଗମନ କମ୍ କରିପାରୁଥିବା) ଟଏଲେଟ ନିର୍ମାଣ କରିଛନ୍ତି। ଏଥିରେ ୪,୦୦୦ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ଲାଗିଛି। ଏହା ଭାରତର ପ୍ରଥମ କାର୍ବନ ନେଗେଟିଭ ଟଏଲେଟ। ରୁହାନି ସ୍କୁଲରେ ପଢ଼ିବାବେଳେ ପ୍ଲାଷ୍ଟିକ୍ ବ୍ୟାଗ୍ ସଂଗ୍ରହ କରି ସେଥିରୁ ଲେଗୋ ବ୍ରିକ୍ସ ବା ଇଟା ଓ ଫ୍ଲାଟ୍ ସିଟ୍ ତିଆରି କରିବା ପାଇଁ ପଠାଉଥିଲେ। ପରେ ସେସବୁକୁ ବ୍ୟବହାର କରି ଏହି ଟଏଲେଟ ନିର୍ମାଣ କରିଛନ୍ତି। ଏହାର ନିର୍ମାଣ ଲାଗି ଆର୍କିଟେକ୍ଟ ସୁଧୀର ରାଓଙ୍କ ସହଯୋଗ ନେଇଛନ୍ତି। ଉକ୍ତ ଟଏଲେଟ ଶତ ପ୍ରତିଶତ ରିସାଇକେଲଯୋଗ୍ୟ। ସେ ଏହାକୁ ଅମୃତସର ବିମାନବନ୍ଦରରେ ସ୍ଥାପନ କରିଛନ୍ତି ଓ 'ସ୍ୱଚ୍ଛ ଶୌଚାଳୟ: ଭାରତର ପ୍ରଥମ ପରିବେଶ ଉପଯୋଗୀ ଟଏଲେଟ' ବୋଲି ବୋର୍ଡରେ ଲେଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧ ମାର୍ଚ୍ଚ ୧୯୯୮

- ମଦୁରାଇ ଭାଲାଂଧୁର ନିକଟରେ ଦୁଇ ବସ ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ସ୍କୁଲ ଛାତ୍ରଙ୍କ ସମେତ ୨୧ ମୃତ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗନ୍ନାଥ ମିଶ୍ର ୬ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ ପ୍ରାଥମିକ ସଦସ୍ୟରୁ ବହିଷ୍କୃତ।

## ଚିରନ୍ତନୀ

ତପତ ହିୟା ଶାନ୍ତିସମ
ସେ ରୂପ ପ୍ରାଣେ ଭାତିଲା ମମ
ନ ଛୁଏଁ ଯଥା ପାଦପ ଛାୟା
ନିଦାଘ ଘୋର ତାପ
ଛୁଇଁନି ତନୁ ପଥର ଅଭିଶାପ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 5 | | | |
| | | | 2 | | 9 | | | |
| 2 | 5 | 8 | 4 | | | | | |
| 4 | | | 6 | | | 5 | 3 | |
| 1 | | 6 | | | 8 | | | |
| | | | | | 2 | | | |
| | | | | | | | | |
| | 8 | | 9 | 6 | | | 1 | 2 |
| 6 | 7 | 1 | | | | 4 | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 8 | 4 | 7 | 1 | 3 | 5 |
| 1 | 7 | 3 | 2 | 5 | 6 | 4 | 8 | 9 |
| 8 | 5 | 4 | 1 | 3 | 9 | 7 | 2 | 6 |
| 4 | 6 | 5 | 7 | 1 | 3 | 8 | 9 | 2 |
| 9 | 8 | 7 | 4 | 6 | 2 | 5 | 1 | 3 |
| 2 | 3 | 1 | 5 | 9 | 8 | 6 | 7 | 4 |
| 5 | 9 | 8 | 3 | 7 | 4 | 2 | 6 | 1 |
| 3 | 4 | 2 | 6 | 8 | 1 | 9 | 5 | 7 |
| 7 | 1 | 6 | 9 | 2 | 5 | 3 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଉ

ମହାଶୟ, ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପକ୍ଷରେ ସେମାନଙ୍କ ପ୍ରତି ଥିବା କର୍ତ୍ତବ୍ୟ ଆମେ ପାଳନ କରୁନାହୁଁ। ଆମ ଭିତରୁ ମଣିଷପଣିଆ ହଜିଗଲାଣି। ବୃଦ୍ଧାବୃଦ୍ଧଙ୍କର ସେବା କରିବା ଆଜିକାଲିର ଯୁବପିଢ଼ି ଭୁଲିଗଲେଣି। ଫଳରେ ବହୁ ବୃଦ୍ଧାବୃଦ୍ଧ ଅବହେଳିତ ହୋଇ ବୃଦ୍ଧାଶ୍ରମରେ କାଳାତିପାତ କରୁଛନ୍ତି। ସେମାନଙ୍କ ପ୍ରକୃତ ସଂଖ୍ୟା ଜାଣିବା ନିହାତି ଆବଶ୍ୟକ। ସୁତରାଂ ବରିଷ୍ଠ ନାଗରିକଙ୍କୁ ଫଟୋ ସହ ପରିଚୟପତ୍ର ଦିଆଗଲେ ସେମାନେ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୁଅନ୍ତେ ନାହିଁ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ଷୁଦ୍ରଶିଳ୍ପର ଭୂମିକା ଅତୁଳନୀୟ

କୃଷି ଓ ଶିଳ୍ପ ମାଧ୍ୟମରେ ଦେଶର ପ୍ରଗତି ବିକଶିତ ହୋଇଥାଏ। ଏପରିକି କୃଷି ଓ ଶିଳ୍ପ ମଧ୍ୟ ଦେଶ ପାଇଁ ମାନବ ସମ୍ବଳ ନିୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯେଉଁ ଦେଶ ଉତ୍ପାଦନରେ ଯେତେ ସ୍ୱାବଲମ୍ବୀ ହୋଇଥାଏ। ସେ ଦେଶରେ ସେହିପରି ଅର୍ଥନୈତିକ ବିକାଶ ଘଟିଥାଏ। ବିଶେଷକରି ଗ୍ରାମୀଣ ନିୟୋଜନ ପାଇଁ କ୍ଷୁଦ୍ର ଶିଳ୍ପ ଯଥେଷ୍ଟ ଭୂମିକା ଗ୍ରହଣ କରିଥାଏ। ସେହିଭଳି ସରକାର ବର୍ତ୍ତମାନ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସ୍ଥାପନ ଦିଗରେ ଆଗଭର ଅଛନ୍ତି। ଏତଦ୍‌ଭିନ୍ନ ପରିବେଶ ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣରେ ରଖି ଶିଳ୍ପ ସ୍ଥାପନ ହେଲେ ସମସ୍ତଙ୍କର ମଙ୍ଗଳ ହେବ। ଏପରିକି ବହୁ ଘାତ ପ୍ରତିଘାତ ମଧ୍ୟରେ ଅନେକ ସଫଳତା ହାସଲ କରିଥିବା ଯୁବ ଶିଳ୍ପୋଦ୍ୟୋଗୀ ତଥା ନେକ୍ସସ୍ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କସହ ଧରିତ୍ରୀର ଖୋଲା କଥା...

ଧରିତ୍ରୀ | OrissaPOST BUSINESS EMINENCE AWARDS


ପୀୟୂଷ ମହାନ୍ତି

**ପ୍ର-୧: ଅତିବାହିତ ବାଲ୍ୟଜୀବନ କିଭଳି କଟିଛି?**

ଉ- କଟକ ସହରର ତୁଳସୀପୁରଠାରେ ମୋର ଜନ୍ମ, ପରବର୍ତ୍ତୀ ସମୟରେ ତୁଳସୀପୁର ହାଇସ୍କୁଲରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଶେଷ କରି ସ୍ଥାନୀୟ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୁକ୍ତ ୨କଳାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲି। ବାପା ରବୀନ୍ଦ୍ର କୁମାର ମହାନ୍ତି ଏକ ମିଶ୍ନାରୀ ସଂସ୍ଥାରେ ଅନୁବାଦକ ଓ ପ୍ରକାଶକ ଦାୟିତ୍ୱ ତୁଲାଉଥିଲେ। ଗୋଟିଏ ସୁନ୍ଦର ପରିବାର ମଧ୍ୟରେ ବାଲ୍ୟ ଜୀବନ ବହୁତ ଭଲରେ କଟିଛି।

**ପ୍ର-୨: ଶିକ୍ଷା ପରର ଜୀବନଯାତ୍ରା କିପରି ଥିଲା?**

ଉ- ମୋର ବଡ଼ ଭାଇ ମୁମ୍ବାଇରେ ଚାକିରି କରୁଥାନ୍ତି, ମୁଁ ଯୁକ୍ତ ୨ପରୀକ୍ଷା ପରେ ତାଙ୍କ ନିକଟକୁ ବୁଲିବାକୁ ଯାଇଥିଲି। ବିଶେଷ କରି ମୁମ୍ବାଇ ସହର ମୋତେ ବହୁତ ଭଲ ଲାଗିଲା। ତେଣୁ ସେଠାରେ ମୁଁ କିଛି କାମ କରିବାକୁ ଆଶା କରିଥିଲି। ଏପରିକି ଯଥାଶୀଘ୍ର ଏକ କୋରିୟର କମ୍ପାନୀରେ ମୋତେ ନିଯୁକ୍ତି ମିଳିଗଲା। ମାତ୍ର କିଛିଦିନ ପରେ କମ୍ପାନୀ ମାଲିକ ମୋତେ ପରିଚାଳକ ପାଇଁ ମନୋନୀତ କରିଥିଲେ ମଧ୍ୟ ମୋର ପ୍ରମୋଶନ ହୋଇପାରିଲା ନାହିଁ। କାରଣ ଉଚ୍ଚଶିକ୍ଷା ବାଧକ ସାଜିଲା, ମୋର ସ୍ନାତକ ଯୋଗ୍ୟତା ନଥିଲା। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ବଢ଼ାଇବା ପାଇଁ ମୁଁ ଉଦ୍ୟମ କଲି। ଏପରିକି ସମୟାନୁକ୍ରମେ ଓଡ଼ିଶା ଆସି ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଇଁ ଆଡମିଶନ କରି ସଫଳତା ମଧ୍ୟ ପାଇଲି।

**ପ୍ର-୩: ଉଦ୍ୟୋଗୀ ହେବା ପାଇଁ କିଭଳି ମନ ବଳାଇଲେ?**

ଉ- ଓଡ଼ିଶା ଫେରି ଆସିବା ପରେ ମୁଁ କର୍ମ ନିୟୋଜନ ପାଇଁ ଏଣେତେଣେ ଘୂରି ବୁଲିଲି, ସୁଯୋଗକ୍ରମେ ଭୁବନେଶ୍ୱରର ଏକ କମ୍ପାନୀରେ ମାର୍କେଟିଂ କାର୍ଯ୍ୟରେ ଯୋଗ ଦେଲି। ଏପରିକି ମୋର କାର୍ଯ୍ୟଦକ୍ଷତା ଯୋଗୁ କମ୍ପାନୀର ସବୁ ଦିଗ ଯଥା ପର୍ଚେଜିଂ, ମାର୍କେଟିଂ, ପରିଚାଳନା ଓ ଉତ୍ପାଦନ ବୁଝିବାକୁ ପଡ଼ିଲା। ଫଳରେ ମୁଁ ଶିଳ୍ପୋଦ୍ୟୋଗୀ ହେବାର ସବୁ ଦିଗକୁ ଅନୁଧ୍ୟାନ କରିବାରେ ବେଶ୍ ସଫଳ ହୋଇଯାଇଥିଲି। ପରବର୍ତ୍ତୀ ସମୟରେ ମୋ ପାଖରେ ସଞ୍ଚିତ ଅର୍ଥକୁ ନେଇ କିଛି ଗୋଟାଏ କରିବାକୁ ଚିନ୍ତା ଆସିଲା। ଫଳରେ ମୁଁ ବ୍ୟବସାୟ କ୍ଷେତ୍ରରେ ପାଦ ଦେଲି।

**ପ୍ର-୪: ଇଟା ତିଆରି ମେଶିନ ଉଦ୍ୟୋଗ କାହିଁକି?**

ଉ- କଟକ ସହରର ଆଖପାଖରେ ମାଟି ତିଆରି ଇଟା ଧୂଆଁ ସହରକୁ ପ୍ରଦୂଷିତ କରୁଥିଲା। ଏହା ମୋତେ ବେଶ ବ୍ୟଥିତ କରିଥିଲା। ଫଳରେ ଇଟା ତିଆରି ମେଶିନ ଉଦ୍ୟୋଗ ବସାଇବାର ଅଦ୍ୟମ ଇଚ୍ଛା କିଛି ପୁଞ୍ଜି ଓ ଅଭିଜ୍ଞତାକୁ ନେଇ ମୁଁ କାମ ଆରମ୍ଭ କଲି। କଟକ ଜଗତପୁର ଶିଳ୍ପାଞ୍ଚଳଠାରେ ଏକ ପୁରୁଣା ୱାର୍କସପ୍‌କୁ ପ୍ରଥମେ ମୋର କର୍ମସ୍ଥଳୀ ଭାବେ ବାଛି ନେଲି। ଏଥିରେ ମୋର ଅଭିଜ୍ଞତା ଯଥେଷ୍ଟ ସାହାଯ୍ୟ କରିଥିଲା।

**ପ୍ର-୫: ନେକ୍ସସ୍‌ର ଆଗାମୀ ଯୋଜନା କ'ଣ ରହିଛି?**

ଉ- ନେକ୍ସସର ବ୍ୟବସାୟ ଓ ଚାହିଦା ଆମ ରାଜ୍ୟରେ ବେଶ୍ ଭଲ ରହିଛି। ଏହାଛଡ଼ା ଆମେ ଏବେ ଅନ୍ୟ ରାଜ୍ୟକୁ ମେଶିନ ଦେବାକୁ ସକ୍ଷମ ହେଲୁଣି। ଏମିତିକି ଆମ ମେଶିନ ଦେଶ ବାହାରକୁ ମଧ୍ୟ ରପ୍ତାନି ହୋଇ ଆଶାତୀତ ସଫଳତା ପାଇପାରିଛି। ଆଗାମୀ ଦିନରେ ଆଉ ଏକ ନୂତନ ପଦକ୍ଷେପ ପେଭର ବ୍ଲକ ତିଆରି ମେଶିନ ଆମ ଯୁବ ବର୍ଗଙ୍କୁ ଆୟର ବାଟ କଢ଼ାଇ ନେବ। ଫଳରେ ରାଜ୍ୟରେ ନିଯୁକ୍ତି ସୁଯୋଗ ସହ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବାରେ ସହାୟକ ହେବ। ଅନ୍ୟ ରାଜ୍ୟକୁ ରୋଜଗାର ପନ୍ଥା ପାଇଁ ଯାଉଥିବା ଲୋକମାନେ ଆମ ରାଜ୍ୟରେ ଯଥେଷ୍ଟ ନିଯୁକ୍ତି ପାଇବେ।

**ପ୍ର-୬: ଜୀବନର ଲକ୍ଷ୍ୟ କ'ଣ?**

ଉ- ଓଡ଼ିଶାକୁ ଏକ ସବୁଜ ସୁନ୍ଦର ପ୍ରଦୂଷଣମୁକ୍ତ ରାଜ୍ୟରେ ପରିଣତ କରିବା ସହ ବେକାରିହଟାଇ ଯୁବବର୍ଗଙ୍କୁ ଆୟର ପନ୍ଥା ଦେଖାଇବାରେ ଅବିରତ କାର୍ଯ୍ୟ କରିବି। ଏପରିକି ରାଜ୍ୟରେ ଯୁବ ଉଦ୍ୟୋଗୀମାନଙ୍କୁ ନୂଆ ନୂଆ ଉଦ୍ୟୋଗ ବସାଇବାରେ ଆବଶ୍ୟକ ସହଯୋଗ ଓ ପ୍ରେରଣା ଦେଇ ଏକ ଅର୍ଥନୈତିକ ବିକାଶଶୀଳ ରାଜ୍ୟ ଗଠନ କରିବା ମୋର ଲକ୍ଷ୍ୟ ରହିଛି।

# ସରିଲା ରିମାଣ୍ଡ, ବିଚାର ବିଭାଗୀୟ ହାଜତରେ ବାବୁରାମ

**ବାଲେଶ୍ୱର ଅଫିସ, ୨୮।୨**

**ଆଇଟିଆର୍‌ରୁ ତଥ୍ୟ ଲିକ୍ ଘଟଣା**

ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍) ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ବରିଷ୍ଠ ଅଧିକାରୀ ବାବୁରାମ ଦେଙ୍କ ୪ଦିନିଆ ରିମାଣ୍ଡ ଅବଧି ମଙ୍ଗଳବାର ଶେଷ ହୋଇଛି। ପୋଲିସ ବାବୁରାମଙ୍କୁ ବାଲେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟଟ୍ରାକ୍ କୋର୍ଟ (ଜେଏମ୍‌ଏଫ୍‌ସି) ସିଟି କୋର୍ଟରେ ହାଜର କରାଇଥିଲା। ସେଠାରେ ଜାମିନ ଖାରଜ ହେବା ପରେ ବାବୁରାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହନିଟ୍ରାପ୍‌ର ଶିକାର ହୋଇ ପାକିସ୍ତାନକୁ ଗୁପ୍ତ ତଥ୍ୟ ପ୍ରଦାନ ଅଭିଯୋଗରେ ଗତ ୨୪ ତାରିଖରେ ଚାନ୍ଦିପୁର ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର) ବାବୁରାମ ଦେ ଗିରଫ ହୋଇଥିଲେ। ପୋଲିସ ଅଧିକ ତଥ୍ୟ ପାଇଁ ବାବୁରାମଙ୍କୁ ୪ଦିନିଆ ରିମାଣ୍ଡରେ ନେଇଥିଲା। ଏହି ଅବଧି ସମୟରେ ପୋଲିସ ସମେତ ଆନ୍ଧ୍ରପ୍ରଦେଶ ଗୋଇନ୍ଦା ବିଭାଗ ଓ ଭାରତୀୟ ବାୟୁସେନାର ଟିମ୍ ପଚରାଉଚରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଅନୁମାନ କରାଯାଉଛି। ଆବଶ୍ୟକ ପଡ଼ିଲେ ବାବୁରାମଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।


ବାବୁରାମଙ୍କୁ ଜେଏମ୍‌ଏଫ୍‌ସି କୋର୍ଟକୁ ନିଆଯାଉଛି।

# ବୋର୍ଡ ୱେବ୍‌ସାଇଟ୍‌ରେ ମାଟ୍ରିକ ପରୀକ୍ଷା ଆଡ୍‌ମିଟ୍ କାର୍ଡ

**କଟକ ଅଫିସ,୨୮।୨**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାର୍ଚ୍ଚ ୧୦ ତାରିଖରୁ ମାଟ୍ରିକ ସପ୍ଲେମେଣ୍ଟିଭ-୨ ପରୀକ୍ଷା ଆରମ୍ଭ ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ମଧ୍ୟ ହେବ। ଏହି ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ଉପଲବ୍ଧ ରହିଛି । ଏନେଇ ମଙ୍ଗଳବାର ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତ ବିଦ୍ୟାଳୟ ପକ୍ଷରୁ ଉକ୍ତ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରାଯାଇ ଛାତ୍ରୀଛାତ୍ରଙ୍କୁ ପ୍ରଦାନ ପାଇଁ ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି କେତେଜଣ ଛାତ୍ରୀଛାତ୍ର ଏଥିପାଇଁ ଫର୍ମପୂରଣ କରିଛନ୍ତି, ବିଦ୍ୟାଳୟ ସହିତ କେଉଁ କେନ୍ଦ୍ର ସଂଲଗ୍ନ ହୋଇଛି, ବିଦ୍ୟାଳୟଟି ଏକ ପରୀକ୍ଷା କେନ୍ଦ୍ର କି ନୋଡାଲ୍ କେନ୍ଦ୍ର କିମ୍ବା ମୂଲ୍ୟାଙ୍କନ କେନ୍ଦ୍ର ଭାବେ ମନୋନୀତ ହୋଇଛି କି ନାହିଁ ସେ ସମ୍ପର୍କିତ ତଥ୍ୟ ୱେବ୍‌ସାଇଟ୍‌ରେ ରହିଛି ।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା

**ଖଇରା, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଧୀନ ତିଳଦା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସାମାନ୍ୟ ଝଗଡାକୁ ନେଇ ଚାଲିଯାଇଛି ଦୁଇଟି ଜୀବନ।

ସୋମବାର ଅପରାହ୍ନରେ ବାବୁ ଦାସ(୪୨) ଓ ତାଙ୍କ ସ୍ତ୍ରୀ ମୀନତିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହା କ୍ରମଶଃ ବଢ଼ିବା ପରେ ଦୁହିଁଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ବାବୁ କ୍ରୋଧାନ୍ୱିତ ହୋଇ ମୀନତିଙ୍କୁ ଠେଲି ଦେବା ପରେ ସେ ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବରୁ ନିଶାସକ୍ତ ଅବସ୍ଥାରେ ଥିବା ବାବୁ ବିଷ ପିଇ ଦେଇଥିଲେ। ଗ୍ରାମବାସୀ ଓ ସ୍ଥାନୀୟ ୱାର୍ଡସଭ୍ୟଙ୍କ ଫୋନ ପାଇ ଖଇରା ପୋଲିସ ପହଞ୍ଚି ବାବୁଙ୍କୁ ଆମ୍ବୁଲାନ୍ସରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଙ୍କ ମୃତ୍ୟୁ ଘଟିଛି। ଖଇରା ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୩) ରୁଜୁ କରାଯାଇଛି। କେଳା ସମ୍ପ୍ରଦାୟର ଏହି ପରିବାର ଅନ୍ୟୁନ ୨୦ବର୍ଷ ତଳେ ଢେଙ୍କାନାଳ ଜିଲାରୁ ଆସି ତିଳଦା ଗ୍ରାମରେ ବସବାସ କରୁଥିଲେ। ଉକ୍ତ ଦମ୍ପତିଙ୍କର ୫ ଝିଅ ମଧ୍ୟରୁ ଗୋଟିଏ ବିବାହ କରିସାରିଥିବା ବେଳେ ମା' ବାପାଙ୍କୁ ହରାଇ ଧୈର୍ଯ୍ୟହରା ହୋଇପଡିଥିବା ୪ ନାବାଳିକାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।




TJM/TTL/23/ORI



FORM NO. 13

**BEFORE THE DEBTS RECOVERY TRIBUNAL: CUTTACK: ODISHA**
**C-71, SECTOR-7, CDA, CUTTACK, ODISHA**
**O.A. NO. 430/2022**

**AXIS BANK LIMITED** ...APPLICANT
-Vrs.-
**D.K. Consultants & Another** ...DEFENDANTS

To,
1. **D.K. Consultants,** Represented through its Proprietor Himansu Ranjan Behera, Plot No. 346/3259 & 286/3553, Bomikhal, Laxmi Sagar, Bhubaneswar, Odisha-751007.
2. **Himansu Ranjan Behera,** Plot No. 346/3259 & 286/3553, Bomikhal, Laxmi Sagar, Bhubaneswar, Odisha-751007.

... DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 430/2022** in the Court of the Debts of Recovery Tribunal at Cuttack for recovery of **Rs.24,19,300/- (Rupees Twenty Four Lakhs Nineteen Thousand Three Hundred only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **11.04.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of February, 2023.**

Sd/- M.K. Patnaik
REGISTRAR


# ବଦଳିଲା ଶେଷ ପରୀକ୍ଷା ତାରିଖ

**କଟକ ଅଫିସ,୨୮।୨**

**ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଏ ନେଇ ମଙ୍ଗଳବାର ଓପିଏସ୍‌ସି ପକ୍ଷରୁ ସଂଶୋଧିତ ପରୀକ୍ଷା ସୂଚୀର ବିଜ୍ଞପ୍ତି ପ୍ରକାଶ ପାଇଛି। ମାର୍ଚ୍ଚ ୧୩ରେ ହେବାକୁ ଥିବା ଫିଲୋସୋଫି ଏବଂ ସାଇକୋଲୋଜି ବିଷୟର ପେପର-୨ ପରୀକ୍ଷା ୧୮ ତାରିଖରେ ଅନୁଷ୍ଠିତ ହେବ। କେବଳ ଏହି ପରୀକ୍ଷା ତାରିଖକୁ ବାଦ୍ ଦେଲେ ଅନ୍ୟ କୌଣସି ତାରିଖରେ ପରିବର୍ତ୍ତନ କରାଯାଇନାହିଁ।

ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀ ୪ରେ ଓସିଏସ୍-୨୦୨୧ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀ ପ୍ରକାଶ ପାଇଥିଲା। ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଜାନୁୟାରୀ ୧୬ରେ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ଫେବୃୟାରୀ ୧୯ରୁ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପୁଣି ଫେବୃୟାରୀ ୧୦ରେ ଓପିଏସ୍‌ସି ପକ୍ଷରୁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ଉଲ୍ଲେଖ ଥିଲା। ଏଥିରେ କେବଳ ୩ଟି ପରୀକ୍ଷା ତାରିଖ ପରିବର୍ତ୍ତନ କରାଯାଇଥିଲା। ହେଲେ ଏବେ ପୁଣି ଶେଷ ଦିନ ପରୀକ୍ଷା ତାରିଖ ପରିବର୍ତ୍ତନ କରାଯାଇଛି।

ଗତବର୍ଷ ଅକ୍ଟୋବର ୧୬ରେ ଓସିଏସ୍-୨୦୨୧ ପ୍ରିଲିମିନାରି ପରୀକ୍ଷା ହେଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ପରୀକ୍ଷା ଦେଉଛନ୍ତି। ପ୍ରତିଦିନ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପରୀକ୍ଷା ହେଉଛି। ୩ ଘଣ୍ଟା ଧରି ପରୀକ୍ଷା ହେଉଥିବାବେଳେ କେବଳ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ଏକ ଘଣ୍ଟା ସମୟ ଦିଆଯାଉଛି।

# ନଗଡ଼ାରେ ବ୍ୟାପୁଛି ଚର୍ମ ରୋଗ

**କାଳିଆପାଣି,୨୮।୨(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ ନଗଡ଼ାରେ ଅପପୁଷ୍ଟି ଓ ରକ୍ତହିନତା ରୋଗରେ ଶିଶୁ ମୃତ୍ୟୁ ଘଟଣା ମନରୁ ଲିଭି ନ ଥିବାବେଳେ ଏବେ ତିନି ନଗଡ଼ାରେ ପ୍ରାୟ ପିଲା ଓ ମହିଳା ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଅଧିକାଂଶଙ୍କ ଦେହରେ କୁଣ୍ଡିଆ, କାଛୁ ହୋଇଛି। ଏପରି କି ମୁଣ୍ଡରୁ କୁଣ୍ଡିଆ ଫାଟି ଦୁର୍ଗନ୍ଧ ବାହାରୁଛି। ମଙ୍ଗଳବାର ଓଡ଼ିଶା ଖଣି ନିଗମ ପକ୍ଷରୁ ସେଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆକ୍ରାନ୍ତ ରୋଗୀଙ୍କୁ ଔଷଧ ଓ ମଲମ ଦିଆଯାଇଥିଲା। କିନ୍ତୁ ଏହା କିପରି ବ୍ୟବହାର କରାଯିବ ସେ ନେଇ ଡାକ୍ତର କହି ନ ଥିଲେ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସପ୍ତାହରେ ଦୁଇ ଦିନ ନଗଡ଼ା ଅଞ୍ଚଳରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରୁଥିବା ବେଳେ ଏପରି ଆକ୍ରାନ୍ତଙ୍କୁ ଚିକିତ୍ସା ନ କରି କିପରି ଛାଡିଯାଉଛନ୍ତି ବୋଲି ପ୍ରଶ୍ନ ଉଠିଛି। ଏନେଇ ନଗଡ଼ାର କଟକିଆ ପ୍ରଧାନ, ମଙ୍ଗୁଲୁ ପ୍ରଧାନ ଓ ଡମନ ପ୍ରଧାନ ପ୍ରମୁଖ ଡାକ୍ତରଙ୍କ ଅବହେଳା ବିରୋଧରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ଜୟଦେବ ନନ୍ଦଙ୍କ ମତାମତ ମିଳିପାରିନାହିଁ।


ବୟନିକା ଓଡ଼ିଶା ସରକାର ଦ୍ୱାରା ଆୟୋଜିତ

**ଜିଲ୍ଲା ହସ୍ତତନ୍ତ ମେଳା**

ସ୍ଥାନ - ପ୍ୟାରେଡ୍ ପଡ଼ିଆ, ଜୟପୁର, କୋରାପୁଟ

ଶୁଭ ଉଦ୍‌ଘାଟନ
୧ ମାର୍ଚ୍ଚ ସନ୍ଧ୍ୟା ୬.୦୦ ଘଟିକା ସମୟରେ

ସତନ୍ତ୍ର ରିହାତି
୨୦%+୧୦%
ବୟନିକା ଷ୍ଟଲରେ ଉପଲବ୍ଧ

ତା.୨୮.୦୨.୨୩ ରୁ ତା.୦୬.୦୩.୨୩ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୦.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ ।

ଆକର୍ଷଣୀୟ ସରକାରୀ ରିହାତି

ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର


# ପେସା ନିୟମାବଳୀ ପ୍ରଣୟନ କରିନାହିଁ ଓଡ଼ିଶା

**ନୂଆଦିଲ୍ଲୀ, ୨୮।୨:** ପଞ୍ଚମ ଅନୁସୂଚିତ କ୍ଷେତ୍ର ଭାବେ ବିଜ୍ଞପିତ ହୋଇଥିବା ଆଦିବାସୀ ଅଞ୍ଚଳର ପରମ୍ପରା, ପ୍ରଥା ଏବଂ ଗୋଷ୍ଠୀ ସମ୍ବଳର ସୁରକ୍ଷା ପାଇଁ ଗ୍ରାମ ସଭାକୁ କ୍ଷମତା ଦେଉଥିବା ପେସା ଆଇନ ଅଧୀନରେ ପେସା ନିୟମାବଳୀ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାର ପ୍ରଣୟନ କରିନାହାନ୍ତି। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି। ନିୟମ ପ୍ରଣୟନ ଲାଗି ମନ୍ତ୍ରଣାଳୟ ସମ୍ପୃକ୍ତ ରାଜ୍ୟଙ୍କୁ ପତ୍ର ଲେଖିଥିଲେ। ପଞ୍ଚମ ଅନୁସୂଚିତ ଅଞ୍ଚଳ ୧୦ଟି ରାଜ୍ୟରେ ରହିଛି।

୧୯୯୫ରେ ଭୁରିଆ କମିଟି ରିପୋର୍ଟ ଆଧାରରେ ପାର୍ଲାମେଣ୍ଟ ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସଂପ୍ରସାରଣ) ଆଇନ, ୧୯୯୬ ପ୍ରଣୟନ କରିଥିଲା। ଏହି ଆଇନ ପଞ୍ଚମ ଅନୁସୂଚିତ ଅଞ୍ଚଳ ଏବଂ ଆଦିବାସୀ ଅଞ୍ଚଳ ପାଇଁ ଲାଗୁ ହୋଇଥାଏ। ଉକ୍ତ ଆଇନ ଗ୍ରାମପଞ୍ଚାୟତକୁ ସାମାଜିକ, ଅର୍ଥନୈତିକ ବିକାଶ ଲାଗି ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ ଅନୁମୋଦନ କରିବାକୁ କ୍ଷମତା ଦେଇଛି। ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ଥଇଥାନ ଓ ପୁନର୍ବାସନ ପାଇଁ ଗ୍ରାମପଞ୍ଚାୟତ ସହ ପରାମର୍ଶ କରିବାକୁ ଉକ୍ତ ଆଇନ ବାଧ୍ୟତାମୂଳକ କରିଛି। ଓଡ଼ିଶାର ୧୯,୩୧୧ ଗ୍ରାମକୁ ପଞ୍ଚମ ଅନୁସୂଚିତ ଅଞ୍ଚଳ ଭାବେ ବିଜ୍ଞପିତ କରାଯାଇଛି।

# ବିଜୟୱାଡାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଲକ୍ଷ୍ମୀପୁର,୨୮।୨(ସ୍ୱ.ପ୍ର.):** କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡା ଗ୍ରାମର ଅଭି ଜାନିଙ୍କ ପୁଅ ନରେନ୍ଦ୍ର ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇ ପ୍ରାଣ ହରାଇଛନ୍ତି। ଅଭି ପକ୍ଷାଘାତରେ ପୀଡ଼ିତ ହେବାରୁ ନରେନ୍ଦ୍ର ଘର ଚଳାଇବା ଲାଗି ୨ ମାସ ତଳେ ବିଜୟୱାଡା ଯାଇ ସେଠାରେ ତନୁଜା ଶ୍ରୀକେସ୍ ମାଇନ୍ସ ଆଣ୍ଡ ମିନେରାଲ୍ସ କମ୍ପାନୀରେ କାମ କରୁଥିଲେ। ଗତ ଶନିବାର ଏକ ଦୁର୍ଘଟଣାରେ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ସେହିଦିନ ଖବର ପାଇ ପରିବାର ପକ୍ଷରୁ କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ପ୍ରଶାନ୍ତ ପାଣିଗ୍ରାହୀଙ୍କ ଉଦ୍ୟମରେ ମଙ୍ଗଳବାର ନରେନ୍ଦ୍ରଙ୍କ ମୃତଦେହ ଗାଁରେ ପହଞ୍ଚିଛି।


**ई-प्रोक्योरमेंट सेल पेयजल एवं स्वच्छता विभाग झारखण्ड, राँची**

अल्पकालीन ई-प्रोक्योरमेंट निविदा

ई-टेन्डर रेफरेन्स नं०- **Giridih-1/SVS/31/2021-22** दिनांकः-..25.02..2023

| क्र0 | विवरणी | Group No | Block | Panchayat | Village | No of Scheme | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|---|---|---|
| 1 | Construction of Village wise Single water Supply Scheme in Different villages under DWSD No-1, Giridih | C-35 | Gandey | Dasdih | Kumhardih | 1 | 8.64413 | 0.18000 | 1250.00 |
| 2 | | C-36 | Gandey | Mednisare | Manakdiha | 1 | 6.16700 | 0.13000 | 1250.00 |
| 3 | | C-37 | Gandey | Pandri | Palkiya | 5 | 63.65588 | 1.28000 | 10000.00 |
| 4 | | C-38 | Gandey | Pandri | Pandnatand | 7 | 96.34937 | 1.93000 | 10000.00 |
| 5 | | C-39 | Gandey | Kundalwadah | Barotand | 2 | 12.33400 | 0.25000 | 2500.00 |
| 6 | | C-40 | Gandey | Ahilyapur | Bhalpahri | 4 | 35.73728 | 0.72000 | 5000.00 |
| 7 | | C-41 | Gandey | Rasanjori | Lachhudih | 4 | 45.25884 | 0.91000 | 5000.00 |
| 8 | | C-42 | Gandey | Gajkunda | Parmadih | 3 | 39.09184 | 0.80000 | 5000.00 |
| 9 | | C-43 | Gandey | Gajkunda | Fuljharia | 5 | 60.01799 | 1.21000 | 10000.00 |
| 10 | | C-44 | Gandey | Fuljharia | Daldala | 3 | 29.57028 | 0.60000 | 5000.00 |
| 11 | | C-45 | Jamua | Fatha | Singhraidih | 4 | 38.21441 | 0.77000 | 5000.00 |
| 12 | | C-46 | Jamua | Dhotho | Karodih | 5 | 63.65588 | 1.28000 | 10000.00 |
| 13 | | C-47 | Jamua | Dhurgadgi | Telmakri | 7 | 84.35068 | 1.69000 | 10000.00 |
| 14 | | C-48 | Jamua | Chakmanjo | Alardih | 1 | 6.16700 | 0.13000 | 1250.00 |
| 15 | | C-49 | Jamua | Baddiha2 | Baddiha | 23 | 269.95334 | 5.40000 | 10000.00 |
| 16 | | C-50 | Jamua | Chorgatta | Dudhwatol | 4 | 27.14513 | 0.55000 | 5000.00 |
| 17 | | C-51 | Jamua | Chorgatta | Gardih | 4 | 27.14513 | 0.55000 | 5000.00 |
| 18 | | C-52 | Jamua | Goro | Gardih | 3 | 23.45526 | 0.47000 | 5000.00 |
| 19 | | C-53 | Jamua | Goro | Bishanpur | 3 | 29.57028 | 0.60000 | 5000.00 |
| 20 | | C-54 | Jamua | Siyatand | Naitand | 1 | 6.16700 | 0.13000 | 1250.00 |
| 21 | | C-55 | Jamua | Siyatand | Barahmoria | 4 | 35.73728 | 0.72000 | 5000.00 |
| 22 | | C-56 | Tisri | Khijuri | Jhakhnodih | 1 | 8.64413 | 0.18000 | 1250.00 |
| 23 | | C-60 | Bengabad | Telonari | Telonari | 23 | 178.84234 | 3.60000 | 10000.00 |
| 24 | | C-61 | Bengabad | Karanpura | Barasoli | 1 | 6.16700 | 0.13000 | 1250.00 |
| 25 | | C-62 | Gandey | Gandey | Dharampur | 5 | 40.74352 | 0.82000 | 5000.00 |
| 26 | | C-63 | Gandey | Rasanjori | Koldiha | 1 | 8.64413 | 0.18000 | 1250.00 |
| 27 | | C-64 | Gandey | Rasanjori | Borotand | 1 | 8.64413 | 0.18000 | 1250.00 |
| 28 | | C-65 | Jamua | Pandeydih | Pandeydih | 15 | 147.85140 | 2.96000 | 10000.00 |
| 29 | | C-66 | Jamua | Pandeydih | Sheodih | 15 | 171.46182 | 3.43000 | 10000.00 |
| 30 | | C-67 | Jamua | Chungalkhar | Dhibitanr | 8 | 76.42882 | 1.53000 | 10000.00 |
| 31 | | C-68 | Jamua | Fatha | Fatha | 8 | 76.42882 | 1.53000 | 10000.00 |
| 32 | | C-69 | Jamua | Dhuraita | Pachdiha | 4 | 29.57028 | 0.60000 | 5000.00 |
| 33 | कार्य पूर्ण करने की अवधि | 03 Months | | | | | | | |
| 34 | वेबसाईट पर बिड Upload की तिथि/समय | From 05-03-2023 , 4:00P.M | | | | | | | |
| 35 | बिड प्राप्ति के लिए अन्तिम तिथि/समय | 16-03-2023 5:00P.M | | | | | | | |
| 36 | निविदा की हार्ड कॉपी जमा करने की तिथि/समय/स्थान | 17-03-2023 up to 5:00P.M कार्यपालक अभियंता का कार्यालय, पेयजल एवं स्व0 प्र0 सं0-1, गिरिडीह। अधीक्षण अभियंता का कार्यालय, पेयजल एवं स्व0 अंचल, धनबाद। | | | | | | | |
| 37 | निविदा प्राप्त बिड खोलने की तिथि/समय | 20-03-2023 up to 05:00 P.M | | | | | | | |
| 38 | निविदा प्रकाशित करने वाले कार्यालय का नाम एवं पता। | पेयजल एवं स्वच्छता प्रमण्डल संख्या-01, गिरिडीह। | | | | | | | |
| 39 | निविदा खोलने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल संख्या-01, गिरिडीह/अधीक्षण अभियंता, पेयजल एवं स्वच्छता अंचल, धनबाद। | | | | | | | |
| 40 | प्रोक्योरमेंट पदाधिकारी का सम्पर्क संख्या | 7870778158 | | | | | | | |
| 41 | ई-प्रोक्योरमेंट सेल का हेल्पलाईन संख्या | 0651-2480345 | | | | | | | |

- केवल ई0निविदा ही स्वीकार किये जायेंगे।
- परिमान विपत्र का मुल्य केवल डी0डी0 में ही देय है जिसे लौटाया नही जाएगा।
- प्राक्कलित राशि घट या बढ सकती है, तदनुरूप अग्रधन राशि मान्य होगी।
- अन्य किसी भी प्रकार की सूचना http://Jharkhandtenders.gov.in पर देखा जा सकता है।

कार्यपालक अभियंता,
पेयजल एवं स्वच्छता प्रमण्डल
संख्या-01, गिरिडीह

PR291402 (Drinking Water and Sanitation)22-23*D



**कार्यपालक अभियंता का कार्यालय, जलपथ प्रमण्डल, संख्या-I, सिमडेगा**

पत्रांक- 75 सिमडेगा/दिनांक- 28.02.2023

**शुद्धि पत्र**

इस कार्यालय के पत्रांक :- 55 दिनांक 09.02.2023 द्वारा प्रकाशित e-Tender Reference No.- WRD/WWD NO.-1 SIMDEGA/01/2022-23 एवं PR NO. 289924 (Water Resource) 22-23 (D) में अपरिहार्य कारण वश आंशिक संशोधन किया गया है जिसे निम्न प्रकार पढ़ा जाय :-

1. Time of Bid Submission :- From 14.02.2023 to 10.03.2023 (5:00PM.)
2. Last Date and Time of Submission of Bid cost and EMD :- Date- 11.03.2023, Time- up to 5:00 PM.
3. Date of opening (Technical Bid) :- Date - 13.03.2023, Time 4:00 PM.
4. SBD के Page No. 19 (Terms & Conditions) के क्रमांक 11 - Rate quoted by the tenderer shall be treated as per direction of WRD letter No. 2/PMC/miss/195 /2013- 430 dated- 19.11.2020 with annexure PWD/miss-06-33/2007 (part-1)-2146(s), Ranchi, dated-09.09.2020 and Memo No.- 01/PMC/miss/321/2008-656 Ranchi, dated-22.12.2020 shall be applicable.
5. SBD के Page No. 24 Clause 4.5 A(c) -

| SL. NO. | ITEM OF WORK | Minimum Quantity required as per Clause 4.5A(c) of SBD |
|---|---|---|
| 1 | Earthwork | 37190.191 $M^3$ |
| 2 | Sand Filter (Lining) | 16322.13 $M^2$ |
| 3 | PCC/RCC | 1806.619 $M^3$ |
| 4 | Boulder Masonary | 196.535 $M^3$ |
| 5 | Boulder Pitching | 408.72 $M^3$ |
| 6 | Turfing | 26.185 per 100$M^2$ |

1.SBD के Page No. 37 क्रमांक-5-

| SL. NO | ITEM OF WORK | INVOLVE QUANTITY | Minimum Quantity required as per Clause 4.5A(c) of SBD |
|---|---|---|---|
| 1 | Earthwork | 74380.382 $M^3$ | 37190.191 $M^3$ |
| 2 | Sand Filter (Lining) | 32644.26 $M^2$ | 16322.13 $M^2$ |
| 3 | PCC/RCC | 3613.239 $M^3$ | 1806.619 $M^3$ |
| 4 | Boulder Masonary | 393.07 $M^3$ | 196.535 $M^3$ |
| 5 | Boulder Pitching | 817.44 $M^3$ | 408.72 $M^3$ |
| 6 | Turfing | 52.37 per 100$M^2$ | 26.185 per 100$M^2$ |

आमंत्रित ई-निविदा में इस हद तक संशोधित समझा जाय।
शेष नियम एवं शर्तें यथावत् रहेंगी।

ह0/-
कार्यपालक अभियंता
जलपथ प्रमण्डल सख्या-1 सिमडेगा

PR 291507 Water Resource(22-23).D

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ପଲିଟେକ୍ନିକ୍ ଏବଂ ଆଇଟିଆଇ ଫେଷ୍ଟ ୨୦୨୨ ଉଦ୍‌ଘାଟିତ, କଳିଙ୍ଗ ଷ୍ଟାଡିୟମ୍, ପୂର୍ବାହ୍ନ ୧୦ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଞ୍ଜୀକରଣ ଆରମ୍ଭ, ହୋଟେଲ ସୌକିନ୍, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ଆରୋହଣର ୩୧ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ପୁରୀ

- ପୁରୀ ଜିଲା ଦିବ୍ୟାଙ୍ଗ ମହାମଞ୍ଚ ପକ୍ଷରୁ ହ୍ୱିଲ ଚେୟାର ଦିବସ ପାଳନ, ମଧୁବୈଶ୍ୟ ସିଂହସ୍ଥାନ ଲୋକନାଥ ରୋଡ଼, ପୂର୍ବାହ୍ନ ୧୧ଟା।
- ଛଟେଇ ହାଉସ୍ କିପିଂ କର୍ମଚାରୀଙ୍କ ଜେଲଭରୋ ଆନ୍ଦୋଳନ, ସିଡିଓ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଗାନ୍ଧୀ ଶିଳ୍ପ ବଜାରର ଉଦ୍‌ଘାଟନୀ ଉତ୍ସବ, ଗୋଲ୍‌ଡେନ୍ ବିଚ୍, ସନ୍ଧ୍ୟା ୭ଟା।

# ୩ ବର୍ଷରେ ୨୪୫ ହାତୀ ମୃତ

ଭୁବନେଶ୍ୱର,୨୮।୨(ବ୍ୟୁରୋ)



ଗତ ୩ ବର୍ଷ(୨୦୧୯-୨୦ରୁ ୨୦୨୧-୨୨) ମଧ୍ୟରେ ରାଜ୍ୟରେ ୨୪୫ ହାତୀଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୬ଟି ହାତୀ ଶିକାରୀ ଗୁଳିରେ ପ୍ରାଣ ହରାଇଛନ୍ତି। ଏହି ସମୟ ଭିତରେ ୪୭ଜଣ ଗିରଫ ହୋଇଛନ୍ତି। ଶାସକ ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶିକାରୀଙ୍କଠାରୁ ୩୯ଟି ହାତୀଦାନ୍ତ, ଗୋଟିଏ ବାଘ ଛାଲ ଓ ୯ ବାଘନଖ ଜବତ ହୋଇଛି। କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନରୁ ସର୍ବାଧିକ ୧୬ ହାତୀଦାନ୍ତ ଜବତ ହୋଇଥିବାବେଳେ ମୟୂରଭଞ୍ଜରୁ ୧୨ଟି, ବାଲେଶ୍ୱରରୁ ୪ଟି, ଅନୁଗୋଳ, ଦେବଗଡ଼ ଓ ସୁବର୍ଣ୍ଣପୁର ଡିଭିଜନରୁ ୨ଟି ଲେଖାଏ ଏବଂ କଟକର ଆଠଗଡ ଡିଭିଜନରୁ ଗୋଟିଏ ହାତୀଦାନ୍ତ ଜବତ ହୋଇଛି। ଗିରଫ ହୋଇଥିବା ଶିକାରୀଙ୍କ ମଧ୍ୟରୁ ବାଲେଶ୍ୱରରୁ ସର୍ବାଧିକ ୮ଜଣ, ମୟୂରଭଞ୍ଜରୁ ୭ଜଣ, ସୁବର୍ଣ୍ଣପୁରରୁ ୬ଜଣ, କେନ୍ଦୁଝରରୁ ୫ଜଣ, ବୌଦ୍ଧରୁ ୪ଜଣ, କଳାହାଣ୍ଡି ଉତ୍ତର, ଅନୁଗୋଳ ଓ ଦେବଗଡ ବନ୍ୟପ୍ରାଣୀ ଡିଭିଜନରୁ ୩ଜଣ ଲେଖାଏ ଏବଂ କଟକ, ଆଠଗଡ ଓ କଳାହାଣ୍ଡି ଦକ୍ଷିଣ ଡିଭିଜନରୁ ୨ଜଣ ଲେଖାଏ ଗିରଫ ହୋଇଛନ୍ତି। ତେବେ କଳାହାଣ୍ଡି ଉତ୍ତର ଡିଭିଜନରୁ ଗୋଟିଏ ବାଘଛାଲ ସହିତ ୯ ବାଘନଖ ଜବତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜି ଶୁକ୍ର, ବୃହସ୍ପତି ନିକଟତର ଦେଖାଯିବେ

**ଗ୍ରହ ମିଳନ**

ଭୁବନେଶ୍ୱର, ୨୮।୨(ବ୍ୟୁରୋ): ଦୁଇ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଏବଂ ବୃହସ୍ପତି ବୁଧବାର ସନ୍ଧ୍ୟାରେ ଖୁବ୍ ନିକଟତର ଦେଖାଯିବେ। ଫେବୃୟାରୀ ଶେଷ ସପ୍ତାହରେ ସବୁଦିନ ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଧରି ଏହି ଦୁଇ ଉଜ୍ଜ୍ୱଳ ଗ୍ରହ ପଶ୍ଚିମ ଆକାଶରେ ପାଖାପାଖି ଦେଖାଯାଉଥିଲେ। ଯାହାକୁ ଖାଲି ଆଖିରେ ଦେଖିହେଉଥିଲା। ଧୀରେ ଧୀରେ ଏହି ଗ୍ରହ ଦୁଇଟି ନିକଟତର ହେଉଥିବାବେଳେ ବୁଧବାର ଖୁବ୍ ନିକଟତର ଦେଖାଯିବ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ଦେଖିହେବ। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରେ ଆକାଶ ମେଘ ମୁକ୍ତ ଥିଲେ ଏହାକୁ ଦେଖିହେବ। ସମସ୍ତେ ଏହି ସୁନ୍ଦର ଦୃଶ୍ୟକୁ ଉପଭୋଗ କରିବାକୁ ପଟ୍ଟନାୟକ କହିଛନ୍ତି।



ନବୀନ ନିବାସରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଓଡ଼ିଶା ଏସ୍‌ଡିଜି ଇଣ୍ଡିକେଟର ଫ୍ରେମ୍‌ୱାର୍କ ୨.୦'ର ଶୁଭାରମ୍ଭ କରୁଛନ୍ତି।

## ଓଡ଼ିଶା ଏସ୍‌ଡିଜି ଇଣ୍ଡିକେଟର ଫ୍ରେମ୍‌ୱାର୍କ-୨.୦ର ଶୁଭାରମ୍ଭ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶା ଏସ୍‌ଡିଜି ଇଣ୍ଡିକେଟର ଫ୍ରେମ୍‌ୱାର୍କ-୨.୦ର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୨୦୩୦କୁ ଲକ୍ଷ୍ୟ କରି ସମସ୍ତ ବିଭାଗ ଏହାକୁ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଭର୍ଚୁଆଲ ପ୍ଲାଟଫର୍ମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟରେ ଆଗେଇ ଚାଲିଛି। ଲକ୍ଷ୍ୟ ହାସଲ କରିବାରେ ଏସ୍‌ଡିଜି ଇଣ୍ଡିକେଟର ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ।

## ଗାଡ଼ି ଚଢାଇ ମାରିଦେବା ଅଭିଯୋଗରେ ଡ୍ରାଇଭର ଗିରଫ

ମଙ୍ଗୁଳି-ଜଗତପୁର,୨୮।୨(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ଏକ କମ୍ପାନୀ ପରିସରରେ ଜଣେ ହେଲ୍‌ପରଙ୍କୁ ଗାଡ଼ି ଚଢାଇ ମାରିଦେବା ଅଭିଯୋଗରେ ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିହାର ଅଞ୍ଚଳର ଜଗନ୍ନାଥ କୁମାର। ସୂଚନା ମୁତାବକ, ପଶ୍ଚିମବଙ୍ଗ ସୀପୁର ଥାନା ଅଞ୍ଚଳର କସର ଅଲ୍ଲୀ(୫୧) ନିଜ ଭଣଜା ତଥା ଟ୍ରକ ଚାଳକ ଆରିଫ୍ ଖାନ୍‌ଙ୍କ ସହ ଟ୍ରକରେ ମାଲ୍ ବୋଝେଇକରି ରବିବାର ଉକ୍ତ କମ୍ପାନୀକୁ ଆସିଥିଲେ। ରାତି ଅଧିକ ହୋଇଯାଇଥିବାରୁ ମାଲ ଅନ୍‌ଲୋଡ ହୋଇପାରି ନ ଥିଲା। ଆରିଫ୍ ଟ୍ରକ୍‌ଟିକୁ ପାର୍କିଂ କରି କ୍ୟାବିନ୍ ମଧ୍ୟରେ ଶୋଇଥିବାବେଳେ ହେଲ୍‌ପର୍ କସର ନିକଟରେ ମଶାରି ଟାଙ୍ଗି ତଳେ ଶୋଇଥିଲେ। ରାତି ପ୍ରାୟ ୩ଟାରେ ଅନ୍ୟ ଏକ ଟ୍ରକ (ନଂ.ଏନ୍ଏଲ୍୦୧ଏବି-୭୮୭୯) ସାବୁନ ବୋଝେଇ କରି ଉକ୍ତ କମ୍ପାନୀକୁ ଆସିଥିଲା। ହେଲେ ଅସାବଧାନତା ବଶତଃ ଟ୍ରକ୍‌ଟି ଅସରଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିଲା। ଏ ନେଇ ଆରିଫ୍ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୧/୨୩)ରୁଜୁ କରିଛି।

**ଛାତ୍ରୀ ବଳାତ୍କାର ମାମଲା**

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ

କଟକ ଅଫିସ,୨୮।୨

ଛାତ୍ରୀଙ୍କୁ ବଳାତ୍କାର କରିବା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କଟକ ସଦର ଥାନା ଅନ୍ତର୍ଗତ ମନ୍ଦରଡିହା ଗ୍ରାମର ଶିବୁ ଓରଫ ସୋମନାଥ ଭୋଇ(୨୨)। ଏଥିସହ ପୀଡ଼ିତାଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୦ ଜୁନ୍ ୪ରେ କଟକ ସଦର ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ସୋମନାଥ ଏକ ମନ୍ଦିର ପରିସରରେ ବଳାତ୍କାର କରିଥିଲେ। ଏ ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବା ପାଇଁ ସେ ତାଙ୍କୁ ଧମକ ଦେଇଥିଲେ। ଏହି ଘଟଣା ପରେ ନାବାଳିକା ଜଣକ ୫ ମାସର ଗର୍ଭବତୀ ହେବା ନେଇ ଡାକ୍ତରୀ ପରୀକ୍ଷାରୁ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେମାନେ ନାବାଳିକାଙ୍କ ଗର୍ଭପାତ କରାଇବାକୁ ଉଦ୍ୟମ କରୁଥିବାବେଳେ ଚାଇଲ୍ଡ ଲାଇନ୍ ହାତରେ ଧରାପଡ଼ିଥିଲେ। ଚାଇଲ୍ଡ ଲାଇନ ପକ୍ଷରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଘଟଣାର ତଦନ୍ତକରି ୨୦୨୨ ନଭେମ୍ବର ୧୭ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯାଉ

ଭୁବନେଶ୍ୱର,୨୮।୨(ବ୍ୟୁରୋ): ସାମ୍ବିଧାନିକ ଭାବେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଦାବିରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଧାରଣା ଓ ମାନବ ଶୃଙ୍ଖଳ ଆୟୋଜିତ ହୋଇଯାଇଛି। ମଙ୍ଗଳବାର ଗାନ୍ଧୀମାର୍ଗରେ ଆୟୋଜିତ ଏହି ଧାରଣା ଓ ମାନବ ଶୃଙ୍ଖଳରେ ସଙ୍ଗଠନର ପ୍ରାଦେଶିକ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ କହିଲେ ଯେ, ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ରଖିବାକୁ ହେଲେ ଏହାକୁ ସାମ୍ବିଧାନିକ ଭାବେ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯିବାର ଆବଶ୍ୟକତା ରହିଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଉମାକାନ୍ତ ମିଶ୍ର କହିଥିଲେ, ବିଶ୍ୱରେ ହିନ୍ଦୁମାନଙ୍କ ଉପରେ କୌଣସି ପ୍ରକାର ଅତ୍ୟାଚାର ହେଲେ କେହି ସ୍ୱର ଉଠାନ୍ତି ନାହିଁ। ଭାରତ ଏକମାତ୍ର ଦେଶ ଯେଉଁଠି, ପୃଥିବୀରେ ବସବାସ କରୁଥିବା ହିନ୍ଦୁ ଜନସଂଖ୍ୟାର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ହିନ୍ଦୁ ଧର୍ମର ଲୋକେ ବସବାସ କରନ୍ତି। ତେଣୁ ଏହାକୁ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରିବାର ଯଥାର୍ଥତା ରହିଥିବା ସେ କହିଥିଲେ। ସଙ୍ଗଠନର ଖୋର୍ଦ୍ଧା ଜିଲା ବିସ୍ତାରକ ନିରଞ୍ଜନ ମହାନ୍ତି ହିନ୍ଦୁ ରାଷ୍ଟ୍ର ଗଠନ ଦ୍ୱାରା ସମାଜ ଉପରେ କେଉଁ ପ୍ରଭାବ ପଡ଼ିବ ତାହା ଉପରେ ଆଲୋକପାତ କରିଥିଲେ।

# ସହଯୋଗ କରିବେ ୬୬୨ ବର୍ଗ ଅଧ୍ୟାପକ

**ଯୁକ୍ତ୨ ପରୀକ୍ଷା**

- ଜାରି ରହିବ ପ୍ରତୀକାତ୍ମକ ଧାରଣା
- ୧୨ରେ ସରକାରଙ୍କ ସହ ପୂର୍ଣ୍ଣାଙ୍ଗ ଆଲୋଚନା

ଭୁବନେଶ୍ୱର, ୨୮।୨(ବ୍ୟୁରୋ)



ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ୬୬୨ ବର୍ଗ ଅଧ୍ୟାପକ ସଂଘର କର୍ମକର୍ତ୍ତା ଭେଟୁଛନ୍ତି।

୬୬୨ବର୍ଗ ଅଧ୍ୟାପକଙ୍କ ଆନ୍ଦୋଳନ ଯୋଗୁ ଯୁକ୍ତ୨ ପରୀକ୍ଷା ପରିଚାଳନା ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ସର୍ତ୍ତମୂଳକ ଭାବେ ପରୀକ୍ଷା ପରିଚାଳନାରେ ସହଯୋଗ କରିବ ବୋଲି ୬୬୨ ବର୍ଗ ଅଧ୍ୟାପକ ସଂଘ କହିଛି। ଦୀର୍ଘ ୧୬ ଦିନର ଅହୋରାତ୍ର ଧାରଣା ଏବଂ ତିନିଥର ମହାସମାବେଶ ପରେ ମଙ୍ଗଳବାର ରାଜ୍ୟ ସରକାର ଓ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ସରକାରଙ୍କ ତରଫରୁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନେତୃତ୍ୱ ନେଇଥିବାବେଳେ ସଂଘ ତରଫରୁ ସଭାପତି ଗୋଲକ ନାୟକଙ୍କ ନେତୃତ୍ୱରେ ୭ଜଣିଆ ପ୍ରତିନିଧି ଦଳ ଆଲୋଚନାରେ ଭାଗ ନେଇଥିଲେ। ବିସ୍ତୃତ ଆଲୋଚନା ପରେ ଦାବିଗୁଡ଼ିକ ଯଥାର୍ଥ ଏବଂ ଆସନ୍ତା ୧୨ତାରିଖ ମଧ୍ୟରେ ମନ୍ତ୍ରୀସ୍ତରୀୟ କମିଟି ସହ ଶିକ୍ଷା ବିଭାଗର ଦୁଇ ମନ୍ତ୍ରୀ ଓ ସଚିବ ଉପସ୍ଥିତ ରହି ପୂର୍ଣ୍ଣାଙ୍ଗ ଆଲୋଚନା କରିବେ। ଏଥିସହ ଦାବିଗୁଡ଼ିକ ସମ୍ପର୍କରେ ବିଚାର କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯୁକ୍ତ୨ ପରୀକ୍ଷାରେ ସହଯୋଗ ନିମନ୍ତେ ସଂଘକୁ ଅନୁରୋଧ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ପରୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ବୁଧବାରଠାରୁ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ହୋଇ ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା କରିବେ ବୋଲି ସଭାପତି ନାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଲୋଚନା ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ପ୍ରତୀକାତ୍ମକ ଧାରଣା ଜାରିରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୪ଦଫା ଦାବିରେ ୬୬୨ବର୍ଗ କଲେଜ ସଂଘ ଗତ ୧୩ ତାରିଖରୁ ଅହୋରାତ୍ର ଆନ୍ଦୋଳନ କରୁଛି। ସରକାର ଯଦି ପୁଣି ଠକିବାକୁ ଚେଷ୍ଟା କରନ୍ତି, ତା'ହେଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।




ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।



ଦୋଳ ମେଳଣ ପାଇଁ କଟକ ଚୌଧୁରୀ ବଜାର ପୂଜାମଣ୍ଡପରେ କାରିଗରମାନେ ବିମାନକୁ ଚାନ୍ଦି ଅଳଙ୍କାରରେ ସଜାଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋବ୍ରାଲିନ୍



@ ଉର୍ମି



@ ଦେବେନ୍ଦ୍ର



@ ରାମଚନ୍ଦ୍ର



@ ସ୍ମୃତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଓଡ଼ିଶା ବିଧାନସଭା ପରିସରରେ ମଙ୍ଗଳବାର ଭାରତୀୟ ମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କର ୧୩୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଅମର ପ୍ରସାଦ ଶତପଥୀ, ରମେଶ ଚନ୍ଦ୍ର ସାଏ, ବିଧାନସଭା ସଚିବ ଦାଶରଥି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାନସଭା ଯୁଗ୍ମ ନିର୍ଦ୍ଦେଶକ(ଗବେଷଣା) ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ପାନୀୟଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୮।୨

ଏବେଠାରୁ ତାପମାତ୍ରା ବଢ଼ିଲାଣି। ଗ୍ରୀଷ୍ମଜନିତ ଅଂଶୁଘାତ ଓ ଜଳକଷ୍ଟ ନିରାକରଣ ଲାଗି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଂଶୁଘାତ ମୁକାବିଲା ଏବଂ ଜଳ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଅଂଶୁଘାତକୁ କିପରି ରୋକାଯାଇପାରିବ ଏବଂ ଖରାଦିନେ ବିଭିନ୍ନ ଗ୍ରାମାଞ୍ଚଳସ୍ତରରେ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳର ବ୍ୟବସ୍ଥା କରାଯାଇପାରିବ ତାହାର ପ୍ରତିକାର ଲାଗି ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ତହସିଲଦାରମାନେ ପାନୀୟଜଳ ସମସ୍ୟା ସଙ୍କଟ ଗ୍ରାମ ଏବଂ ୱାର୍ଡଗୁଡ଼ିକୁ ଚିହ୍ନଟ କରିବେ। ଚିହ୍ନଟ ଗ୍ରାମ, ୱାର୍ଡରେ ପାନୀୟଜଳ ଯୋଗାଣ ଲାଗି ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବେ। ଜଳସେଚନ ନିର୍ବାହୀ ଯନ୍ତ୍ରୀ କେନାଲଗୁଡ଼ିକରେ ଆବଶ୍ୟକ ମୁତାବକ ଜଳସେଚନ ବ୍ୟବସ୍ଥା କରିବେ। ପ୍ରତି ବ୍ଲକକୁ ଟ୍ୟାଙ୍କର ଦ୍ୱାରା ପାନୀୟଜଳ ଯୋଗାଣ ଏବଂ ପ୍ରତି ପଞ୍ଚାୟତରେ ରହିଥିବା ଅଚଳ ନଳକୂପ ମରାମତି କରାଯିବ। ୱାଟ୍‌କୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଅନୁରୂପ ଭାବେ ସହରାଞ୍ଚଳରେ ପାନୀୟଜଳ ପାଇଁ ପଦକ୍ଷେପ ଗ୍ରହଣ କରିବେ। ଜନଗହଳି ସ୍ଥାନରେ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଜଳଛତ୍ର ଖୋଲାଯିବ। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବେ। ସମସ୍ତ ପ୍ରଶାସନିକ ଅଧିକାରୀ ନିଜସ୍ତରରେ ଜଳଛତ୍ର ଖୋଲିବା ପୂର୍ବରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀଙ୍କଠାରୁ ଅନୁମତି ନେବେ। ଜଳଛତ୍ର ଦାୟିତ୍ୱରେ ଜଣେ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯିବ। ଜିଲାସ୍ତରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନୋଡାଲ ଅଫିସର ଥିବା ବେଳେ ବ୍ଲକସ୍ତରରେ ବିଡିଓ ଦାୟିତ୍ୱରେ ରହିବେ। ଅଂଶୁଘାତ ମୁକାବିଲା ଲାଗି ଜିଲା ଓ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ରେଜିଷ୍ଟ୍ରିଭୁକ୍ତ କରାଯିବ। ପାଣିରେ ଆଇରନ୍ ଓ ମିନେରାଲର ପରିମାଣ ଅଧିକ ରହୁଥିବାରୁ ଛୁଟିଦିନରେ ଶୁଦ୍ଧ କରାଯାଇ ସ୍କୁଲ ଓ କଲେଜକୁ ବିଶୁଦ୍ଧ ପାଣି ଯୋଗାଣ ବ୍ୟବସ୍ଥା ଲାଗି ଜିଲା ଶିକ୍ଷାଧିକାରୀ ଏବଂ ମଣ୍ଡଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଖରାଦିନେ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲ୍‌ଟେଜ୍‌ଜନିତ ସମସ୍ୟା ଦୂର ଉପରେ ବିଦ୍ୟୁତ୍ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ସ୍କୁଲ, କଲେଜ ଏବଂ ଆଶା ଓ ଅଙ୍ଗନୱାଡି କେନ୍ଦ୍ରକୁ ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ୍ ଯୋଗାଇବା, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ମେଡିକାଲରେ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ଖୋଲିବା ପାଇଁ ସିଡିଏମ୍‌ଓ ବ୍ୟବସ୍ଥା କରିବେ। ଖରାଦିନେ ପଶୁପକ୍ଷୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇଦେବା ଲାଗି ଜିଲା ପ୍ରାଣୀ ଓ ପଶୁସମ୍ପଦ ବିଭାଗକୁ ପରାମର୍ଶ ଦିଆଯାଇଛି। ଜିଲାପାଳ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାରମାନେ ଅନ୍‌ଲାଇନରେ ଯୋଗଦେଇଥିଲେ।


ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

**ଅଂଶୁଘାତ ଓ ଜଳକଷ୍ଟ ନିରାକରଣ ବୈଠକ**
- ଜଳକ୍ଲିଷ୍ଟ ଗ୍ରାମ ଚିହ୍ନଟ କରାଯିବ
- ଜିଲା ଓ ବ୍ଲକସ୍ତରରେ ଖୋଲିବ କଣ୍ଟ୍ରୋଲରୁମ୍
- ଜନଗହଳି ସ୍ଥାନରେ ଖୋଲିବ ଜଳଛତ୍ର
- ମେଡିକାଲରେ ଖୋଲିବ ଅଂଶୁଘାତ ୱାର୍ଡ

## ସଂକ୍ଷେପରେ

### ବମିଖାଲ କେନାଲ ରୋଡରୁ ଜବରଦଖଲ ହଟିଲା



ଭୁବନେଶ୍ୱର, ୨୮।୨ (ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରୁ ପ୍ରତ୍ୟେକ ଦିନ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହା ସତ୍ତ୍ୱେ ରାଜଧାନୀ ଜବରଦଖଲ ମୁକ୍ତ ହୋଇପାରୁନାହିଁ। ରାସ୍ତାକଡ଼ରୁ ଆରମ୍ଭ କରି ଓଭରବ୍ରିଜ ତଳ ସବୁଠି ଜବରଦଖଲ। ତେଣୁ ସହରକୁ ଜବରଦଖଲମୁକ୍ତ କରିବା ଅଭିଯାନକୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ମଙ୍ଗଳବାର ବିଏମ୍‌ସି, ବିଡିଏ ଓ କମିଶନରେଟ ପୋଲିସର ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ‘ଟିମ ପ୍ରାଇଡ’ ପକ୍ଷରୁ ବମିଖାଲ କେନାଲ ରୋଡରେ ଜବରଦଖଲ ହଟାଯାଇଛି। ଉଚ୍ଛେଦରେ ସ୍କ୍ୱାଡ ୯ ପକ୍ଷରୁ ଚଣ୍ଡିମାତା କଲୋନୀର ଲେନ ୧ରୁ ୧୦ ଯାଏ ଉଚ୍ଛେଦ ହୋଇଛି। ଉଚ୍ଛେଦରେ ୧୬ଟି ବିଜ୍ଞାପନ ବୋର୍ଡ, ୪୯ଟି ବେଆଇନ ଘର, ୧୩ଟି ଫାଷ୍ଟଫୁଡ ବାକ୍ସ, ୩ଟି କାଠ କ୍ୟାବିନ, ୮ଟି ଲୁହା କ୍ୟାବିନ, ୫ଟି ଚିକେନ ଦୋକାନ, ୪ଟି ଗ୍ୟାରେଜ, ୪ଟି ରାମ୍ପସ, ୨ଟି ସର୍ଭିସିଂ ସେଣ୍ଟରକୁ ଭଙ୍ଗାଯାଇଥିବା ସୂଚନା ଦିଆଯାଇଛି।

### ୧୦ ସଂସ୍ଥା ନାମରେ ଏତଲା ଦେଲା ବିଏମ୍‌ସି

ଭୁବନେଶ୍ୱର, ୨୮।୨ (ବ୍ୟୁରୋ): କାନ୍ଥବାଡ଼ ସମେତ ଇଲେକ୍ଟ୍ରି ଖୁଣ୍ଟ, ଗଛ ଆଦିରେ ପୋଷ୍ଟର ମାରିବା ଅଭିଯୋଗରେ ମଙ୍ଗଳବାର ୧୦ଟି ସଂସ୍ଥା ନାମରେ ଏତଲା ଦେଇଛି ବିଏମ୍‌ସି। ବାରମ୍ବାର ବାରଣ ସତ୍ତ୍ୱେ ଏଭଳି ପୋଷ୍ଟର ମାରି ସହରକୁ ଅପରିଷ୍କାର କରୁଥିବାରୁ ସମ୍ପୃକ୍ତ ବ୍ୟକ୍ତି ଏବଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏତଲା ଦିଆଯାଇଥିବା ସଂସ୍ଥା ଗୁଡିକ ହେଉଛି ଏଲ୍‌ସି ଇଲେକ୍ଟ୍ରିକାଲ୍‌ସ ଆଣ୍ଡ ରିପାରିଂ, ୟୁନିକର୍ଣ୍ଣ ଜିମ୍, ରାଜା ଡ୍ୟାନ୍ସ ଷ୍ଟୁଡିଓ, ପୁଲିନ୍ ସାର୍ କୋଚିଂ ସେଣ୍ଟର, ସିଏରା ଇଣ୍ଟେରିୟର ଡିଜାଇନ୍, ଆର୍ଟ ହଟ୍, ଏସିଆନ୍ ପେଣ୍ଟ, ହିନ୍ଦୁସ୍ତାନ ଜୁଏଲର୍ସ, ଟେକ୍ ସ୍ପାଇଡର୍ସ। ସୋମବାର ୬ଟି ସଂସ୍ଥା ନାମରେ ଥାନାରେ ଏତଲା ଦିଆଯାଇଥିବାବେଳେ ପୂର୍ବରୁ ୧୫ରୁ ଊର୍ଦ୍ଧ୍ୱ ସଂସ୍ଥା ନାମରେ ବିଏମ୍‌ସି ପକ୍ଷରୁ ଏତଲା ଦାୟର କରାଯାଇଛି।

### ବିଜୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲିପାଟଣା,୨୮।୨(ଡି.ଏନ୍.ଏ.): ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ ବାଲିପାଟଣା ଓ ବାଲିଅନ୍ତା ବ୍ଲକ ଦୋସିମାଳି ଖମଙ୍ଗ ଛକ ନିକଟରେ ପାଳିତ ହେବ। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଦୁଇ ବ୍ଲକର ବହୁ ନେତା ଓ କର୍ମୀ ସାମିଲ ହେବେ। ବିଜୁ ଆଦର୍ଶରେ ଦୀର୍ଘ ୨୪ ବର୍ଷ ଧରି ଚାଲିଆସୁଥିବା କାର୍ଯ୍ୟର ରିପୋର୍ଟ କାର୍ଡ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ଦୁଇ ବ୍ଲକର ବିଜୁପ୍ରେମୀ, ଦଳୀୟ କର୍ମୀ ଓ ସାଧାରଣ ଜନତା ଯୋଗଦେବାକୁ ଆହ୍ୱାନ ଦିଆଯାଇଛି।

### ପ୍ରାଧାପକଙ୍କ ସମେତ ୪ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଲିଅନ୍ତା,୨୮।୨(ଡି.ଏନ୍.ଏ.): ସ୍ଥାନୀୟ ନହରକଣ୍ଟା ଶ୍ରୀ ଜୟଦେବ କଲେଜ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସର ଗ୍ରହଣ କରିଥିବା ବରିଷ୍ଠ ପ୍ରାଧାପକ ଡ. ଲକ୍ଷ୍ମୀକାନ୍ତ ରାୟ, ପିଇଟି ଦକ୍ଷବ୍ରହ୍ମା ରାଉତରାୟ, ଲାବ୍ ଆଟେଣ୍ଡାଣ୍ଟ ନରେନ୍ଦ୍ର ବେହେରା ଓ ଜଗୁଆଳି ଦୁର୍ଗା ବାହାଦୁରଙ୍କୁ ଏକତ୍ର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ କଲେଜ ଅଧ୍ୟକ୍ଷ ଡ. ପ୍ରଭୁଚରଣ ଗୋଛାୟତ, ଉପାଧ୍ୟକ୍ଷ ସନ୍ତୋଷ ସେଠୀ, ଅଧ୍ୟାପକ ଆଶୀର୍ବାଦ ମହାପାତ୍ର, ଝରଣା ସାହୁ, ମମତା ପ୍ରଧାନ, ସୋନାଲି ସାହୁ ଓ କଲ୍ୟାଣୀ ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀଙ୍କୁ କଲେଜର ବିଭିନ୍ନ ସ୍ତରରେ ଜଣେ ଜଣେ ମାଇଲଖୁଣ୍ଟ ଥିଲେ ବୋଲି କହିଥିଲେ। ୪ ଜଣଯାକ ମିଷ୍ଟଭାଷୀ, ଛାତ୍ରବତ୍ସଳ, ମେଳାପି ଓ କର୍ମଯୋଗୀ ଥିଲେ। କଲେଜର ଉନ୍ନତି ପାଇଁ ସବୁବେଳେ ସେମାନେ ଉଦ୍ୟମ ଜାରି ରଖିଥିଲେ ବୋଲି ବକ୍ତାମାନେ କହିଛନ୍ତି। ଡ. ରାୟ ବିଦାୟୀ ଭାଷଣରେ କଲେଜରେ ଥିବା ଆତ୍ମୀୟତା ଭାଇଚାରା ସାରା ଜୀବନ ଭୁଲିପାରିବେ ନାହିଁ ବୋଲି କହିଥିଲେ। ସଭାକୁ ଅଧାପିକା ପ୍ରଜ୍ଞା ପାରମିତା ମହାପାତ୍ର ପରିଚାଳନା କରିଥିଲେ।

## ମଙ୍ଗଳାଯୋଡ଼ି ରାସ୍ତାରେ ୧୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୮।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପୋଲିସ, ଏସ୍‌ଟିଏଫ୍ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମଙ୍ଗଳବାର ଟାଙ୍ଗୀ ପୋଲିସ ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ଦୀପକ ଭାରିମଲ୍ଲ ଓ ରବି ଚନ୍ଦ୍ର ବରାଳ। ଏମାନଙ୍କ ଠାରୁ ୧୮.୪୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୭୫ହଜାର ଟଙ୍କା ହେବ। ଅଭିଯୁକ୍ତଦ୍ୱୟ ପଲିଥିନ ପ୍ୟାକେଟରେ ବ୍ରାଉନସୁଗାର ଭର୍ତ୍ତି କରି ଗ୍ରାମାଞ୍ଚଳରେ ବିକ୍ରି କରୁଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୩୧/୨୩)ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦିଗ୍ ବିଜୟ ବିଶ୍ୱାଳ କହିଛନ୍ତି।



ସି-ସୋର୍ ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମାମଲାର ସିବିଆଇ ତଦନ୍ତ ଶିଥିଳତା ପ୍ରତିବାଦରେ ମଙ୍ଗଳବାର କଟକ-ଚୌଦ୍ୱାର ନାଗରିକ ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପୂର୍ବତନ କନିଷ୍ଠ କିରାଣିଙ୍କୁ ଦେଢ଼ ବର୍ଷ ଜେଲ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ଲାଞ୍ଚ କାରବାର ମାମଲା**

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ଏକ ଲାଞ୍ଚ କାରବାର ମାମଲାର ରାୟ ଶୁଣାଇଛନ୍ତି। ମାମଲାରେ ଅଭିଯୁକ୍ତ ଥିବା ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣି ଲଡୁକେଶ୍ୱର ପ୍ରସାଦ ମହାପାତ୍ରଙ୍କୁ ୧ ବର୍ଷ ୬ ମାସ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ସନ୍ତୋଷ କୁମାର ପ୍ରଧାନଙ୍କ ବୋଲେରୋକୁ ନେଇ ତାଙ୍କ ଡ୍ରାଇଭର ୨୦୧୦ ମାର୍ଚ୍ଚ ୧୩ରେ ଯାଉଥିବାବେଳେ ପିପିଲି ନିକଟରେ ଆର୍‌ଟିଓ ଯାଞ୍ଚ କରିଥିଲେ। ଗାଡ଼ିର କାଗଜପତ୍ର ଠିକ ନ ଥିବାରୁ ଅଧିକାରୀମାନେ ଏକ ଚାଲାଣ କାଟିବା ପରେ ପୁରୀ ଆର୍‌ଟିଓ କାର୍ଯ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଜରିମାନା ଦେବାକୁ କହିଥିଲେ। ସନ୍ତୋଷ ମେ ୧୩ରେ ଆର୍‌ଟିଓ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ଚାଲାଣ ଟଙ୍କା ଭରିଥିଲେ। ତେବେ ଏଥିପାଇଁ ପାଇବାକୁ ଥିବା ରସିଦ୍‌କୁ ତତ୍କାଳୀନ କନିଷ୍ଠ କିରାଣି ଲଡୁକେଶ୍ୱର ଦେଇ ନ ଥିଲେ। ରସିଦ୍ ପାଇଁ ୧୦୦ ଟଙ୍କା ଲାଞ୍ଚ ମାଗିବାରୁ ସନ୍ତୋଷ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହାର ପରଦିନ ଅର୍ଥାତ ମେ ୧୪ରେ ଆର୍‌ଟିଓ କାର୍ଯ୍ୟାଳୟରେ ସନ୍ତୋଷଙ୍କଠୁ ଲଡୁକେଶ୍ୱର ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୫ /୨୦୧୦) ରୁଜୁ କରାଯାଇ ଅଭିଯୁକ୍ତ ଲଡୁକେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୯ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରୁଥିଲେ।

## ବାଲ୍ୟ ବିବାହ, ଆଇସିଓଡବ୍ଲ୍ୟୁର ଭୂମିକା ଶୀର୍ଷକ କର୍ମଶାଳା

ଖୋର୍ଦ୍ଧା ଅଫିସ,୨୮।୨

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ କିଶୋର ନ୍ୟାୟ ଆଇନ, ବାଲ୍ୟ ବିବାହ ନିଷେଧ, ପୋକ୍ସୋ ଆଇନର ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟ୍‌ର ଭୂମିକା ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଏସପି(ଆଇନ ଶୃଙ୍ଖଳା) ବିଷ୍ଣୁଚରଣ ପତି ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ବାଣିଶ୍ରୀ ପଟ୍ଟନାୟକ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲାର ସମସ୍ତ ଥାନା ଅଧିକାରୀ ଯୋଗଦେଇଥିଲେ। ତାଲିମଦାତା ଭାବେ ଭୁବନେଶ୍ୱର କୋର୍ଟର ଏପିପି ବିଶ୍ୱେସୋରି ମହାନ୍ତି, ଜିଲା ଆଇନସେବା ପ୍ରାଧିକରଣ ସଚିବ ସୌଦାମିନି ସିଂ ପ୍ରମୁଖ ଯୋଗଦେଇ ଉପରୋକ୍ତ ଆଇନର ବିଭିନ୍ନ ପ୍ରସଙ୍ଗ ଉପରେ ବୁଝାଇଥିଲେ। ଭିକ୍ଟିମ କମ୍ପେନସେଶନ(ପୀଡିତା କ୍ଷତିପୂରଣ)କାମ କରିବା ପାଇଁ ସମସ୍ତ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ସଭ ତ ଥିଲେ। ଜିଲା ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟ୍‌ର ଅଧ୍ୟକ୍ଷା ତଥା ଡିଏସପି(ଆଇସିଓଡବ୍ଲ୍ୟୁ) ମିନାକ୍ଷୀ ଠାକୁର ସଂଯୋଜନା କରିଥିବା ବେଳେ ୟୁନିଟ୍‌ର ଏଲପିଓ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବଡ଼ଗଡ଼-ଜଗନ୍ନାଥ ଆଶ୍ରମ ଚାରିଥାକିଆ ରାସ୍ତାର ଭିତ୍ତିପ୍ରସ୍ତର

ପୁରୁଣା ଭୁବନେଶ୍ୱର,୨୮।୨(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ବଡ଼ଗଡ଼ ଛକଠାରୁ ଜଗନ୍ନାଥ ଆଶ୍ରମ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ଚାରିଥାକିଆ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଚାରିଥାକିଆ ରାସ୍ତା ନିର୍ମାଣ ହେଲେ ବଡଗଡ, ବଡଗଡ ବ୍ରିଟ, ପାଣ୍ଡବ ନଗର, ଇଏ କଲୋନୀ, କଳିଙ୍ଗ ବିଜୁ ଆଦର୍ଶ କଲୋନୀ ଅଞ୍ଚଳବାସୀ ଉପକୃତ ହେବେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଅଜିତ ବେହେରା, ସନ୍ତୋଷ ସିଂ, ପୂର୍ବତନ କର୍ପୋରେଟର ଅଶୋକ କୁମାର ସିଂହ, ପରମେଶ୍ୱର ଧଳ, ମନୋଜ କୁମାର ପାଢ଼ୀ, ଶିଖର ଦାଶ, ଭାରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ପରିବେଶ ପାଇଁ ସଚେତନତା ଜରୁରୀ



କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୮।୨ (ବ୍ୟୁରୋ)

ସୁଇଚ୍ ଅନ୍ ଫାଉଣ୍ଡେଶନ ଏବଂ ପ୍ରେରଣା ପକ୍ଷରୁ ମଙ୍ଗଳବାର ସାଇକେଲ ଶୋଭାଯାତ୍ରା ଓ ଜନ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରିବେଶ ସଚେତନତା ସୃଷ୍ଟି କରିବା ଏବଂ ଜଳବାୟୁ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ସାଇକେଲ ଯାତ୍ରା ଆୟୋଜିତ ହୋଇଥିଲା। ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ରାଜ୍ୟ ମୁଖ୍ୟାଳୟଠାରୁ ସାଇକେଲ ଯାତ୍ରା ଆରମ୍ଭ ହୋଇ ରାମମନ୍ଦିର ପାଖରେ ଶେଷ ହୋଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ. ମୁରୁଗେସନ ଯୋଗଦେଇ କହିଲେ, ଓଡ଼ିଶା ଏକ ଜଳବାୟୁ ସଙ୍କଟାପନ୍ନ ରାଜ୍ୟ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ଜଳବାୟୁ ପରିବର୍ତ୍ତନ ରୋକାଯିବା ଜରୁରୀ। ଅନୁଷ୍ଠାନର ଏଭଳି ପ୍ରୟାସ ଦ୍ୱାରା ଜନସଚେତନତା ସୃଷ୍ଟି ହେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରେରଣା ମିଳିବ ବୋଲି ମତ ରଖିଥିଲେ। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଯୋଗଦେଇ, ଫାଉଣ୍ଡେଶନର ଏଭଳି ଅଭିଯାନ ଓଡ଼ିଶାର କୃଷକ ଏବଂ ଯୁବକମାନଙ୍କୁ ଜଳବାୟୁ କାର୍ଯ୍ୟରେ ବିଭିନ୍ନ ଆଭିମୁଖ୍ୟରେ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ, ପ୍ରେରଣାର ପ୍ରତିଷ୍ଠାତା ଡ. ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟାନ କୃଷି କେନ୍ଦ୍ର ପରିଦର୍ଶନ କଲେ ଆପିକଲ ଅଧ୍ୟକ୍ଷ

ବାରଙ୍ଗ,୨୮।୨(ଡି.ଏନ୍.ଏ.)

ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ମଙ୍ଗଳବାର ଡେରାସଠାରେ ଥିବା ଉଦ୍ୟାନ କୃଷିଫାର୍ମର ୧୦ଏକର ପରିମିତ ଜାଗାରେ ହୋଇଥିବା ପିଜୁଳି ଚାଷ, କଳାମିଚାରା ଉତ୍ପାଦନ କେନ୍ଦ୍ର, ମହୁଚାଷ, ଛାୟାଗୃହରେ ଅମୃତଭଣ୍ଡା, କଦଳୀ ଚାଷ ସହ ନୂତନ ଭାବେ କରାଯାଇଥିବା ସେଓ ଫଳ ଚାଷ, ସବୁଜ ଗୃହରେ ମୃତ୍ତିକା ବିହନ, ପନିପରିବା ଚାରା ଉତ୍ପାଦନ କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ। ଆପିକଲ ସହାୟତାରେ ୩୦ଜଣଙ୍କୁ ନେଇ ଚାଲିଥିବା କୃଷି ଉଦ୍ୟୋଗୀ ପ୍ରଶିକ୍ଷଣ ଉଦ୍‌ଯାପାନୀ ଦିବସରେ ସଫଳ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁ, ଆପିକଲର ସ୍କିମ ଅଫିସର ସନ୍ତୋଷ ମିଶ୍ରଙ୍କ ସମେତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ।


ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର କୃଷିଫାର୍ମ ବୁଲି ଦେଖୁଛନ୍ତି।

## ଘୁମୁସରକୁ ଜିଲା ମାନ୍ୟତା ମିଳୁ

**ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ**

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଘୁମୁସରକୁ ଜିଲା ମାନ୍ୟତା ଦେବାକୁ ପୁଣି ଦାବି ଉଠିଛି। ଘୁମୁସର ଜିଲା ଗଠନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ଉତ୍କଳ ସାମ୍ବାଦିକ ସଂଘଠାରେ ଘୁମୁସର ଜିଲା ଦାବି କ୍ରିୟାନୁଷ୍ଠାନ କମିଟି, ଭଞ୍ଜନଗର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଘୁମୁସରକୁ ଜିଲା ମାନ୍ୟତା ଦେବାକୁ ୧୯୯୩ ମସିହାରୁ ଦାବି ହୋଇଆସୁଛି। ଏନେଇ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ଘୁମୁସର ଜିଲା ଗଠନର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏଥିପାଇଁ ଉପଜିଲାପାଳଙ୍କ ସ୍ତରରୁ ଆବଶ୍ୟକ ରିପୋର୍ଟ ମଗାଇଥିଲେ। ଏହି ଜିଲା ଗଠନ ସପକ୍ଷରେ ଆବଶ୍ୟକ ଭିତ୍ତିଭୂମି ଥିବା ଦର୍ଶାଇ ୨୦୦୬ରେ ଜିଲାପାଳଙ୍କୁ ଉପଜିଲାପାଳ ରିପୋର୍ଟ ଦେଇଥିଲେ। ରାଜସ୍ୱ ବିଭାଗ ବାରମ୍ବାର ଚିଠି ଲେଖି ବୋର୍ଡ ଅଫ୍ ରେଭିନ୍ୟୁକୁ ରିପୋର୍ଟ ମାଗି ତତ୍ପରତା ପ୍ରକାଶ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ତତ୍କାଳୀନ ରାଜସ୍ୱ ପରିଷଦ କମିଶନର ତଥା ସଚିବ ପ୍ରତିକୂଳ ମତ ଦେଇ ୨୦୧୦ରେ ସରକାରଙ୍କୁ ଚିଠି ଲେଖିଥିଲେ ଯେ, ‘ନୂତନ ଘୁମୁସର ଜିଲା ଗଠନର ସୁଯୋଗ ଦେଲେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଭଳି ଅବିଭକ୍ତ ଜିଲା ସବୁ ନୂଆ ଜିଲା ଦାବି କରିବେ। ଅଯଥା ପ୍ରଶାସନିକ ଅସ୍ଥିରତା ଦେଖାଦେବ। ତେଣୁ ବର୍ତ୍ତମାନ ପାଇଁ ଘୁମୁସର ଜିଲା ସୃଷ୍ଟି କରିବା ଉଚିତ୍ ହେବନାହିଁ। ଏହାପରେ ସରକାର ଆଉ ଜିଲା ଗଠନ ହେବାକୁ ସୁଯୋଗ ଦେଲେନାହିଁ। କିନ୍ତୁ ସମ୍ପ୍ରତି ପଦ୍ମପୁର ଜିଲା ଘୋଷଣା ହେବା ପ୍ରକ୍ରିୟା ମଧ୍ୟରେ ପୁଣି ଘୁମୁସର ଜିଲା ଦାବି ପୂରଣ ହେବାର ସୁଯୋଗ ଆସିଛି। ଏହି ପରିପ୍ରେକ୍ଷୀରେ ଘୁମୁସରକୁ ଜିଲା ମାନ୍ୟତା ଦିଆଯିବାକୁ ଦାବି କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ, ଯୁବ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବିଶୋୟୀ, ଘୁମୁସର ସିଭିଲ ସୋସାଇଟି ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ହରେକୃଷ୍ଣ ସାହୁ, ବାଲ୍ମୀକି ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଫେସର ଶିବରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଘୁମୁସର ଜିଲା ଦାବି କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

# ପାନୀୟଜଳ ସମସ୍ୟା ସମାଧାନକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୮।୨**

ଏବେଠାରୁ ତାପମାତ୍ରା ବଢ଼ିଲାଣି। ଗ୍ରୀଷ୍ମଜନିତ ଅଂଶୁଘାତ ଓ ଜଳକଷ୍ଟ ନିରାକରଣ ଲାଗି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଂଶୁଘାତ ମୁକାବିଲା ଏବଂ ଜଳ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଅଂଶୁଘାତକୁ କିପରି ରୋକାଯାଇପାରିବ ଏବଂ ଖରାଦିନେ ବିଭିନ୍ନ ଗ୍ରାମାଞ୍ଚଳସ୍ତରରେ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳର ବ୍ୟବସ୍ଥା କରାଯାଇପାରିବ ତାହାର ପ୍ରତିକାର ଲାଗି ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ତହସିଲଦାରମାନେ ପାନୀୟଜଳ ସମସ୍ୟା ସଙ୍କଟ ଗ୍ରାମ ଏବଂ ୱାର୍ଡଗୁଡିକୁ ଚିହ୍ନଟ କରିବେ। ଚିହ୍ନଟ ଗ୍ରାମ, ୱାର୍ଡରେ ପାନୀୟଜଳ ଯୋଗାଣ ଲାଗି ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବେ। ଜଳସେଚନ ନିର୍ବାହୀ ଯନ୍ତ୍ରୀ କେନାଲଗୁଡ଼ିକରେ ଆବଶ୍ୟକ ମୁତାବକ ଜଳସେଚନ ବ୍ୟବସ୍ଥା କରିବେ। ପ୍ରତି ବ୍ଲକକୁ ଟ୍ୟାଙ୍କର ଦ୍ୱାରା ପାନୀୟଜଳ ଯୋଗାଣ ଏବଂ ପ୍ରତି ପଞ୍ଚାୟତରେ ରହିଥିବା ଅଚଳ ନଳକୂପ ମରାମତି କରାଯିବ। ୱାଟ୍‌କୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଅନୁରୂପ ଭାବେ ସହରାଞ୍ଚଳରେ ପାନୀୟଜଳ ପାଇଁ ପଦକ୍ଷେପ ଗ୍ରହଣ କରିବେ। ଜନଗହଳି ସ୍ଥାନରେ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଜଳଛତ୍ର ଖୋଲାଯିବ। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବେ। ସମସ୍ତ ପ୍ରଶାସନିକ ଅଧିକାରୀ ନିଜସ୍ତରରେ ଜଳଛତ୍ର ଖୋଲିବା ପୂର୍ବରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀଙ୍କଠାରୁ ଅନୁମତି ନେବେ। ଜଳଛତ୍ର ଦାୟିତ୍ୱରେ ଜଣେ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯିବ। ଜିଲାସ୍ତରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନୋଡାଲ ଅଫିସର ଥିବା ବେଳେ ବ୍ଲକସ୍ତରରେ ବିଡିଓ ଦାୟିତ୍ୱରେ ରହିବେ। ଅଂଶୁଘାତ ମୁକାବିଲା ଲାଗି ଜିଲା ଓ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ରେଜିଷ୍ଟ୍ରିଭୁକ୍ତ କରାଯିବ। ପାଣିରେ ଆଇରନ୍ ଓ ମିନେରାଲର ପରିମାଣ ଅଧିକ ରହୁଥିବାରୁ ଛୁଟିଦିନରେ ଶୁଦ୍ଧ କରାଯାଇ ସ୍କୁଲ ଓ କଲେଜକୁ ବିଶୁଦ୍ଧ ପାଣି ଯୋଗାଣ ବ୍ୟବସ୍ଥା ଲାଗି ଜିଲା ଶିକ୍ଷାଧିକାରୀ ଏବଂ ମଣ୍ଡଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଖରାଦିନେ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲ୍‌ଟେଜ୍‌ଜନିତ ସମସ୍ୟା ଦୂର ଉପରେ ବିଦ୍ୟୁତ୍ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ସ୍କୁଲ, କଲେଜ ଏବଂ ଆଶା ଓ ଅଙ୍ଗନୱାଡି କେନ୍ଦ୍ରକୁ ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ୍ ଯୋଗାଇବା, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ମେଡିକାଲରେ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ଖୋଲିବା ପାଇଁ ସିଡିଏମ୍ଓ ବ୍ୟବସ୍ଥା କରିବେ। ଖରାଦିନେ ପଶୁପକ୍ଷୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇଦେବା ଲାଗି ଜିଲା ପ୍ରାଣୀ ଓ ପଶୁସମ୍ପଦ ବିଭାଗକୁ ପରାମର୍ଶ ଦିଆଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାରମାନେ ଅନ୍‌ଲାଇନରେ ଯୋଗଦେଇଥିଲେ।



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

**ଅଂଶୁଘାତ ଓ ଜଳକଷ୍ଟ ନିରାକରଣ ବୈଠକ**

- ଜଳକ୍ଲିଷ୍ଟ ଗ୍ରାମ ଚିହ୍ନଟ କରାଯିବ
- ଜିଲା ଓ ବ୍ଲକସ୍ତରରେ ଖୋଲିବ କଣ୍ଟ୍ରୋଲରୁମ
- ଜନଗହଳି ସ୍ଥାନରେ ଖୋଲିବ ଜଳଛତ୍ର
- ମେଡିକାଲରେ ଖୋଲିବ ଅଂଶୁଘାତ ୱାର୍ଡ

## ସଂକ୍ଷେପରେ

### ବଘେଇପୁଟରେ ସିରିଜ୍ ଚୋରି



ନିରାକାରପୁର,୨୮।୨(ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ସରପାରି ପଞ୍ଚାୟତ ବଘେଇପୁଟ ଗାମରେ ସୋମବାର ରାତିରେ ସିରିଜ ଚୋରି ହୋଇଛି। ଏନେଇ ଗ୍ରାମର ଦିବାକର ଶତପଥୀ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦିବାକରଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲା। ପରେ ଦୁର୍ବୃତ୍ତ ଆଲମିରା ଭାଙ୍ଗି ୪୦ହଜାର ଟଙ୍କା ଓ ୫୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନାଅଳଙ୍କାର ନେଇଯାଇଛି। ଅନୁରୂପଭାବେ ଉକ୍ତ ଗ୍ରାମର ମହେଶ୍ୱର ସେଠୀ ଓ ଉପେନ୍ଦ୍ର ମଙ୍ଗରାଜଙ୍କ ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଠିକ୍‌ଭାବେ ହେଉ ନ ଥିବାରୁ ବାରମ୍ବାର ଚୋରି ହେଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

### ୧୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ,୨ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୮।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପୋଲିସ, ଏସ୍‌ଟିଏଫ୍ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମଙ୍ଗଳବାର ଟାଙ୍ଗୀ ପୋଲିସ ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ଦୀପକ ଭାରିମଲ୍ଲ ଓ ରବି ଚନ୍ଦ୍ର ବରାଳ। ଏମାନଙ୍କ ଠାରୁ ୧୮.୪୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୭୫ହଜାର ଟଙ୍କା ହେବ। ଅଭିଯୁକ୍ତଦ୍ୱୟ ପଲିଥିନ ପ୍ୟାକେଟରେ ବ୍ରାଉନସୁଗାର ଭର୍ତ୍ତି କରି ଗ୍ରାମାଞ୍ଚଳରେ ବିକ୍ରି କରୁଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୩୧/୨୩)ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦିଗ୍ ବିଜୟ ବିଶ୍ୱାଳ କହିଛନ୍ତି।

### ଜଳିଗଲା ୨ ବଖରା

ଗମ୍ଭାରୀମୁଣ୍ଡା,୨୮।୨(ଡି.ଏନ୍.ଏ.): ବାଣପୁର ବ୍ଲକ ଅନ୍ତର୍ଗତ ତୋଟାଗାଁ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୨ ବଖରା ଜଳିଯାଇଛି। ତୋଫାନ ଜେନା ଏବଂ ବ୍ରଜ ପ୍ରଧାନଙ୍କ ଦୁଇ ବଖରା ପୋଡ଼ିଯାଇଥିବା ବେଳେ ବହୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ବାଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### ଜାଗେଶ୍ୱରୀ କ୍ଲବର ବାର୍ଷିକୋତ୍ସବ

ଜଟଣୀ,୨୮।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ରଙ୍ଗଣିସାହିସ୍ଥିତ ଜାଗେଶ୍ୱରୀ ୟୁଥ୍ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସଞ୍ଜୟ କୁମାର ବରିସଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ରାଜେନ୍ଦ୍ର ପ୍ରସାଦ ସୋନୀ ଏବଂ ଜଗଦୀଶ ପ୍ରସାଦ ଅଗ୍ରୱାଲ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବର୍ଷ ପରି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିରାକାର ସାମନ୍ତରାୟ, ସମ୍ପାଦକ ରମେଶ ଚନ୍ଦ୍ର କୋଦମାସିଂ, ରାଜେଶ ପ୍ରଧାନ, ସନ୍ତୋଷ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

### ଖେଳନା ପ୍ରସ୍ତୁତି କର୍ମଶାଳା

ଜଟଣୀ,୨୮।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ଖେଳନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହାଟବଜାର କ୍ଲଷ୍ଟର ସ୍ତରୀୟ ସିଆର୍‌ସିସି ମାନଗୋବିନ୍ଦ ସାହୁ, ବିଆରସିସି ପୂର୍ଣ୍ଣଚନ୍ଦ୍ର ବେହେରା, ବିଇଓ ରଶ୍ମିବାଳା ପରିଡା, ଏବିଇଓ ବିଭୁତି ଭୂଷଣ ଜେନା ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ତାଳପତ୍ର, ଧାନ, କାଠ ଓ କାଗଜକୁ ବ୍ୟବହାର କରି କିପରି ଆକର୍ଷଣୀୟ ଖେଳନା ପ୍ରସ୍ତୁତି କରାଯାଇପାରିବ ସେନେଇ କର୍ମଶାଳା ଆୟୋଜନ କରାଯାଇଥିଲା। ତାଳପତ୍ର କାମରେ ଆରପି ପବିତ୍ର ନାୟକ, ଧାନର ସୂକ୍ଷ୍ମ କାମରେ ଧରିତ୍ରୀ ଶ୍ରୀୟାଂଶୁ ନାୟକ, କାଠ କାର୍ଯ୍ୟରେ ସୁବାସ ମହାରଣା, ତମଣ୍ଡ ତାଳପତ୍ର କାମରେ ଶକୁନ୍ତଳା ନାୟକ, କାଗଜ କଣ୍ଢେଇ କାମରେ ଆରପି ସୁଚିତ୍ରା ରାଓ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରାଙ୍କ ସମେତ ପୌରାଞ୍ଚଳର ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ରାସ୍ତାରେ ଜଳିଗଲା ହାଇୱା



**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ପଟିଆ କିଟ୍ ଛକ ନିକଟରେ ଏକ ମଙ୍ଗଳବାର ଭୋର ପ୍ରାୟ ୫ଟା ୨୦ରେ ଏକ ହାଇୱା (ନଂ. ଓଡି ୦୫ଟି-୯୯୨୨) ଜଳିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ତେବେ ଅଗ୍ନିକାଣ୍ଡରେ ହାଇୱାଟି ପୋଡ଼ି ୫୦ ପ୍ରତିଶତ ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ଉକ୍ତ ହାଇୱାଟି ଜୟଦେବ ବିହାର ପଟୁ କିଟ୍ ଆଡ଼କୁ ଯାଉଥିଲା। କିଟ୍ ଛକ ନିକଟରେ ଏକ ଗାଡ଼ିକୁ ହାଇୱାଟି ଧକ୍କା ଦେଇଥିଲା। ଉକ୍ତ ଗାଡ଼ିଟି ପଳାଇଯାଇଥିବା ବେଳେ ହାଇୱାରେ ନିଆଁ ଲାଗିଯାଇଥିଲା ବୋଲି ସ୍ଥାନୀୟ ଲୋକଙ୍କୁ ପକ୍ଷରୁ ସୂଚନା ମିଳିଛି।

# 'କଳା, ସଂସ୍କୃତି ସମ୍ପର୍କ ଗଢ଼ିବାରେ ସହାୟକ ହୁଏ'





ଆଞ୍ଚଳିକ ଲୋକ କଳା ଓ ପ୍ରତିଧ୍ୱନି ପ୍ରତିଭା ସମ୍ମାନ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଜଟଣୀ,୨୮।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ପ୍ରତିଧ୍ୱନି କଳାସଂସଦ ପକ୍ଷରୁ ଟାଉନ ହଲ୍ ସ୍ରଷ୍ଟା ପରିସରରେ ଆଞ୍ଚଳିକ ଲୋକ କଳା ଉତ୍ସବ ଓ ପ୍ରତିଧ୍ୱନି ପ୍ରତିଭା ସମ୍ମାନ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଗୁରୁଶ୍ରୀ ନରେନ୍ଦ୍ର କୁମାର ରାଜଗୁରୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା (ମୁନା)ଖାଁ, ସମ୍ମାନିତ ଅତିଥି ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ବିଜେଡି ଜିଲା କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। କଳା ଓ ସଂସ୍କୃତି ଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ସମ୍ପର୍କ ସ୍ଥାପନ ହେବା ସହିତ ଅଞ୍ଚଳର ବିକାଶରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ସମ୍ପାଦକ ଗୋପବନ୍ଧୁ ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସୌଜନ୍ୟରେ ଏବଂ ପ୍ରତିଧ୍ୱନି ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଧ୍ୱନି ପ୍ରତିଭା ସମ୍ମାନ-୨୦୨୩ ମଧ୍ୟ ପ୍ରଦାନ କରାଯଇଥିଲା।

# ବାଲ୍ୟ ବିବାହ, ଆଇସିଓଡବ୍ଲ୍ୟୁର ଭୂମିକା ଶୀର୍ଷକ କର୍ମଶାଳା

**ଖୋର୍ଦ୍ଧା ଅଫିସ,୨୮।୨**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ କିଶୋର ନ୍ୟାୟ ଆଇନ, ବାଲ୍ୟ ବିବାହ ନିଷେଧ, ପୋକ୍‌ସୋ ଆଇନର ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟ୍‌ର ଭୂମିକା ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ପି(ଆଇନ ଶୃଙ୍ଖଳା) ବିଷ୍ଣୁଚରଣ ପତି ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ବାଣିଶ୍ରୀ ପଟ୍ଟନାୟକ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଜିଲାର ସମସ୍ତ ଥାନା ଅଧିକାରୀ ଯୋଗଦେଇଥିଲେ। ତାଲିମ୍‌ଦାତା ଭାବେ ବିଶ୍ୱେସୋରି ମହାନ୍ତି, ଜିଲା ଆଇନସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ ପ୍ରମୁଖ ଯୋଗଦେଇ ଉପରୋକ୍ତ ଆଇନର ବିଭିନ୍ନ ପ୍ରସଙ୍ଗ ଉପରେ ବୁଝାଇଥିଲେ। ଭିକ୍ଟିମ କମ୍ପେନସେସନ(ପୀଡ଼ିତା କ୍ଷତିପୂରଣ)କାମ କରିବା ପାଇଁ ସମସ୍ତ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ସଭ୍ୟା ସୁନିତା ପଣ୍ଡା ଉପସ୍ଥିତ ଥିଲେ। ଜିଲା ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟ୍‌ର ଅଧ୍ୟକ୍ଷା ତଥା ଡିଏସ୍‌ପି(ଆଇସିଓଡବ୍ଲ୍ୟୁ) ମୀନାକ୍ଷୀ ଠାକୁର ସଂଯୋଜନା କରିଥିବା ବେଳେ ୟୁନିଟ୍‌ର ଏଲ୍‌ପିଓ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ





ଏଏପି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଖୋର୍ଦ୍ଧା ଅଫିସ,୨୮।୨**

ଆମ୍ ଆଦ୍‌ମୀ ପାର୍ଟି(ଏଏପି)ଖୋର୍ଦ୍ଧା ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଏଏପି କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମିଶନ ଶକ୍ତିରେ ସହାୟକ ଷ୍ଟାଫ୍ ଭାବେ ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କମିତ୍ରମାନେ ଦଶବର୍ଷ ଧରି କାମ କରୁଥିବା ବେଳେ ସେମାନଙ୍କ ଦରମା ବୃଦ୍ଧି ନ ହେବା କ୍ଷୋଭର ବିଷୟ, ସେମାନଙ୍କ ପ୍ରାପ୍ୟ ତୁରନ୍ତ ଦିଆଯାଉ। ପଞ୍ଚାୟତସ୍ତରରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ତେବେ ସେମାନଙ୍କୁ ସ୍ଥାୟୀ ଚାକିରି ଦିଆ ନ ଯିବା ଓ ଦରମା ବୃଦ୍ଧି ନ ହେବା ସରକାରଙ୍କ କର୍ମଚାରୀ ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି। ପୂର୍ବରୁ ମଧ୍ୟ ଅଲ୍ ଓଡ଼ିଶା ଜିପିଏଲଏଫ୍ ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ ମଧ୍ୟ ସମାନ ଦାବିରେ ନିକଟରେ ରାଜରାସ୍ତାକୁ ଓହ୍ଲାଇଥିଲା। ସରକାର କିଭଳି ସେମାନଙ୍କ ଦାବି ପୂରଣ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଶୁଭାଶିଷ ସ୍ୱାଇଁଙ୍କ ନେତୃତ୍ୱରେ ସୁନୀଲ ଷଡ଼ଙ୍ଗୀ, ପ୍ରଶାନ୍ତ ରଣସିଂଙ୍କ ସମେତ ବିଭିନ୍ନ ଅଞ୍ଚଳର କର୍ମକର୍ତ୍ତା ବିକ୍ଷୋଭରେ ସାମିଲ ହୋଇଥିଲେ।

# ଖେଳଣା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବୋଲଗଡ଼,୨୮।୨(ଡି.ଏନ୍.ଏ.)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଗେଡ଼ିଆପଲ୍ଲୀ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଦୁଇଦିନିଆ ଆମ ସଂସ୍କୃତି ଓ ଖେଳଣା ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୋଦୁଅବେରେଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରତ୍ନପ୍ରଭା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧଳାପଥର ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ଗେଡ଼ିଆପଲ୍ଲୀ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ରଙ୍ଗିନ କାଗଜରେ ତିଆରି ଝାଲେରି ଓ ଫୁଲ, ମାଟି ତିଆରି କଣ୍ଢେଇ, ବର୍ଜ୍ୟବସ୍ତୁରୁ ତିଆରି ଖେଳନା, ବାଉଁଶରୁ ପ୍ରସ୍ତୁତ ଭୋଗେଇ ଓ ଚାଙ୍ଗୁଡ଼ି ଆଦି ସାମଗ୍ରୀ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଧରମୁଧର ଜୁଝାରସିଂ, ଭାଗୀରଥି ଦାସ, ସୂର୍ଯ୍ୟକାନ୍ତ ପ୍ରଧାନ, ଲକ୍ଷ୍ମୀଧର ରଣା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଖେଳଣା ଦ୍ୱାରା ଶିକ୍ଷା ଦାନ କଲେ ଶିଶୁଙ୍କର ବୌଦ୍ଧିକ, ମାନସିକ ବିକାଶ ହୋଇପାରିବ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି।

# ସ୍ୱାସ୍ଥ୍ୟ ସଚେତନତା ଶିବିର

**କୃଷ୍ଣପ୍ରସାଦ,୨୮।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ା ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୦ରୁ ୧୯ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ନିରୋଗ ରହିବା ଦିଗରେ ୫ ଦିନିଆ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା ଉଦ୍‌ଘାଟନ କରିଥିଲେ। ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବିପିଏମ ସୁନିଲ କୁମାର ସାମନ୍ତସିଂହାର ପ୍ରମୁଖ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦାଶରଥି ଶତପଥୀ, ଡ.ପ୍ରଜ୍ଞାଶିଳା ବିଶୋଇ, ଡ.ଶୁଭଶ୍ରୀ ସାହୁ, ଟୁଇଙ୍କିଲ ପ୍ରିୟଦର୍ଶିନୀ, ଅନିମା ସ୍ମୃତି ପ୍ରଜ୍ଞା ପ୍ରମୁଖ ପ୍ରଶିକ୍ଷିକଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

# ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା

**କୃଷ୍ଣପ୍ରସାଦ,୨୮।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ଅଲଣ୍ଡା ପଞ୍ଚାୟତ ପରିସରରେ ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକମାନଙ୍କର ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ହମାରା ବଚ୍‌ପନ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏକ୍ରିକ୍ ପ୍ରକଳ୍ପର ଦଳପତି ଅଶୋକ କୁମାର ନାୟକ ପ୍ରକଳ୍ପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ମାନସୀ ସାହୁ, ନାଏବ ସରପଞ୍ଚ ମମତା ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ସାହୁ, ଜିଆରଏସ୍ ତୁଷାରକାନ୍ତ ସାହୁ, ଲିଲି ବାରିକ, ବିଦ୍ୟୁଲତା ସାହୁ, ସୁକାନ୍ତ ପଲେଇ, ଦିଲୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇ ଜଳବାୟୁ ଉପଯୋଗୀ ଓ ସହନଶୀଳ ଜୀବିକା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏକ୍ରିକ ପ୍ରକଳ୍ପର ଆଞ୍ଚଳିକ ସଂଯୋଜକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହମାରା ବଚ୍‌ପନ୍ ଟ୍ରଷ୍ଟର କ୍ଲଷ୍ଟର ଅଧିକାରୀ ନଳିନୀକାନ୍ତ ବଡ଼ଜେନା, ପ୍ରତାପ ସେଠୀ, ସୁନୀଲ କୁମାର ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# 'ସଫଳତା ପାଇବା ପାଇଁ ଚେଷ୍ଟା ଜାରି ରଖ'

**ଖୋର୍ଦ୍ଧା ଅଫିସ/ବାଣପୁର,୨୮।୨ (ଡି.ଏନ୍.ଏ.)**

ଦୈନନ୍ଦିନ ଜୀବନ ଓ ସମାଜର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ନିମନ୍ତେ ବିଜ୍ଞାନର ଅବଦାନ ଅତୁଳନୀୟ । ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ବ୍ୟକ୍ତି ଅନ୍ଧ ବିଶ୍ୱାସର ବଶବର୍ତ୍ତି ହେଉଛନ୍ତି । ବିଫଳତାରେ ଭାଙ୍ଗି ନ ପଡି ସଫଳତା ପାଇବା ପାଇଁ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ସହଯୋଗରେ ସରକାରୀ ଗାମୁଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସୂର୍ଯ୍ୟ ସକଳ ଶକ୍ତିର ଆଧାର' ବିଷୟ ଆଧାରିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶ୍ରଦ୍ଧାଞ୍ଜଳି ନାୟକ ପ୍ରଥମ, ପ୍ରାଚିମୟୀ ସାହୁ ଦ୍ୱିତୀୟ, ପୁଷ୍ପାଞ୍ଜଳି ନାୟକ ତୃତୀୟ ଏବଂ ବୈଶାଖୀ ପ୍ରଧାନ, ରୁଦ୍ର ନାରାୟଣ ଘଡ଼ାଇ, ଆକାଶ ସାହୁ, ବର୍ଷା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସାହୁ, କଳ୍ପନା ନାୟକ, ସୁଚିତା ଘଡାଇଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମଞ୍ଜରୀ ଦେବୀ, ଶିକ୍ଷକ ହରିବନ୍ଧୁ ସାମନ୍ତରାୟ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନ, ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ମହାବିଦ୍ୟାଳୟର ବିଜ୍ଞାନ ସମାଜ ସହଯୋଗରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପାଠଚକ୍ରରେ ଅଧ୍ୟକ୍ଷ ବିନାୟକ ହୋତା ବିଜ୍ଞାନର ମହତ୍ୱ ଓ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶୂର ପ୍ରତାପ ନରେନ୍ଦ୍ର ସିଂବର୍ମା ବିଜ୍ଞାନ ଦିବସ ପାଳନର ଉପକାରିତା ଓ ଭବିଷ୍ୟତ ସମାଜରେ ବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସତ୍ତ୍ୱାଧିକାରୀ ସଞ୍ଜୟ କୁମାର ଦାସ ଶ୍ରୀଅରବିନ୍ଦ ଦର୍ଶନ ଓ ବିଜ୍ଞାନ ମଧ୍ୟରେ ଥିବା ସାମଞ୍ଜସ୍ୟ ସମ୍ପର୍କରେ ବୁଝାଇବା ସହିତ ବିଜ୍ଞାନ ଓ ଆଧ୍ୟାତ୍ମିକତାକୁ ଆଧାର କରି ଭାରତ ପୁଣି ବିଶ୍ୱଗୁରୁ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆନୁକୂଲ୍ୟରେ ପୁଷ୍ପ ପଦର୍ଶନୀ ଓ ଥ୍ରୀ ଡି ପଦର୍ଶନୀ କରାଯାଇଥିଲା। ଅଧ୍ୟାପକ ସପିନ କୁମାର ପୃଷ୍ଟି ସଭା ପରିଚାଳନା ଓ ଡ.ସୁଜାତା ମିଶ୍ର ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୨।୨୦୨୩

| | |
|---|---|
| ୪,୮୫,୬୩୩ଟଙ୍କା | |
| ସୁନା | ୯୫୦ ମିଲି ଗ୍ରାମ |
| ରୁପା | ୧୫ ଗ୍ରାମ |

# ଲୁଟେରା ଗ୍ୟାଙ୍ଗ୍ ଲିଡରଙ୍କ ସମେତ ୬ ଗିରଫ

ପୁରୀ ଅଫିସ,୨୮।୨



ପୁରୀ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି କେ. ବିଶାଳ ସିଂ ସୂଚନା ଦେଉଛନ୍ତି ।

ପୁରୀ ପୋଲିସକୁ ମଙ୍ଗଳବାର ଏକ ବଡ଼ଧରଣର ସଫଳତା ମିଳିଛି। ପୁରୀ ପୋଲିସର ୬ ଜଣ ଅଧିକାରୀଙ୍କୁ ନେଇ ଷ୍ଟ୍ରିଟ୍ କ୍ରାଇମ ପ୍ରିଭେନସନ୍ ଆଣ୍ଡ ଡେଡିକେଶନ ସେଲ ଗଠିତ ଟିମ୍‌କୁ ଏହି ସଫଳତା ମିଳିଛି। ସହରରେ ସକ୍ରିୟ ଥିବା ଲୁଟେରା ଗ୍ୟାଙ୍ଗର ବିହାରର ଲିଡରଙ୍କ ସମେତ ଅନ୍ୟ ଏକ ଗ୍ୟାଙ୍ଗର ୫ ଜଣଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୧୦୫ ମୋବାଇଲ ଜବତ କରିଛି। ୫ ଅଭିଯୁକ୍ତ ହେଲେ ସଦରଥାନା ଅନ୍ତର୍ଗତ ଅଠରନଳା ନୀଳଚକ୍ର ନଗରର ପପୁ ବାରିକ୍, ପେଣ୍ଠକଟା ମେରାଇନ ଥାନା ଅଞ୍ଚଳର ଧୀରଜ ସ୍ୱାଇଁ, ତାଳବଣିଆ ଥାନା ଅନ୍ତର୍ଗତ ବାଲିଘାଟର ହରିଚନ୍ଦନ ଦାସ, ଗଞ୍ଜାମ ଜିଲାର ଶିବା ଭୋଳ ଏବଂ ତାଳବଣିଆ ଥାନା ଅନ୍ତର୍ଗତ ହୁଳୁହୁଳିଆ ପୋଲ ନିକଟର ଗଙ୍ଗାଧର ଜେନା। ବିହାରର ଧରାପଡ଼ିଥିବା ଗ୍ୟାଙ୍ଗ ଲିଡରଙ୍କୁ ପୋଲିସ ସୋମବାର ଧରିଥିଲା ବୋଲି ପୋଲିସ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଡ.କନୱର ବିଶାଳ ସିଂ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ପୁରୀକୁ ପ୍ରତ୍ୟେକ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସହରରେ ହେଉଥିବା ବିଭିନ୍ନ ପ୍ରକାର ଲୁଟ୍‌କୁ ରୋକିବା ପାଇଁ ପୋଲିସ ପକ୍ଷରୁ ୬ଦକ୍ଷ ଅଫିସର କୁମ୍ଭାରପଡାର ଏସ୍‌ଆଇ ଦିବ୍ୟରଞ୍ଜନ ପଣ୍ଡା, ସିଂହଦ୍ୱାର ଥାନା ଏସ୍‌ଆଇ ବିକାଶ ପ୍ରଧାନ, ସମୁଦ୍ରକୂଳ ଥାନା ଏସ୍‌ଆଇ ଶିବାଶିଷ ଦାସ, ବାସେଳି ସାହି ଏସ୍‌ଆଇ ଟୁନା ଶବର, ସାଇବାର ସେଲ୍ ଏସଆଇ ଅଜୟ କୁମାର ନାୟକ ଏବଂ ଟାଉନ ଥାନା ଏଏସ୍‌ଆଇ ସୁନୀଲ ରଞ୍ଜନ ନାୟକଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା।

- ୧୦୫ ମୋବାଇଲ ଜବତ
- ପୋଲିସ ପକ୍ଷରୁ ପ୍ରଥମ ମୋବାଇଲ ମେଳା

ତେବେ ସୋମବାର ଏକ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ଲିଡରଙ୍କୁ ଗିରଫ କରିଥିଲା। ତେବେ କିଛି ଦିନ ତଳେ ଗ୍ୟାଙ୍ଗ ଲିଡର ନିଜ ୨ଜଣ ସହଯୋଗୀ ସହ ଭକ୍ତ ବେଶରେ ପୁରୀ ଆସି ଏକ ସ୍ଥାନରେ ରହିଥିଲେ। ସେମାନେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକଙ୍କଠାରୁ ମୋବାଇଲ ଲୁଟ୍ କରୁଥିଲେ। ତେବେ ଚୋରି କରିବା ସମୟରେ ପୋଲିସ ଗ୍ୟାଙ୍ଗର ଲିଡରଙ୍କୁ ଗିରଫ କରିବାରେ ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ସେହିପରି ମଙ୍ଗଳବାର ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଜଣ ଲୁଟେରାଙ୍କୁ ଗିରଫ କରିଛନ୍ତି। ଅପରପକ୍ଷେ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଖୋର୍ଦ୍ଧା ଓ ଭୁବନେଶ୍ୱର ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଲୁଟେରାଙ୍କଠାରୁ ୧୦୫ଟି ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଗିରଫ ୫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନରେ ଆପରାଧିକ ମାମଲା ରହିଛି। ସେହିପରି ମୋବାଇଲ ଚୋରି, ଛିନ୍ତାଇ ଓ ଲୁଟ୍ ଅଭିଯୋଗରେ ପୂର୍ବରୁ ବିଭିନ୍ନ ଥାନା ପକ୍ଷରୁ ୨୭ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ୬ଜଣ ପୋଲିସ ଅଧିକାରୀଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଟାଉନଥାନା ପରିସରରେ ପ୍ରଥମ ମୋବାଇଲ ମେଳା ଅନୁଷ୍ଠିତ ହୋଇଥିଲା। ଜବତ ହୋଇଥିବା ମୋବାଇଲଗୁଡ଼ିକୁ ପୁରୀର ସହରବାସୀଙ୍କୁ ୨୦ରୁ ଊର୍ଦ୍ଧ୍ୱ ଓ ରାଜ୍ୟ ବାହାରର ୭ଜଣ ମାଲିକଙ୍କୁ ଫେରାଇ ଦିଆଯାଇଛି। ସେହିପରି ପୁରୀବାସୀ ତଥା ପର୍ଯ୍ୟଟକ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ହେଲ୍ପଲାଇନ୍ ନମ୍ବର ୬୩୭୦୯୬୭୧୦୦ କିମ୍ବା ୧୧୨ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ଚୋରି ହୋଇଥିବା ମୋବାଇଲ ମାଲିକମାନଙ୍କୁ ମୋବାଇଲ ଫେରସ୍ତ କରାଯାଇଥିଲା। ଚୋରି ହୋଇଥିବା ମୋବାଇଲ ଫେରି ପାଇଥିବାରୁ ମହାମାୟା ଦାସ ପୋଲିସ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଏବଂ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ନିମାପଡ଼ା,୨୮।୨(ଡି.ଏନ୍.ଏ.)

ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ନୂଆପାଟଣା ଗ୍ରାମରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରରୁ ଚୋରି ହୋଇଥିବା ଗ୍ରାମବାସୀ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା (ନଂ. ୨୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଫାଟକର ଗ୍ରିଲ, ମୁଖ୍ୟ କବାଟ, ରୋଷଘର, ଷ୍ଟୋର ଘର ଆଦିର ତାଲା ଭାଙ୍ଗି ମନ୍ଦିରରେ ପଶି ଠାକୁରଙ୍କ ରୁପା ମୁକୁଟ, ହାର, ସୁନାଚେନ୍, ପିତଳ ହାଣ୍ଡି, ଥାଳି, ଘଣ୍ଟ, ଘଣ୍ଟା, ଡାଳ, ୨ଟି ପାଣି ମୋଟର ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସୋମବାର ରାତିରେ ଚୋରି କରିନେଇଛନ୍ତି। ସୂଚନା ମୁତାବକ, ଶ୍ରଦ୍ଧାଳୁମାନେ ମଙ୍ଗଳବାର ମନ୍ଦିରକୁ ଗଲାବେଳେ ମନ୍ଦିର ଓ ମୁଖ୍ୟ ଫାଟକର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଗ୍ରାମବାସୀ ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବରପାଇ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ଦୁର୍ବୃତ୍ତଙ୍କୁ ଠାବ କରାଯାଇ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଯାତ୍ରୀବାହୀ ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ନିମାପଡ଼ା,୨୮।୨(ଡି.ଏନ୍.ଏ.)- ନିମାପଡ଼ା-ଚାରିଛକ ରାସ୍ତାର ଖେଦରପୁର ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ୨ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ୨ ବାଇକ୍ ଆରୋହୀ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଡହବାରୀ ଗ୍ରାମର ରତ୍ନାକର ମଲ୍ଲିକ(୨୩) ଓ ଚୈତନ୍ୟ ମଲ୍ଲିକ (୧୮)। ରତ୍ନାକରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ବାଇକ୍ ଆରୋହୀ ଦୁହେଁ ଏକ ବାଇକ୍ ଯୋଗେ ନିମାପଡ଼ାରୁ ଅସ୍ତରଙ୍ଗ ଯାଉଥିଲେ। ଖେଦରପୁର ଛକ ନିକଟରେ ସେମାନଙ୍କୁ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ବାଇକ୍ ଧକ୍କାରେ ଅଙ୍ଗନୱାଡ଼ି କର୍ମୀ ଆହତ

ସାକ୍ଷୀଗୋପାଳ,୨୮।୨(ସ୍ୱ.ପ୍ର./ଡି.ଏନ୍.ଏ.)- ପୁରୀ- ଭୁବନେଶ୍ୱର ରାସ୍ତାର ସତ୍ୟବାଦୀ ଠାରେ ଏକ ବାଇକ୍ ଧକ୍କାରେ ସୋମବାର ଜଣେ ଅଙ୍ଗନୱାଡି କର୍ମୀ ଆହତ ହୋଇଛନ୍ତି। ସେ ହେଲେ ଦାଶବିଦ୍ୟାଧର ପଞ୍ଚାୟତର ତେରବାଟି ଗାଁର ଅଙ୍ଗନୱାଡି କର୍ମୀ ରଞ୍ଜୁକ୍ତା ବିଶ୍ୱାଳ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଛି। ସୂଚନା ମୁତାବକ, ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରଂଯୁକ୍ତା ବିଶ୍ୱାଳଙ୍କ ସମେତ ଅନେକ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ବୈଠକ ଶେଷ ହେବା ପରେ ରଂଯୁକ୍ତା ରାସ୍ତା ଉପରକୁ ଆସୁଥିଲେ। ସେହି ସମୟରେ ପୁରୀରୁ ଭୁବନେଶ୍ୱର ଯାଉଥିବା ଏକ ବାଇକ୍ ରଂଯୁକ୍ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ରଂଯୁକ୍ତା ଗୁରୁତର ହୋଇ ରାସ୍ତା ଉପରେ ଛିଟିକି ପଡିଥିଲେ। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

### ସ୍ୱର୍ଣ୍ଣ ପଦକ ବିଜୟୀ ବଡି ବିଲ୍ଡରଙ୍କୁ ଜିଲାପାଳଙ୍କ ସମ୍ବର୍ଦ୍ଧନା

ପୁରୀ ଅଫିସ ୨୮।୨ - କର୍ଣ୍ଣାଟକର ମାଙ୍ଗାଲୋରଠାରେ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ବଡି ବିଲ୍ଡିଂ ଚାମ୍ପିୟନଶିପ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ୭୫ରୁ ୮୦ କିଲୋ ବର୍ଗରେ ପୁରୀରୁ ଦିବ୍ୟ ଶୁଭ୍ରାଶିଷ ଚିନାରା ଅଂଶଗ୍ରହଣ କରିଥିଲେ। ତେବେ ଶୁଭ୍ରାଶିଷ ତାଙ୍କ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଜିଲାପାଳ ସମର୍ଥ ବର୍ମା ଚିନାରାଙ୍କୁ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ନିଷ୍ଠା, ଆନ୍ତରିକତା ଓ ପ୍ରତିବଦ୍ଧତାକୁ ବଜାୟ ରଖିବା ସହ ଜିଲା ତଥା ରାଜ୍ୟ ପାଇଁ ଆହୁରି ଅନେକ ଗୌରବ ଆଣିବା ପାଇଁ ସେ ଆଶା ବ୍ୟକ୍ତ କରିଥିଲେ। ଏହି ସମ୍ବର୍ଦ୍ଧନା ସମୟରେ ଅନ୍ୟମାନଙ୍କ ମଧରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ବାର୍ ଆସୋସିଏଶନ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଶାରଦା ପ୍ରସାଦ ସାମଲ, ସୁରଜ ମଲ୍ଲ ସାହା କଲେଜର ପିଇଟି ହରିହର କର ଏବଂ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମିଶନଶକ୍ତିର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଏଏପି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ବିଭିନ୍ନ ଦାବି ନେଇ ଏଏପିର ବିକ୍ଷୋଭ

ପୁରୀ ଅଫିସ ୨୮।୨

ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସ୍ଥାୟୀ ଚାକିରି ଏବଂ ଦରମା ବୃଦ୍ଧି ଦାବି କରି ଆମ୍ ଆଦମୀ ପାର୍ଟି(ଏଏପି) ପୁରୀ ଜିଲା ତରଫରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ବିକ୍ଷୋଭ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମିଶନ ଶକ୍ତିରେ ସହାୟକ ଷ୍ଟାଫ ଭାବେ କାମ କରୁଥିବା ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କମିତ୍ରମାନେ ଦୀର୍ଘ ୧୦ବର୍ଷ ଧରି କାମ କରୁଥିବା ବେଳେ ସେମାନଙ୍କୁ ସ୍ଥାୟୀ କରିବା ଓ ତାଙ୍କର ଦରମା ବୃଦ୍ଧି କରାଯାଉନି। ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ଏହି ଷ୍ଟାଫମାନଙ୍କୁ ଅଧିକ ଦାୟିତ୍ୱ ମିଳୁଥିବା ବେଳେ ଚାକିରି ସ୍ଥାୟୀ ନ କରିବା ଏବଂ ଦରମା ବୃଦ୍ଧି କରା ନ ଯିବା ସରକାରଙ୍କର କର୍ମଚାରୀ ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ଏଏପି ଜିଲା ଆବାହକ ସଞ୍ଜୀବ ମହାନ୍ତି କହିଥିଲେ। ସେହିପରି ଜିଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ କହିଥିଲେ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନେଇ ଅଲ ଓଡ଼ିଶା ଜିପିଏଲଫ ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ ମଧ ଉକ୍ତ ଦାବି ପୂରଣ ନେଇ ଫେବୃୟାରୀ ୨୦ରେ ରାଜରାସ୍ତାକୁ ଓହ୍ଲାଇଥିଲା। ଏହାସତ୍ତ୍ୱେ ନ୍ୟାର୍ଯ୍ୟ ଦାବିକୁ ସରକାର ଗ୍ରହଣ କରୁନାହାନ୍ତି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ପାର୍ଟି ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ସୂଚନା ଦେଇଛି। ବିକ୍ଷୋଭରେ ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲା ଆବାହକ ସଞ୍ଜୀବ ମହାନ୍ତି, ଜିଲା ସୋସିଆଲ ମିଡିଆ ଅଧକ୍ଷ ସମୀର ସାମନ୍ତରାୟ, ଜିଲା ମୁଖ୍ୟ ପ୍ରବକ୍ତା ଅନିଲ ସେନାପତି , ଜିଲା ଲିଗାଲ ସେଲ ଅଧକ୍ଷ ବଶିଷ୍ଠ ରଥ, ପ୍ରକାଶ ପ୍ରଧାନ, ସୁନୀଲ ଜେନା, ସୁଧାଂଶୁ ଶେଖର, ପାର୍ବତୀ ପ୍ରଧାନ, ତପସ୍ୱିନୀ ଜଗଦେବ, ଚିନ୍ମୟୀ ରଥ, ଯୁଧିଷ୍ଠିର ବାରିକ, ଶ୍ୟାମଲେନ୍ଦୁ ପ୍ରଧାନ, ଅଜିତ ବାରିକ, ଉମା ଦେବୀ, ଜନ୍ମେଜୟ ଜେନା, ବିଭୂତି ମାଲିଆ, ବିରଜା ନାଥ, ରବୀନ୍ଦ୍ର ନାଥ ସାହୁ, କାର୍ତ୍ତିକ ପରିଡା, ନରେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଦଫା ଦାବି ନେଇ ବିଧାୟକଙ୍କୁ ଦାବିପତ୍ର

ପୁରୀ ଅଫିସ,୨୮।୨

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ୩ ଦଫା ଦାବି ପୂରଣ ନେଇ ମହାସଂଘ ପକ୍ଷରୁ ବିଧାୟକଙ୍କୁ ସାକ୍ଷାତ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ ସେମାନେ ଓଡ଼ିଶାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ। ମହାସଂଘ ତରଫରୁ ଗତବର୍ଷ ନଭେମ୍ବର ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ୩ ଦଫା ଦାବି ନେଇ ଭୁବନେଶ୍ୱରରେ ଆନ୍ଦୋଳନ କରାଯାଇଥିଲା। ପରେ ଉକ୍ତ ଦାବିକୁ ସମର୍ଥନ କରି ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇ ଡିସେମ୍ବର ୨୦ ସୁଦ୍ଧା ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ପରେ ୨୯ ଡିସେମ୍ବରରେ ଶିକ୍ଷକ ସଂଘ ସହ ଆଲୋଚନା ହୋଇଥିଲା। ଶିକ୍ଷକ ସଂଘର ଦାବି ହେଲା, ପ୍ରାଥମିକ ବିଦ୍ୟାଳୟରେ ଠିକା ନିଯୁକ୍ତି ଉଚ୍ଛେଦ କରି କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ୬ ବର୍ଷ ଠିକା କାର୍ଯ୍ୟକଳାପକୁ ମୂଳ ଚାକିରିରେ ଗଣନା କରିବା, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା ପାଇଁ ଦାବି କରାଯାଇଥିଲା। କିନ୍ତୁ ପ୍ରତିଶ୍ରୁତିକୁ ୩ ମାସ ବିତିଯାଇଥିଲେ ଦାବି ପୂରଣ କରାଯାଉନାହିଁ। ତେଣୁ ସରକାର ତୁରନ୍ତ ସମସ୍ୟା ଶୁଣନ୍ତୁ ବୋଲି ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ଉମାକାନ୍ତ ମହାପାତ୍ର ଏବଂ ସଭାପତି ପ୍ରଭାତ ରଞ୍ଜନ ପୃଷ୍ଟିଙ୍କ ସମେତ ସଦସ୍ୟମାନେ ବିଧାୟକଙ୍କୁ କହିଛନ୍ତି।

# ବୀର ସୁରେନ୍ଦ୍ର ସାଏ ଥିଲେ ଆଦର୍ଶ ଦେଶଭକ୍ତ

ପୁରୀ ଅଫିସ,୨୮।୨

ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ରାଣୀ ସତୀଭବନ ପରିସରରେ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏଙ୍କ ୧୩୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସମିତିର ଉପଦେଷ୍ଟା ଶିକ୍ଷାବିତ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ବୀର ସୁରେନ୍ଦ୍ର ସାଏ ଦୀର୍ଘ ୩୭ବର୍ଷ କାଳ ଜେଲ୍‌ରେ ରହି ମଧ ଦେଶ ସ୍ୱାଧୀନତା ପ୍ରତି ତାଙ୍କ କାର୍ଯ୍ୟ ଜାରି ରହିଥିଲା। ସମ୍ମାନିତ ବକ୍ତାଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ କହିଥିଲେ, ୧୮୬୨ରେ ଯେତେବେଳେ ବଙ୍ଗ ପ୍ରଦେଶ ଅଲଗା ହୋଇଥିଲା, ସେତେବେଳେ ବ୍ରିଟିଶ ତତ୍କାଳୀନ ପ୍ରଶାସକଙ୍କ ଦ୍ୱାରା ସାଏଙ୍କୁ ଆତ୍ମସମର୍ପଣ ପାଇଁ କୁହାଯାଇଥିଲା। ସେ ମଧ ଆତ୍ମସମର୍ପଣ କରିଥିଲେ। କିନ୍ତୁ ବ୍ରିଟିଶର ଚକ୍ରାନ୍ତ ଯୋଗୁ ତାଙ୍କୁ ବନ୍ଦୀ କରାଯାଇ ଦୋଷୀ ସାବ୍ୟସ୍ତ କରାଯାଇ ୧୮୬୪ରେ ତାଙ୍କୁ ଆଜୀବନ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେହି ଜେଲରେ ରହି ଆଜିର ଦିନରେ ୧୮୮୪ ଫେବୃୟାରୀ ୨୮ରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଥିଲେ ବୀର ଓ ଜଣେ ସ୍ୱାଧୀନତା ସଂଗ୍ରାମୀ। ଅନ୍ୟତମ ଅତିଥିଭାବେ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ , ଅଧ୍ୟାପକ ଦେବରାଜ ପ୍ରଧାନ ଯୋଗଦେଇ କହିଥିଲେ ବୀରସୁରେନ୍ଦ୍ର ସାଏ ଥିଲେ ଜଣେ ଆଦର୍ଶ ଦେଶଭକ୍ତ। ସେ ଦେଶ ବା ଜାତି ପାଇଁ ଜଣେ ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଶିକ୍ଷାବିତ୍ ସଦାଶିବ ମିଶ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଯୁବ ଖବରଦାତା ଅଜିତ୍ କୁମାର ମହାନ୍ତିଙ୍କୁ ସ୍ୱତନ୍ତ୍ର ସମ୍ମାନିତ କରାଯାଇଥିଲା। ସମିତି ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଗ୍ରନ୍ଥକାର ହରି ଶଙ୍କର ମିଶ୍ର, ସୁଚରିତା ପ୍ରତିହାରୀ, ଭାରତୀ ଭୂଷଣ ଦାସ, ରାନୁ ମିଶ୍ର, ଆଶାଲତା ପ୍ରଧାନ, କାଶୀନାଥ ଖୁଣ୍ଟିଆ, ସୁବାସ ଚନ୍ଦ୍ର ମିଶ୍ର, ଗୁରୁପ୍ରସାଦ ଦାଶ, ବିପିନ ବିହାରୀ ମିଶ୍ର, ସୁକାନ୍ତ ମହାପାତ୍ର, ଫୁଲରାଣୀ ପାଳ, ମଞ୍ଜୁଳା ଦେବୀ, ପ୍ରତିମା ସୂପକାର ପ୍ରମୁଖ ଉପସ୍ଥିତ ଥିଲେ। ହେମାଙ୍ଗିନି ମହାନ୍ତି ଓ ଭବାନୀ ପ୍ରସାଦ ବଳିଆର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଯୁବ ଖବରଦାତା ଅଜିତ୍ କୁମାର ମହାନ୍ତିଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳ ଦେଖିଲେ ସଚିବ

ଗୋପ,୨୮।୨(ଡି.ଏନ୍.ଏ.):

**ବସ୍‌ଷ୍ଟାଣ୍ଡ ନିର୍ମାଣରେ ବାଧକ ସାଜିଛି ଜମି ସମସ୍ୟା**

ଗୋପରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କେତେକ ଜମି ସମସ୍ୟା ଲାଗି ରହିଥିବାରୁ କାର୍ଯ୍ୟ ଆଗେଇପାରୁ ନାହିଁ। ଫଳରେ ଲୋକେ ନାନା ଅସୁବିଧା ହେଉଥିବାରୁ କେତେକ ସାମାଜିକ କର୍ମୀ ଏ ନେଇ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ବିଚାର କରି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାଜସ୍ୱ ବିଭାଗର ସ୍ୱତନ୍ତ୍ର ସଚିବ ଅଭୟ କୁମାର ନାୟକ, ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଆସି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏପରିକି ତହସିଲଦାର ସେକ୍ ସାଗିରଙ୍କ ସହ ଆଲୋଚନା କରି ଗୋପ ବଜାର ସନ୍ନିକଟରେ ଥିବା ବସଷ୍ଟାଣ୍ଡ ଲାଗି ଚିହ୍ନଟ ହୋଇଥିବା ଜମିକୁ ମଧ ଦେଖିଛନ୍ତି। ସୂଚନା ଅନୁଯାୟୀ, ଗୋପ ବଜାର ନିକଟରେ ୧ ଏକର ୩୬ ଡିସିମିଲି ସରକାରୀ ଜମି ରହିଥିବାବେଳେ କେତେଜଣ ବ୍ୟକ୍ତି ଜବରଦଖଲ କରି ରହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ଲାଗି ପ୍ରସ୍ତାବ ଆସିବା ପରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ତହସିଲ ପ୍ରଶାସନ ପକ୍ଷରୁ ସେଠାରୁ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ସହ ଜବରଦଖଲ କରି ରହୁଥିବା ୪ଟି ପରିବାରଙ୍କୁ ମଧ ଉଠାଯାଇଥିଲା। ମାତ୍ର କେତେଜଣ ବ୍ୟକ୍ତି ଜମିକୁ ମାଡ଼ି ବସିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ହାଇକୋର୍ଟରେ ନଂ.୧୯୦୫୬/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ହାଇକୋର୍ଟ ପକ୍ଷରୁ ଏହାର ବିଚାର କରି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗର ସଚିବ ଜମି ସ୍ଥାନ ଯାଞ୍ଚ କରିଛନ୍ତି। ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା, ରାଜସ୍ୱ ନିରୀକ୍ଷକ ବାରିସା ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ।


ଗୋପରେ ବସଷ୍ଟାଣ୍ଡ ନିର୍ମାଣ ନେଇ ରାଜସ୍ୱ ବିଭାଗ ସଚିବ ସ୍ଥାନ ଦେଖୁଛନ୍ତି ।

# ବିଜ୍ଞାନର ସଦୁପଯୋଗ ହେଲେ ଦେଶ ଆଗେଇବ

ପୁରୀ ଅଫିସ,୨୮।୨

**ଆନ୍ତର୍ଜାତିକ ବିଜ୍ଞାନ ଦିବସ ପାଳିତ**

ମାରୁତି ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆନ୍ତର୍ଜାତିକ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର ଯୋଗଦେଇ ବିଜ୍ଞାନର ସଦୁପଯୋଗ ହେଲେ ଦେଶ ଓ ଜାତି ଆଗେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ ମହାନ୍ତି ଓ ଶିକ୍ଷାବିତ୍ ଆଲୋକ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କର ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ ବିନୋଦ ସେନାପତି ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ରଶ୍ମିତା ସାମନ୍ତରାୟଙ୍କ ଦ୍ୱାରା ଶିଶୁମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଚାର୍ଯ୍ୟା ସୌଦାମିନୀ ପ୍ରଧାନ ପରିଚାଳନା ଓ ଲକ୍ଷ୍ମୀପ୍ରିୟା ରଥ ଧନ୍ୟବାଦ ଦେଇଥିଲେ।

ସେହିପରି ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରମଣ ପ୍ରଭାବର ଉଦ୍ଭାବକ ତଥା ନୋବେଲ ପୁରସ୍କାର ବିଜୟୀ ବୈଜ୍ଞାନିକ ସି.ଭି. ରମଣଙ୍କୁ ମନେ ପକାଇ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ବୈଜ୍ଞାନିକମାନଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ପତ୍ରବାଚନ ଓ ବିଜ୍ଞାନ ଗୀତ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପୂର୍ବଛାତ୍ର ତଥା ଡାଟା ସାଇନ୍ସ ଆନାଲିସି ପ୍ରୋଗ୍ରାମର ଜେନ୍ ବିଚକ୍ଷଣ ମହାନ୍ତି ଦେଶରେ ବିଜ୍ଞାନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ପାଠ୍ୟକ୍ରମକୁ ବିଜ୍ଞାନାଭିମୁଖୀ କରାଯିବା ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ୪୦୦ ପ୍ରତିଯୋଗୀଙ୍କ ମଧ୍ୟରୁ ୬୦ଜଣଙ୍କୁ ମେଡାଲ ଓ ପ୍ରମାଣପତ୍ର ଦିଆଯାଇଥିଲା। ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ଅରବିନ୍ଦ ଦାସ, ଆଚାର୍ଯ୍ୟ ନିତ୍ୟାନନ୍ଦ ପ୍ରଧାନ, ଦୁର୍ଗା ପ୍ରସାଦ ସ୍ୱାଇଁ ଓ ପ୍ରିୟରଞ୍ଜନ ଖୁଣ୍ଟିଆ ଉପସ୍ଥିତ ଥିଲେ। ଧନେଶ୍ୱର ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।


ଘୋଡାବଜାରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବିଜ୍ଞାନ ପ୍ରକଳ୍ପକୁ ଛାତ୍ରୀଛାତ୍ର ଦେଖୁଛନ୍ତି ।

ସେହିପରି ମଧୁବନସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଦୁଇଟି ପର୍ଯ୍ୟାୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ପୁରୁଷୋତ୍ତମ ନାୟକ, ଯୁଗ୍ମ ସମ୍ପାଦକ ଦୀପ୍ତି ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପିଲାମାନଙ୍କୁ ମାର୍ଗଦର୍ଶନ କରି ଭେଙ୍କଟ ରମଣଙ୍କ ବୈଜ୍ଞାନିକ ଚିନ୍ତାଧାର ଉପରେ ଆଲୋକପାତ କରିଥିଲେ। ସଭାକାର୍ଯ୍ୟ ଶେଷରେ ବରିଷ୍ଠ ଶିକ୍ଷକ ବିଷ୍ଣୁ ପ୍ରସାଦ ପାଣି ଧନ୍ୟବାଦ ଦେଇଥିଲେ। ପରେ ବିଜ୍ଞାନ ଉପରେ ଆଧାରିତ କବିତା ଲିଖନ, ପ୍ରକଳ୍ପ, ପ୍ରଶ୍ନବାଚନ, ଆଶୁଭାଷଣ ଓ ପ୍ରଶ୍ନମଞ୍ଚ ଆଦି ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରାତଃ ପର୍ଯ୍ୟାୟରେ ମଡେଲ ପ୍ରସ୍ତୁତି, ବୈଜ୍ଞାନିକଙ୍କର ଫଟୋ ପ୍ରଦର୍ଶନ, ଭାସିବା ବୁଡିବା ପ୍ରକଳ୍ପ ଆଦି ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ୩୨ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ୯ଜଣ ବିଚାରକ ଭାବେ ଯୋଗଦେଇଥିଲେ।

## 'ଉତ୍ତମ ଚରିତ୍ର ଗଠନ କରନ୍ତୁ ଛାତ୍ରୀଛାତ୍ର'

ଫୁଲନଖରା,(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପରମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଓଷ୍ଟା ଶିକ୍ଷକ ସଂଘର କୋଷାଧକ୍ଷ ଅଶୋକ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ଓଝା, ସିଏମ୍‌ସି ୫୮ ନଂ. ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ଭାଣପୁର ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଲକ୍ଷ୍ମୀଧର ଜେନା, ଉପସଭାପତି ସନାତନ ରାଉତ, ସମ୍ପାଦକ ଦିଲୀପ ମହାନ୍ତି, ଶରତ ଜେନାଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅବସର ନେଇଥିବା କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଶିକ୍ଷକ ମହାପାତ୍ର ଉତ୍ତମ ଚରିତ୍ର ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

### ସଂକ୍ଷେପରେ

## ବିଳମ୍ବିତ ରାତ୍ରିରେ ବାଣ ଫୁଟା ବନ୍ଦ ପାଇଁ ଦାବିପତ୍ର

କଟକ ସଦର,୨୮।୨(ଡି.ଏନ୍.ଏ.): ବିବାହ ଶୋଭାଯାତ୍ରାରେ ବାଣ ନ ଫୁଟାଇବା ପାଇଁ ସହରାଞ୍ଚଳରେ କଟକଣା ଲାଗୁ କରାଯାଇଛି। ଏହି ନିୟମ କଟକ ସଦର ନିର୍ବାଚନ ମଣ୍ଡଳୀରେ ଲାଗୁ କରିବା ପାଇଁ ବରିଷ୍ଠ ନାଗରିକ ସମିତି ପକ୍ଷରୁ ଏକ ସ୍ମାରକପତ୍ର ମଙ୍ଗଳବାର ଡିଜିପି ସୁନୀଲ ବଂଶଲଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବର ଶୋଭାଯାତ୍ରା ସମୟରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବାଣ ବ୍ୟବହାର ଉପରେ କଟକଣା ଲଗାଇବାକୁ ସମିତି ସଭାପତି ରବୀନ୍ଦ୍ର ଦାଶ ଅନୁରୋଧ କରିଛନ୍ତି। ଏହାଛଡା ସହର ଓ ଗ୍ରାମାଞ୍ଚଳରେ ବିବାହ ଭୋଜି ସରିବା ପରେ ବିଳମ୍ବିତ ରାତିରେ ସିରିଏଲ ବାଣ ଫୁଟା ଯାଉଥିବାରୁ ବୟସ୍କ ଲୋକମାନେ ଶୋଇ ପାରୁନାହାନ୍ତି। ତେଣୁ ସ୍ଥାନୀୟ ପୋଲିସ ବର ପକ୍ଷର ଲୋକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମସ୍ତ ଥାନାକୁ ନିର୍ଦ୍ଦେଶନାମା ଜାରି ପାଇଁ ଡିଜିପିଙ୍କୁ ନିବେଦନ କରାଯାଇଛି।

## ବିଧାୟକଙ୍କୁ ଭେଟିଲେ ଜେଏନ୍‌ୟୁ ଛାତ୍ରୀଛାତ୍ର

କଟକ ଅଫିସ, ୨୮।୨: ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ସମାଜ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ଓ ଅଧାପକମାନେ ବିଭିନ୍ନ ଅଞ୍ଚଳକୁ ଷ୍ଟଡି ଟୁର୍‌ରେ ଯାଉଛନ୍ତି। ଏହି ଅବସରରେ ପ୍ରଫେସର ଶ୍ରବଣ କୁମାର ଆଚାର୍ଯ୍ୟ, ଡ. ବିକ୍ରମାଦିତ୍ୟ ଚୌଧୁରୀ ଓ ଶୋଭିୟା ବେଗ୍‌ଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀ ଜେଏନ୍‌ୟୁରୁ ୬୦ ଜଣିଆ ଟିମ୍ ଓଡ଼ିଶା ଆସିଛନ୍ତି। ସେମାନେ କଟକ, ଭୁବନେଶ୍ୱର ଓ ପୁରୀ ସହରର ବିଭିନ୍ନ ଅଞ୍ଚଳ ବୁଲି ଉନ୍ନୟନମୂଳକ କାର୍ଯ୍ୟ, ସାମାଜିକ ଚଳଣି ଓ ଅର୍ଥନୈତିକ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ଜେଏନ୍‌ୟୁର ଉକ୍ତ ଟିମ ସୋମବାର ସନ୍ଧ୍ୟାରେ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ। ବିଧାୟକ ମୋକିମ ରାଜ୍ୟର ସାମ୍ପ୍ରତିକ, ରାଜନୈତିକ ପରିସ୍ଥିତି, ଲୋକହିତକର ଯୋଜନା ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଓଡ଼ିଶାର କଳାକୃତି, କଟକର ଇତିହାସ, ଭାଇଚାରା ସମ୍ପର୍କରେ କହିଥିଲେ।

## ଦି ଅର୍ବାନ କୋଅପରେଟିଭ ବ୍ୟାଙ୍କ୍‌ର ସାଧାରଣ ସଭା

କଟକ ଅଫିସ,୨୮।୨: ଦି ଅର୍ବାନ କୋଅପରେଟିଭ ବ୍ୟାଙ୍କର ୪୧ତମ ସାଧାରଣ ସଭା କଟକ ଶହୀଦ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ୍ ଅଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରି ବ୍ୟାଙ୍କ୍ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟାଙ୍କ୍ ଫେଡେରେଶନର ଅଧକ୍ଷ ମହେନ୍ଦ୍ର କୁମାର ନାୟକ ଓ ପୂର୍ବତନ ସଭାପତି ବୀରେନ୍ଦ୍ର କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କ୍ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ସଭାରେ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଘଡ଼େଇ, ଧର୍ମେଶ ନାୟକ, ନବ କିଶୋର ସ୍ୱାଇଁ, ପ୍ରମିଳା ମହାନ୍ତି, ଲାଲା ପ୍ରତାପ ରାୟ, ପ୍ରମୋଦ ଦାସ, ସୁରେନ୍ଦ୍ର କୁମାର ଦାସ, ସୌମ୍ୟଦୀପ୍ ଘୋଷ, ନୀଳମଣି କର, ଦିଲୀପ ପଟ୍ଟନାୟକ, ସଙ୍ଗୀତା ଦାସ ଓ ଇମ୍ରାନ ଖାନ୍ ଯୋଗ ଦେଇଥିଲେ।

# ୭ ବିଦ୍ୟାଳୟରେ ମୌଳିକ ସୁବିଧା ନାହିଁ

କଟକ ଅଫିସ,୨୮।୨

### ବୌଦ୍ଧ ଜିଲା

- ଗ୍ରୀଷ୍ମଛୁଟିରେ ଉନ୍ନୟନ କାର୍ଯ୍ୟ ସାରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ଯୋଜନା ସମ୍ପର୍କରେ ସତ୍ୟପାଠ ଦେବେ ବିଭାଗୀୟ ସଚିବ



ଆମିକସ୍‌କ୍ୟୁରି ପ୍ରଫୁଲ୍ଲ କୁମାର ରଥ ବୌଦ୍ଧ ଜିଲାର ୭ଟି ବିଦ୍ୟାଳୟ ପରିଦର୍ଶନ କରିବା ପରେ ମୌଳିକ ସୁବିଧା ନ ଥିବା ସଂକ୍ରାନ୍ତୀୟ ରିପୋର୍ଟ ଗତ ୨୨ ତାରିଖରେ ହାଇକୋର୍ଟରେ ଦାଖଲ କରିଛନ୍ତି। ୭ଟି ବିଦ୍ୟାଳୟ ମଧ୍ୟରୁ ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମର୍ଜାକୁଦ, ଖଇରାମାଳ, ଦେଉଳି, ଦାମମୁଣ୍ଡା ଗ୍ରାମରେ ଥିବାବେଳେ ୩ଟି ପ୍ରାଥମିକ ବିଦ୍ୟାଳୟ ଘୁଲ ଘୁଲ ପଦର, ଜୁନାନି ଓ ରୁଗୁଡ଼ିପାଲି ଗ୍ରାମରେ ରହିଛି। ଏହି ବିଦ୍ୟାଳୟଗୁଡ଼ିକରେ ପାନୀୟ ଜଳ, ବସିବା ପାଇଁ ବେଞ୍ଚ୍ ଓ ଡେସ୍କ, ବିଦ୍ୟୁତ୍ ସଂଯୋଗ, ଖେଳପଡ଼ିଆ, ବାଳିକା ଓ ବାଳକଙ୍କ ପାଇଁ ପୃଥକ ପାଇଖାନା ଆଦି ମୌଳିକ ସୁବିଧା ନାହିଁ। ଏହାବ୍ୟତୀତ ଆବଶ୍ୟକ ଶିକ୍ଷକଙ୍କ ଅଭାବ ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହାର ହ୍ରାସ ପାଉଥିବାବେଳେ ଡ୍ରପ୍‌ଆଉଟ୍ ପିଲାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆମିକସକ୍ୟୁରି ରିପୋର୍ଟରେ ଦର୍ଶାଇଛନ୍ତି, ମର୍ଜାକୁଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପିଲା ଗୋଟିଏ କୋଠରିରେ ବସି ପଢୁଛନ୍ତି। ଖଇରାମାଳ ସ୍କୁଲର ଅବସ୍ଥା ମଧ ସଙ୍ଗିନ। ଏଠାରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ପିଲା ଗୋଟିଏ କୋଠରିରେ ବସୁଛନ୍ତି। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ବେଞ୍ଚ ଓ ଡେସ୍କ ନ ଥିବାରୁ ସେମାନେ ଗୋଟିଏ କୋଠରୀରେ ପରସ୍ପରର ବିପରୀତ ଦିଗରେ ବସୁଛନ୍ତି। ଘୁଲ ଘୁଲ ପଦର ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲା ଗୋଟିଏ କୋଠରୀରେ ଖୋଲା ଚଟାଣରେ ବସି ପାଠ ପଢୁଛନ୍ତି। ୫ଟି ଶ୍ରେଣୀ ପାଇଁ ଗୋଟିଏ କଳାପଟା ରହିଛି। ସେହି ବିଦ୍ୟାଳୟରେ କୌଣସି ଅଫିସ ରୁମ୍ ନ ଥିବାବେଳେ ପାଇଖାନା, ପାନୀୟ ଜଳ, ଖେଳପଡ଼ିଆ ସୁବିଧା ନାହିଁ। ଏପରି କି ଶ୍ରେଣୀଗୃହରେ ବେଞ୍ଚ ଓ ଡେସ୍କ ନାହିଁ। ବୌଦ୍ଧ ଜିଲାରେ ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ରକୁ ଏଇ ୭ଟି ବିଦ୍ୟାଳୟକୁ ନମୁନା ଭାବେ ନେଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ବୌଦ୍ଧ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ନେଇ ଏକ ବୈଠକ କରି ତ୍ୱରିତ ପଦକ୍ଷେପ ନେବେ। ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ଗ୍ରୀଷ୍ମ ଛୁଟିରେ ମରାମତିଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମଛୁଟିରେ ଉକ୍ତ ୭ଟି ସ୍କୁଲରେ ଏନେଇ ଚାଲିଥିବା କାର୍ଯ୍ୟର ଅଗ୍ରଗତିକୁ ସଚିବ କଡ଼ାକଡ଼ି ତଦାରଖ କରିବେ। ଏ ସମ୍ପର୍କରେ ପର୍ଯ୍ୟାୟକ୍ରମେ ଜିଲା ଶିକ୍ଷାଧିକାରୀ ବିଭାଗୀୟ ସଚିବଙ୍କୁ ଫଟୋଗ୍ରାଫ ପଠାଇ ଅବଗତ କରାଇବେ। ଏଥିସହ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କଠାରୁ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ଉପଲବ୍ଧ ହେଉଥିବା ସମ୍ପର୍କିତ ତଥ୍ୟ ଫଟୋଗ୍ରାଫ ସହିତ ସଂଗ୍ରହ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଏକ ଯୋଜନା ପ୍ରସ୍ତୁତ କରି ଚଳିତ ବଜେଟ୍‌ରେ ହୋଇଥିବା ବ୍ୟୟ ବରାଦ ଅନୁସାରେ ଏସବୁ ସୁବିଧା କରାଇବାକୁ ସଚିବ ପଦକ୍ଷେପ ନେବେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାଳୟଗୁଡ଼ିକରେ ଷ୍ଟାଫ୍ ଓ ପିଲାଙ୍କ ସଂଖ୍ୟା ଉପରେ ଗୁରୁତ୍ୱ ଦେବାକୁ ଅଦାଲତ କହିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏ ସଂକ୍ରାନ୍ତୀୟ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟରେ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ରହିଛି।

ହାଇକୋର୍ଟ ଲିଗାଲ ସର୍ଭିସ୍ କମିଟିର ସଚିବଙ୍କ ପକ୍ଷରୁ ରୁଜୁ ମାମଲାରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଏପ୍ରିଲ ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆମିକସ୍ କ୍ୟୁରି ପ୍ରଫୁଲ୍ଲ କୁମାର ରଥ ଓ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସିନିୟର ଷ୍ଟାଣ୍ଡିଂ କାଉନ୍‌ସେଲ ଡି. ଆର. ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।



ମିଶନ ଶକ୍ତିର କମ୍ୟୁନିଟି ସର୍ପୋଟ୍ କର୍ମଚାରୀଙ୍କୁ ସ୍ଥାୟୀ ଚାକିରି ଓ ଦରମା ବୃଦ୍ଧି ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ତଦନ୍ତ କରିବ ପ୍ରୋକ୍ଟୋରିଆଲ ବୋର୍ଡ

କଟକ ଅଫିସ,୨୮।୨

### ରେଭେନ୍‌ଶାରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସୋମବାର ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଜଣେ ଛାତ୍ର ଆହତ ହୋଇଥିଲେ। ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକ ମଙ୍ଗଳବାର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ଭେଟି ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। କୁଳପତି ନାୟକ ଅଭିଭାବକଙ୍କ ସହ ଆଲୋଚନା କରିବା ପରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ପିଜି କାଉନ୍‌ସିଲ ଅଧକ୍ଷା ପ୍ରଫେସର ଅସୀମା ସାହୁ, ଛାତ୍ର ମଙ୍ଗଳ ଅଧିକାରୀ ଅଳକାନନ୍ଦା ପରିଡା, ଚିଫ୍ ୱାର୍ଡେନ ପ୍ରଫେସର ଶିବବ୍ରତ ଦାସ, ପ୍ରୋକ୍ଟୋରିଆଲ ବୋର୍ଡର ଅଧକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ଏବଂ ଇଷ୍ଟ ହଷ୍ଟେଲ୍‌ର ୱାର୍ଡେନ ପୂର୍ଣ୍ଣେନ୍ଦୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଆହତ ଛାତ୍ରଙ୍କ ଅଭିଭାବକଙ୍କ ଅଭିଯୋଗକୁ ବିଭାଗୀୟ ଅଧିକାରୀମାନେ ଶୁଣିଥିଲେ। ତେବେ ଏକ ଲିଖିତ ଅଭିଯୋଗ କରିବାକୁ କୁଳପତି ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରୋକ୍ଟୋରିଆଲ ବୋର୍ଡ ଉକ୍ତ ଘଟଣା ତଦନ୍ତ କରି ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ତେବେ ପୋଲିସ ଉକ୍ତ ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ପରସ୍ପର ମଧ୍ୟରେ ଢେଲା ପଥର ମାଡ଼ ହେବାରୁ ଜଣେ ଛାତ୍ର ଆହତ ହୋଇଥିଲେ। ମାଲାଗୋଦାମ ପୋଲିସ ଘଟଣାସ୍ଥଳରେ ପହଞ୍ଚିଲାବେଳକୁ ଛାତ୍ରମାନେ ଫେରାର ହୋଇଯାଇଥିଲେ। ଏ ନେଇ ଗୋଟିଏ ଛାତ୍ରଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି।

## 'ସୁରେନ୍ଦ୍ର ସାଏ ଥିଲେ ବିଚକ୍ଷଣ ବିପ୍ଳବୀ'

କଟକ ଅଫିସ, ୨୮।୨

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୧୩୯ତମ ଶ୍ରାଦ୍ଧବାର୍ଷିକୀ ମାଛୁଆବଜାରସ୍ଥିତ ସହିଦ ପାର୍କଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗ୍ରାମୀ ଫୋରମ୍‌ର ସଭାପତି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସୁରେନ୍ଦ୍ର ସାଏ ଥିଲେ ଜଣେ ବିଚକ୍ଷଣ ବିପ୍ଳବୀ। ୭୫ ବର୍ଷ ଜୀବନ କାଳ ମଧ୍ୟରୁ ୩୭ ବର୍ଷ କାରାଗାରରେ ଇଂରେଜ ସରକାର ତାଙ୍କୁ ରଖିଥିଲେ। ତାଙ୍କର ଅଦ୍ଭୁତ ସାଙ୍ଗଠନିକ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ଇଂରେଜ ଶାସକଙ୍କୁ ଚକିତ କରିଥିଲା ବୋଲି ସେ କହିଥିଲେ। ଶିକ୍ଷାବିତ୍ ବିଚିତ୍ରାନନ୍ଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲାବେଳେ ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ଦୁର୍ଗାପ୍ରସନ୍ନ ଚାନ୍ଦ, ଡ. ହେମନ୍ତ ପରିଡ଼ା, ନିବାସ ଚନ୍ଦ୍ର ମିଶ୍ର, କୁମାରେନ୍ଦ୍ର ପଟ୍ଟନାୟକ, ଭୁବନାନନ୍ଦ ମହାନ୍ତି, ସମରେନ୍ଦ୍ର ଘୋଷ, ଗୋପାଳ ଚନ୍ଦ୍ର ମିଶ୍ର, ରଣଜିତ୍ ପ୍ରସାଦ ଜେନା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଏମ୍‌ପିଙ୍କୁ ଭେଟିଲେ ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀଛାତ୍ର


ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସହିତ ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀଛାତ୍ର ଆଲୋଚନା କରୁଛନ୍ତି।

କଟକ ଅଫିସ,୨୮।୨

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

- ଶିକ୍ଷକ ନିଯୁକ୍ତି ପରୀକ୍ଷାରୁ ବାଦ୍ ପଡିବା ଘଟଣା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମଙ୍ଗଳବାର କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଭେଟିଛନ୍ତି। ଗତ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ସାତାରାରେ ଆୟୋଜିତ ଶିକ୍ଷକ ନିଯୁକ୍ତିର ମୌଖିକ ପରୀକ୍ଷାରେ ରେଭେନ୍‌ଶାରୁ ପାସ୍ କରିଥିବା କିଛି ଆଶାୟୀ ବାଦ୍ ପଡିବା ଘଟଣାରେ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମ୍ପୃକ୍ତ ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ବାଦ୍ ପଡିବାପରେ ଏବେ ରେଭେନ୍‌ଶାରେ ଇଣ୍ଟିଗ୍ରେଟେଡ ବିଏଡ୍ ପଢୁଥିବା ଛାତ୍ରୀଛାତ୍ର ଚିନ୍ତାରେ ଅଛନ୍ତି। ରେଭେନ୍‌ଶା ଛାତ୍ରୀଛାତ୍ରଙ୍କ ନିକଟରେ ସମସ୍ତ ଯୋଗ୍ୟତା ଏବଂ ପ୍ରମାଣପତ୍ର ଥାଇ ମଧ ତାଙ୍କୁ ସମିତି ପକ୍ଷରୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଛି। ରେଭେନ୍‌ଶାର ଏହି ପାଠ୍ୟକ୍ରମକୁ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିଏସ) କର୍ତ୍ତୃପକ୍ଷ ତ୍ରୁଟି ପୂର୍ଣ୍ଣ ଦର୍ଶାଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବ୍ୟତୀତ ବଲାଙ୍ଗୀର, ସମ୍ବଲପୁର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆଶାୟୀ ମଧ୍ୟ ଏଥିରୁ ବାଦ୍ ପଡିଛନ୍ତି। ତେଣୁ ଏନ୍‌ଭିଏସ୍‌ର ଏଭଳି ଆଭିମୁଖ୍ୟରେ ଏମ୍‌ପି ମହତାବ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଛାତ୍ରୀଛାତ୍ର ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

ସୂଚନାଥାଉ କି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମ ରହିଛି। ପ୍ରତିବର୍ଷ ବିଏସ୍‌ସି ଇଣ୍ଟିଗ୍ରେଟେଡ ବିଏଡ୍ ଏବଂ ବିଏ ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ୧୦୦ ଜଣ ଲେଖାଏ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି। ତେବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ(ଏନସିଟିଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମକୁ ଏନ୍‌ଭିଏସ ଗ୍ରହଣ କରୁନାହିଁ। ଫଳରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଇଣ୍ଟିଗ୍ରେଟେଡ ବିଏଡ୍ କରିଥିବା ଛାତ୍ରୀଛାତ୍ରମାନେ ନବୋଦୟ ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ପରୀକ୍ଷାରୁ ବାଦ୍ ପଡିଛନ୍ତି। ଯେଉଁଥିପାଇଁ ସେମାନଙ୍କ କୋର୍ସ ଶେଷ ହେବା ପରେ ଭବିଷ୍ୟତରେ ତାଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରାଯିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

କଟକ ଅଫିସ,୨୮।୨

କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ହାଇକୋର୍ଟ କମ୍ୟୁନିଟି ସେଣ୍ଟରରେ ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ହାଇକୋର୍ଟ ପାଇଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ରହିଥିବା ଅବଦାନ ପ୍ରଶଂସନୀୟ। ସଂଘ ସଭାପତି ଅଦ୍ୱୈତ ଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଛାଟୋଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଏହି ଅବସରରେ ଜଷ୍ଟିସ ଷଡ଼ଙ୍ଗୀ ସଂଘର ସ୍ମରଣିକା ଉନ୍ମୋଚନ କରିବା ସହିତ ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ନାୟକ, ଅଲେଖ ଚନ୍ଦ୍ର ଭୂୟାଁ, ସଭାପତି ବରାଳ ଓ ପରମାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ହାଇକୋର୍ଟର ପୂର୍ବତନ ରେଜିଷ୍ଟ୍ରାର(ଜୁଡିସିଆଲ) ଏଲ୍.କେ ରାଜଗୁରୁ ମହାପାତ୍ର, ଗଜେନ୍ଦ୍ର ମହାପାତ୍ର, ରତିକାନ୍ତ ମହାପାତ୍ର ଓ ଅଜୟ କୁମାର ଦେ ଉପସ୍ଥିତ ଥିଲେ। ଏନ୍.କେ.ଆର ମହାପାତ୍ର ଅବସରପ୍ରାପ୍ତ କର୍ମଚାରୀଙ୍କ ୱେଲ୍‌ଫେୟାର ଫଣ୍ଡକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ହାଇକୋର୍ଟ କର୍ମଚାରୀ ସଂଘ ସଭାପତି ମୃତ୍ୟୁଞ୍ଜୟ ଦାଶ, ବରିଷ୍ଠ ସଭ୍ୟ ରବୀନ୍ଦ୍ର କୁମାର ପଟ୍ଟନାୟକ, ଛବିଲତା ଦାସ, ବିକ୍ରମ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚୌଧୁରୀ ବିଚିତ୍ରାନନ୍ଦ ମିଶ୍ର, ନବକିଶୋର ସାହୁ, ପରିକ୍ଷିତ ସାହୁ, ତୁଷାର ରଞ୍ଜନ ପଟ୍ଟନାୟକ, ଅସିତ୍ ମହାନ୍ତି, ଦୁର୍ଗାପ୍ରସାଦ ପଟ୍ଟନାୟକ, ସତ୍ୟେନ୍ଦ୍ର ପାତ୍ର, ସଚ୍ଚିଦାନନ୍ଦ ସାହୁ, ନିର୍ମଳ କୁମାର କାନୁନ୍‌ଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିମଳ ବ୍ୟବସ୍ଥା ଯାଞ୍ଚକଲେ ମେୟର

କଟକ ଅଫିସ,୨୮।୨

### ୨ନଂ. ୱାର୍ଡରେ ମୋ ୱାର୍ଡ ଅଭିଯାନର ଦ୍ୱିତୀୟ ଦିବସ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମୋ ୱାର୍ଡ ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି। ସିଏମ୍‌ସିର ୨ନଂ. ୱାର୍ଡରେ ମଙ୍ଗଳବାର ଦ୍ୱିତୀୟ ଦିନରେ ମେୟର ସୁବାସ ସିଂ ବୁଲି ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ସକାଳେ ବିଡାନାସୀ ହାଇସ୍କୁଲ ନିକଟ ହାଜିରା ପଏଣ୍ଟ ପାଖରେ ପହଞ୍ଚି ପରିମଳ କାର୍ଯ୍ୟ ତଦାରଖ କରିଥିଲେ। ସେଠାରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନରେଟ୍ ଅଜୟ ମହାନ୍ତି, କର୍ପୋରେଟର ପୁଷ୍ପିତା ମହାନ୍ତି ଓ ୱାର୍ଡ ଅଫିସର ଅର୍ଘ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପୂର୍ବାହ୍ନ ୧୦ଟାରେ ମେୟରଙ୍କ ସହିତ ସିଏମ୍‌ସି ନିଖିଲ ପଓନ କଲ୍ୟାଣ, ମୁଖ୍ୟଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ୱାଟ୍‌କୋର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, କନିଷ୍ଠ ଯନ୍ତ୍ରୀ ଦିଲୀପ ସ୍ୱାଇଁ ପ୍ରମୁଖ ସାମିଲ ହୋଇ ୱାର୍ଡର ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବେ ନିର୍ମାଣ ହେଉଥିବା ଡ୍ରେନ୍ କାର୍ଯ୍ୟ ତଦାରଖ କରିଥିଲେ। ଏହାପରେ ମେୟର ସିଡିଏ ସେକ୍ଟର-୧୦ ନିକଟରେ ଥିବା ଦୃଷ୍ଟିବାଧିତ ଓ ବଧିର ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଅନ୍ତେବାସୀଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନ କରିବା ସହ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଅପରାହ୍ନ ୩ଟାରେ ଗୋଦାବରୀଶ ସଂସ୍କୃତ ଓ ଯୋଗ ବିଦ୍ୟାଳୟ ପରିସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ୩୦୦ ଜଣ ମହିଳାଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ମେୟରଙ୍କ ସହିତ ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ତପତି ଦାସ, ସୁରଜ ମିଶ୍ର, ସୁଜିତ୍ ବେହେରା, ସି.ଓ. ପ୍ରଜ୍ଞା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ରମଣଙ୍କ ପରି ବିଜ୍ଞାନ ଅନୁସନ୍ଧାନୀ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ ଅଫିସ, ୨୮।୨

### ଜାତୀୟ ବିଜ୍ଞାନ ଦିବସ



ରାଣୀହାଟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ଆନନ୍ଦିନୀ ରାଉତ, ଡ. ସଞ୍ଜୟ ରାଉତ ବିଚାରକ ଭାବେ ଯୋଗ ଦେଇଥିଲେ। ଅଧାପକ ଡ. ସରୋଜ କୁମାର ଦାଶ, ବିଜ୍ଞାନ ସମାଜର ପ୍ରମୁଖ ଅଧାପିକା ଡ. ଅନୁସୂୟା ରାଉତ, ସଦସ୍ୟ ଅମ୍ରିତା ଲେଙ୍କା, ବିଭୂତି ଭୂଷଣ ସାହୁ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନର ବିଭିନ୍ନ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନେ ପୋଷ୍ଟର ପ୍ରଦର୍ଶନ କରିଥିଲେ।

କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜୟସିଂ ମିଶ୍ର ଯୋଗଦେଇ ବୈଜ୍ଞାନିକ ସି.ଭି. ରମଣଙ୍କ ପରି ବିଜ୍ଞାନ ଅନୁସନ୍ଧାନୀ ହେବାକୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାଶ ଅତିଥି ପରିଚୟ, ମନୋଜ କୁମାର ସାହୁ ଦିବସର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଆସିଷ୍ଟାଣ୍ଟ ପ୍ରଫେସର ସରିତା ମହାନ୍ତି ଓ ରଶ୍ମିରେଖା ସ୍ୱାଇଁ କମ୍ପ୍ୟୁଟର କୋଡିଂ ସମ୍ବନ୍ଧୀୟ ଶିକ୍ଷା ଦେଇଥିଲେ। ଆଚାର୍ଯ୍ୟା ବବିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଆଚାର୍ଯ୍ୟ ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

ମହାନଦୀ ବିହାର ଶିଖରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉପସଭାପତି ଡ. ଦେବବ୍ରତ ପୃଷ୍ଟି ବିଜ୍ଞାନ ଜଗତରେ ଭାରତୀୟ ବୈଜ୍ଞାନିକଙ୍କ ଅବଦାନ ବିଷୟରେ କହିଥିଲେ। ଲକ୍ଷ୍ମୀପ୍ରିୟା ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ବେହେରା, ପରିଚାଳନା ସମିତି ସଭାପତି ପ୍ରତିମା ଶତପଥୀ ଉପସ୍ଥିତ ଥିଲେ। ଚକ୍ରଧର ଦାଶ ଅତିଥି ପରିଚୟ ଓ ସନ୍ଦୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ଶିଖରପୁରସ୍ଥିତ କମଳାକାନ୍ତ ବିଦ୍ୟାପୀଠ ଏବଂ ଗତିରାଉତପାଟଣା ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମଳାକାନ୍ତ ବିଦ୍ୟାପୀଠରେ ଡ. ନିତ୍ୟାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସି. ଭି. ରମଣଙ୍କ ବିଜ୍ଞାନ ପ୍ରତି ଅବଦାନ ଅତୁଳନୀୟ ବୋଲି କହିଥିଲେ। ସେହିପରି ଗତିରାଉତପାଟଣା ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଜ୍ୟୋତିଷ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ କ୍ୟାଲେଣ୍ଡର ଓ ବିଶ୍ୱ କ୍ୟାଲେଣ୍ଡର ମଧ୍ୟରେ ସାମଞ୍ଜସ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ।

ବାଲୁବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ବିଜ୍ଞାନ ପ୍ରଦର୍ଶନୀରେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାନ ବକ୍ତୃତା ପ୍ରତିଯୋଗିତାରେ ୨୦୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ କୈଳାସ ଚନ୍ଦ୍ର କର କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ।

ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ରାଣୀହାଟ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡ.ବାଇଧର ସାହୁ ଯୋଗଦେଇ ରମଣଙ୍କ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ପ୍ରଧାନ ଶିକ୍ଷକ କିଶୋର କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, କୃଷ୍ଣଚନ୍ଦ୍ର ପଣ୍ଡା, ସଙ୍ଗଠନର ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମହାନ୍ତି, ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୂର୍ଣ୍ଣିମା ବିଶୋୟୀ, ବିଭୂତି ଭୂଷଣ ବେହେରା, ଦୀପକ ବେହେରା, ନିଶିକାନ୍ତ ନାୟକ, ଅଙ୍କିତା ସେଠୀ, ଶୁଭମ ପ୍ରସାଦ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧକ୍ଷ ରମେଶ ଚନ୍ଦ୍ର ହାତୀ ଧନ୍ୟବାଦ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଅର୍ସଆଲାମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେକ୍‌ରେ ଆର୍ଟିଷ୍ଟଙ୍କ ଚେହେରା

**ନୂଆଦିଲ୍ଲୀ:** ଜଣେ କେକ୍ ଆର୍ଟିଷ୍ଟ ତାଙ୍କ କଳାରେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛନ୍ତି। ସେ କେକ୍‌ରେ ନିଜ ଚେହେରା ତିଆରି କରିଥିଲେ। ଏକ ପ୍ଲେଟ୍‌ରେ ସେ ଉକ୍ତ କେକ୍ ଧରି ଠିଆ ହୋଇଥିଲେ, ଯେଉଁଥିରେ କି ପ୍ରକୃତ ଚେହେରା ଏବଂ କେକ୍ ମଧ୍ୟରେ ପାର୍ଥକ୍ୟ ଜଣାପଡୁ ନ ଥିଲା। ଯେତେବେଳେ ଆର୍ଟିଷ୍ଟ ଜଣକ ତାଙ୍କ ମୁହଁ ଥିବା କେକ୍‌ଟିକୁ କାଟିଲେ ସେତେବେଳେ ତାହା କେକ୍ ବୋଲି ଜଣାପଡିଥିଲା। ଉପସ୍ଥିତ ଲୋକେ କେକ୍‌କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ।

# କର୍ମକ୍ଷେତ୍ରକୁ ଫେରିଲେ କାଜଲ



**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ତାଙ୍କ ମ୍ୟାଟରନିଟି ବ୍ରେକ୍ ପରେ ଏବେ ପୁଣିଥରେ କର୍ମକ୍ଷେତ୍ରକୁ ଫେରିଛନ୍ତି। କାଜଲ ୨୦୨୦ ଅକ୍ଟୋବର ୩୦ରେ ଗୌତମ କିଚ୍‌ଲୁଙ୍କୁ ବିବାହ କରିଥିଲେ। ତେବେ ଗତ ବର୍ଷ ଦୁହିଁଙ୍କର ଏକ ପୁତ୍ରସନ୍ତାନ ଜନ୍ମ ହୋଇଛି। ସେଥିପାଇଁ ସେ ମ୍ୟାଟରନିଟି ବ୍ରେକ୍ ନେଇଥିଲେ। ତେବେ ଏବେ ସେ ତାଙ୍କ କାମକୁ ଫେରିଛନ୍ତି। ସେ କମଲ ହାସନଙ୍କ ଫିଲ୍ମ 'ଇଣ୍ଡିଆନ୍-୨'ରେ ନଜରକୁ ଆସିବେ। ଏଥିପାଇଁ ସେ ତାଙ୍କ ଶୁଟିଂ ଆରମ୍ଭ କରିଦେଇଛନ୍ତି। ଏନେଇ ଅଭିନେତ୍ରୀ ଏକ ଫଟୋ ଶେୟାର କରି ଏହି ସୂଚନା ଦେଇଛନ୍ତି। ଫିଲ୍ମ ସେଟ୍‌ରୁ କାଜଲ ଏକ ଫଟୋ ଶେୟାର କରିଛନ୍ତି। ହେଲେ ସେଥିରେ କାଜଲ ନିଜ ଲୁକ୍ ପ୍ରକାଶ କରିନାହାନ୍ତି। ଏହା ପୂର୍ବରୁ ସେ ଏହି ମୁଭି ପାଇଁ ହର୍ସ ରାଇଡିଂ ଶିଖୁଥିଲେ। ସେ ଫଟୋ ଶେୟାର କରି ଲେଖିଛନ୍ତି, ବହୁତ ଦିନ ପରେ କାମକୁ ଫେରି ଖୁସି ଲାଗୁଛି। ସେ ବର୍ତ୍ତମାନ ସମୟରେ କିଛି ନୂଆ ଶିଖୁଛନ୍ତି। ଯେଉଁଥିପାଇଁ ସେ ଉତ୍ସାହିତ ଥିବା କହିଛନ୍ତି। ଫିଲ୍ମରେ ଏସ୍. ଶଙ୍କର ନିର୍ଦ୍ଦେଶନା ଦେଉଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯୋଜନା ରହିଛି।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

Wanted Fair looking mahishya/ kayastha or any general caste bride, 26-29 year, 5.4" or more, B.Tech/ MCA/ MBA, for a boy 31 years, 5.9, M.S (Engg) from Germany, working as manager in IT company in Germany @ 45 lakhs per annum. contact -9437287547/ 8917262124. D-74648

Brahmin boy 1984, 5'10" MCA Serving Bangalore "SUNASANSAR". 9937512659, 8249969649. D-2867

Ashribad Wedding ସବୁ ଜାତିର ପୁରୁଷଙ୍କ ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-2864

## GROOM WANTED

Ashribad Wedding ସବୁ ଜାତିର ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2865

38 ବୟସ୍କା ଏକାକୀ ରହୁଥିବା Software Engineer ସୁନ୍ଦର ମାରୱାଡ଼ି ଝିଅଙ୍କୁ any caste ବରପାତ୍ର ଆବଶ୍ୟକ। ଘରଜ୍ୱାଇଁ ପ୍ରାଥମିକତା। 8327715036. D-2877


REAL ESTATE

## SALE

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

Gharabari plot for sale Sivasaktinagar (Hanspal) per sqft.- 2750/-. 7008492511. D-2900

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

ପିପିଲି ଟୋଲ୍‌ଗେଟ୍ ପୂର୍ବରୁ NH ନିକଟରୁ ୫୦୦ମି. ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ 30ft. Road, boundary ସହିତ sqft.-1250/-ରେ ଉପଲବ୍ଧ। 7749800648. D-2901

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753.** D-73691

Gharabari plot for sale 2km. from Sai Temple Tankapani Road Bridge. Contact: 9861616986. D-71368




**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899

"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

## BIRTHDAY WISHES



**Mohammad Arsh Alam**

Many many happy returns of the day to dears Arsh, Alha Bless U. Best Wishes: Aliya, Alam, Danish, Nani, Nana, Dada, Dadi, Jebby Phupi, Ruby Phuphi, Babunu Chachu, Reshma Phupi, Nazma Phupi, Riffat, Ayesha, Ashiya, Hamza, Mona, Raish Chachu, Sadique Mama, Sidik Mama and all Mama and all Chachu..... D-2847




Newly open SPA positively health benefits with expert therapist. 7849011931. D-73684

Newly open full body massage, ladies and gents. 9040171280. D-74645

**All type of body massage by expert lady therapist. 7008773793.** D-73690

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open health benefits SPA special Offer @ 999 Nayapalli. 7846814019. D-73687

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly open SPA positively health benefit with expert. Contact: 8984068198. D-74517

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Newly open full body massage ladies and gents. 9861883292. D-74650

All types body massage with hiprofile smart lady, room services available. 9937833100. D-71366

Full body massage, refresh, relaxed by expert lady therapist. 8480939300. D- 2824

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## LEGAL NOTICE

IN THE HIGH COURT OF ORISSA: CUTTACK
Notice U/O.5, Rule-20(1-A) of C.P.C. W.P.(C) No.35863/2022

Raghupati Mohapatra, aged about 22 years, S/o Late Kamalakanta Mohapatra, resident of Plot No.3322, Goutam Nagar, P.O.- Old Town, P.S.- Sri Lingaraj, Bhubaneswar, Dist-Khurda. ......Petitioner

-VS.-

State of Odisha, represented through its Secretary, Revenue and Disaster Management Department, Secretariat Building, Secretariat, Bhubaneswar, Dist:-Khurda & Ors. ....Opposite Parties

To

3. Ritanjali Mohapatra, aged about 48 years, D/o Late Laxmi Kanta Mohapatra. 4. Mitanjali Mohapatra, aged about 44 years, D/o Late Laxmi Kanta Mohapatra, 6. Nirod Nalini Mohapatra, W/o Late Santosh Kumar Mohapatra, 7. Sharon Mohapatra, age not known, D/o Late Santosh Kumar Mohapatra, 8. Shrohan Mohapatra, age not known, S/o Late Santosh Kumar Mohapatra, 9. Manoj Kumar Mohapatra, aged about 58 years, S/o Late Rebati Kanta Mohapatra, 10. Saroj Kumar Mohapatra, aged about 54 years, S/o Late Rebati Kanta Mohapatra, 11. Mamata Mohapatra, aged about 59 years, D/o Late Rebati Kanta Mohapatra, 12. Rasmita Mohapatra, aged about 51 years, D/o Late Rebati Kanta Mohapatra, 13. Sushmita Mohapatra, aged about 47 years, D/o Late Rebati Kanta Mohapatra, 14. Nayansundari Devi, aged about 82 years, W/o Late Rebati Kanta Mohapatra, Sl. No.6 to 14 are permanent residents of Village/ P.O.- Brahmansarangi, P.S.- Balianta, Bhubaneswar, Dist- Khurda. 16. Gyanendra Kumar Mohapatra, aged about 48 years, S/o Late Rajani Kanta Mohapatra, 17. Bandita Mohapatra, aged about 52 years, D/o Late Rajani Kanta Mohapatra, 18. Ramita @ Rumita Mohapatra, aged about 46 years, D/o Late Rajani Kanta Mohapatra, 19. Aurnapurna Mohapatra, aged about 75 years, W/o Late Rajani Kanta Mohapatra Sl. No.15 to 19 are permanent residents of Village/ P.O.- Brahmansarangi, P.S- Balianta, Bhubaneswar, Dist- Khurda, 20. Shradhanjali Mohapatra, aged about 48 years, D/o Late Nalini Kanta Mohapatra, 21. Swarnaprava Mohapatra, aged about 46 years, D/o Late Nalini Kanta Mohapatra, 22. Sagarika Mohapatra, aged about 38 years, D/o Late Nalini Kanta Mohapatra, 23. Swagatika Mohapatra, aged about 34 years, D/o Late Nalini Kanta Mohapatra, 25. Kanchan Mohapatra, aged about 77 years, W/o Late Nalini Kanta Mohapatra, Sl. No.20 to 25 are permanent residents of Village/ P.O.- Brahmansarangi, P.S. - Balianta, Bhubaneswar, Dist- Khurda. 26. Aditya Mohapatra, age not known, S/o Late Radha Kanta Mohapatra, 27. Saraswati Mohapatra, age not known, D/o Late Radha Kanta Mohapatra, 28. Kanaka Lata Mohapatra, age not known, W/o Late Radha Kanta Mohapatra, Sl. No.26 to 28 are permanent residents of Village/ P.O. - Brahmansarangi, P.S. - Balianta, Bhubaneswar, Dist-Khurda.

Take notice that a writ petition has been filed by the petitioner praying to set aside the order dated 03.01.2022 passed by the Tahsildar- Balianta in Mutation Case No.6659/2021 (under Section 8-A of the OLR Act). You are avoiding to receive the notice issued from time and again to appear in this court.

Hence you are hereby directed to appear before this court in person or by Advocate duly instructed by you on 6th March 2023, at 10:30. A.M. and to file show cause as to why the petitioner should not be granted the relief as prayed for failing which the said application will be heard and determined exparte.

Given under my hand and seal of the Court on this the 22nd day of February, 2023

Seal & Signature

By order of this Court
Registrar (Judicial)
Orissa High Court, Cuttack
D-2895

# ୨୭ ବର୍ଷ ଧରି ଧାରଣାରେ ଶିକ୍ଷକ




**ଲକ୍ଷ୍ନୌ**

ବର୍ତ୍ତମାନ ସମୟରେ ଲୋକେ ସରକାରଙ୍କ ନିକଟରେ ତାଙ୍କର ଅନେକ ଦାବି ରଖି ଧାରଣାରେ ବସୁଥିବା ଦେଖିବାକୁ ମିଳୁଛି। ହେଲେ ଉତ୍ତର ପ୍ରଦେଶରେ ଜଣେ ଶିକ୍ଷକ ଜମି ମାଫିଆଙ୍କୁ ବିରୋଧ କରି ୨୭ ବର୍ଷ ହେବ ଧାରଣାରେ ବସିଥିବା ଜଣାପଡ଼ିଛି। ଶିକ୍ଷକ ବିଜୟ ସିଂ କହିଛନ୍ତି, ୩୩ ବର୍ଷ ବୟସରେ ସେ ଉତ୍ତର ପ୍ରଦେଶର ଶାମଲି ଜିଲାର ଚଉସିନା ଗାଁରେ ଥିବା ତାଙ୍କର ୪ ହଜାର ବିଘା ଜମିରେ ଚାଷ କରିଥିଲେ। ତେବେ ଜମି ମାଫିଆମାନେ ଏହାକୁ ଜବରଦଖଲ କରିନେଇଥିଲେ। ସେବେଠାରୁ ସେ ମାଫିଆଙ୍କୁ ବିରୋଧ କରି ଧାରଣାରେ ବସି ରହିଛନ୍ତି। ହେଲେ ସବୁ ବୃଥା। ଏହି ୨୭ ବର୍ଷ ଭିତରେ ତାଙ୍କ ଅଭିଯୋଗ ଉପରେ ଅନେକ ତଦନ୍ତ ଆରମ୍ଭ ହୋଇଛି। ହେଲେ ବର୍ତ୍ତମାନର ୭୦୦ କୋଟି ଟଙ୍କା ମୂଲ୍ୟର ତାଙ୍କ ଜମି ମାଫିଆଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ଶକ୍ତିଶାଳୀ ରାଜନେତା । ସେ ଗାନ୍ଧୀ ଏବଂ ବିନୋଭା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୨୦୧୯ ସେପ୍ଟେମ୍ବର ୧୯ଠାରୁ ମୁଜାଫରନଗରରେ ବିକ୍ଷୋଭ କରିଆସୁଛନ୍ତି। ସେ ନ୍ୟାୟ ପାଇବା ପାଇଁ ଜବରଦଖଲ ହୋଇଥିବା ଜମିକୁ ଫେରାଇ ଆଣିବାକୁ ନିଜ ଜୀବନକୁ ଉତ୍ସର୍ଗ କରିଥିବା କହିଛନ୍ତି। ଭାରତୀୟ କିଷାନ ୟୁନିୟନ ସଭାପତି ନରେଶ ଟିକାୟତ୍ ସୋମବାର ତାଙ୍କର ଏହି ଉତ୍ସର୍ଗୀକୃତକୁ ପ୍ରଶଂସା କରି ଏକ ଟୁଇଟ୍ କରିଛନ୍ତି। ଏହା ଯୁବପିଢି ପାଇଁ ପ୍ରେରଣା ବୋଲି କହିଛନ୍ତି। ବିଜୟ ଏନେଇ ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ ବୋଲି କହିଛନ୍ତି।

# ବିଶ୍ୱ ନାଗରିକ ସୁରକ୍ଷା ଦିବସ



ବିଶ୍ୱର ନାଗରିକଙ୍କ ସୁରକ୍ଷା ଅତ୍ୟାବଶ୍ୟକ। ନାଗରିକଙ୍କ ସୁରକ୍ଷା ଦ୍ୱାରା ବିକାଶର ମାର୍ଗ ପ୍ରଶସ୍ତ ହୋଇଥାଏ। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ବିଶ୍ୱ ନାଗରିକ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ୧୯୯୦ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ (ଆଇସିଡିଓ) ଏହି ଦିନକୁ ବିଶ୍ୱସ୍ତରୀୟ ପାଳନ କରିବାକୁ ଘୋଷଣା କରିଥିଲା। ୫୯ଟି ଦେଶ ଆଇସିଡିଓର ସଦସ୍ୟ। ଏହି ସଂଗଠନ ସମ୍ପୃକ୍ତ ସଦସ୍ୟ ଦେଶରେ ନାଗରିକ ପ୍ରତିରକ୍ଷା ବାହିନୀର ମାନବ ସମ୍ବଳ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଯଥାସମ୍ଭବ ତାଲିମ କାର୍ଯ୍ୟକ୍ରମ ଚଳାଇଥାଏ। ଯୁଦ୍ଧ ସମୟରେ ସାଧାରଣ ନାଗରିକ ସୁରକ୍ଷା ସମସ୍ୟା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ। ୨୮ ମେ ୧୯୩୧ରେ, ଫରାସୀ ସର୍ଜନ-ଜେନେରାଲ ଜର୍ଜ ସେଣ୍ଟ-ପାଲ ପ୍ୟାରିସରେ 'ଜେନେଭା ଜୋନ' ଆସୋସିଏଶନ ପ୍ରତିଷ୍ଠା କରିଥିଲେ ; ଯାହା ତାଙ୍କୁ ପ୍ରଥମେ ମାନବ ସୁରକ୍ଷା ପାଇଁ ଏହି ଧାରଣା ଦେଇଥିଲା। ଏହି ଜୋନ୍ ମୁଖ୍ୟତଃ ମହିଳା, ଶିଶୁ, ବୃଦ୍ଧ ତଥା ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କୁ ଯୁଦ୍ଧ ସମୟରେ ଆଶ୍ରୟ ଦେଉଥିଲା। ୧୯୩୬ ମସିହାରେ ଯେତେବେଳେ ସ୍ପେନରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା, ଆସୋସିଏଶନ ଚାଇନାରେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୁନର୍ବାର ଫ୍ରାନ୍ସରେ ଶରଣାର୍ଥୀ ଶିବିର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲା। ୧୯୫୮ ମସିହାରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ଭାବରେ ଆରମ୍ଭ ହେବା ଦିନଠାରୁ, ଆଇସିଡିଓ ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ମଧ୍ୟରେ ଏକ ସେତୁ ସୃଷ୍ଟି କରିବା, ଜନସଂଖ୍ୟା ସୁରକ୍ଷା ଅନୁସନ୍ଧାନ କରିବା ସହ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିକ୍ରିୟାର ସମନ୍ୱୟ ସମେତ ଅନେକ ଦିଗରେ କାର୍ଯ୍ୟ କରିଆସୁଛି।


**CLASSIFIED DISPLAY** — ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385
9178722970, 8018240892
7894447167, 9338226625

SS 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ଫାଇନାନ୍ସ**
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମୁକ୍ତା ଯୋଜନାରେ ତୁରନ୍ତ ବିଲ୍ ପୈଠ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୨(ବ୍ୟୁରୋ): ରାଜ୍ୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଅଧୀନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟର ବିଲ୍ ପୈଠ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୟୁଏଲବି ଏବଂ ମହାନଗର ନିଗମ ଓ ଏନ୍ଏସିଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଏନେଇ ସମସ୍ତ ଜିଲାପାଳ, ମହାନଗର ନିଗମର କମିଶନର, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ମୋଟ୍ ୧୧୫ଟି ୟୁଏଲବିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ବକେୟା ଥିବା ବିଲ୍ ପୈଠ ପାଇଁ ମହାନଗର ନିଗମଗୁଡ଼ିକୁ ୧୧ଦିନର ସମୟ ଦିଆଯାଇଛି। ସେହିପରି ୯ଦିନ ମଧ୍ୟରେ ବିଲ୍ ପୈଠ କରିବା ନେଇ ଏନ୍ଏସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମିକ, ବ୍ୟବସାୟୀ, ଏମ୍ଏସ୍ଜି ବା ଏସ୍ଡିଏ ଯେପରି କାର୍ଯ୍ୟ ସମାପ୍ତର ତୁରନ୍ତ ପାଉଣା ପାଇବେ ସେନେଇ ବନ୍ଦୋବସ୍ତ କରିବା ପାଇଁ କୁହାଯାଇଛି।

### ବେକାର ଡିପ୍ଲୋମା ଇଞ୍ଜିନିୟରଙ୍କ ଧାରଣା

ଭୁବନେଶ୍ୱର,୨୮।୨(ବ୍ୟୁରୋ): ଓଏସ୍ଏସ୍ସି ଦ୍ୱାରା ପରିଚାଳିତ ସିଆଇଏସ୍ଆର୍ଇ ଫେବୃୟାରୀ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏନେଇ ବେକାର ଡିପ୍ଲୋମା ଇଞ୍ଜିନିୟର ଆସୋସିଏଶନ ପକ୍ଷରୁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ସିଭିଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା ଡିଗ୍ରୀ ହାସଲ କରିଥିବା ଆଶାୟୀଙ୍କୁ ରାଜ୍ୟ ସରକାରଙ୍କ ଅଧୀନ ଓଏସ୍ଏସ୍ସି ବୋର୍ଡ଼ ଦ୍ୱାରା ପରିଚାଳିତ ସିଆଇଏସ୍ଆର୍ଇ ଦ୍ୱାରା ଚୟନ ପ୍ରକ୍ରିୟା କରାଯାଉଥିଲା। ୨୦୧୨ ପ୍ୟାନେଲ ଉଠିବା ପରେ ଓଏସ୍ଏସ୍ସି ଦ୍ୱାରା ସିଭିଲ୍ ଡ଼ିପ୍ଲୋମା ପିଲା ସିଧାସଳଖ ଚୟନ ହେଉଥିଲେ। ଦୀର୍ଘ ୧୦ ବର୍ଷ ମଧ୍ୟରେ ମାତ୍ର ୩ଥର ଓଏସ୍ଏସ୍ସି ସିଭିଲ୍ ଡିପ୍ଲୋପା ପିଲାଙ୍କ ପାଇଁ ଜେଇ ପଦବୀ ସୃଷ୍ଟି ହୋଇଥିଲା। ପ୍ରାୟ ୪୦ ହଜାରରୁ ଅଧିକ ଆଶାୟୀ ରହିଥିବାବେଳେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପ୍ରାୟ ୫ ହଜାରରୁ ଅଧିକ ଆଶାୟୀ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ହୋଇଥିଲେ ମଧ ଏହି ପରୀକ୍ଷା ପାଇଁ ଚାକିରି ଛାଡ଼ିଦେଇଛନ୍ତି। ତେଣୁ ଆସୋସିଏଶନ ପକ୍ଷରୁ ଏପରି ନିଷ୍ପତ୍ତିକୁ ବିରୋଧ କରାଯାଇଛି।

### ଧାରଣା ଦେବେ ଜଳ ସମ୍ପଦ ବିଭାଗ ଅସ୍ଥାୟୀ, ଛଟେଇ କର୍ମଚାରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ): ଓଡ଼ିଶା ଜଳ ସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘ ପକ୍ଷରୁ ୩ଦଫା ନେଇ ଆସନ୍ତା ୩ ତାରିଖରେ ଗଣଧାରଣା ଅନୁଷ୍ଠିତ ହେବ। ଏନେଇ ସଂଘର ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଜଳସେଚନ ବିଭାଗର ସେଚ ସଦନ ସମ୍ମୁଖରେ ସଂଘର ସଦସ୍ୟା ସଦସ୍ୟ ପ୍ରତିବାଦ ପ୍ରଦର୍ଶନ କରିବେ। ୧୯୯୩ ମସିହା ପରଠାରୁ ଜଳସମ୍ପଦ ବିଭାଗ ଅଧୀନରେ କାର୍ଯ୍ୟ କରି ଆସୁଥିବା ସମସ୍ତ ଅସ୍ଥାୟୀ ଓ ଛଟେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସଂଘର ମୁଖ୍ୟ ଦାବି ରହିଛି। ସେହିପରି ସମାନ କାମକୁ ସମାନ ଦରମା ପ୍ରଦାନ ଓ ୧୯୯୩ ପରେ କାର୍ଯ୍ୟ କରୁଥିବା ଜଳସମ୍ପଦ ବିଭାଗର ସମସ୍ତ ଡିଭିଜନ ତାଲିକାରୁ ବାଦ୍ ପଡ଼ିଥିବା କର୍ମଚାରୀଙ୍କ ନାମ ତାଲିକାଭୁକ୍ତ କରାଯିବାକୁ ସଂଘ ଦାବି କରିଛି।

# ନଷ୍ଟ ହୋଇଗଲାଣି ବାଉଁଶ ବ୍ୟାରିକେଡ୍

ଭୁବନେଶ୍ୱର, ୨୮।୨(ବ୍ୟୁରୋ)



ବାଉଁଶରେ ତିଆରି ହୋଇଥିବା ବ୍ୟାରିକେଡ୍ ଭାଙ୍ଗିପଡ଼ିଛି ।

ରାଜଧାନୀ ଭୁବନେଶ୍ୱରର ସ୍ମାର୍ଟ ଜନପଥକୁ ଅଧିକ ସୁନ୍ଦର କରିବା ଉଦ୍ଦେଶ୍ୟରେ ମେଡିଆନ୍‌ରେ ପରିବେଶ ଅନୁକୂଳ ବାଉଁଶ ବ୍ୟାରିକେଟ୍ ଲଗାଯାଇଥିଲା। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଶିଶୁ ଭବନ ଛକଠାରୁ ବାଣୀବିହାର (୩.୯ କିଲୋମିଟର) ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଳ୍ପ କିଛିଦିନ ମଧ୍ୟରେ ଏଗୁଡିକ ନଷ୍ଟ ହେବାକୁ ବସିଲାଣି। କେଉଁଠି ବାଉଁଶ ଭାଙ୍ଗି ରାସ୍ତାକୁ ନଇଁଯାଇଛି ତ ଆଉ କେଉଁଠି ଭାଙ୍ଗି ତଳେ ପଡିଛି। ବିଶେଷକରି ରୁପାଲି ଛକ ପାଖରେ ବ୍ୟାରିକେଡ୍ ନାହିଁ କହିଲେ ଚଳେ। ଏଠାରେ ଖଣ୍ଡେ କି ଦୁଇଖଣ୍ଡ ବାଉଁଶ ନୁହେଁ ବରଂ ପୂରା ବ୍ୟାରିକେଡ୍ ହିଁ ଉଭାନ୍ ହୋଇଯାଇଛି। ଫଳରେ ଲୋକେ ମନଇଚ୍ଛା ଏହିବାଟ ଦେଇ ରାସ୍ତା ପାର ହେଉଛନ୍ତି। ସେହିପରି ବାଉଁଶ ବାଡ଼ ହୋଇଥିବାରୁ କେତେକ ବ୍ୟକ୍ତି ଏହାକୁ ଭାଙ୍ଗିଦେଇ ରାସ୍ତା ପାର ହେଉଥିବା ଦେଖିବାକୁ ମିଳୁଛି। ମାଷ୍ଟରକ୍ୟାଣ୍ଟିନ ଛକରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତା ମୁଖ୍ୟତଃ ବ୍ୟସ୍ତବହୁଳ ଅଞ୍ଚଳ ହୋଇଥିବାରୁ ଏଭଳି ଭାବେ ରାସ୍ତା ପାର ହେବା ପଥଚାରୀଙ୍କ ପାଇଁ ବିପଜ୍ଜନକ ହେବାର ଯଥେଷ୍ଟ ଆଶଙ୍କା ରହିଛି।

ମେଡିଆନ୍‌ରେ ଲୁହା ଗ୍ରୀଲ ଲଗାଇବା ଦ୍ୱାରା ଏହା ଚୋରି ହୋଇଯାଉଥିଲା। ଅନେକ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ଲୋକେ ଏହି ଲୁହାଗ୍ରୀଲ୍‌ରେ ମାଡ଼ ହୋଇ ଅଧିକ ଆହତ ହେଉଥିଲେ। ସେହିପରି ଲୁହାଗ୍ରୀଲ ମହଙ୍ଗା ଏବଂ କଳଙ୍କି ରୋକିବା ପାଇଁ ଅତ୍ୟଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ। ତେଣୁ ଏଥିରୁ ବର୍ତ୍ତିବା ପାଇଁ ୨୦୨୧ରେ ବିଏସ୍‌ସିଏଲ୍ ପକ୍ଷରୁ ବାଉଁଶ ବ୍ୟାରିକେଡ ଲଗାଯାଇଥିଲା। କୋଲକାତାର ଅନେକ ସ୍ଥାନରେ ଏଭଳି ବାଉଁଶ ବ୍ୟବହାର କରାଯାଇଛି। ତେଣୁ

### କୋଲକାତା ମଡେଲରେ ହୋଇଥିଲା ନିର୍ମାଣ

ସେଠାକାର ମଡେଲକୁ ଦୃଷ୍ଟିରେ ରଖି ଏହି ଯୋଜନା ହାତକୁ ନିଆଯାଇଥିଲା। ଏହାଦ୍ୱାରା କମ୍ ବଜେଟ୍‌ରେ ବ୍ୟାରିକେଡ୍ ଲଗାଯିବା ସହ ଏହା ଇକୋ-ଫ୍ରେଣ୍ଡ୍‌ଲି ମଧ ହୋଇପାରିବ ବୋଲି ବିଏସ୍‌ସିଏଲ୍ ପକ୍ଷରୁ କୁହାଯାଇଥିଲା। ତେବେ ବାଉଁଶରେ କଳଙ୍କି ନ ଲାଗିଲେ ବି ଏହାର ମଧ ରକ୍ଷଣାବେକ୍ଷଣ ଆବଶ୍ୟକ ବୋଲି କର୍ତ୍ତୃପକ୍ଷ ଭୁଲିଗଲେ। ଫଳରେ ଏଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଅପରପକ୍ଷେ ଅଳ୍ପ କିଛିଦିନ ମଧ୍ୟରେ ୬୮ ଲକ୍ଷ ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହୋଇଥିବା ଏହି ବ୍ୟାରିକେଡ୍ ନଷ୍ଟ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନେଇ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସରେ ଜାତୀୟ ବିଜ୍ଞାନ ଦିବସ



ଛାତ୍ରୀଛାତ୍ରମାନେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସର ଲାବୋରେଟୋରି ବୁଲି ଦେଖୁଛନ୍ତି ।

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ପକ୍ଷରୁ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ୧୨୦ ସ୍କୁଲରୁ ୧୦୦୦ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୨୦ଟି ଷ୍ଟଲ ଆୟୋଜିତ ହୋଇଥିଲା। ଚଳିତବର୍ଷର 'ଥିମ୍ ଥିଲା ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ ୱେଲ୍‌ବିଙ୍ଗ୍'। ଇନ୍‌ଷ୍ଟିଚ୍ୟୁଟର ସମସ୍ତ ଲାବୋରେଟୋରି ବିଜ୍ଞାନ ଦିବସ ପାଇଁ ଗୋଟିଏ ଦିନ ଖୋଲା ରହିଥିଲା। ପିଲାମାନେ ଲ୍ୟାବ ପରିଦର୍ଶନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଉପସ୍ଥିତ ଥିଲେ। ଡ. କ୍ଷୀରୋଦ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭଞ୍ଜକଳା ମଣ୍ଡପରେ ଓଡ଼ିଶା ଡ୍ୟାନ୍ସ କ୍ରିଏଶନ୍ ପକ୍ଷରୁ ନୃତ୍ୟ ମହୋତ୍ସବ 'ଛନ୍ଦବିଭା-୨୦୨୩' ଅବସରରେ ୩ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଉଛି।

# ୩ ଜଣଙ୍କୁ ଛନ୍ଦବିଭା ସମ୍ମାନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଓଡ଼ିଶା ଡ୍ୟାନ୍ସ କ୍ରିଏଶନ୍ ପକ୍ଷରୁ ନୃତ୍ୟ ମହୋତ୍ସବ 'ଛନ୍ଦବିଭା-୨୦୨୩' ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା, ହେଲ୍ ଅନ୍ ଟପ୍‌ର ସିଇଓ ଡ. ଗୌରବ ରଲହାନ, ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଡ. ବି.ଏନ୍. ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ଡ. ଅରୁଣା ମହାନ୍ତିଙ୍କୁ ଛନ୍ଦବିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ କଣ୍ଠଶିଳ୍ପୀ ମାତୃପ୍ରସାଦ ଦାସଙ୍କ ଓଡ଼ିଶୀ ଗୀତରୁ ଆରମ୍ଭ ହୋଇଥିଲା। ପରେ ସୀତାକାନ୍ତ ଜେନା, ନମ୍ରତା ଡାଭେ ଓ ରୋହିତ ପ୍ରଧାନଙ୍କ ଦ୍ୱାରା ତ୍ରୟ ମର୍ଦ୍ଦଳ ବାଦନ ବେଶ୍ ଚିତ୍ତାକର୍ଷକ ଥିଲା। ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ଦୀପ୍ତିରଞ୍ଜନ ବରାଳ ଓ ହିମାଂଶୁ କୁମାର ରାୟଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ ନୃତ୍ୟ ଏବଂ ଉକ୍ତ ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ଦଳଗତ ନୃତ୍ୟରେ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ପଙ୍କଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଭିମୁଖ୍ୟ ସମ୍ପର୍କରେ ଅଭିଜିତ୍‌ ବିଶ୍ୱାଳ ଆଲୋକପାତ କରିଥିଲେ।

# ପୋଷା ଶୁଆ ଜନ୍ମଦିନ ପାଳନ ଘଟଣା: କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ସୋନପୁରର ଘୋଡ଼ାହାଡ଼ ଅଞ୍ଚଳରେ ପୂଜା ମହାରଣାଙ୍କ ପରିବାର ଘରେ ପୋଷିଥିବା ନାହାକା ଶୁଆ (Alexandrine Parakeet)ର ଜନ୍ମ ଦିନ ପାଳନ କରିବା ଏବଂ କେକ୍ କାଟି ସାହିପିଲାଙ୍କୁ ଭୋଜି ଖୁଆଇବା ଘଟଣା ନେଇ ହରଡ଼ଘଣାରେ ପଡିଛନ୍ତି। ଜନ୍ମଦିନ ପାଳନ କରିଥିବା ପରିବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ପିସିସିଏଫ୍ ବନ୍ୟପ୍ରାଣୀ ତଥା ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଇମେଲ ଜରିଆରେ ଅଭିଯୋଗ କରି ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ଭାରତୀୟ ଶୁଆମାନେ ସଂରକ୍ଷିତ। ତେଣୁ ଶୁଆକୁ କିଣାବିକା କରିବା ଅପରାଧରେ ରାଜ୍ୟରେ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆଗରୁ ନାହାକା ଶୁଆ ବନ୍ୟପ୍ରାଣୀ ଆଇନରେ ସିଡ୍ୟୁଲ-୪ରେ ଥିବାବେଳେ, ଗତବର୍ଷ ବନ୍ୟପ୍ରାଣୀ ଆଇନରେ ଆମେଣ୍ଡମେଣ୍ଟ କରାଯାଇ ସଂଶୋଧନ ପରେ ସିଡ୍ୟୁଲ-୨କୁ ଉନ୍ନୀତ କରାଯାଇଛି। ଅର୍ଥାତ୍ ଆଗରୁ ଶୁଆ ରଖିବା ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ପ୍ରାବଧାନ ଥିବାବେଳେ, ନୂଆ ଆଇନରେ ଏହାକୁ ଆହୁରି କଡ଼ାକଡି କରାଯାଇ ୭ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇଛି। ଏ ନେଇ ଶୁଭେନ୍ଦୁ କହିଛନ୍ତି, ଦେଶରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ମସିହାରୁ କାର୍ଯ୍ୟକାରୀ ହୋଇଥିଲେ ମଧ ଓଡ଼ିଶାରେ ଅନେକ ଅଞ୍ଚଳରେ ଲୋକେ ଆଦୌ ସଚେତନ ହୋଇନାହାନ୍ତି। ଫଳରେ ସମୟ ସମୟରେ ବନ୍ୟପ୍ରାଣୀ (ପଶୁପକ୍ଷୀ)ଙ୍କୁ ଘରେ ପଞ୍ଜୁରିରେ ପୋଷିବାକୁ ନେଇ ଆଇନ ଉଲ୍ଲଂଘନ କରିବା ଦେଖାଯାଉଛି। ତେଣୁ ସୋନପୁରରେ ଶୁଆ ଜନ୍ମଦିନ ପାଳନ କରିଥିବା ପରିବାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ, ରାଜ୍ୟରେ ଅନ୍ୟମାନେ ମଧ ନିଜ ଘରେ ଶୁଆ ରଖିବା ପାଇଁ ସାହସ ପାଇବେ।

## ହତ୍ୟା ମାମଲା ରୁଜୁ, ୩ ଅଟକ

### ଛେଳି ଚୋରିକୁ ନେଇ ଯୁବକଙ୍କ ମୃତ୍ୟୁ ଘଟଣା

ଖୁଣ୍ଟୁଣୀ, ୨୮।୨(ଡି.ଏନ.ଏ.): ଖୁଣ୍ଟୁଣୀ ଥାନା ସଡ଼କ ସାହିରେ ଏକ ଛେଳି ଚୋରିକୁ କେନ୍ଦ୍ରକରି କ୍ଲବ ଘରେ ରଖି ମାଡ଼ ମାରିବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ମୃତକ ହେଲେ ଉକ୍ତ ଥାନା ରାଧାକୃଷ୍ଣପୁର ଗ୍ରାମର ପୁନିଆ ନାଏକ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସଡ଼କ ସାହିର ୩ ଜଣଙ୍କୁ ଗ୍ରାମରୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ରବିବାର ପୂର୍ବାହ୍ନ ୧୦ଟାରେ ଏହି ଥାନା ଅଧୀନ ରାଧାକୃଷ୍ଣପୁର ଗ୍ରାମର ବାଉରୀ ନାଏକଙ୍କ ପୁଅ ପୁନିଆ ଓ ଦ୍ୱିଜ ନାଏକଙ୍କ ପୁଅ ବିମ୍ବ ଦୁହେଁ ଘରୁ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜାଖୋଜି କରିବାରୁ ଖବର ପାଇଲେ ଯେ ପୁନିଆ ଓ ବିମ୍ବଙ୍କୁ ସଡ଼କସାହିର କେତେଜଣ ଯୁବକ ମାଡ଼ମାରି କ୍ଲବ ଘରେ ବାନ୍ଧି ରଖିଛନ୍ତି। ପୁନିଆ ଘର ଲୋକ ସରପଞ୍ଚ କାହ୍ନୁଚରଣ ମହାନ୍ତିଙ୍କୁ ନେଇ ସଡ଼କ ସାହିକୁ ଯାଇ ସେଠାରୁ ତାଙ୍କ ପୁଅ ଓ ବିମ୍ବକୁ ଛାଡ଼ିବା ପାଇଁ କହିଥିଲେ। ସରପଞ୍ଚ ଓ ପରିବାର ଲୋକଙ୍କ ସହ ଆଲୋଚନା ପରେ ସମସ୍ତଙ୍କ ଉପସ୍ଥିତିରେ ୧୫୦୦ ଟଙ୍କା ଦେଇ ପୁନିଆ ଓ ବିମ୍ବଙ୍କୁ ଘରକୁ ନେଇ ଆସିଥିଲେ। ସୋମବାର ପୁନିଆଙ୍କ ଦେହ ଅସୁସ୍ଥ ହେବାରୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଅନ୍ୟପଟେ ବିମ୍ବଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ପୁନିଆଙ୍କ ଅବସ୍ଥା ସଙ୍କଟାପନ୍ନ ଦର୍ଶାଇ କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ରାସ୍ତାରେ ଜଳିଗଲା ହାଇୱା

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ପଟିଆ କିଟ୍ ଛକ ନିକଟରେ ମଙ୍ଗଳବାର ଭୋର ପ୍ରାୟ ୫ଟା ୨୦ରେ ଏକ ହାଇୱା (ନଂ. ଓଡି ୦୫ଟି-୯୯୨୨) ଜଳିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ତେବେ ଅଗ୍ନିକାଣ୍ଡରେ ହାଇୱାଟି ପୋଡ଼ି ୫୦ ପ୍ରତିଶତ ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ଉକ୍ତ ହାଇୱାଟି ଜୟଦେବ ବିହାର ପଟୁ କିଟ୍ ଆଡ଼କୁ ଯାଉଥିଲା। କିଟ୍ ଛକ ନିକଟରେ ଏକ ଗାଡ଼ିକୁ ହାଇୱାଟି ଧକ୍କା ଦେଇଥିଲା। ଉକ୍ତ ଗାଡ଼ିଟି ପଳାଇଯାଇଥିବା ବେଳେ ହାଇୱାରେ ନିଆଁ ଲାଗିଯାଇଥିଲା ବୋଲି ସ୍ଥାନୀୟ ଲୋକଙ୍କୁ ପକ୍ଷରୁ ସୂଚନା ମିଳିଛି।



ଜଳିଯାଇଥିବା ହାଇୱା ।

# କିସ୍‌ରୁ ଏଥର ରେକର୍ଡ ସଂଖ୍ୟକ ମାଟ୍ରିକ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

### ଓଡ଼ିଶା ସମେତ ୫ରାଜ୍ୟର ଛାତ୍ରୀଛାତ୍ର ସାମିଲ

ଚଳିତବର୍ଷ କିସ୍‌ରୁ ମାଟ୍ରିକ୍ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେଉଥିବା ବେଳେ କିସ୍‌ର ୧,୯୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚଳିତବର୍ଷ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆସାମ ରାଜ୍ୟର ଜନଜାତି ଛାତ୍ରୀଛାତ୍ରମାନେ କିସ୍‌ରେ ନାମ ଲେଖାଇ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାରରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ କିସ୍‌ର ୧,୫୮୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳାରେ ୬୩୫ ଛାତ୍ରୀଛାତ୍ର ଥିବା ବେଳେ ବାଣିଜ୍ୟରେ ୪୫୭ ଏବଂ ବିଜ୍ଞାନରେ ୪୮୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର କିସ୍ ପରିସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପରୀକ୍ଷାର୍ଥୀଙ୍କ ଶୁଭକାମନା କରିବା ସହ ପିଲାଙ୍କୁ କଲମ ବଣ୍ଟନ କରି ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିବେ ବୋଲି ସାମନ୍ତ ଆଶା ପୋଷଣ କରିଛନ୍ତି। ଏହା ସହିତ ସମୟର ସଦୁପଯୋଗ କରିବା ପାଇଁ ସାମନ୍ତ ପିଲାଙ୍କୁ ପରାମର୍ଶ ଦେବା ସହ ପରୀକ୍ଷା ପରେ ମଧ ସମୟ ଅପଚୟ ନ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏ ନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ସଭାରେ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ସଂସ୍କୃତି ବିଭାଗର ଅନୁ-ସଚିବ ଲକ୍ଷ୍ମୀଧର ବେହେରା, ସାଂସ୍କୃତିକ ସାମୁଖ୍ୟର ସଂଯୋଜକ ପ୍ରବୀର ମହାନ୍ତି, ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ବରିଷ୍ଠ ନାଗରିକ କମିଟିର ସାଧାରଣ ସମ୍ପାଦକ ଇଂ. ସୁରେଶ ଚନ୍ଦ୍ର କର, ଦୁର୍ଗାପୂଜା କମିଟିର ସାଧାରଣ ସମ୍ପାଦକ ଶୀତଳ ଚନ୍ଦ୍ର ମହାନ୍ତି ଏବଂ ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ପ୍ରମୁଖ ଏହି ବରପୁତ୍ରଙ୍କ ଗୁଣଗାନ କରିଥିଲେ। ବରିଷ୍ଠ ନାଗରିକ ଡ. କୁମୁଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।



ଭିଏସ୍ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଗବେଷଣା କ୍ଷେତ୍ରରେ ନୂଆ ଉଦ୍ଭାବନ ପାଇଁ ବୈଜ୍ଞାନିକଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସି.ଭି. ରମଣ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ସି.ଭି. ରମଣ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଶିବପ୍ରସାଦ ଅଧିକାରୀଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର, ଡ. ଶେଷ କିଷାନଙ୍କୁ ଯୁବ ବୈଜ୍ଞାନିକ ପୁରସ୍କାର ଏବଂ ଯିଶୁ ଦାସଙ୍କୁ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଗବେଷଣା କ୍ଷେତ୍ରରେ କିଛି ନୂଆ କରିବାକୁ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଫେସର ଆଚାର୍ଯ୍ୟ ମିଳିତ ଜାତିସଂଘର ଜାତୀୟ ବିଜ୍ଞାନ ଦିବସ ଥିମ୍ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ କାହିଁକି ଆମ ଦୈନନ୍ଦିନ ଜୀବନରେ ବ୍ୟବହାର ହୁଏ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଜୟକ୍ରିଷ୍ଣ ପାଣିଗ୍ରାହୀ, ପରାମର୍ଶଦାତା ବିଜୟ ଦାସ ଓ ସଂଯୋଜକ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉପସ୍ଥିତ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସହଭାଗିତା ସିଭି ରମଣ ଫାଉଣ୍ଡେଶନ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ସିଭି ରମଣ ଫାଉଣ୍ଡେସନର ସମ୍ପାଦକ ବିଶ୍ୱଜିତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ଧାରଣା ଦେବେ ଜଳ ସମ୍ପଦ ବିଭାଗ ଅସ୍ଥାୟୀ, ଛଟେଇ କର୍ମଚାରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ): ଓଡ଼ିଶା ଜଳ ସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘ ପକ୍ଷରୁ ୩ଦଫା ନେଇ ଆସନ୍ତା ୩ ତାରିଖରେ ଗଣଧାରଣା ଅନୁଷ୍ଠିତ ହେବ। ଏନେଇ ସଂଘର ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଜଳସେଚନ ବିଭାଗର ସେଚ ସଦନ ସମ୍ମୁଖରେ ସଂଘର ସଦସ୍ୟା ସଦସ୍ୟ ପ୍ରତିବାଦ ପ୍ରଦର୍ଶନ କରିବେ। ୧୯୯୩ ମସିହା ପରଠାରୁ ଜଳସମ୍ପଦ ବିଭାଗ ଅଧୀନରେ କାର୍ଯ୍ୟ କରି ଆସୁଥିବା ସମସ୍ତ ଅସ୍ଥାୟୀ ଓ ଛଟେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସଂଘର ମୁଖ୍ୟ ଦାବି ରହିଛି। ସେହିପରି ସମାନ କାମକୁ ସମାନ ଦରମା ପ୍ରଦାନ ଓ ୧୯୯୩ ପରେ କାର୍ଯ୍ୟ କରୁଥିବା ଜଳସମ୍ପଦ ବିଭାଗର ସମସ୍ତ ଡିଭିଜନ ତାଲିକାରୁ ବାଦ୍ ପଡ଼ିଥିବା କର୍ମଚାରୀଙ୍କ ନାମ ତାଲିକାଭୁକ୍ତ କରାଯିବାକୁ ସଂଘ ଦାବି କରିଛି।

### ବେକାର ଡିପ୍ଲୋମା ଇଞ୍ଜିନିୟରଙ୍କ ଧାରଣା

ଭୁବନେଶ୍ୱର,୨୮।୨(ବ୍ୟୁରୋ): ଓଏସ୍ଏସ୍‌ସି ଦ୍ୱାରା ପରିଚାଳିତ ସିଆଇଏସ୍ଆର୍‌ଇ ଫେବୃୟାରୀ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏନେଇ ବେକାର ଡିପ୍ଲୋମା ଇଞ୍ଜିନିୟର ଆସୋସିଏଶନ ପକ୍ଷରୁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ସିଭିଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା ଡିଗ୍ରୀ ହାସଲ କରିଥିବା ଆଶାୟୀଙ୍କୁ ରାଜ୍ୟ ସରକାରଙ୍କ ଅଧୀନ ଓଏସ୍ଏସ୍‌ସି ବୋର୍ଡ଼ ଦ୍ୱାରା ପରିଚାଳିତ ସିଆଇଏସ୍ଆର୍‌ଇ ଦ୍ୱାରା ଚୟନ ପ୍ରକ୍ରିୟା କରାଯାଉଥିଲା। ୨୦୧୨ ପ୍ୟାନେଲ ଉଠିବା ପରେ ଓଏସ୍ଏସ୍‌ସି ଦ୍ୱାରା ସିଭିଲ୍ ଡ଼ିପ୍ଲୋମା ପିଲା ସିଧାସଳଖ ଚୟନ ହେଉଥିଲେ। ଦୀର୍ଘ ୧୦ ବର୍ଷ ମଧ୍ୟରେ ମାତ୍ର ୩ଥର ଓଏସ୍ଏସ୍‌ସି ସିଭିଲ୍ ଡିପ୍ଲୋପା ପିଲାଙ୍କ ପାଇଁ ଜେଇ ପଦବୀ ସୃଷ୍ଟି ହୋଇଥିଲା। ପ୍ରାୟ ୪୦ ହଜାରରୁ ଅଧିକ ଆଶାୟୀ ରହିଥିବାବେଳେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପ୍ରାୟ ୫ ହଜାରରୁ ଅଧିକ ଆଶାୟୀ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ହୋଇଥିଲେ ମଧ୍ୟ ଏହି ପରୀକ୍ଷା ପାଇଁ ଚାକିରି ଛାଡ଼ିଦେଇଛନ୍ତି। ତେଣୁ ଆସୋସିଏଶନ ପକ୍ଷରୁ ଏପରି ନିଷ୍ପତ୍ତିକୁ ବିରୋଧ କରାଯାଇଛି।

### ବିଦ୍ୟାଳୟର ବାର୍ଷିକୋତ୍ସବ

ଖୋର୍ଦ୍ଧା ଅଫିସ,୨୮।୨: ସ୍ଥାନୀୟ ମହାମାୟା ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପ୍ରଧାନଶିକ୍ଷକ ଅଖିଳ ବିହାରୀ ପଟ୍ଟନାୟକଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ରମେଶଚନ୍ଦ୍ର ଖଟେଇ, ମୋ ସ୍କୁଲ କମିଟିର ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପଣ୍ଡା, ଓଷ୍ଟାର ଜିଲା ସାଧାରଣ ସମ୍ପାଦକ ସୁଧାକର ମହାପାତ୍ର, କ୍ଲଷ୍ଟର୍ ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣା, ପୋଡ଼ାପୁଟ ଉ.ପ୍ରା.ବିଦ୍ୟାଳୟର ପ୍ରଧାନଶିକ୍ଷକ ଭକ୍ତ ବଲ୍ଲଭ ଜେନା, ବଘେଇଟାଙ୍ଗୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଲେଇ, ବିଙ୍କୁଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ନନ୍ଦ, ଓଷ୍ଟା ଖୋର୍ଦ୍ଧା ମଣ୍ଡଳ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ଶିକ୍ଷକ ଫକୀର ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ରମେଶ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜୁନିୟର୍, ସବ୍‌ଜୁନିୟର୍, ସିନିୟରସ୍ତରରେ ବାଳିକା ବାଳକଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାରେ ୨୧୦ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଶିକ୍ଷକ ସୁକାନ୍ତ ସେଠୀ, ଚନ୍ଦ୍ରକାନ୍ତ ସୁନ୍ଦରାୟ, ସୁଜାତା ପଣ୍ଡା, ସରିତା ନନ୍ଦ, ପ୍ରଣତି ବରାଳ, ହୀରାମଣି ରାଉତ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁନିତା ମହାରଣା, ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ପ୍ରାରମ୍ଭିକ ବିଦାୟୀ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଂଯୋଜନା ଓ ଶିକ୍ଷକ ପଦ୍ମନାଭ ସାହୁ ଧନ୍ୟବାଦ ଦେଇଥିଲେ।

### ବିଜୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲିପାଟଣା,୨୮।୨(ଡି.ଏନ୍.ଏ.): ବିଜୁ ଜନତାଦଳ ପକ୍ଷରୁ ନିର୍ବଚନମଣ୍ଡଳୀ ସ୍ତରୀୟ ବିଜୁ ଜୟନ୍ତୀ ବାଲିପାଟଣା ଓ ବାଲିଅନ୍ତା ବ୍ଲକ ଦୋସିମାଳି ଖମଙ୍ଗ ଛକ ନିକଟରେ ପାଳିତ ହେବ। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଦୁଇ ବ୍ଲକର ବହୁ ନେତା ଓ କର୍ମୀ ସାମିଲ ହେବେ। ବିଜୁ ଆଦର୍ଶରେ ଦୀର୍ଘ ୨୪ବର୍ଷ ଧରି ଚାଲି ଆସୁଥିବା କାର୍ଯ୍ୟର ରିପୋର୍ଟ କାର୍ଡ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ଦୁଇ ବ୍ଲକର ବିଜୁ ପ୍ରେମୀ ଦଳୀୟ କର୍ମୀ ଓ ସାଧାରଣ ଜନତା ଯୋଗଦେବାକୁ ଆହ୍ୱାନ ଦିଆଯାଇଛି।

# ନଷ୍ଟ ହୋଇଗଲାଣି ବାଉଁଶ ବ୍ୟାରିକେଡ୍

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ସ୍ମାର୍ଟ ଜନପଥକୁ ଅଧିକ ସୁନ୍ଦର କରିବା ଉଦ୍ଦେଶ୍ୟରେ ମେଡିଆନ୍‌ରେ ପରିବେଶ ଅନୁକୂଳ ବାଉଁଶ ବ୍ୟାରିକେଟ୍ ଲଗାଯାଇଥିଲା। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଶିଶୁ ଭବନ ଛକଠାରୁ ବାଣୀବିହାର (୩.୯ କିଲୋମିଟର) ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଳ୍ପ କିଛିଦିନ ମଧ୍ୟରେ ଏଗୁଡିକ ନଷ୍ଟ ହେବାକୁ ବସିଲାଣି। କେଉଁଠି ବାଉଁଶ ଭାଙ୍ଗି ରାସ୍ତାକୁ ନଇଁଯାଇଛି ତ ଆଉ କେଉଁଠି ଭାଙ୍ଗି ତଳେ ପଡିଛି। ବିଶେଷକରି ରୁପାଲି ଛକ ପାଖରେ ବ୍ୟାରିକେଡ୍ ନାହିଁ କହିଲେ ଚଳେ। ଏଠାରେ ଖଣ୍ଡେ କି ଦୁଇଖଣ୍ଡ ବାଉଁଶ ନୁହେଁ ବରଂ ପୁରା ବ୍ୟାରିକେଡ୍ ହିଁ ଉଭାନ୍ ହୋଇଯାଇଛି। ଫଳରେ ଲୋକେ ମନଇଚ୍ଛା ଏହିବାଟ ଦେଇ ରାସ୍ତା ପାର ହେଉଛନ୍ତି। ସେହିପରି ବାଉଁଶ ବାଡ଼ ହୋଇଥିବାରୁ କେତେକ ବ୍ୟକ୍ତି ଏହାକୁ ଭାଙ୍ଗିଦେଇ ରାସ୍ତା ପାର ହେଉଥିବା ଦେଖିବାକୁ ମିଳୁଛି। ମାଷ୍ଟରକ୍ୟାଣ୍ଟିନ ଛକରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତା ମୁଖ୍ୟତଃ ବ୍ୟସ୍ତବହୁଳ ଅଞ୍ଚଳ ହୋଇଥିବାରୁ ଏଭଳି ଭାବେ ରାସ୍ତା ପାର ହେବା ପଥଚାରୀଙ୍କ ପାଇଁ ବିପଦଜ୍ଜନକ ହେବାର ଯଥେଷ୍ଟ ଆଶଙ୍କା ରହିଛି।

ମେଡିଆନ୍‌ରେ ଲୁହା ଗ୍ରୀଲ ଲଗାଇବା ଦ୍ୱାରା ଏହା ଚୋରି ହୋଇଯାଉଥିଲା। ଅନେକ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ଲୋକେ ଏହି ଲୁହାଗ୍ରୀଲ୍‌ରେ ମାଡ଼ ହୋଇ ଅଧିକ ଆହତ ହେଉଥିଲେ। ସେହିପରି ଲୁହାଗ୍ରୀଲ ମହଙ୍ଗା ଏବଂ କଳଙ୍କି ରୋକିବା ପାଇଁ ଅତ୍ୟଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ। ତେଣୁ ଏଥିରୁ ବର୍ତ୍ତିବା ପାଇଁ ୨୦୨୧ରେ ବିଏସ୍‌ସିଏଲ୍ ପକ୍ଷରୁ ବାଉଁଶ ବ୍ୟାରିକେଡ ଲଗାଯାଇଥିଲା। କୋଲକାତାର ଅନେକ ସ୍ଥାନରେ ଏଭଳି ବାଉଁଶ ବ୍ୟବହାର କରାଯାଇଛି। ତେଣୁ ସେଠାକାର ମଡେଲକୁ ଦୃଷ୍ଟିରେ ରଖି ଏହି ଯୋଜନା ହାତକୁ ନିଆଯାଇଥିଲା। ଏହାଦ୍ୱାରା କମ୍ ବଜେଟ୍‌ରେ ବ୍ୟାରିକେଡ୍ ଲଗାଯିବା ସହ ଏହା ଇକୋ-ଫ୍ରେଣ୍ଡ୍‌ଲି ମଧ୍ୟ ହୋଇପାରିବ ବୋଲି ବିଏସ୍‌ସିଏଲ୍ ପକ୍ଷରୁ କୁହାଯାଇଥିଲା। ତେବେ ବାଉଁଶରେ କଳଙ୍କି ନ ଲାଗିଲେ ବି ଏହାର ମଧ୍ୟ ରକ୍ଷଣାବେକ୍ଷଣ ଆବଶ୍ୟକ ବୋଲି କର୍ତ୍ତୃପକ୍ଷ ଭୁଲିଗଲେ। ଫଳରେ ଏଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଅପରପକ୍ଷେ ଅଳ୍ପ କିଛିଦିନ ମଧ୍ୟରେ ୬୮ ଲକ୍ଷ ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହୋଇଥିବା ଏହି ବ୍ୟାରିକେଡ୍ ନଷ୍ଟ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନେଇ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### କୋଲକାତା ମଡେଲରେ ହୋଇଥିଲା ନିର୍ମାଣ



### ମୁକ୍ତା ଯୋଜନାରେ ତୁରନ୍ତ ବିଲ୍ ପୈଠ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ରାଜ୍ୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଅଧୀନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟର ବିଲ୍ ପୈଠ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୟୁଏଲବି ଏବଂ ମହାନଗର ନିଗମ ଓ ଏନ୍ଏସିଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଏନେଇ ସମସ୍ତ ଜିଲାପାଳ, ମହାନଗର ନିଗମର କମିଶନର, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ମୋଟ୍ ୧୧୫ଟି ୟୁଏଲବିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ବକେୟା ଥିବା ବିଲ୍ ପୈଠ ପାଇଁ ମହାନଗର ନିଗମଗୁଡ଼ିକୁ ୧୧ଦିନର ସମୟ ଦିଆଯାଇଛି। ସେହିପରି ୯ଦିନ ମଧ୍ୟରେ ବିଲ୍ ପୈଠ କରିବା ନେଇ ଏନ୍ଏସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମିକ, ବ୍ୟବସାୟୀ, ଏମ୍ଏସ୍‌ଜି ଯେପରି କାର୍ଯ୍ୟ ସମାପ୍ତରେ ତୁରନ୍ତ ପାଉଣା ପାଇବେ ବନ୍ଦୋବସ୍ତ କରିବା ପାଇଁ କୁହାଯାଇଛି।



ନିରାକାରପୁର: ଶ୍ରୀରାମ କୃପାଶତ ସଂଘ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଯଜ୍ଞ

ନିରାକାରପୁର,୨୮।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ହଜ୍‌ସ୍ଥିତ ହଜ ଦୋଳ ମେଳଣ ପଡିଆରେ ଶ୍ରୀରାମ କୃପାଶତ ସଂଘ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ନିକଟ ପୋଖରିରୁ ପାଣି ଉଠାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ସର୍ବ ଦେବଦେବୀ ଆବାହନ, ଅଗ୍ନିସ୍ଥାପନ, ସୂର୍ଯ୍ୟ ପୂଜା, ଗୋପୂଜା କାର୍ଯ୍ୟ ଆଦି ରିତିନୀତିରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ବକ୍ତାମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

## ୩ଜଣଙ୍କୁ ଛନ୍ଦବିଭା ସମ୍ମାନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଓଡ଼ିଶା ଡ୍ୟାନ୍ସ କ୍ରିଏଶନ୍ ପକ୍ଷରୁ ନୃତ୍ୟ ମହୋତ୍ସବ 'ଛନ୍ଦବିଭା-୨୦୨୩' ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା, ହେଲ୍ ଅନ୍ ଟପ୍‌ର ସିଇଓ ଡ. ଗୌରବ ରଲହାନ, ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଡ. ବି.ଏନ୍. ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ଡ. ଅରୁଣା ମହାନ୍ତିଙ୍କୁ ଛନ୍ଦବିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ କଣ୍ଠଶିଳ୍ପୀ ମାତୃପ୍ରସାଦ ଦାସଙ୍କ ଓଡ଼ିଶୀ ଗୀତରୁ ଆରମ୍ଭ ହୋଇଥିଲା। ପରେ ସୀତାକାନ୍ତ ଜେନା, ନମ୍ରତା ଡାଭେ ଓ ରୋହିତ ପ୍ରଧାନଙ୍କ ଦ୍ୱାରା ତ୍ରୟ ମର୍ଦ୍ଦଳ ବାଦନ ବେଶ୍ ଚିତ୍ତାକର୍ଷକ ଥିଲା। ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ଦୀପ୍ତିରଞ୍ଜନ ବରାଳ ଓ ହିମାଂଶୁ କୁମାର ରାୟଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ ନୃତ୍ୟ ଏବଂ ଉକ୍ତ ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ଦଳଗତ ନୃତ୍ୟରେ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ପଙ୍କଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଭିମୁଖ୍ୟ ସମ୍ପର୍କରେ ଅଭିଜିତ୍ ବିଶ୍ୱାଳ ଆଲୋକପାତ କରିଥିଲେ।

## ସତ୍ୟବାଦୀ ବଳିୟାରସିଂହଙ୍କୁ 'ସାହିତ୍ୟ ସରସ୍ୱତୀ' ସମ୍ମାନ

ଖୋର୍ଦ୍ଧା ଅଫିସ,୨୮।୨

ଧାରାଶ୍ରୀରାଧା ଟ୍ରଷ୍ଟ ପକ୍ଷରୁ ଜାତୀୟସ୍ତରୀୟ ବସନ୍ତ ଉତ୍ସବରେ ଶିକ୍ଷାବିତ୍ ତଥା ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂହଙ୍କୁ 'ସାହିତ୍ୟ ସରସ୍ୱତୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀଲଙ୍କାରୁ ଆସିଥିବା ଔପନ୍ୟାସିକ ଦୟା ଦିସନାୟକ, ନେପାଳର କବି ତୁଳସୀ ଦିୱାସା ଓ ଦୀନେଶ ଅଧିକାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି। କବି ମଙ୍ଗଳା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ରିସୋର୍ଟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଶାନ୍ତିନିକେତନର ଅବସରପ୍ରାପ୍ତ ସାହିତ୍ୟିକ ଡ.ବୈଷ୍ଣବ ଚରଣ ସାମଲଙ୍କ ୮୫ତମ ଜନ୍ମଉତ୍ସବ ଅନୁଷ୍ଠାନ ପକ୍ଷରୁ ପାଳନ କରାଯିବା ସହ 'ଅଭିଜାତ ଭାରତ ବର୍ଷ' ଶୀର୍ଷକ ସଙ୍ଗୀତମାଳା ପରିବେଷିତ ହୋଇଥିଲା। ଔପନ୍ୟାସିକ ଦୟା ଦିସାନାୟକେ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ତଥା ଆତିଥେୟତାର ପ୍ରଶଂସା କରିଥିଲେ। ସାହିତ୍ୟ, କଳା ଓ ସଂସ୍କୃତିକୁ ଆଧାର କରି ଅନୁଷ୍ଠାନ ପକ୍ଷରୁ ଦେଶ ବିଦେଶରୁ ୧୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ଗୁରୁ ରାମହରି ଦାସ, ଅବସରପ୍ରାପ୍ତ ପ୍ରଶାସକ ସହଦେବ ଜୟସିଂହ, ସାମାଜିକକର୍ମୀ ଇଂ.ଶିଶିର ନାୟକ, କବିରାଜ ବିଧାର, ଗୁରୁ ଅଖିଳ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା ଓ ଟ୍ରଷ୍ଟ ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ. ସୁରେଶ ଛୋଟରାୟ, ଜ୍ଞାନ ରଞ୍ଜନ ଦାଶ, କୃପାସିନ୍ଧୁ ବିଶ୍ୱାଳ, ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଫେସର ମୋହିନୀ ପ୍ରସାଦ ମିଶ୍ର ଓ ବୀଣାପାଣି ଚୌଧୁରୀ ପ୍ରମୁଖ ବଳିଆରସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂହ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

### ପୂର୍ବତନ କନିଷ୍ଠ କିରାଣିଙ୍କୁ ଦେଢ ବର୍ଷ ଜେଲ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ଏକ ଲାଞ୍ଚ କାରବାର ମାମଲାର ରାୟ ଶୁଣାଇଛନ୍ତି। ମାମଲାରେ ଅଭିଯୁକ୍ତ ଥିବା ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣି ଲଡୁକେଶ୍ୱର ପ୍ରସାଦ ମହାପାତ୍ରଙ୍କୁ ୧ ବର୍ଷ ୬ ମାସ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ଅନୁଯାୟୀ, ଅଭିଯୋଗକାରୀ ସନ୍ତୋଷ କୁମାର ପ୍ରଧାନଙ୍କ ବୋଲେରୋକୁ ନେଇ ତାଙ୍କ ଡ୍ରାଇଭର ୨୦୧୦ ମାର୍ଚ୍ଚ ୧୩ରେ ଯାଉଥିବାବେଳେ ପିପିଲି ନିକଟରେ ଆର୍‌ଟିଓ ଯାଞ୍ଚ କରିଥିଲେ। ଗାଡ଼ିର କାଗଜପତ୍ର ଠିକ ନ ଥିବାରୁ ଅଧିକାରୀମାନେ ଏକ ଚାଲାଣ କାଟିବା ପରେ ପୁରୀ ଆର୍‌ଟିଓ କାର୍ଯ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଜରିମାନା ଦେବାକୁ କହିଥିଲେ। ସନ୍ତୋଷ ମେ ୧୩ରେ ଆର୍‌ଟିଓ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ଚାଲାଣ ଟଙ୍କା ଭରିଥିଲେ। ଏଥିପାଇଁ ପାଇବାକୁ ଥିବା ରସିଦ୍‌କୁ ତତ୍କାଳୀନ କନିଷ୍ଠ କିରାଣି ଲଡୁକେଶ୍ୱର ଦେଇ ନ ଥିଲେ। ରସିଦ୍ ପାଇଁ ୧୦୦ ଟଙ୍କା ଲାଞ୍ଚ ମାଗିବାରୁ ସନ୍ତୋଷ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ।

## ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର




ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୮।୨(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ରିଫ୍ୟୁଜି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୩ଦିନ ଧରି ଅନୁଷ୍ଠିତ ହେବ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଉଦ୍‌ଘାଟନ କରିଥିଲେ। ତହସିଲଦାର ଜନ୍ମେଜୟ ସାହୁ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବାଣପୁର ବିଇଓ ସନାତନ ଜାଲି, ବୋଲଗଡ ବିଇଓ ଡ.ନିରଞ୍ଜନ ମହାନ୍ତି, ଟାଙ୍ଗୀ ବିଇଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଜାତୀୟ ସାଧନକର୍ମୀ ସତ୍ୟନାରାୟଣ ହୋତା, ସନ୍ତୋଷ ଚନ୍ଦ୍ର କର, ଭୁଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ବାଲିପାଟପୁର ସରପଞ୍ଚ ଭାବି ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନାସୀ କୁମାରୀ ପରିଡା, ସୁଧାଂଶୁ ଶେଖର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେବା ଓ ସମର୍ପଣ ଭାବ ରଖି ସେବାକାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜେଆରସିଓ ତୋଫାନ କୁମାର ରାଉତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ସୁରେନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ମୁରଲୀଧର ପରିଡା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ତାଲିମ ଶିବିରରେ ଜିଲାର ୧୦ଟି ବ୍ଲକରୁ କାଉନସିଲରଙ୍କ ସମେତ ୨୧୨ଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ପିଲାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ, ପ୍ରବନ୍ଧଲିଖନ, ନୃତ୍ୟ, ଦେଶାତ୍ମବୋଧ ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ପିଲାଙ୍କୁ ସ୍ୱାସ୍ଥ୍ୟସେବା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ସ୍ୱଚ୍ଛତା ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯିବ।

## କିସ୍‌ରୁ ଏଥର ରେକର୍ଡ ସଂଖ୍ୟକ ମାଟ୍ରିକ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

### ଓଡ଼ିଶା ସମେତ ୫ରାଜ୍ୟର ଛାତ୍ରୀଛାତ୍ର ସାମିଲ

ଚଳିତବର୍ଷ କିସ୍‌ରୁ ମାଟ୍ରିକ୍ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେଉଥିବା ବେଳେ କିସ୍‌ର ୧,୯୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚଳିତବର୍ଷ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆସାମ ରାଜ୍ୟର ଜନଜାତି ଛାତ୍ରୀଛାତ୍ରମାନେ କିସ୍‌ରେ ନାମ ଲେଖାଇ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାରରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ କିସ୍‌ର ୧,୫୮୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳାରେ ୬୩୫ ଛାତ୍ରୀଛାତ୍ର ଥିବା ବେଳେ ବାଣିଜ୍ୟରେ ୪୫୭ ଏବଂ ବିଜ୍ଞାନରେ ୪୮୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର କିସ୍ ପରିସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପରୀକ୍ଷାର୍ଥୀଙ୍କ ଶୁଭକାମନା କରିବା ସହ ପିଲାଙ୍କୁ କଲମ ବଣ୍ଟନ କରି ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିବେ ବୋଲି ସାମନ୍ତ ଆଶା ପୋଷଣ କରିଛନ୍ତି। ଏହା ସହିତ ସମୟର ସଦୁପଯୋଗ କରିବା ପାଇଁ ସାମନ୍ତ ପିଲାଙ୍କୁ ପରାମର୍ଶ ଦେବା ସହ ପରୀକ୍ଷା ପରେ ମଧ୍ୟ ସମୟ ଅପଚୟ ନ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ଗବେଷଣା କ୍ଷେତ୍ରରେ ନୂଆ କରିବାକୁ ବୈଜ୍ଞାନିକଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)



ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସି.ଭି. ରମଣ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ସି.ଭି. ରମଣ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଶିବପ୍ରସାଦ ଅଧିକାରୀଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର, ଡ. ଶେଷ କିଷାନଙ୍କୁ ଯୁବ ବୈଜ୍ଞାନିକ ପୁରସ୍କାର ଏବଂ ଯିଶୁ ଦାସଙ୍କୁ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଗବେଷଣା କ୍ଷେତ୍ରରେ କିଛି ନୂଆ କରିବାକୁ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଫେସର ଆଚାର୍ଯ୍ୟ ମିଳିତ ଜାତିସଂଘର ଜାତୀୟ ବିଜ୍ଞାନ ଦିବସ ଥିମ୍ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ କାହିଁକି ଆମ ଦୈନନ୍ଦିନ ଜୀବନରେ ବ୍ୟବହାର ହୁଏ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଜୟକ୍ରିଷ୍ଣ ପାଣିଗ୍ରାହୀ, ପରାମର୍ଶଦାତା ବିଜୟ ଦାସ ଓ ସଂଯୋଜକ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉପସ୍ଥିତ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସହଭାଗିତା ସିଭି ରମଣ ଫାଉଣ୍ଡେଶନ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ସିଭି ରମଣ ଫାଉଣ୍ଡେସନର ସମ୍ପାଦକ ବିଶ୍ୱଜିତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଶ୍ରୀମନ୍ଦିର ଅଧିକାରୀ, କର୍ମଚାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା**

ପୁରୀ ଅଫିସ- ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ନିର୍ମାଣ ବିଭାଗର ବି.ଆଶିଷ କୁମାର ସୁବୁଦ୍ଧି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ରାଧାନାଥ ପ୍ରତିହାରୀ, ପ୍ରଭାକର ବାରିକ, ଚର୍ଚ୍ଚା ଦଫାଦର ଏବଂ ବିନୟ ବାରିକ, ପରିମଳ ଜମାଦାର ଶ୍ରୀମନ୍ଦିର ସେବାରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ଶ୍ରୀମନ୍ଦିର କର୍ମଚାରୀଙ୍କ ସଂଘ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସଭାରେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଏବଂ ଶ୍ରୀମନ୍ଦିର କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଭା ଆରମ୍ଭ ହୋଇଥିଲା। ଅବସର ନେଉଥିବା ଅଧିକାରୀ ଏବଂ କର୍ମଚାରୀଙ୍କ କର୍ତ୍ତବ୍ୟ ଓ ନିଷ୍ଠାପର କାର୍ଯ୍ୟ ସମ୍ପର୍କରେ ଅତିଥିମାନେ କହିଥିଲେ। ପରେ ଅବସର ନେଉଥିବା ବିଦାୟୀ କର୍ମଚାରୀମାନଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ପ୍ରଶଂସା ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଶ୍ରୀଗୋପାଳ ଜୀଉ କ୍ଲବର ଏକାଦଶତମ ବାର୍ଷିକ ଡ୍ରାମା ଉତ୍ସବ

ପିପିଲି,୨୮।୨(ସ୍ୱ.ପ୍ର.)- ପିପିଲି ପୌରାଞ୍ଚଳ ଜୟପୁର ଶାସନ ଗ୍ରାମରେ ମଙ୍ଗଳବାର ଶ୍ରୀଗୋପାଳ ଜୀଉ କ୍ଲବର ଏକାଦଶତମ ବାର୍ଷିକ ଡ୍ରାମା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ମେଳଣ ପଡ଼ିଆରେ ଏହି ଉତ୍ସବ ୨ଦିନ ଧରି ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଡ୍ରାମା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ବାଗୁନ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ବିଧାୟକ ମହାରଥୀ ଯୋଗଦେଇ ଗ୍ରାମରେ ଯୁବକମାନେ କଳା, ସଂସ୍କୃତି ଓ ଐତିହ୍ୟକୁ ଆଜି ପର୍ଯ୍ୟନ୍ତ ଗ୍ରାମରେ ଉଜ୍ଜୀବିତ କରି ରଖିଥିବାରୁ ସମସ୍ତ କଳାକାର ଓ ଯୁବକଙ୍କୁ ଉତ୍ସାହିତ କରି ନାଟ୍ୟ ନିର୍ଦ୍ଦେଶକ ବାନାମ୍ବର ସୁବୁଦ୍ଧିଙ୍କୁ ବହୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବ୍ଲକ ଅଧକ୍ଷା ଦେବସ୍ମନୀ ନନ୍ଦ, ପିପିଲି ଏନ୍‌ଏସି ଅଧକ୍ଷ ସେକ୍ ବାବୁ, ଉପାଧକ୍ଷା ଭାଗ୍ୟବତୀ ମହାରଣା, କାଉନ୍‌ସିଲର କବିରାଜ ବରାଳ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର କଳାକାର ସୁଶାନ୍ତ ପୃଷ୍ଟି, ସଞ୍ଜୀବ ପ୍ରଧାନ, ଦିଲୀପ ସାହୁ ଓ ନାଟ୍ୟ ନିର୍ଦ୍ଦେଶକ ବାନାମ୍ବର ସୁବୁଦ୍ଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ସମ୍ପାଦନା ହେଉଛି। ମଞ୍ଚସ୍ଥ ନାଟକ 'ଏତେ ଦୁଃଖ କାହିଁ ଦେଲୁ ଦଇବ' ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଗ୍ରାମର କଳାପ୍ରେମୀ ଜନାର୍ଦ୍ଦନ ଦାସ, କାଳନ୍ଦୀ ପଲେଇ, ବେଣୁଧର ମହାରଣା ପ୍ରମୁଖଙ୍କୁ ବିଧାୟକ ପ୍ରଶଂସା କରିଥିଲେ।

### ଲକ୍ଷ୍ମୀନାରାୟଣ ସତ୍‌ସଙ୍ଗର ଭାଗବତ ପାରାୟଣ

ପୁରୀ ଅଫିସ,୨୮।୨- ୨୪ ତାରିଖଠାରୁ ଲକ୍ଷ୍ମୀନାରାୟଣ ସତ୍‌ସଙ୍ଗର ୫୩ତମ ବାର୍ଷିକ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଶ୍ରୀମଦ୍ ଭାଗବତ ପାରାୟଣ ପ୍ରବଚନ ମହାଯଜ୍ଞ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଝାଞ୍ଜପିଟା ମଠ ପରିସରରେ ଆୟୋଜିତ ଏହି ବାର୍ଷିକ ଅଧିବେଶନ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନୁଷ୍ଠାନ ସଭାପତି ଶଙ୍କର୍ଷଣ ମଙ୍ଗରାଜ ଏଥିରେ ସଭାପତିତ୍ୱ କରୁଛନ୍ତି। ଡ. ଶଶିକାନ୍ତ ରଥ ଓ ପଣ୍ଡିତ ଦୟାନିଧି ପଣ୍ଡା ଏଥିରେ ବେଦପାଠ କରିଥିଲେ। ଡ. ନରେଶ ଚନ୍ଦ୍ର ଦାଶ, ଡ. ବୈଷ୍ଣବ ଚରଣ ଦାସ, ବାବା ବ୍ରଜବନ୍ଧୁ ଦାସ ମହାରାଜ, ବାବାଜୀ ସୋମନାଥ ଦାସ, ପଣ୍ଡିତ ପ୍ରଭୁଦତ୍ତ ମିଶ୍ର ପ୍ରମୁଖ ସନ୍ଧ୍ୟାରେ ଭାଗବତ ମହାତ୍ମାରେ ବିଧାତାଙ୍କ ସର୍ବଶ୍ରେଷ୍ଠ କୃତି ମାନବ, ପ୍ରଥମ ସ୍କନ୍ଧଠାରୁ ମନୁକଦର୍ମ ସମ୍ବାଦରେ ମାନବ ଜନ୍ମର ଦୁର୍ବଳତା ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରବଚନ ଦେଇଥିଲେ। ସେହିପରି ପଣ୍ଡିତ ପ୍ରମୋଦ ହରିଚନ୍ଦନ, ପଣ୍ଡିତ ଲଳିତମୋହନ ମହାପାତ୍ର ଓ ସଭାପତି ମଙ୍ଗରାଜ ପ୍ରମୁଖ ପ୍ରବଚନ ଦେବେ ବୋଲି କାର୍ଯ୍ୟକାରୀ ସମ୍ପାଦକ ଲୋକନାଥ ଦାଶ କହିଛନ୍ତି।

### ଭଗତ୍ ସିଂଙ୍କ ଶହୀଦ ଦିବସ ପାଇଁ ପ୍ରସ୍ତୁତି ବୈଠକ

ପୁରୀ ଅଫିସ ୨୮।୨ - ମାର୍ଚ୍ଚ ୨୩ ତାରିଖରେ ଶହୀଦ୍ ଭଗତ ସିଂଙ୍କ ୯୧ତମ ଶହୀଦ ଦିବସ ଓ ସ୍ୱାଧୀନତା ସଂଗ୍ରାମୀ ରାମ ମୋହନ ଲୋହିଆଙ୍କର ୧୧୨ତମ ଜୟନ୍ତୀ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶ୍ରମିକ ନେତା ବିମଳ କୁମାର ପାତ୍ରଙ୍କ ଅଧକ୍ଷତାରେ ଗାନ୍ଧୀ ସ୍ମୃତିପୀଠ ପରିସରରେ ଅନୁଷ୍ଠିତ ହୋଇଛି । ପୁଷ୍କର ମହାପାତ୍ର, ଗିରିଶ ନାୟକ, ପ୍ରଫୁଲ୍ଲ ମହାପାତ୍ର, ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଶିଶୁ ମନ୍ଦିରରେ ଶୁଭାଶୀର୍ବାଦ ଉତ୍ସବ

ପୁରୀ ଅଫିସ,୨୮।୨- ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁଭାଶୀର୍ବାଦ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ସୁନ୍ଦରାକାଣ୍ଡର ଆୟୋଜନ କରାଯାଇଥିଲା। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ପ୍ରଭାକର ତ୍ରିପାଠୀ ଯୋଗଦେଇ ଉପସ୍ଥିତ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭମନାସୀ ଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ସମ୍ପାଦକ ସୀମାଚଳ ପଣ୍ଡା, ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ ମହାନ୍ତି ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ ଜେଜେ ବାପା, ଜେଜେମା ଓ ଅଜାଆଈ ସମ୍ମିଳନୀ ହୋଇଥିଲା। କାର୍ଯ୍ୟକ୍ରମରେ ମହନ୍ତ ଉମାଶଙ୍କର ଦାସଜୀ ମହାରାଜ ଯୋଗଦେଇ ଶିଶୁ ତଥା ସମାଜର ଉନ୍ନତି କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କ ଅବଦାନ ସମ୍ପର୍କରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଂଯୋଜନା ଓ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁଭାଶୀର୍ବାଦ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ସ୍କୁଲର ସଂସ୍କୃତ ଶିକ୍ଷକ ବିଦ୍ୟାଧର ମିଶ୍ର ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି ବିଭାଗ ନିରୀକ୍ଷକ ପ୍ରସନ୍ନ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ନାୟକ, ଦୀପ୍ତ ମିଶ୍ର, ଅଞ୍ଜଳି ରଥ ଏବଂ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର, ଶିକ୍ଷକ ବିଷ୍ଣୁପ୍ରସାଦ ପାଣି ପ୍ରମୁଖ ସାମିଲ ଥିଲେ।

# ମୃତ ବ୍ୟକ୍ତିଙ୍କ ନାମରେ ମିଥ୍ୟା ବିଲ୍

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି
- ତଦନ୍ତ ଭୟରେ ୱେବ୍‌ସାଇଟ୍‌ରୁ କଟିଲା ଜବ୍‌କାର୍ଡ

ଗୋପ,୨୮।୨(ଡି.ଏନ୍.ଏ.)

ଗୋପ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଜଣେ ମୃତବ୍ୟକ୍ତିଙ୍କ ନାମରେ ମିଥ୍ୟା ବିଲ୍ କରାଯାଇ ଟଙ୍କା ହଡ଼ପ ହେଉଥିବା ଜଣାପଡ଼ିଥିଲା। ଏହି ଘଟଣା ପଦାକୁ ଆସିବା ପରେ ତଦନ୍ତ ଭୟରେ ୱେବ୍‌ସାଇଟ୍‌ରୁ କେତେଜଣ ମୃତବ୍ୟକ୍ତିଙ୍କ ସମେତ ସମ୍ପୃକ୍ତ ପରିବାରର ନାମ କାଟିଦିଆଯାଇଥିବା ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ଛଇତନା ପଞ୍ଚାୟତରେ ଥିବା ପ୍ରସାଦି ପୋଖରୀ ଅମ୍ରିତ ସରୋବର ଖନନ ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମାତ୍ର ଏହି ପୋଖରୀକୁ ମେଶିନ୍ ସାହାଯ୍ୟରେ ଖୋଳାଯାଇଥିବା ଅଭିଯୋଗ ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ୭ଟି ମଷ୍ଟରରୋଲରେ ୮୯୩ ଶ୍ରମ ଦିବସ ସୃଷ୍ଟି କରାଯାଇ ୯୭ ହଜାର ୧୪ ଟଙ୍କା ପ୍ରାପ୍ୟ ବିଭିନ୍ନ ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ପଠାଯାଇଛି। କିନ୍ତୁ ମଷ୍ଟର ରୋଲ ନଂ.୫୫୦୫ରେ ମୃତ ବ୍ୟକ୍ତିଙ୍କ ନାମରେ ବିଲ୍ ହୋଇଥିବା ଜଣାପଡ଼ିଛି। ଗତବର୍ଷ ନଭେମ୍ବର ୨୮ରେ ମୃତ୍ୟୁବରଣ କରିଥିବା ଗୋବିନ୍ଦ ପାଢ଼ୀଙ୍କ ନାମରେ ମଷ୍ଟର ରୋଲ ପ୍ରସ୍ତୁତ କରାଯାଇ ତାଙ୍କ ଛଇତନା ଷ୍ଟେଟ ବ୍ୟାଙ୍କ ଜମାଖାତାକୁ ଗତ ୨୪ ତାରିଖରେ ୧୫୫୪ ଟଙ୍କା ପଠାଯାଇଥିଲା। ଏହା ଜଣାପଡ଼ିବା ପରେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ଲକ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏପରିକି ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ଗତ ୨୪ ତାରିଖରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବ୍‌ସାଇଟ୍‌ରୁ ସମ୍ପୂର୍ଣ୍ଣ ପରିବାରର କାର୍ଡଟିକୁ ଉଡାଇ ଦିଆଯାଇଛି। ବିଭିନ୍ନ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିୟମ ମୁତାବକ କାର୍ଯ୍ୟ ହେଉ ନ ଥିବାବେଳେ ମେଶିନ ପକାଯାଇ କାର୍ଯ୍ୟ ହେଉଛି। ଗ୍ରାମ୍ୟ ରୋଜଗାର ସେବକ ଓ ଅନ୍ୟ ଅଧିକାରୀମାନେ ରାଜନୈତିକ ବ୍ୟକ୍ତିଙ୍କୁ ହାତ କରି ମଷ୍ଟରରୋଲ ପ୍ରସ୍ତୁତ କରୁଥିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ବିଭିନ୍ନ ସମୟରେ ଦିବ୍ୟାଙ୍ଗ, ବୟସ୍କଙ୍କ ନାମରେ ମଷ୍ଟର ରୋଲ ପ୍ରସ୍ତୁତ କରାଯାଉଥିବା ନଜିର ରହିଥିବାବେଳେ ଏବେ ମୃତ ବ୍ୟକ୍ତିଙ୍କ ନାମରେ କିଭଳି ମଷ୍ଟରରୋଲ ପ୍ରସ୍ତୁତ କରାଗଲା ଓ ତାଙ୍କ ଆକାଉଣ୍ଟକୁ କାର୍ଯ୍ୟ ବାବଦରେ ଅର୍ଥରାଶି ପଠାଗଲା, ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ମୋ ନିକଟରେ ଅଭିଯୋଗ ପହଞ୍ଚିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।




ଆଚାର୍ଯ୍ୟ ବ୍ୟାୟାମ ଓ କ୍ରୀଡ଼ାନୁଷ୍ଠାନ ଦ୍ୱାରା ପରିଚାଳିତ ଆଚାର୍ଯ୍ୟ ହରିହର ବିଦ୍ୟାନିକେତନର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।

## ପୂର୍ବତନ କନିଷ୍ଠ କିରାଣିଙ୍କୁ ଦେଢ଼ ବର୍ଷ ଜେଲ

**ଲାଞ୍ଚ କାରବାର ମାମଲା**

ଭୁବନେଶ୍ୱର, (ବ୍ୟୁରୋ)/ପୁରୀ ଅଫିସ,୨୮।୨

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ଏକ ଲାଞ୍ଚ କାରବାର ମାମଲାର ରାୟ ଶୁଣାଇଛନ୍ତି। ମାମଲାରେ ଅଭିଯୁକ୍ତ ଥିବା ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣି ଲଡୁକେଶ୍ୱର ପ୍ରସାଦ ମହାପାତ୍ରଙ୍କୁ ୧ ବର୍ଷ ୬ ମାସ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ସନ୍ତୋଷ କୁମାର ପ୍ରଧାନଙ୍କ ବୋଲେରୋକୁ ନେଇ ତାଙ୍କ ଡ୍ରାଇଭର ୨୦୧୦ ମାର୍ଚ୍ଚ ୧୩ରେ ଯାଉଥିବାବେଳେ ପିପିଲି ନିକଟରେ ଆର୍‌ଟିଓ ଯାଞ୍ଚ କରିଥିଲେ। ଗାଡ଼ିର କାଗଜପତ୍ର ଠିକ ନ ଥିବାରୁ ଅଧିକାରୀମାନେ ଏକ ଚାଲାଣ କାଟିବା ପରେ ପୁରୀ ଆର୍‌ଟିଓ କାର୍ଯ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଜରିମାନା ଦେବାକୁ କହିଥିଲେ। ସନ୍ତୋଷ ମେ ୧୩ରେ ଆର୍‌ଟିଓ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ଚାଲାଣ ଟଙ୍କା ଭରିଥିଲେ। ତେବେ ଏଥିପାଇଁ ପାଇବାକୁ ଥିବା ରସିଦ୍‌କୁ ତତ୍କାଳୀନ କନିଷ୍ଠ କିରାଣି ଲଡୁକେଶ୍ୱର ଦେଇ ନ ଥିଲେ। ରସିଦ୍ ପାଇଁ ୧୦୦ ଟଙ୍କା ଲାଞ୍ଚ ମାଗିବାରୁ ସନ୍ତୋଷ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହାର ପରଦିନ ଅର୍ଥାତ ମେ ୧୪ରେ ଆର୍‌ଟିଓ କାର୍ଯ୍ୟାଳୟରେ ସନ୍ତୋଷଙ୍କଠୁ ଲଡୁକେଶ୍ୱର ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୫/୨୦୧୦) ରୁଜୁ କରାଯାଇ ଅଭିଯୁକ୍ତ ଲଡୁକେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୯ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରୁଥିଲେ।

## ଆଚାର୍ଯ୍ୟ ହରିହର ବିଦ୍ୟାନିକେତନର ବାର୍ଷିକୋତ୍ସବ

ପୁରୀ ଅଫିସ,୨୮।୨

ଆଚାର୍ଯ୍ୟ ବ୍ୟାୟାମ ଓ କ୍ରୀଡ଼ାନୁଷ୍ଠାନ ଦ୍ୱାରା ପରିଚାଳିତ ଆଚାର୍ଯ୍ୟ ହରିହର ବିଦ୍ୟାନିକେତନର ୨୭ତମ ବାର୍ଷିକ ଉତ୍ସବ ହେରାଗୋହିରୀସ୍ଥିତ ଶିକ୍ଷାନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ସାଂସ୍କୃତିକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଆଚାର୍ଯ୍ୟ ହରିହରଙ୍କ ନାମରେ ନାମିତ ଏହି ଶିକ୍ଷାନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ଦୀପ୍ତିକାନ୍ତ ମହାପାତ୍ର ପୁରସ୍କାର ବିତରଣଙ୍କୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଫ୍ୟାଶନ ପୋଷାକ ପିନ୍ଧା ପ୍ରତିଯୋଗିତା ହୋଇଥିଲା। ଅଭିନେତା ଭରତ କୁମାର ନାୟକ ଓ ପ୍ରସନ୍ନ ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ପ୍ରତିଷ୍ଠାତା ରାଜେନ୍ଦ୍ର ଚନ୍ଦ୍ର ଦାସ, ବିଜୟ ପୃଷ୍ଟି, ଅନିତା ମଣ୍ଡଳ, ବିନୋଦିନୀ ସାମନ୍ତରାୟ, ମିନତି ରଥ, ମମତା ବିଶ୍ୱାଳ, ସଂଯୁକ୍ତା ତ୍ରିପାଠୀ, ବର୍ଷାରାଣୀ ଦାସ, ରଶ୍ମିତା ପଣ୍ଡା, ରଙ୍ଗମଣି ଖୁଣ୍ଟିଆ ଓ ଚୁନିମଣି ଦାସ ପ୍ରମୁଖ ସାମିଲ ଥିଲେ।

# ୩୧ ପଞ୍ଚାୟତରେ ପିଇବା ପାଣି ମୁଖ୍ୟ ସମସ୍ୟା

ଗୋପ,୨୮।୨(ଡି.ଏନ୍.ଏ.):

ଗୋପ ବ୍ଲକ ବୈଠକ ଗୃହରେ ମଙ୍ଗଳବାର ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଜଳଯୋଗାଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରୁ ଜନପ୍ରତିନିଧିମାନେ ବ୍ଲକର ସବୁ ପଞ୍ଚାୟତରେ ପିଇବା ପାଣି ମୁଖ୍ୟ ସମସ୍ୟା ଥିବାବେଳେ ସମାଧାନ ହେଉ ନ ଥିବାରୁ ହୋହଲ୍ଲା କରିଥିଲେ। କେବଳ କାଗଜପତ୍ରରେ ଜଳ ଯୋଗାଣରେ ଲକ୍ଷ ଲକ୍ଷ ଟଙ୍କା ନିଆଯାଉଥିବାବେଳେ ପ୍ରକୃତ ପକ୍ଷେ ପିଇବା ପାଣି ଲୋକମାନଙ୍କ ନିକଟରେ ପହଞ୍ଚିପାରୁ ନ ଥିବା ଅଭିଯୋଗ କରିଥିଲେ। ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ବିଭାଗୀୟ ଜଳ ପରିମଳ ଅଧିକାରୀମାନେ ଠିକାଦାରି ଲୋଭ ଛାଡ଼ିଲେ ପିଇବା ପାଣି ଲୋକଙ୍କୁ ମିଳିବ ବୋଲି କଟାକ୍ଷ କରିଥିଲେ। ପ୍ରକାଶ ଯେ, ଖରା ଆରମ୍ଭରୁ ବ୍ଲକର ୩୧ଟି ପଞ୍ଚାୟତରେ ରହିଥିବା ଅଧିକାଂଶ ନଳକୂପରୁ ପିଇବା ପାଣି ବାହାରୁ ନାହିଁ। ରାଜ୍ୟ ସରକାର ପିଇବା ପାଣିକୁ ନେଇ ବିଭିନ୍ନ ଯୋଜନାରେ ବ୍ଲକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଅଧିକାଂଶ ପଞ୍ଚାୟତରେ ନିର୍ମାଣାଧୀନ ଜଳ ପ୍ରକଳ୍ପ ଅଧାପନ୍ତରିଆ ହୋଇପଡ଼ିରହିଛି। ଆଉ କେତେକ ସ୍ଥାନରେ ପିଇବା ପାଣି ପହଞ୍ଚୁ ନ ଥିବାବେଳେ ଅନ୍ୟ କିଛି ଜାଗାରେ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବ୍ଲକର ଗୋପ, ଅଣ୍ଟରାଇଚ୍ଛାପୁର, ମହଲପଡ଼ା, ବେଦପୁର, ଗଣେଶ୍ୱରପୁର, ନୂଆଖୋଲମରା, ତରକୋର, ଛଇତନା ଭଳି ପଞ୍ଚାୟତରେ ଏପରି ଅବସ୍ଥା ଉପୁଜିଥିବା ବୈଠକରେ ଜନପ୍ରତିନିଧିମାନେ କହିଥିଲେ। ଅପରପକ୍ଷେ ଛଇତନା, ଅଣ୍ଟରାଇଚ୍ଛାପୁର, ବଡ଼ଗାଁ, ଦେଉଳୀ, କୁଆଁପଡ଼ା ସମେତ ଆଉ କେତେକ ପଞ୍ଚାୟତରେ ବିଦ୍ୟୁତ୍ ବିଲ୍ ବାକି ରହିଥିବାରୁ ପିଇବା ପାଣି ପ୍ରକଳ୍ପ ବନ୍ଦ ହେବା ଆଶଙ୍କା ରହିଛି। ତେଣୁ ଏପରି ଅବସ୍ଥାକୁ ନେଇ ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ ପଞ୍ଚାୟତ ଓ ଜଳ ପରିମଳ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କିପରି ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପିଇବା ପାଣି ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜଳ ପରିମଳ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଜଳଯୋଗାଣ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

# ୮୨ ଛାତ୍ରୀଛାତ୍ର ବୈଷୟିକ ଶିକ୍ଷା ପାଇଁ ମନୋନୀତ

**ସତ୍ୟବାଦୀରେ ବ୍ଲକସ୍ତରୀୟ ପରାମର୍ଶ ଶିବିର**

ସାକ୍ଷୀଗୋପାଳ,୨୮।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ପ୍ରଶାସନ ଏବଂ ଜିଲା ନିଯୋଜନ କାର୍ଯ୍ୟାଳୟ ପୁରୀର ମିଳିତ ସହଯୋଗରେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ସଂସ୍ଥାଗୁଡ଼ିକ ମାଧ୍ୟମରେ ସ୍ୱଳ୍ପ ଅବଧିର ତାଲିମ ପ୍ରଦାନ କରି ବିଭିନ୍ନ ବୈଷୟିକ ସଂସ୍ଥାରେ ନିଯୁକ୍ତି ସୁବିଧା ଯୋଗାଇ ଦିଆଯିବା ଏହି ପରାମର୍ଶ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି କହିଥିଲେ। ତାଲିମ ସମୟରେ ଖାଇବା ଖର୍ଚ୍ଚ ସମ୍ପୂର୍ଣ୍ଣ ସରକାର ବହନ କରିବା ସହିତ ପ୍ରଯୁକ୍ତି ଏବଂ ବୈଷୟିକ ଶିକ୍ଷା ପାଇଁ ସେମାନଙ୍କୁ ୱାର୍ଲ୍ଡ ସ୍କିଲ ସେଣ୍ଟର, ଆଇଆଇଟି ଏବଂ ପଲିଟେକ୍‌ନିକ ଅନୁଷ୍ଠାନରେ ଉପଲବ୍ଧ ଥିବା ଟ୍ରେଡରେ ସୁବିଧାରେ ତାଲିମ ଯୋଗାଇ ଦିଆଯିବ। ଫଳରେ ସେମାନେ ଆତ୍ମନିର୍ଭରଶୀଳ ହୋଇ ରୋଜଗାରକ୍ଷମ ହୋଇପାରିବେ। ଶିବିରରେ ପୁରୀ ଏବଂ କୃଷ୍ଣପ୍ରସାଦ ଶିଳ୍ପ ତାଲିମକେନ୍ଦ୍ରର ପ୍ରଶିକ୍ଷକମାନେ ଯୋଗଦେଇଥିଲେ। ସତ୍ୟବାଦୀ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ ଓ ଏବିଡିଓ ଅରକ୍ଷିତ ପ୍ରଧାନ ଏଥିରେ ତତ୍ତ୍ୱାବଧାନ କରିଥିଲେ। ପୁରୀ ନିଯୋଜନ କାର୍ଯ୍ୟାଳୟର ନିଯୋଜନ ଅଧିକାରୀ ପ୍ରଭାତ ବସ୍ତି ଏହାର ପରିଚାଳନା କରିଥିଲେ। ଶିବିରରେ ସମୁଦାୟ ୧୦୯ ଜଣ ପଞ୍ଜୀକରଣ କରିଥିଲେ। ୬୯ ଛାତ୍ରୀ ଓ ୧୩ ଛାତ୍ରଙ୍କୁ ମିଶାଇ ସମୁଦାୟ ୮୨ ଜଣ ବିଭିନ୍ନ ବୈଷୟିକ ଟ୍ରେଡ୍‌ରେ ଶିକ୍ଷାଗ୍ରହଣ ପାଇଁ ଏହି ପରାମର୍ଶ ଶିବିରରେ ମନୋନୀତ ହୋଇଥିବା ଜଣାପଡ଼ିଛି।



ସତ୍ୟବାଦୀରେ ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ଉପସ୍ଥିତ ଅତିଥିଙ୍କ ସହ ବିଦ୍ୟାର୍ଥୀ ।

# ବିଦ୍ୟାଳୟ ଉନ୍ନତିରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ମୁଖ୍ୟ

**ବନ୍ଧମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ**

ବଳଙ୍ଗା,୨୮।୨(ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ବନ୍ଧମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ୧୯୩୬ ମସିହାରେ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାକୁ ମାନ୍ୟତା ମିଳିଥିବାବେଳେ ଆଗାମୀ ୨୦୩୬ରେ ଏହାକୁ ୧୦୦ବର୍ଷ ପୂରଣ ହେବ। ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସମଗ୍ର ଭାରତବର୍ଷରେ ୧ ନମ୍ବର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରୟାସ ଜାରି ରଖିଛନ୍ତି। ଏଥିସହ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବିଦ୍ୟାଳୟର ଉନ୍ନତି ଦିଗରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଦାଶ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷା ଅନସୂୟା ମହାନ୍ତି, ଶିକ୍ଷା ଜିଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ସୌଦାମିନୀ ମିଶ୍ର, ନୃସିଂହଚରଣ ବେହେରା, ଅବସରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ସାହୁ, ସମିତି ସଭ୍ୟ ଦୁର୍ଗାପ୍ରସାଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ୩ଜଣ ପ୍ରଧାନ ଶିକ୍ଷକଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚିତ୍ତାକର୍ଷକ ସମୟ ପରିଚାଳନା ପ୍ରଶିକ୍ଷଣ ଶିବିର

ବଳଙ୍ଗା,୨୮।୨(ଡି.ଏନ୍.ଏ.)

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ କାର୍ଯ୍ୟକ୍ରମ ପରିଚାଳନା ପ୍ରକଳ୍ପ ଦ୍ୱାରା ବଳଙ୍ଗା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଚାପ ପ୍ରଶମନ ତଥା ଚିତ୍ତାକର୍ଷକ ସମୟ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଅଧକ୍ଷ ପ୍ରଭାତ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ପ୍ରଶିକ୍ଷଣରେ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ସ୍ୱାତୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଚାପଗ୍ରସ୍ତ ହେବାର ୫ଟି ପ୍ରମୁଖ କାରଣ ଯଥା– ଖାଦ୍ୟ, ବେମାର, ପାଠପଢ଼ା, ଅର୍ଥ, ପାରିବାରିକ ଅଶାନ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ହ୍ରାସ କରିବା ନିମିତ୍ତ ବିଦ୍ୟାର୍ଥୀ କିଭଳି ଭିନ୍ନ ଭିନ୍ନ ଦିଗରେ ଉପଚାର ଅଭ୍ୟାସ କରିବେ ତାହା ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଚିତ୍ତାକର୍ଷକ ଚାପ ସମୟେ ପରିଚାଳନା କରିବାର ଆବଶ୍ୟକତା, ଉପାଦେୟତା ବ୍ୟସ୍ତବହୁଳ ସମାଜରେ ଏହାର ମହନୀୟତା ଉପରେ ଆଲୋକପାତ କରିଥିଲେ। ଏଥିନିମନ୍ତେ କେତେଗୁଡ଼ିଏ ଉପାଦେୟ ମାର୍ଗ ଯଥା– ନିଜର ବ୍ୟବହୃତ କାନକୁ ସଫା ରଖିବା, ତ୍ୱଚା ସୌନ୍ଦର୍ଯ୍ୟ ବୃଦ୍ଧି ଉପଚାର, ବ୍ୟାୟାମ, ଯୋଗାଭ୍ୟାସ, ପ୍ରାଣାୟମ ସଫଳ ବ୍ୟକ୍ତିଙ୍କର ଆତ୍ମଜୀବନୀ ପାଠ ପାଇଁ ପରାମର୍ଶ ଦେଇଥିଲେ। ପ୍ରଶ୍ନୋତ୍ତର ଜରିଆରେ ବିଦ୍ୟାର୍ଥୀଙ୍କର ରୁଚି, ଅଭ୍ୟାସ, ଅବସର ବିନୋଦନ ପାଇଁ ସିଲେଇ କରିବା, ନୃତ୍ୟ ଶିକ୍ଷା କରିବା, ଚିତ୍ରାଙ୍କନ କରିବା ଭଳି କ୍ରିୟାକୁ ସାବଲୀଳ କରିବା, ଏଥିରେ ପେସାଦାର ହୋଇ ଅନଟନକୁ ଦୂର କରିବାର କୌଶଳ ଜଣାଇଥିଲେ।

# ବ୍ଲାକ୍ କ୍ୟାପକୁ ହରାଇ ସୁନ୍ଦର ଗ୍ରାମ ବିଜୟୀ

**ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ**

ଅସ୍ତରଙ୍ଗ,୨୮।୨(ଡି.ଏନ୍.ଏ.)

ଅସ୍ତରଙ୍ଗର ମା' ତାରିଣୀ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ମଙ୍ଗଳବାର ନିକଟସ୍ଥ ଚୌଧୁରୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୨୫ତମ ମା' ତାରିଣୀ କ୍ରିକେଟ୍ କପ୍ ଉଦ୍‌ଘାଟିତ ହୋଇଯାଇଛି। ବ୍ଲାକ୍ କ୍ୟାପ, ଭୁବନେଶ୍ୱରକୁ ହରାଇ ସୁନ୍ଦର ଗ୍ରାମ, କଟକ ବିଜୟୀ ହୋଇଛି। ପ୍ରଥମେ ତାରିଣୀ ମନ୍ଦିରରୁ ଆଜ୍ଞାମାଳ ପଡ଼ିଆରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଚୌଧୁରୀ ଶରତ ଦାଶ, ମା' ଲକ୍ଷ୍ମୀ କ୍ଲବ ସଭାପତି ପ୍ରମୋଦ ଦାସ, ଉପଦେଷ୍ଟା ନଟକିଶ୍ୱର ମହାନ୍ତି, ନିରଞ୍ଜନ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ଲେଙ୍କା, ଶ୍ରୀମାନ ଛାଟୋଇ, ମନୋଜ ପରିଡ଼ା, ସୁନୀଲ ଦତ୍ତ ନାୟକ, ସୌମ୍ୟ ରଞ୍ଜନ ପରିଡ଼ା, ବିବେକାନନ୍ଦ ନାୟକ, ତାରିଣୀ ସ୍ପୋର୍ଟିଂ କ୍ଲବ ସଭାପତି ମନୋଜ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ସମୀର କର, ସଂଯୋଜକ ସୁଦୀପ୍ତ ରାଉତ ପ୍ରମୁଖ ଫିତା କାଟି ଉଦ୍‌ଘାଟନ କରିବା ପରେ ଖେଳ ଆରମ୍ଭ ହୋଇଥିଲା। ସୁନ୍ଦର ଗ୍ରାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ଦଳର ତନ୍ମୟ ଦାସ ୪୮ରନ୍ କରିଥିଲେ। ଜବାବରେ ବ୍ଲାକ କ୍ୟାପ ୧୯ ଓଭର ୪ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ବିଜୟୀ ସୁନ୍ଦର ଗ୍ରାମ ଦଳର ସୌମେନ୍ଦ୍ର ଦାଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅମ୍ପାୟାର ସୁରେଶ ତ୍ରିପାଠୀ ଏବଂ ରମାରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ମହେଶ ସାର, ଦୀପକ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ**

କୋଣାର୍କ,୨୮।୨(ଡି.ଏନ୍.ଏ.)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ କୋଣାର୍କ ଯାତ୍ରୀନିବସଠାରେ ମଙ୍ଗଳବାର ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ବସନ୍ତ ମଞ୍ଜରୀ ପାଠାଗାରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରେରଣାର ନିର୍ଦ୍ଦେଶକ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବସନ୍ତ ମଞ୍ଜରୀ ପାଠାଗାର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ରେଡିଓ ନମସ୍କାର ଅଧକ୍ଷ ଏନ୍.ଏ. ଶାହା ଅନ୍‌ସାରୀ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ଗାନ୍ଧୀବାଦୀ ଏସ୍.ଏ. ସଫିକ, ଅଭିନେତ୍ରୀ




ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ସଂଗଠନର ସଦସ୍ୟଙ୍କୁ ପୁରସ୍କୃତ କରାଯାଉଛି ।

ତଥା ସାମାଜିକ କର୍ମୀ ନମ୍ରତା ସିଂଦେଓ, ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, କୋଣାର୍କ ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ ମଲ୍ଲିକ, ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ତ୍ରିପାଠୀ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମସ୍ତେ ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟସେବା ଅଧିକାରୀ ସୁକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ସଂଗଠନ ପକ୍ଷରୁ ଜୀବନବ୍ୟାପୀ ସାଧନା ପାଇଁ ଦୁର୍ଗା ପ୍ରସାଦ ତ୍ରିପାଠୀ, ଏନ.ଏ. ଶାହା ଅନ୍‌ସାରୀ, ବିନୟ ଭୂଷଣ ମହାନ୍ତି, ମନୋଜ ତ୍ରିପାଠୀ ଓ ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଯୋଗ, ଶୋଭାଯାତ୍ରା, ଜି–୨୦ ପାଇଁ ସଚେତନତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଯୁବଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲାର ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ୨୦୧୪ ମସିହାରୁ ନିରନ୍ତର ଭାବେ ଉପକୂଳ ଜୈବ ବିବିଧତା ସଂରକ୍ଷଣ ଦିଗରେ ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ସଂଗଠନକୁ ଜିଲା ଶ୍ରେଷ୍ଠ ଯୁବ ସଂଗଠନ ଭାବେ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟି ଦିଲୀପ ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ସୁମନ ପ୍ରଧାନ, ରାହୁଲ ମହାରଣା, ନୀହାର ରଞ୍ଜନ ମହାରଣା, ଶିବ ପ୍ରସାଦ ପାତ୍ର ପ୍ରମୁଖ ସଂଗଠନର ସଦସ୍ୟ ୨୫ହଜାର ଟଙ୍କାର ଚେକ୍ ସାଙ୍ଗକୁ ମାନପତ୍ର ଗ୍ରହଣ କରିଥିଲେ।

## ଚୋରା କାଠ କୋଇଲା ଜବତ

ଚୌଦ୍ୱାର,(ଡି.ଏନ୍.ଏ.): ଖୁଣ୍ଟୁଣୀ ଅଞ୍ଚଳରୁ ଚୋରା କାଠକୋଇଲା ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟାଟା ଏସିଇ ଗାଡ଼ିକୁ ଚୌଦ୍ୱାର ବନ ବିଭାଗ ମଙ୍ଗଳବାର ରାତିରେ ଜବତ କରିଛି। ଉକ୍ତ ଗାଡ଼ିରେ ଚୋରା କାଠ କୋଇଲା ଆସୁଥିବା ଖବରପାଇ ଚୌଦ୍ୱାର ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସଦଳବଳେ ନୂଆପାଟଣା ନିକଟରେ ଜଗି ରହିଥିଲେ। ପରେ ଗାଡ଼ିର ପିଛା କରି ୫୫ ନମ୍ବର ଜାତୀୟ ରାଜପଥର କଜଳଖଣା ନିକଟରେ ଅଟକାଇଥିଲେ। ଯାଞ୍ଚ କରାଯିବାରୁ ସେଥିରେ ଲକ୍ଷାଧିକ ଟଙ୍କାର କାଠ କୋଇଲା ଥିବା ଜଣାପଡିଥିଲା। ଯାଞ୍ଚବେଳେ ଗାଡ଼ିର ଡ୍ରାଇଭର ଓ ବେପାରୀ ଚମ୍ପଟ ମାରିଥିଲେ। ଜବତ ଗାଡ଼ିକୁ ଚୌଦ୍ୱାର ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି।

## ସଂକ୍ଷେପରେ

### ଅଷ୍ଟପ୍ରହରୀ ନାମଯଜ୍ଞ

ମାହାଙ୍ଗା,୨୮।୨(ସ୍ୱ.ପ୍ର.); ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଧର୍ମଦାସପୁର ଗାଁରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ମହେଶ୍ୱର ସାହୁ, କର୍ତ୍ତୀଭାବେ ନମିତା ସାହୁ ପୂଜା କାର୍ଯ୍ୟରେ ବସିଥିଲେ। ପୂଜକ ଭାବେ ବରିଷ୍ଠ ପଣ୍ଡିତ ପୀତାମ୍ବର ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜୟ କୁମାର ସାହୁ, ମୃକ୍ଷେଇ ସାହୁ, ଶଙ୍କର୍ଷଣ ସାହୁ, ଦେବାଶିଷ ସାହୁ, ଗୁରୁଚରଣ ସାହୁ, ପ୍ରଶାନ୍ତ ମିଶ୍ର, ମନୋରଞ୍ଜନ ମିଶ୍ର, ବସନ୍ତ ମିଶ୍ର, ପ୍ରତାପ ମିଶ୍ର, ଶଶୀଭୂଷଣ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### କର୍ମଯୋଗୀ କସ୍ତୁରୀ ଚରଣ ଦାଶଙ୍କ ସ୍ମୃତିସଭା

କଟକ ଅଫିସ,୨୮।୨: କର୍ମଯୋଗୀ କସ୍ତୁରୀ ଚରଣ ଦାଶଙ୍କ ସ୍ମୃତିସଭା ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସଂଲଗ୍ନ କେସିଡି ମାର୍କେଟ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍ସ ଓ ପଦ୍ମିନୀ କେୟାର ହସ୍ପିଟାଲ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, କସ୍ତୁରୀ ଚରଣ ଝାଡେଶ୍ୱର-କଡେଇ ଭଳି ଅଖ୍ୟାତ ପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ସେ ଅଭାବରେ ଥାଇ ମଧ ଅନ୍ୟକୁ ଖୁସୀ ବାଣ୍ଟୁଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ସୁଶାନ୍ତ ଦାସ, ଡ. ନୟନ ରଞ୍ଜନ ସାମଲ, ଡ. କଲ୍ୟାଣ ସାହୁ, ଡ. ସ୍ନିଗ୍ଧମଧୁସୂଦନ ଦାସ, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ତସନୁମ୍ ନାଜ୍, ଡ. ଲୀନା ପଟ୍ଟନାୟକ, ଏନ୍. ପ୍ରେମଲତା ଦେବୀ, ସଚିବ ସୁଧାଂଶୁ ଭୂଷଣ କର ଓ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଶ୍ରେଷ୍ଠମ ସ୍କୁଲର ବାର୍ଷିକ ଉତ୍ସବ

ବାଙ୍କୀ,୨୮।୨(ସ୍ୱ.ପ୍ର.) : ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳସ୍ଥିତ ତ୍ରିନାଥ ଦେବତା ସାଂସ୍କୃତିକ ମଣ୍ଡପଠାରେ ଶ୍ରେଷ୍ଠମ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାକେଶ କୁମାର ଦାସ ଓ ମୋନାଲିସା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ବୀଣାପାଣି ଦାସ ମୁଖ୍ୟବକ୍ତା, ସଙ୍ଗୀତ କଳା ନିର୍ଦ୍ଦେଶକ ଦୁଃଶାସନ ସ୍ୱାଇଁ, ସଙ୍ଗଠକ ଓ ସାମାଜିକ କର୍ମୀ ବିକ୍ରମ ସାମନ୍ତସିଂହାର, ଆଦର୍ଶ ଶିକ୍ଷକ ପ୍ରଭାତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଞ୍ଚଳରେ ପ୍ରଥମକରି ଏହି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଖୋଲିଥିବାରୁ ଖୁସି ହୋଇଥିଲେ। ସ୍କୁଲର ଅଧକ୍ଷା ନର୍ମଦା ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍କୁଲର ଚେୟାରମ୍ୟାନ ରତ୍ନାକର ଦାସ ସଭାପତିତ୍ୱ କରିଥିଲେ। ସହକାରୀ ଅଧକ୍ଷା ଲିଲି ସାହୁ ମଞ୍ଚପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ରେଖା ପଣ୍ଡା ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ନୃତ୍ୟ ଗୁରୁ ମହେଶ ନାୟକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ଦାଳ ଗ୍ରାମ୍ୟ କମିଟି ସଭାପତି ନାରାୟଣ ପ୍ରସାଦ ଦାସ, ସମ୍ପାଦକ ଚକ୍ରଧର ଦାସ, ସମାଜସେବୀ କୁଳମଣୀ ସାହୁ, ସରୋଜ ବେହେରା, ବିରଞ୍ଚି ବେହେରା ସ୍ଥାନୀୟ ଯୁବକ ସଂଘ ଓ ସ୍ୱାମୀ ବିବେକାନନ୍ଦ ଗ୍ରାମ ବିକାଶ ପରିଷଦର ସଭ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ। ସହକାରୀ ଅଧକ୍ଷା ଲିଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାପ୍ୟ ନ ପାଇ ଶ୍ରମିକ ହନ୍ତସନ୍ତ

## ଏମ୍‌ଜିଏନ୍‌ଆରଇଜିଏସ୍ ଦିଗହରା

ନିଶ୍ଚିନ୍ତକୋଇଲି,୨୮।୨(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ଲୋକମାନଙ୍କୁ କର୍ମ ନିଯୁକ୍ତି ତଥା ରୋଜଗାରର ସୁଯୋଗ ଦେବାପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଆରମ୍ଭ କରାଯାଇଛି। କିନ୍ତୁ ଏହାର ସୁଫଳ ଶ୍ରମିକମାନଙ୍କୁ ମିଳିପାରୁନାହିଁ। ସେମାନେ ନିଜର ପାରିଶ୍ରମିକ ନପାଇ ନିରାଶ ହେଉଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ଏହି ଯୋଜନାରେ କାମ କରିଥିବା କେତେଜଣ ଶ୍ରମିକ ଡିସେମ୍ବର ୩ୟ ସପ୍ତାହରୁ ଏପର୍ଯ୍ୟନ୍ତ ସେମାନଙ୍କ ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକରେ ୨୦୨୨-୨୩ ଆର୍ଥିକ ବର୍ଷରେ ୩ ଲକ୍ଷ ୭୫ହଜାର ୭୨୬ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏନେଇ ୧୪ କୋଟି ଟଙ୍କା ବ୍ୟୟ ବରାଦ ପାଇଁ ସ୍ଥିର ହୋଇଥିଲା। ତେବେ ଫେବୃୟାରୀ ସୁଦ୍ଧା ଏହି ବ୍ଲକରେ ମାତ୍ର ୨ଲକ୍ଷ ୭ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ୬କୋଟି ଟଙ୍କା ବ୍ୟୟ କରାଯାଇଛି। ସେଥିମଧ୍ୟରୁ ଶ୍ରମିକଙ୍କୁ ୪କୋଟି ୩୫ ଲକ୍ଷ ୩୪ ହଜାର ଟଙ୍କା ଦିଆଯାଇଥିବାବେଳେ ଓ ମାଟେରିଆଲ ବାବଦରେ ୧କୋଟି ୧୧ଲକ୍ଷ ୫୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି।

ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୪ ଲକ୍ଷ ୬୩ ହଜାର ୪୩୫ ଶ୍ରମ ଦିବସର ଲକ୍ଷ୍ୟ ରଖାଯାଇ ୧୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ କେବଳ ୪ଲକ୍ଷ ୨୦ ହଜାର ୬୮୩ ଶ୍ରମ ଦିବସ ସୃଷ୍ଟି କରିବା ସମ୍ଭବ ହୋଇଥିଲା। ଏଥିପାଇଁ ୧୪ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ତେବେ ଗତ ଡିସେମ୍ବର ୩ୟ ସପ୍ତାହରୁ ଶ୍ରମିକମାନଙ୍କର ବାକି ପଡିଥିବା ୨୦ ଲକ୍ଷ ଟଙ୍କା ଏପର୍ଯ୍ୟନ୍ତ ଆସିନାହିଁ। ଏନେଇ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିରେ ନିରାଶ ହୋଇ ସେମାନେ ଏହି ଯୋଜନାରେ ଆଉ କାମ କରିବେ ନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

ଚଳିତ ବର୍ଷ ଏହି ବ୍ଲକର ଦାଉଦପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସର୍ବାଧିକ ୫୩ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ସେଥିରୁ ଶ୍ରମିକମାନଙ୍କୁ ୩୭ ଲକ୍ଷ ପାରିଶ୍ରମିକ ବାବଦରେ ଦିଆଯାଇଥିବାବେଳେ ଓ ମାଟେରିଆଲ ବାବଦରେ ୧୫ ଲକ୍ଷ ଖର୍ଚ୍ଚ ହୋଇଛି। ଫଗୋଲ ପଞ୍ଚାୟତରେ ଏହି ଯୋଜନାରେ ସବୁଠାରୁ କମ୍ ମାତ୍ର ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପରିତାପର ବିଷୟ ଏହି ବ୍ଲକର ୪୧ ପଞ୍ଚାୟତରେ ୪୩ହଜାର ଶ୍ରମିକ ନାମ ପଞ୍ଜୀକୃତ କରିଥିବା ବେଳେ ମାତ୍ର ୨୬ ହଜାର ଶ୍ରମିକ କାର୍ଯ୍ୟ କରୁଛନ୍ତି। ତେବେ ୧୭ ହଜାର ଶ୍ରମିକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରୁ ନ ଥିଲେ ମଧ ସେମାନଙ୍କ ନାମ ଜବ୍ କାର୍ଡରେ ରହିଅଛି। ଏହି ନାମଗୁଡିକୁ ଉଚ୍ଛେଦ କରିବା ପାଇଁ ବିଭାଗୀୟ ସ୍ତରରେ ଉଦ୍ୟମ କରାଯାଇଥିଲେ ମଧ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ଭୋଟ ବ୍ୟାଙ୍କ ଉପରେ ପ୍ରଭାବ ପକାଇବ ବୋଲି କହି ସେମାନଙ୍କ ନାମକୁ ଉଚ୍ଛେଦ କରିବାକୁ ଅମଙ୍ଗ ହେଉଛନ୍ତି। ସେହିଭଳି ଏହି ବ୍ଲକରେ ଅମୃତ ସରୋବର ଯୋଜନା ପ୍ରହସନ ପାଲଟିଛି। ୭ଟି ପୁଷ୍କରିଣୀ ନିର୍ମାଣ ପାଇଁ ଟାର୍ଗେଟ ଥିବା ବେଳେ କେରିଲୋ, ବାବୁଜଙ୍ଗ, ଶୁକରପଡା, ଇଶାଣୀବରହମପୁର ୪ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ସେଥିରୁ ମାତ୍ର ଇଶାଣୀ ବରହମପୁରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଅମୃତ ସରୋବର ପୋଖରୀ ନିର୍ମାଣ କରାଯାଇଛି। ତେବେ ଏହି ବ୍ଲକରେ ବୁହାଲୋ, ମୋ ପୋଖରୀ, ଭର୍ଗୀ କମ୍ପୋଷ୍ଟ ଟ୍ୟାଙ୍କ, ଖେଳପଡିଆ, ପାର୍କ ଭଳି ଗ୍ରାମାଞ୍ଚଳର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଏମ୍‌ଏନ୍‌ଆରଇଜିଏସ ଯୋଜନା କାର୍ଯ୍ୟକାରୀ ହେଉଛି। କିଛି ସ୍ଥାନରେ ମେଶିନ ଲଗାଇ କାର୍ଯ୍ୟକରାଯାଇ ନିର୍ଦ୍ଦିଷ୍ଟ କେତେଜଣ ଜବକାର୍ଡଧାରୀଙ୍କ ଜମାଖାତାକୁ ଅର୍ଥ ପଠାଯାଉଥିବା ଅଭିଯୋଗ ହୋଇଛି। ନେମାଳ, ଓରତି, କେରିଲୋ, ରାମକୃଷ୍ଣପୁର, ଜମରା, ଶୁକରପଡା, ଅସୁରେଶ୍ୱର ପଞ୍ଚାୟତରେ ଏମଜିଏନ୍‌ଆରଇଜିଏସ କାର୍ଯ୍ୟ ଠିକ୍ ଭାବେ ହେଉନଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ଏମ୍‌ଜିଏନ୍‌ଆରଇଜିଏସ୍ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସାଗରିକା ପରିଡା କୁହନ୍ତି, ଠିକ୍ ସମୟରେ ଶ୍ରମିକଙ୍କ ଅର୍ଥ ନ ଆସିବାରୁ ଯୋଜନାରେ କାମ କରିବା ପାଇଁ ଶ୍ରମିକମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଯେଉଁସ୍ଥାନରେ ଅଭିଯୋଗ ଆସୁଛି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ସାଲେପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବି



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସାଲେପୁର,୨୮।୨(ଡି.ଏନ୍.ଏ.)

ସାଲେପୁରକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ମଙ୍ଗଳବାର ଅତିରିକ୍ତ ତହସିଲଦାର ରଇମଣି ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁ ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ଅଧକ୍ଷ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ଅତିରିକ୍ତ ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ସବ୍‌ଡିଭିଜନ ମାନ୍ୟତା ପାଇଁ ସାଲେପୁରର ସମସ୍ତ ଯୋଗ୍ୟତା ରହିଛି। ଏପରିକି କେତେକ ସରକାରୀ କାର୍ଯ୍ୟାଳୟ ମଧ ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରୁଛି। ଏହା ସତ୍ତ୍ୱେ ମାନ୍ୟତା ପ୍ରଦାନରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସରକାର ସବ୍‌ଡିଭିଜନ ମାନ୍ୟତା ଦିଗରେ ଦୃଷ୍ଟି ଦେବାକୁ ସଙ୍ଗଠକ ତଥା ମଞ୍ଚ ଅଧକ୍ଷ ଦାବି କରିଛନ୍ତି।

# ପ୍ରତାପ ନଗରୀ ୩-୧ ଗୋଲରେ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବାଙ୍କୀ,୨୮।୨(ସ୍ୱ.ପ୍ର.)

ବାଙ୍କୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ଖେଳ କଚେରି ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ପପୁଲାର୍ ଫୁଟବଲ କ୍ଲବ ଓ କଟକ ପ୍ରତାପ ନଗରୀ ଫୁଟବଲ କ୍ଲବ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ମୁଖ୍ୟଅତିଥି, ସମିତି ସଭ୍ୟ ଦୁଷ୍ମନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଞ୍ଜୀବ କୁମାର ଦାସ ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ତପନ କୁମାର ନାୟକ ଓ ବାଦଲ ନାୟକ ଲାଇନ୍ସ ମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ଏଥିରେ କଟକ ପ୍ରତାପ ନଗରୀ ଢେଙ୍କାନାଳ ପପୁଲାର୍ ଦଳକୁ ୩-୧ଗୋଲରେ ହରାଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡାସଂସଦ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଫୁଟବଲ ଟୁର୍ନାମେଣ୍ଟରେ ସମ୍ପାଦକ କୃପାସିନ୍ଧୁ ପ୍ରଧାନ, କ୍ରୀଡ଼ାବିତ୍ ପ୍ରଶାନ୍ତ କୁମାରେ ଦାସ, ସାଗର କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ନୀଳଚକ୍ର ଫୁଟବଲ କ୍ଲବ ପୁରୀ ଓ ବାଙ୍କୀ ଆଥେଲେଟିକ୍ ଆସୋସିଏଶନ ମଧ୍ୟରେ ହେବ ବୋଲି ସମ୍ପାଦକ ସନ୍ତୋଷ କୁମାର ରଣା କହିଛନ୍ତି।

# ୭ ନୂତନ କିସମ ଧାନବିହନକୁ ସରକାରୀ ମାନ୍ୟତା

ରଘୁନାଥପୁର,୨୮।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଡୁଆ ନୂଆଗଡ଼ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟ ଲିଭ)ର ଚାଷୀଙ୍କୁ ସଫଳତା ମିଳିଛି। ୭ ଗୋଟି ନୂତନ ଦେଶୀ କିସମର ଧାନ ବିହନକୁ ସରକାରୀ ମାନ୍ୟତା ମିଳିଛି। ସୋମବାର ଓୟୁଏଟି ପରିସରରେ ଆୟୋଜିତ ଉତ୍ସବରେ ଲାଲ ସଂସ୍ଥାର ବିହନ ଉଦ୍ଭାବନକାରୀ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।



ମାନପତ୍ର ପାଇଥିବା ଚାଷୀ ଓ ଅନ୍ୟମାନେ।

କ୍ଷେତ୍ରମୋହନ ବେହେରାଙ୍କୁ ଲାଲ କୁବେର,ଶୁଦ୍ଧିରଞ୍ଜନ ବାରିକଙ୍କୁ ଲାଲମଣି, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଲାଲପରି,ଅଶୋକ କୁମାର ବାରିକଙ୍କୁ ରତ୍ନମେଣ୍ଟି, ବିଜୟ କୁମାର ପାତ୍ରଙ୍କୁ ଲାଲ ଏସ-୫,କାଦମ୍ବିନୀ ବେହେରାଙ୍କୁ ଲାଲ ବାସନା ଓ ଅବନୀ ବେହେରାଙ୍କୁ ଲାଲ ଏସ-୧୩ ଦେଶୀ ଧାନବିହନ ଉଦ୍ଭାବନ ପାଇଁ ସମ୍ମାନିତ କରାଯାଇଛି।

ଗତ ୨୦୧୨ରୁ ଲାଲ ସଂସ୍ଥାର ଏହି ୭ ଜଣ ଚାଷୀଙ୍କ ଦ୍ୱାରା ୫ ବର୍ଷ ଧରି ରାଜ୍ୟର ବିଭିନ୍ନ ଜିଲାରେ ୭ଟି ନୂତନ ଦେଶୀ କିସମ ଧାନବିହନ ଉପରେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଶେଷରେ ଗତ ୨୦୧୭ରେ ଓୟୁଏଟି ଆଇପିଆର ସେଲ ମୁଖ୍ୟ ଡ.ଦୟାନିଧି ମିଶ୍ରଙ୍କ ମାଧ୍ୟମରେ ଉକ୍ତ ଧାନ ବିହନକୁ ଭାରତ ସରକାରଙ୍କ ପ୍ଲାଣ୍ଟ ଭେରାଇଟି ରେଜିଷ୍ଟ୍ରି ବିଭାଗକୁ ପଠାଯାଇଥିଲା। ଦେଶର ବିଭିନ୍ନ ଗବେଷଣାଗାରରେ ଉକ୍ତ ଧାନକୁ ଟେଷ୍ଟ କରାଯାଇଥିଲା। ଶେଷରେ ଉକ୍ତ ଧାନବିହନ ଉଦ୍ଭାବନକାରୀ ଚାଷୀଙ୍କୁ ପ୍ଲାଣ୍ଟ ଭେରାଇଟି ରେଜିଷ୍ଟ୍ରି ବିଭାଗ ପକ୍ଷରୁ ବ୍ରିଡର ସାର୍ଟିଫିକେଟ ମିଳିଥିଲା। ଏଥିପାଇଁ କୃଷି ବୈଜ୍ଞାନିକ ଏକାଦଶୀ ନନ୍ଦ, ପୂର୍ବତନ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ଡ.ଶରତ କୁମାର ପ୍ରଧାନ, ବୈଜ୍ଞାନିକ ଡ.ସତ୍ୟରଞ୍ଜନ ଦାସ ଓ ହରିଶ୍ଚନ୍ଦ୍ର ଭୂୟାଁଙ୍କ ସହଯୋଗ ଅତୁଳନୀୟ ବୋଲି ଲାଲ ସମ୍ପାଦକ କ୍ଷେତ୍ରମୋହନ ବେହେରା କହିଛନ୍ତି। ଉକ୍ତ ଧାନବିହନଗୁଡ଼ିକ ଦେଶୀ ପ୍ରଜାତିର ହୋଇଥିବାରୁ ରୋଗ ପୋକ ସହଣୀ ଓ ଅଧିକ ଅମଳଯୁକ୍ତ ବୋଲି ଲାଲ୍ ସଂସ୍ଥାର ସମ୍ପାଦକ ବେହେରା କହିଛନ୍ତି। ଚାଷୀକୁଳର ଆର୍ଥିକ ଅଭିବୃଦ୍ଧି ପାଇଁ ଏହି ଧାନବିହନ ସହାୟକ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

■ ୫ ବର୍ଷ ଧରି ଗବେଷଣା ଚାଲିଥିଲା।

## କ୍ୟାରିୟର କାଉନସେଲିଂ ସମ୍ପର୍କିତ କର୍ମଶାଳା

ବାଙ୍କୀ,୨୮।୨ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ଓ ଭୁବନେଶ୍ୱରସ୍ଥିତ ଭିଏଲସିସି ଇନ୍‌ଷ୍ଟିଚ୍ୟୁଟର ମିଳିତ ଆନୁକୂଲ୍ୟରେ କ୍ୟାରିୟର କାଉନସେଲିଂ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାକୁ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ଛାତ୍ରୀମାନେ ବିଭିନ୍ନ ପାଠ୍ୟକ୍ରମ ଓ ସ୍ୱରୋଜଗାରର ମାର୍ଗ ଦର୍ଶନ ସହ ପ୍ରଶିକ୍ଷଣ ନେଇ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟା ଡ.ସନ୍ଧ୍ୟାରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ଭିଏଲସିସି ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶିକା ଶ୍ରେୟା ମେହେର୍ ଯୋଗଦାନ କରି ତାଙ୍କ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ପ୍ରକାରର ପାଠ୍ୟକ୍ରମ ଯଥା ସ୍ୱାସ୍ଥ୍ୟ, ଶିଶୁଯତ୍ନ, ସୌନ୍ଦର୍ଯ୍ୟକରଣ ଓ ଖାଦ୍ୟ ପ୍ରକ୍ରିୟାକରଣ ଉପରେ କହିଥିଲେ। ଅତିଥି ଅଧ୍ୟାପିକା ରୋଜାଲିନ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସୋମାଲିନ ଦାସ ଧନ୍ୟବାଦ ଦେଇଥିଲେ।

# ହତ୍ୟା ମାମଲା ରୁଜୁ, ୩ ଅଟକ

## ଛେଳି ଚୋରିକୁ ନେଇ ଯୁବକଙ୍କ ମୃତ୍ୟୁ ଘଟଣା

ଖୁଣ୍ଟୁଣୀ, ୨୮।୨(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ସଡ଼କ ସାହିରେ ଏକ ଛେଳି ଚୋରିକୁ କେନ୍ଦ୍ର କରି କ୍ଲବ ଘରେ ରଖି ମାଡ଼ ମାରିବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ଗ୍ରାମର ପୁନିଆ ନାଏକ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସଡ଼କ ସାହିର ୩ ଜଣଙ୍କୁ ଗ୍ରାମରୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ କେତେଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ରବିବାର ପୂର୍ବାହ୍ନ ୧୦ଟାରେ ଏହି ଥାନା ଅଧୀନ ରାଧାକୃଷ୍ଣପୁର ଗ୍ରାମର ବାଉରୀ ନାଏକଙ୍କ ପୁଅ ପୁନିଆ ଓ ଦ୍ୱିଜ ନାଏକଙ୍କ ପୁଅ ବିଘ୍ନ ଦୁହେଁ ଘରୁ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜାଖୋଜି କରିବାରୁ ଅପରାହ୍ନରେ ଖବର ପାଇଲେ ଯେ ପୁନିଆ ଓ ବିଘ୍ନଙ୍କୁ ନିକଟସ୍ଥ ସଡ଼କସାହିର କେତେଜଣ ଯୁବକ ମାଡ଼ମାରି କ୍ଲବ ଘରେ ବାନ୍ଧି ରଖିଛନ୍ତି। ପୁନିଆ ଘର ଲୋକ ସରପଞ୍ଚ କାହ୍ନୁଚରଣ ମହାନ୍ତିଙ୍କୁ ନେଇ ସଡ଼କ ସାହିକୁ ଯାଇ ସେଠାରୁ ତାଙ୍କ ପୁଅ ଓ ବିଘ୍ନଙ୍କୁ ଛାଡ଼ିବା ପାଇଁ କହିଥିଲେ। ସରପଞ୍ଚ ଓ ପରିବାର ଲୋକଙ୍କ ସହ ଆଲୋଚନା ପରେ ସମସ୍ତଙ୍କ ଉପସ୍ଥିତିରେ ୧୫୦୦ ଟଙ୍କା ଦେଇ ପୁନିଆ ଓ ବିଘ୍ନଙ୍କୁ ଘରକୁ ନେଇ ଆସିଥିଲେ। ସୋମବାର ପୁନିଆଙ୍କ ଦେହ ଅସୁସ୍ଥ ହେବାରୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଅନ୍ୟପଟେ ବିଘ୍ନଙ୍କୁ ମଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ପୁନିଆଙ୍କ ଅବସ୍ଥା ସଙ୍କଟାପନ୍ନ ଦର୍ଶାଇ କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଉଭୟ ଗ୍ରାମରେ ପଇଁତରା ମାରିଥିଲା। ଏ ନେଇ ପୁନିଆଙ୍କ ମା' ବାଉରୀ ନାଏକଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୦/୨୩) ରୁଜୁ କରିଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ହାଇକୋର୍ଟ ପକ୍ଷରୁ ତଦନ୍ତ

## ଚିକିତ୍ସା ଅବହେଳା ଯୋଗୁ ପ୍ରସୂତିଙ୍କ ମୃତ୍ୟୁ ଘଟଣା

ମାହାଙ୍ଗା,୨୮।୨(ସ୍ୱ.ପ୍ର.)

ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାସୁଦେବପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୫ରେ ଚିକିତ୍ସାରେ ଅବେହଳା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେ ହେଲେ କୋଲିଅଠା ଅଞ୍ଚଳର ଅରୁଣ ମଲିକଙ୍କ ସ୍ତ୍ରୀ ଗୀତାଞ୍ଜଳି। ପ୍ରସୂତିକାଳୀନ ଅବସ୍ଥାରରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସମ୍ପର୍କୀୟମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ସୋମବାର ଓଡିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ୨ ଜଣ ଅବସରପ୍ରାପ୍ତ ଜିଲା ଜଜ୍ ସୁନୀଲ ରାୟ ଓ ପ୍ରଜ୍ଞାନଳିନୀ ମିଶ୍ର ମୃତ ମହିଳାଙ୍କ ବାସଭବନରେ ପହଞ୍ଚି ତଦନ୍ତ କରିଥିଲେ। ମଙ୍ଗଳବାର ସେମାନେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତତ୍କାଳୀନ ମୁଖ୍ୟ ଚିକିତ୍ସା ଅଧିକାରୀ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଓ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତରଙ୍କୁ ଏସମ୍ପର୍କରେ ପଚରାଉଚରା କରିବା ସହ ନଥିପତ୍ର ଯାଞ୍ଚ କରିଛନ୍ତି। ଏହି ସମୟରେ ତତ୍କାଳୀନ ମାହାଙ୍ଗା ମୁଖ୍ୟ ଚିକିତ୍ସା ଅଧିକାରୀ ନୃପେନ୍ଦ୍ର କୁମାର ଶତପଥୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ଚିତ୍ତରଞ୍ଜନ ବେହେରା ଓ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ନିର୍ମଳ ସାହୁ, ଏଏନ୍‌ଏମ୍ ଭାରତୀ ସେଠୀ, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଗୀତାଞ୍ଜଳିଙ୍କ ଚିକିତ୍ସାବେଳେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଉପସ୍ଥିତ ରହି ତଦନ୍ତର ସମ୍ମୁଖୀନ ହୋଇଥିଲେ।




ସି-ସୋର୍ ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମାମଲାର ସିବିଆଇ ତଦନ୍ତ ଶିଥିଳତା ପ୍ରତିବାଦରେ ମଙ୍ଗଳବାର କଟକ-ଚୌଦ୍ୱାର ନାଗରିକ ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପରମ୍ପରା, ସଂସ୍କୃତି, ବିଜ୍ଞାନ ଦେଶ ପ୍ରଗତିର ୩ ଧାରା

ସାଲେପୁର/ବାଙ୍କୀ/ବଡ଼ମ୍ବା,୨୮।୨(ଡି.ଏନ.ଏ/ସ୍ୱ.ପ୍ର.)

ସାଲେପୁରସ୍ଥିତ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ପକ୍ଷରୁ ପିଲାଙ୍କ ବିଜ୍ଞାନ ଅନ୍ୱେଷଣ କେନ୍ଦ୍ର ଭାତପଡାଠାରେ ଜାତୀୟ ବିଜ୍ଞାନ ମେଳା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ପରମ୍ପରା, ସଂସ୍କୃତି, ଓ ବିଜ୍ଞାନ ଆମ ଦେଶ ପ୍ରଗତିର ୩ଟି ଧାରା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ, ବିଚାରକ ଭାବେ ପ୍ରଥମ ସଂସ୍ଥାର ପ୍ରୋଗ୍ରାମ ହେଡ ଯୋଗଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଚାରକ ଭାବରେ ବିନୀତା ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ୨୫ ବିଦ୍ୟାଳୟର ପିଲାମାନେ ୪୦ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସମ୍ମାନିତ ଅତିଥି ଭାବେ ନନ୍ଦୋଳ ଗ୍ରାମପଞ୍ଚାୟତର ସରପଞ୍ଚ ଜ୍ଞାନରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସେହିପରି ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ତାପସ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ବିଜ୍ଞାନଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେଶ କୁମାର ମନ୍ତ୍ରୀ ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସରେ ସହକାରୀ ଶିକ୍ଷକ ଅଶୋକ କୁମାର ଧଳ ସଂଯୋଜନା କରିଥିଲେ। ଏନେଇ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ମୀନାକ୍ଷୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ପଣ୍ଡା ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଜୀବନୀ ଓ କୃତିତ୍ୱ ଉପରେ କହିଥିଲେ।



ସାଲେପୁରରେ ଆୟୋଜିତ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

# ମେସି, ପୁଟେଲାସ୍ ଶ୍ରେଷ୍ଠ ଖେଳାଳି

**ପ୍ୟାରିସ, ୨୮।୨(ଏପି)**

କିଲିଆନ୍ ଏମ୍‌ବାପେଙ୍କୁ ପୁଣି ପଛରେ ପକାଇ ବିଶ୍ୱକପ୍ ଚାମ୍ପିୟନ ଲିଓନେଲ ମେସି ଏଥର ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫାର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସ୍ପେନ୍‌ର ଆଲେକ୍ସିଆ ପୁଟେଲାସ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଗତବର୍ଷ କାତାରରେ ଏମ୍‌ବାପେଙ୍କ ଫ୍ରାନ୍ସ ବିପକ୍ଷ ରୋମାଞ୍ଚକ ଫାଇନାଲରେ ଜିତାଇ ମେସି ଆର୍ଜେଣ୍ଟିନାକୁ ବିଶ୍ୱକପ୍ ସଫଳତା ଆଣିଦେଇଥିଲେ। ଶ୍ରେଷ୍ଠ ଖେଳାଳି ପାଇଁ ଭୋଟିଂରେ ସେ ଏମ୍‌ବାପେ ଓ କରିମ୍ ବେଞ୍ଜେମାକୁ ପଛରେ ପକାଇ ଦେଇଥିଲେ। ମେସି ଏଥରକୁ ମିଶାଇ ୧୪ ବର୍ଷରେ ୭ମ ଥର ଫିଫା ପୁରସ୍କାର ଲାଭ କରିଛନ୍ତି। ରେକର୍ଡ ୫ମ ପ୍ରଚେଷ୍ଟାରେ ସେ ବିଶ୍ୱକପ୍ ଜିତି ରେକର୍ଡ ସମକକ୍ଷ ହୋଇ ପାରିଛନ୍ତି। ପୁରସ୍କାର ପାଇଁ ଫାଇନାଲ ଶର୍ଟଲିଷ୍ଟରେ ୩ ଖେଳାଳି ସ୍ଥାନ ପାଇଥିଲେ। ଭୋଟିଂ ପାଇଁ ଏକ ଗ୍ଲୋବାଲ ପ୍ୟାନେଲ ଗଠନ କରାଯାଇଥିଲା। ଏଥିରେ ଜାତୀୟ ଦଳଗୁଡ଼ିକର ଅଧିନାୟକ ଓ କୋଚ୍, ଫିଫାର ୨୧୧ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରର ବଛା ବଛା



ପୁରସ୍କାର ସହ ଲିଓନେଲ ମେସି ଓ ଆଲେକ୍ସିଆ ପୁଟେଲାସ।

ଜର୍ନାଲିଷ୍ଟ ସ୍ଥାନ ପାଇଥିଲେ। ପୁନଶ୍ଚ ପ୍ରଶଂସକମାନଙ୍କ ଲାଗି ଅନ୍‌ଲାଇନ୍ ଭୋଟିଂ ବ୍ୟବସ୍ଥା କରାଯାଇଥିଲା। ୩୫ ବର୍ଷୀୟ ମେସି ପ୍ରଥମ ଥର ଫିଫାର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିବା ଲକ୍ଷ୍ୟରେ ଥିବା ଏମ୍‌ବାପେଙ୍କୁ ପଛରେ ପକାଇ ଗତ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଫିଫା ଦ୍ୱାରା ପ୍ରଦତ୍ତ ଗୋଲ୍‌ଡେନ୍ ବଲ୍ ଟ୍ରଫି

### ଫିଫା ପୁରସ୍କାର

ହାସଲ କରିଥିଲେ। ଟପ୍ ସ୍କୋରର ହିସାବରେ ଏମ୍‌ବାପେ ଗୋଲ୍ଡେନ ବୁଟ୍ ପାଇଥିଲେ। ଫିଫା ପୁରସ୍କାର ପାଇଁ ହୋଇଥିବା ଭୋଟ୍‌ରେ ମେସି ୫୨ ପଏଣ୍ଟ, ଏମ୍‌ବାପେ ୪୪ ପଏଣ୍ଟ ଏବଂ ବେଞ୍ଜେମା ୩୪ ପଏଣ୍ଟ ପାଇଥିଲେ। ଏମ୍‌ବାପେ ହେଉଛନ୍ତି ମେସିଙ୍କଠାରୁ ୧୧ବର୍ଷ ସାନ, ତାଙ୍କୁ ବର୍ତ୍ତମାନ ୨୪ବର୍ଷ। ବିଶ୍ୱ ଷ୍ଟେଜ୍‌ରେ ତାଙ୍କୁ ମେସିଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଛି। ସେ ପ୍ରଥମ ଥର ପାଇଁ ୩ଜଣିଆ ଶର୍ଟଲିଷ୍ଟରେ ସ୍ଥାନ ପାଇଥିଲେ। ୨୦୧୮ ପୁରସ୍କାର ପାଇଁ ଭୋଟିଂରେ ସେ ଚତୁର୍ଥ ହୋଇଥିଲେ। ରିୟଲ୍ ମାଡ୍ରିଡ୍ ଷ୍ଟାର ବେଞ୍ଜେମା ବିଶ୍ୱକପ୍ ପୂର୍ବରୁ ସମ୍ମାନଜନକ ବାଲନ ଡି'ଆର ପୁରସ୍କାର ଜିତିଥିଲେ। ଇଞ୍ଜୁରି ଯୋଗୁ ଫ୍ରାନ୍ସ ଫରୱାର୍ଡ ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ। ଅଗଷ୍ଟରେ ବାଲାନ ଡି'ଅର ପୁରସ୍କାର ପାଇଁ ପ୍ରସ୍ତୁତ ଲମ୍ବା ପ୍ରାର୍ଥୀ ତାଲିକାରେ ମେସିଙ୍କ ନାମ ନ ଥିଲା। ଗତ ଦୁଇବର୍ଷ ହେଲା ରବର୍ଟ ଲିଆଣ୍ଡୋସ୍କି ଫିଫା ପୁରସ୍କାର ଜିତିଆସୁଥିଲେ। ଚଳିତ ବର୍ଷର ପୁରସ୍କାର ପାଇଁ ୧୪ ଖେଳାଳିଙ୍କୁ ନେଇ ଶର୍ଟଲିଷ୍ଟରୁ କ୍ରିଷ୍ଟିଆନୋ ରୋନାଲ୍‌ଡୋ ପ୍ରଥମ ଥର ବାଦ୍ ପଡ଼ିଛନ୍ତି। ମହିଳା ଫୁଟ୍‌ବଲରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିବା ପୁଟେଲାସ ଭୋଟିଂରେ ଯୁକ୍ତରାଷ୍ଟ୍ର ଆମେରିକାର ଆଲେକ୍ସ ମୋର୍ଗାନ ଓ ଇଂଲଣ୍ଡର ବେଥ୍ ମିଡ୍‌ଙ୍କୁ ପଛରେ ପକାଇଦେଇଥିଲେ। ପୁଟେଲାସଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୨୨ରେ ୟୁରୋପିଆନ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ବାର୍ସିଲୋନା ପ୍ଲେମେକର ୟୁରୋ ପୂର୍ବରୁ ଆଘାତଜନିତ ସମସ୍ୟା ଦେଇ ଗତି କରିଥିବା ସତ୍ତ୍ୱେ ଶ୍ରେଷ୍ଠ ୩ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଗତ ସିଜନରେ ସମସ୍ତ ପ୍ରତିଯୋଗିତାରେ ମୋଟ ୩୪ ଗୋଲ୍ ସ୍କୋର କରିଥିଲେ।

## ଆଇପିଏଲ୍‌ରେ ଖେଳିପାରିବେନି ବୁମ୍‌ରା



**ନୂଆଦିଲ୍ଲୀ, ୨୮।୨ (ପି.ଟି.):** ପିଠିରେ ଆଘାତପ୍ରାପ୍ତ ଯଶପ୍ରୀତ ବୁମ୍‌ରା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରି ନାହାନ୍ତି। ଆସନ୍ତା ୬ ମାସ ଭିତରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରି ନ ପାରନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମନେ କରୁଛି। ଆଘାତଜନିତ ସମସ୍ୟାଯୋଗୁ ଏହି ପୁରୁଖା ପେସ୍ ବୋଲର ଗତବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳିପାରି ନ ଥିଲେ। ବର୍ତ୍ତମରନ ତାଙ୍କ ପିଠିରେ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଛି। ତେଣୁ ସେ ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭାଗ ନେଇ ପାରିବେ ନାହିଁ। ସେ ୫୦ ଓଭର ଫର୍ମାଟ ବିଶ୍ୱକପ୍ ବେଳକୁ ମଧ୍ୟ ଫେରି ନ ପାରନ୍ତି। ବୁମ୍‌ରା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ (ଯଦି ଭାରତ ଯୋଗ୍ୟତା ଅର୍ଜନ କରେ)ବେଳକୁ ମଧ୍ୟ ଫିଟ୍ ହୋଇ ନ ଥିବେ ବୋଲି କୁହାଯାଉଛି। ଏହି ମ୍ୟାଚ ଓଭାଲଠାରେ ଜୁନ୍ ୭ରୁ ଖେଳାଯିବ। ବୁମ୍‌ରାଙ୍କୁ ପ୍ରଥମ ଅବସ୍ଥାରେ ଭାରତର ଟି୨୦ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। ଆଇପିଏଲ ମାର୍ଚ୍ଚ ୩୧ରୁ ଆରମ୍ଭ ହେବ। ବୁମ୍‌ରା ବହୁ ସିଜନ ହେଲା ମୁମ୍ବାଇ ଇଣ୍ଡିଆନ୍ସ ପେସ୍ ବାହିନୀର ନେତୃତ୍ୱ ନେଇ ଆସୁଛନ୍ତି। ୨୯ ବର୍ଷୀୟ ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଇପିଏଲ୍ ଗେମ୍‌କୁ ଛାଡ଼ି ୨୦୨୨ରେ ୫ ଟେଷ୍ଟ, ୫ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୱେଷ୍ଟଇଣ୍ଡିଜର ପୂର୍ବତନ ପେସ୍ ବୋଲର ମାଇକେଲ ହୋଲ୍ଡିଂ କହିଛନ୍ତି, ବୁମ୍‌ରାଙ୍କ ପିଠିରେ ସବୁବେଳେ ଇଞ୍ଜୁରି ରହିବ।

## ସ୍କାଲୋନିଙ୍କ କାର୍ଯ୍ୟକାଳ ବୃଦ୍ଧି



**ବୁଏନ୍ସଏୟାର୍ସ, ୨୮।୨ (ଏପି)**

ଆର୍ଜେଣ୍ଟିନା ଫୁଟ୍‌ବଲ ଦଳର କୋଚ୍ ବିଶ୍ୱକପ୍ ବିଜେତା ଲିଓନେଲ ସ୍କାଲୋନିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ସେ ୨୦୨୬ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ସୋମବାର ଚୁକ୍ତି ନବୀକରଣ କରାଯାଇଥିବା ଆର୍ଜେଣ୍ଟାଇନ୍ ଫୁଟ୍‌ବଲ ଆସୋସିଏଶନ (ଏଏଫ୍‌ଏ) ଓ ସ୍କାଲୋନି ସ୍ପଷ୍ଟ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଫିଫା ପୁରସ୍କାର ପୂର୍ବରୁ ପ୍ୟାରିସରେ ୪୪ ବର୍ଷୀୟ ସ୍କାଲୋନି ଏବଂ ଏଏଫ୍‌ଏ ସଭାପତି କ୍ଲାଉଡିଓ ଟାପିଆଙ୍କ ମଧ୍ୟରେ ଭେଟ ହୋଇଥିଲା। ସ୍କାଲୋନି ୱାର୍ଲ୍ଡ କୋଚ୍ ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। ଆର୍ଜେଣ୍ଟିନା ଗତ ଡିସେମ୍ବର ୧୮ରେ କାତାର ବିଶ୍ୱକପ୍ ଜିତିବା ପରେ ସ୍କାଲୋନିଙ୍କ ଚୁକ୍ତି ମିଆଦ ଶେଷ ହୋଇଥିଲା। ପରେ ଦୀର୍ଘ ମିଆଦି ଚୁକ୍ତି ହୋଇଛି। ସୂଚନାଯୋଗ୍ୟ, ସ୍କାଲୋନି ୨୦୧୮ଶେଷ ଭାଗରେ କାମଚଳା ଦାୟିତ୍ୱ ନେବା ପରେ ଅଭିଜ୍ଞତା ଅଭାବରୁ ସମାଲୋଚନାର ପାତ୍ର ହୋଇଥିଲେ। କାରଣ ସେତେବେଳେ ଗୋଟିଏ ହେଲେ ପ୍ରଫେସନାଲ ଟିମ୍‌କୁ କୋଚିଂ ଦେଇ ନ ଥିଲେ। ବର୍ଷକ ପରେ ତାଙ୍କୁ ପଦବୀରେ ନିୟମିତ କରାଯାଇଥିଲା। ସ୍କାଲୋନିଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା ୨୮ ବର୍ଷରେ ପ୍ରଥମ ଥର ୨୦୨୧ କୋପା ଆମେରିକା ଜିତିଥିଲା। ବିଶ୍ୱକପ୍ ୨୦୨୬ ବିଶ୍ୱକପ୍ ପର୍ଯ୍ୟନ୍ତ ସ୍କାଲୋନି ତାଙ୍କ ପଦବୀରେ ରୁହନ୍ତୁ ବୋଲି ଅଧିନାୟକ ଲିଓନେଲ ମେସି ଓ ଅନ୍ୟ କେତେଜଣ ପ୍ରମୁଖ ଖେଳାଳି ଚାହିଁଥିଲେ।

# ୱାଙ୍ଖେଡେରେ ସ୍ଥାପନ ହେବ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି

**ମୁମ୍ବାଇ, ୨୮।୨(ପି.ଟି.)**

ଭାରତର କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କର ଏକ ପ୍ରତିମୂର୍ତ୍ତି ୱାଙ୍ଖେଡେ ଷ୍ଟାଡିୟମରେ ସ୍ଥାପନ ହେବ। ଯେଉଁ କ୍ରିକେଟ ଷ୍ଟାଡିୟମରେ ସଚିନ୍ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସମାନ ଷ୍ଟାଡିୟମରେ ସଚିନଙ୍କ ଉଚ୍ଚତାର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ରମାକାନ୍ତ ଆଚ୍ରେକରଙ୍କ କୋଚିଂରେ ୱାଙ୍ଖେଡେରୁ ଖେଳ ଆରମ୍ଭ କରିଥିବା ସଚିନ୍ ସମାନ ଷ୍ଟାଡିୟମରେ ୨୦୧୧ରେ ବିଶ୍ୱକପ ବିଜୟୀ ହୋଇଥିଲେ। ଏହା ସହ ସମାନ ଷ୍ଟାଡିୟମରେ ସେ ନିଜ କ୍ୟାରିୟରର ଅନ୍ତିମ ମ୍ୟାଚ୍ ମଧ୍ୟ ଖେଳିଥିଲେ। ୨୦୧୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୦୦ ତମ ଟେଷ୍ଟ ଖେଳି ବିଦାୟ ନେଇଥିଲେ ସଚିନ। ଏପ୍ରିଲ୍ ୨୪ ତାରିଖରେ ସଚିନଙ୍କ ୫୦ ତମ ଜନ୍ମ ଦିବସ ଅବସରରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ।ମୁମ୍ବାଇର ପ୍ରତିନିଧିତ୍ୱ କରି ମୁଁ କ୍ରୀଡା ଜୀବନ ଆରମ୍ଭ କରିଥିଲି। ଏହି ଷ୍ଟାଡିୟମରେ ବିଶ୍ୱକପ ବିଜୟ, କ୍ୟାରିୟର ଅନ୍ତିମ ମ୍ୟାଚ ପରି ଅନେକ ସ୍ମୃତି ରହିଛି। ମୁମ୍ବାଇ କ୍ରିକେଟ ଆସୋସିଏନର ଏଭଳି ଘୋଷଣା ଜୀବନ ସମ୍ପୂର୍ଣ୍ଣ ହେବା ପରି ମନେ ହେଉଛି ବୋଲି କହିଛନ୍ତି ତେନ୍ଦୁଲକର। ଏଭଳି ଆଚରଣ ପାଇଁ ମୁଁ ଅତ୍ୟନ୍ତ କୃତଜ୍ଞ ବୋଲି ସେ କହିଛନ୍ତି। ମଙ୍ଗଳବାର ସଚିନ୍ ୱାଙ୍ଖେଡେ ଷ୍ଟାଡିୟମ ବୁଲି ଆସିଥିବା ବେଳେ ମୁମ୍ବାଇ କ୍ରିକେଟ ଆସୋସିଏନ ସଭାପତି ଅମୋଲ କାଳେ ଏହି ଘୋଷଣା କରିଥିଲେ। ୨୪ ବର୍ଷର କ୍ୟାରିୟରରେ ତେନ୍ଦୁଲକରଙ୍କ ନାମରେ ଅନେକ ରେକର୍ଡ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଲଣ୍ଡନ ସ୍ଥିତ ମାଡାମ ଟୁସାଦ ମ୍ୟୁଜିୟମରେ ତେନ୍ଦୁଲକରଙ୍କ ମହମ ପ୍ରତିମୂର୍ତ୍ତି ସ୍ଥାନ ପାଇଛି।



ପତ୍ନୀ ଅଞ୍ଜଳିଙ୍କ ସହ ୱାଙ୍ଖେଡେ ଷ୍ଟାଡିୟମରେ ନିଜ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳ ବୁଲି ଦେଖୁଛନ୍ତି ସଚିନ ତେନ୍ଦୁଲକର।

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୩୧୪/୮

**ସେଞ୍ଚୁରିଅନ୍, ୨୮।୨**

ସେଞ୍ଚୁରିଅନର ସୁପରସ୍ପୋର୍ଟ ପାର୍କରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଓପନର ଏଡେନ ମାରକ୍ରମଙ୍କ ଶତକ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୩୧୪ ରନ୍ ସଂଗ୍ରହ କରିଛି। ଦୁଇ ଓପନର ଡିନ୍ ଏଲଗାର(୭୧) ଓ ମାରକ୍ରମ(୧୧୫) ଦଳକୁ ଏକ ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୧୩୯ ରନ୍

### ମାରକ୍ରମଙ୍କ ଶତକ

ଯୋଡିଥିଲେ। ଏଲ୍‌ଗାର ୧୧୮ ବଲ ଖେଳି ୧୧ ଚୌକା ମାରିଥିଲେ। ପରବର୍ତ୍ତୀ ବ୍ୟାଟର ଟୋନି ଜୋର୍ଜି(୨୮), ଟେମ୍ବା ବାଭୁମା(୦), କିଗାନ ପିଟରସନ(୧୪) ଓ ହେନରିଚ୍ କ୍ଲାସେନ୍ (୨୦) ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ଦଳୀୟ ସ୍କୋର ୨୩୬ ରନରେ ମାରକ୍ରମ ୧୧୫ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଏହି ଇନିଂସରେ ସେ ୧୭୪ ବଲ୍ ଖେଳି ୧୮ ଚୌକା ମାରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମାର୍କୋ ଜାନସେନ୍ ୧୭ ଓ ଜେରାଲ୍ଡ କୋଏଟଜି ୭ ରନରେ ଅପରାଜିତ ଅଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷର ଆଲଜାରି ଯୋଶେଫ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଜାସନ ହୋଲ୍ଡର, କେମାର ରୋଚ୍, ଶାନନ ଗାବ୍ରିଏଲ ଓ କାଇଲ ମେୟର୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଆଲଜାରି ଜୋସେଫ।



ଶତକ ହାସଲକାରୀ ଏଡେନ ମାରକ୍ରମ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୮୨ ଓଭରରେ ୩୧୪/୮ (ଏଡେନ ମାରକ୍ରମ-୧୧୫, ଡିନ୍ ଏଲଗାର-୭୧, ଟୋନି ଜୋର୍ଜି-୨୮, ଆଲଜାରି ଯୋଶେଫ୍-୩/୬୦, ଶାନନ ଗାବ୍ରିଏଲ-୧/୪୯, କାଇଲ ମେୟର୍ସ-୧/୨୩)।

## ଭାରତ ସମେତ ୮ଦେଶକୁ ସିଧାସଳଖ ଯୋଗ୍ୟତା

**ଦୁବାଇ, ୨୮।୨(ପି.ଟି.):** ଭାରତ ସମେତ ୮ଟି ଦେଶ ବାଂଲାଦେଶରେ ହେବାକୁଥିବା ୨୦୨୪ ସଂସ୍କରଣ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଆପେ ଯୋଗ୍ୟତା ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ ନିକଟରେ ଶେଷ ହୋଇଥିବା ଏହି ଟୁର୍ନାମେଣ୍ଟରେ ଭାରତ ନିଜ ଗ୍ରୁପ୍‌ରେ ଶ୍ରେଷ୍ଠ ୩ ମଧ୍ୟରେ ରହିଥିଲା। ବିଶ୍ୱକପ୍‌ର ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ୩ ଦଳ ଆପେ ଯୋଗ୍ୟତା ଅର୍ଜନ କରିଛନ୍ତି। ଶ୍ରେଷ୍ଠ ୬ଟି ଦଳ ମଧ୍ୟରେ ନ ଥିଲେ ମଧ୍ୟ ଆୟୋଜକ ଦେଶ ହିସାବରେ ବାଂଲାଦେଶ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଗ୍ରୁପ-୧ରୁ ଏବଂ ଇଂଲଣ୍ଡ, ଭାରତ ଓ ୱେଷ୍ଟଇଣ୍ଡିଜ ଗ୍ରୁପ୍-୨ରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ନିକଟରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରୁ କେବଳ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ



ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଶ୍ରୀଲଙ୍କା ବର୍ତ୍ତମାନ ର୍‍ୟାଙ୍କିଂ ତାଲିକାର ୮ମ ସ୍ଥାନରେ ରହିଥିବା ବେଳେ ଆୟର୍ଲାଣ୍ଡ ୧୦ମରେ ରହିଛି। ୨୦୨୪ ପ୍ରଥମ ଭାଗରେ ଏକ ଗ୍ଲୋବାଲ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ ଦୁଇ ଦଳ ଅବଶିଷ୍ଟ ଦୁଇ ସ୍ଥାନ ପୂରଣ କରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ସୂଚନା ଦିଆଯାଇଛି।

# ଫୁଲ, ନକୁଳ, ରମେଶ ପୁରସ୍କୃତ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ ମହାମାରୀ ପାଇଁ ୨ ବର୍ଷ ଧରି ବନ୍ଦ ରହିଥିବା ବିଆର୍‌ଏମ୍-ଆଶା ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତୀ ରଥ ମେମୋରିଆଲ ଏକାଡେମୀ ଅଫ୍ ସ୍ପେଶାଲ ହ୍ୟୁମାନ ଆବିଲିଟିଜ୍ ଏବଂ ଓପନ ଲର୍ନିଂ ସିଷ୍ଟମ୍ସ (ଓଏଲ୍‌ଏସ୍)ର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ବିଧାୟକ ସୁଶାନ୍ତ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓପନ ଲର୍ନିଂ ସିଷ୍ଟମ୍ସ ସିଇଓ ତଥା ବିଆରଏମ୍-ଆଶା ସମ୍ପାଦକ ପ୍ରକାଶ ରଥ ବାର୍ଷିକ ବିବରଣୀ ପାଠ କରିବା ସହ ଦିବ୍ୟାଙ୍ଗ ପାଇଁ ଏହି ଦୁଇ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦୃଷ୍ଟିବାଧିତ ମହିଳା କ୍ରିକେଟର ଫୁଲ ସୋରେନ, ପୁରୁଷ କ୍ରିକେଟର ନକୁଳ ବଡ଼ନାୟକ, ଅନ୍ତର୍ଜାତୀୟ ଆଡ୍‌ଭେଞ୍ଚର ସାଇକ୍ଲିଷ୍ଟ କୁମାର ଦେବଦତ୍ତ ଏବଂ ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ତାରକା ଭି. ରମେଶ ରାଓଙ୍କୁ ପୁରସ୍କୃତ କରାଯାଇଥିଲା। ଜର୍ନାଲିଷ୍ଟ ତାଜିନ କୁରେଶି, ଶତରୂପା ସାମନ୍ତରାୟ ଓ ପ୍ରକାଶ କୁମାର ସାହୁଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଓପନ ଲର୍ନିଂ ସିଷ୍ଟମର ଛାତ୍ର ଓ ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଏଲ୍‌ଏସ ପ୍ରତିଷ୍ଠାତା କସ୍ତୁରି ମହାପାତ୍ର, ସଭାପତି ଅଜିତ ମହାନ୍ତି, ସମ୍ପାଦକ ପ୍ରତାପ ରଥ, ବିଆରଏମ୍-ଆଶା ଉପସଭାପତି ପ୍ରଦୀପ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଓଏଲ୍‌ଏସ୍ ସଦସ୍ୟ ମଞ୍ଜୁଶ୍ରୀ ପଟ୍ଟନାୟକ, ସାଗରିକା ସାହୁ ଓ ଦାମୋଦର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବିଆର୍‌ଏମ୍-ଆଶା ପୁରସ୍କାର ପ୍ରଦାନ ଉତ୍ସବ



ଭି. ରମେଶ ରାଓଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

### ରେସ୍‌ଲିଂ ବିବାଦ

## ତଦନ୍ତ କମିଟି ଆଗରେ ହାଜର ହେଲେ ବ୍ରିଜ୍ ଭୂଷଣ

**ନୂଆଦିଲ୍ଲୀ, ୨୮।୨ (ପି.ଟି.):** ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ ଭୂଷଣ ଶରଣ ମଙ୍ଗଳବାର ସରକାରଙ୍କ ଦ୍ୱାରା ନିଯୁକ୍ତ ନିରୀକ୍ଷଣ କମିଟି ଆଗରେ ହାଜର ହୋଇଛନ୍ତି। ତେବେ ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ବ୍ରିଜଭୂଷଣ ଡବ୍ଲ୍ୟୁଏଫ୍‌ଆଇରେ ମନମୁଖୀ ଶାସନ ଚଳାଇ ଆସିଥିଲେ, ସେ ଦମକଚମକ ଦେଉଥିଲେ, ସେ ଆହୁରି ମଧ୍ୟ ଯୌନ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ ହୋଇଛି। ତଦନ୍ତ ଚାଲିଥିବାରୁ ତାଙ୍କୁ ସାମୟିକ ପଦବୀରୁ ହଟାଯାଇଛି। ବ୍ରିଜ ଭୂଷଣ ତାଙ୍କର ୨୦ଜଣ ସମର୍ଥକଙ୍କୁ ନେଇ ଆସିଥିଲେ। ତଦନ୍ତ ପାଇଁ କିମ୍ବଦନ୍ତୀ ବକ୍ସର ଏମ୍.ସି ମେରୀକମ୍‌ଙ୍କ ନେତୃତ୍ୱର ନିରପେକ୍ଷ କମିଟି ଜାନୁୟାରୀ ୨୩ରେ ଗଠନ କରାଯାଇଥିଲା।

# ମୟଙ୍କଙ୍କ ନିକଟରେ ପ୍ରତ୍ୟାବର୍ତ୍ତନ ସୁଯୋଗ

**ଗ୍ୱାଲିୟର, ୨୮।୨(ପି.ଟି.)**

### ଇରାନୀ କପ୍

ଅବଶିଷ୍ଟ ଭାରତ ଓ ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ମଧ୍ୟରେ ଇରାନୀ ଟ୍ରଫି ମ୍ୟାଚ୍ ବୁଧବାର ଆରମ୍ଭ ହେବ। ମୟଙ୍କ ଅଗ୍ରୱାଲ ଅବଶିଷ୍ଟ ଭାରତର ନେତୃତ୍ୱ ନେଉଥିବା ବେଳେ ଦୃଢ ପ୍ରଦର୍ଶନ ସହିତ ପୁଣି ଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ପ୍ରୟାସ କରିବେ। ଦକ୍ଷିଣ ଆଫ୍ରିକା ସିରିଜରେ ଖରାପ ପ୍ରଦର୍ଶନ ପରେ ମୟଙ୍କ ଅଗ୍ରୱାଲଙ୍କୁ ଭାରତୀୟ ଦଳରୁ ବାଦ ଦିଆଯାଇଥିଲା। ତେବେ ବର୍ତ୍ତମାନ ଲୋକେଶ ରାହୁଲ ଖରାପ ଫର୍ମରେ ଗତି କରୁଥିବା ବେଳେ ରଣଜୀ ଟ୍ରଫିରେ ୯୯୦ ରନ୍ ସ୍କୋର କରି ଭାରତୀୟ ଦଳ ପାଇଁ ଦୃଢ ଦାବିଦାରୀ ଉପସ୍ଥାପନ କରିଛନ୍ତି। ଏପରି ସ୍ଥିତିରେ ଆଉ ଗୋଟିଏ ଭଲ ପ୍ରଦର୍ଶନ ପରେ ମୟଙ୍କଙ୍କ ପାଇଁ ଭାରତୀୟ ଦଳର ଦ୍ୱାର ଖୋଲିପାରେ। ଏହା ସହିତ ୱେଷ୍ଟଇଣ୍ଡିଜ ସିରିଜ ପାଇଁ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇପାରେ। ଅବଶିଷ୍ଟ ଭାରତ ଦଳରେ ଅଭିମନ୍ୟୁ ଇଶ୍ୱରନ, ମୁକେଶ କୁମାର, ନବଦୀପ ସାଇନି ଓ ପୁଲକିତ ନାରଙ୍ଗଙ୍କ ପରି ଖେଳାଳି ରହିଛନ୍ତି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଦଳରେ ମଧ୍ୟ ଅନେକ ଶକ୍ତିଶାଳୀ ଖେଳାଳି ରହିଛନ୍ତି। ଆଭେଶ୍ ଖାନ, ହିମାଂଶୁ ମନ୍ତ୍ରୀ, ରଜତ ପଟିଦାର ଓ ଭେଙ୍କଟେଶ ଆୟରଙ୍କ ପରି ଖେଳାଳି ମଧ୍ୟପ୍ରଦେଶ ଦଳରେ ରହିଥିବାରୁ ଘରୋଇ ପରିବେଶରେ ଏହା ମଧ୍ୟ ବେଶ ଶକ୍ତିଶାଳୀ ପ୍ରତୀୟମାନ ହେଉଛି। ମୟଙ୍କ ମାର୍କଣ୍ଡେ ଆହତ ହେବା କାରଣରୁ ତାଙ୍କ ସ୍ଥାନରେ ଶାମ୍ସ ମୁଲାନୀଙ୍କୁ ଅବଶିଷ୍ଟ ଭାରତ ଦଳରେ ସାମିଲ କରାଯାଇଛି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, March 1/2023 | Page 20 | ₹ 7.00

**ଭିତର ପୃଷ୍ଠାରେ**

- ମାସକର ଶିଶୁକୁ ଖୁଣି ମାରିଲେ କୁକୁର
- ବାପାଙ୍କୁ ହତ୍ୟା ପାଇଁ ୧ କୋଟିର ସୁପାରି
- ତାତି ବଢ଼ିବ: ସୋନପୁରରେ ୩୭.୭ ଡିଗ୍ରୀ
- ୪୫ ଲକ୍ଷ ପରିବାରଙ୍କୁ ମିଳିଛି ପକ୍କା ଘର
- ପ୍ଲାଷ୍ଟିକ୍ ନୁହେଁ, ଭିଟାମିନ୍ ଚାଉଳ ଦିଆଯାଉଛି
- ବସ୍ତି ବାସିନ୍ଦାଙ୍କୁ ୧.୭୨ ଲକ୍ଷ ଜମି ସାର୍ଟିଫିକେଟ୍

ଓଡ଼ିଶା ସରକାର

## ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



DADLS-91

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୩ ମାର୍ଚ୍ଚ ୧ ତାରିଖଠାରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

## ବାର୍ତ୍ତା



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୁଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+2) ପରୀକ୍ଷା କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ମାର୍ଚ୍ଚ ୧ ତାରିଖ ଠାରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି ।

ଏହି ଅବସରରେ ମୁଁ ସମସ୍ତ ପରିକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଂଗେ ସଂଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ୍ ଓ ପ୍ରଶାସନର ସହଯୋଗ କାମନା କରୁଛି ।

ସମୀର ଦାଶ
(ସମୀର ରଞ୍ଜନ ଦାଶ )
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-11003/13/0015/2223

DSPL-466

ଓଡ଼ିଶା ସରକାର



## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା
# ଶିକ୍ଷକ ଓ ଅଣ-ଶିକ୍ଷକ ନିଯୁକ୍ତି ଓ ପଦୋନ୍ନତି

### ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ଓ ପଦୋନ୍ନତି

- ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ **୨୦,୦୦୦ କନିଷ୍ଠ ଶିକ୍ଷକ**ଙ୍କୁ (ଯୋଜନା ଭିତ୍ତିକ) ନିୟୋଜିତ କରାଯିବ । ଏହା ମାଧ୍ୟମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ତାଲିମ୍‌ପ୍ରାପ୍ତ ଯୁବକ/ଯୁବତୀ ନିୟୋଜିତ ହେବେ ।
- **୫୪,୦୦୦ ବରିଷ୍ଠ ଶିକ୍ଷକ ଓ ପ୍ରଧାନ ଶିକ୍ଷକ**ଙ୍କର ପଦୋନ୍ନତି ପାଇଁ "ରେସିଡେନ୍ସି ପିରିୟଡ୍" କୋହଳ କରିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି ।

### ମାଧ୍ୟମିକ ଶିକ୍ଷାରେ ନିଯୁକ୍ତି ଓ ପଦୋନ୍ନତି

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆବଶ୍ୟକତାକୁ ଆଧାର କରି **୭୫୪୦** ଜଣ ସରକାରୀ ମାଧ୍ୟମିକ ଶିକ୍ଷକ ନିଯୁକ୍ତି ନିମନ୍ତେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ଦ୍ୱାରା ବିଜ୍ଞପ୍ତି ପ୍ରକାଶିତ ହୋଇଛି ।
- ରାଜ୍ୟରେ ଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଅଭାବ ସମସ୍ୟା ଦୂର କରିବାକୁ **୬୦୨୫**ଟି ଏଲ୍‌ଟିଆର୍ (ଛୁଟି ଓ ପ୍ରଶିକ୍ଷଣ ପାଇଁ ସଂରକ୍ଷିତ ପଦବୀ) ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି ।
- ମାଧ୍ୟମିକ ବିଦ୍ୟାଳୟ ସହ ଜିଲ୍ଲା ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ମୋଟ **୧୭୯୯** କନିଷ୍ଠ ସହାୟକ ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି ।
- ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ **୨୦୬୪** ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ସର୍ଭିସ୍ ସିଲେକ୍ସନ୍ ବୋର୍ଡ଼ ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ ହୋଇଛି ।

### ଉଚ୍ଚ ମାଧ୍ୟମିକ ଶିକ୍ଷାରେ ନିଯୁକ୍ତି ଓ ପଦୋନ୍ନତି

- ଓପିଏସ୍‌ସି ମାଧ୍ୟମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ **୩୩୫** ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । **୧୫୦** ଜଣ ପିଜିଟି ଇତି ମଧ୍ୟରେ ନିଯୁକ୍ତ ହୋଇସାରିଥିବା ବେଳେ ୨୦୨୩-୨୪ ସୁଦ୍ଧା ଆହୁରି **୩୬୭** ଜଣ ପିଜିଟିଙ୍କୁ ନିଯୁକ୍ତ କରାଯିବ ।
- ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ **୧୫୪୩** ଜଣ ପିଜିଟି ନିଯୁକ୍ତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।
- ସର୍ଭିସ୍ ସିଲେକ୍ସନ ବୋର୍ଡ଼ ଦ୍ୱାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ **୫୫୫** ପିଜିଟି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି ।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡି.ଆଇ.ଇ.ଟି ଓ ବି.ଆଇ.ଇ.ଟିରେ **୧୨୦**ଟି ଶିକ୍ଷକ-ପ୍ରଶିକ୍ଷକ ପଦବୀ ପୂରଣ କରିବାକୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍‌ଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି ।

OIPR-27068/13/0031/2223

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

## ଚନ୍ଦ୍ରୟାନ-୩ ରକେଟର କ୍ରାୟୋଜେନିକ୍ ଇଞ୍ଜିନ୍ ପରୀକ୍ଷା କଲା ଇସ୍ରୋ

ତୃତୀୟ ମୁନ୍ ମିଶନ ଚନ୍ଦ୍ରୟାନ-୩ ପାଇଁ ଥିବା ରକେଟର ସିଇ-୨୦ କ୍ରାୟୋଜେନିକ ଇଞ୍ଜିନକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସଫଳତାର ସହ ପରୀକ୍ଷା କରିଛି। ଏହି ଇଞ୍ଜିନ ଏଲ୍‌ଭିଏମ୍‌୩-ଏମ୍‌୪ ରକେଟକୁ ଶକ୍ତି ଯୋଗାଇବ। ଗତ ୨୪ ତାରିଖରେ ତାମିଲନାଡୁର ମହେନ୍ଦ୍ରଗିରିଠାରେ ଥିବା ଇସ୍ରୋ ପ୍ରୋପଲସନ୍ କମ୍ପ୍ଲେକ୍ସରେ ୨୫ ସେକେଣ୍ଡ ପାଇଁ ଏହି ପରୀକ୍ଷା ହୋଇଥିଲା। ଆଶାନୁରୂପ ସଫଳତା ମିଳିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଜଣେ କଶ୍ମୀରୀ ପଣ୍ଡିତ ହତ୍ୟାକାରୀ ଥିଲେ**

**ଶ୍ରୀନଗର, ୨୮।୨:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରିଥିବା ଆତଙ୍କବାଦୀଙ୍କ ସମେତ ୨ ଜଣ ମଙ୍ଗଳବାର ସୁରକ୍ଷା ବଳ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଏହି ଗୁଳି ବିନିମୟ ବେଳେ ଜଣେ ଯବାନ ମଧ ଶହୀଦ ହୋଇଛନ୍ତି। ଜିଲାର ପଦଗାମପୋରା ଗ୍ରାମରେ ସେନା ଓ ପୋଲିସର ମିଳିତ ତଲାସି ବେଳେ ଏନ୍‌କାଉଣ୍ଟରରେ ଆତଙ୍କବାଦୀ ଅକିବ୍ ମୁସ୍ତାକ୍ ଭଟ୍ଟ ନିହତ ହୋଇଥିଲେ। ପୂର୍ବରୁ ସେ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବାବେଳେ ଏବେ ଟିଆର୍‌ଏଫ୍ ସହ ଜଡ଼ିତ ଥିଲେ। ବ୍ୟାଙ୍କ ସୁରକ୍ଷା ଗାର୍ଡ ସଞ୍ଜୟ ଶର୍ମାଙ୍କୁ ସେ ଗତ ରବିବାର ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ଗତବର୍ଷ କେତେଜଣ କଶ୍ମୀରୀ ପଣ୍ଡିତ ଏବଂ ପ୍ରବାସୀ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂର ଶିକାର ହୋଇଥିଲେ। ରବିବାରର ହତ୍ୟାକାଣ୍ଡ ଚଳିତ ବର୍ଷ କଶ୍ମୀରୀ ପଣ୍ଡିତଙ୍କ ଉପରେ ପ୍ରଥମ ଆକ୍ରମଣ ଥିଲା।

### ୨ ବର୍ଷର ଶିଶୁକୁ ବଳାତ୍କାର ପରେ ହତ୍ୟା

**ସୁରାଟ, ୨୮।୨:** ଗୁଜରାଟର ସୁରାଟରେ ୨ ବର୍ଷର ଶିଶୁଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସାମ୍ନାକୁ ଆସିଛି। ପୀଡ଼ିତାଙ୍କ ବାପାଙ୍କ ବନ୍ଧୁ ଏ ପ୍ରକାର ଜଘନ୍ୟ କାଣ୍ଡ ଘଟାଇଥିବା ତଦନ୍ତରୁ ଜଣାପଡ଼ିଛି। ଫେରାର୍ ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତ ୟୁସୁଫ ସଲିମ ହାଜାରଙ୍କୁ ପୋଲିସ ଗିରଫ କରିଛି। ଚୁଡ଼ା କିଣିବା ପାଇଁ ଅଭିଯୁକ୍ତ ନାବାଳିକାଙ୍କୁ ଘରୁ ବଜାର ନେଇଆସିଥିଲେ। ନାବାଳିକାଙ୍କୁ ଏକ ନିର୍ମାଣାଧୀନ କୋଠାକୁ ନେଇ ୟୁସୁଫ ବଳାତ୍କାର କରିଥିବା ପୋଲିସ କହିଛି।

### ବାପାଙ୍କୁ ହତ୍ୟା ପାଇଁ ୧ କୋଟିର ସୁପାରି

**ବେଙ୍ଗାଲୁରୁ, ୨୮।୨:** ବାପାଙ୍କ ହତ୍ୟା ଅଭିଯୋଗରେ ବେଙ୍ଗାଲୁରୁର ୩୨ ବର୍ଷୀୟ ଏମ୍. ମଣିକାନ୍ତଙ୍କୁ ପୋଲିସ ଗିରଫ କରିଛି। ଦୁଇ ଯୁବକଙ୍କୁ ୧ କୋଟିର ସୁପାରି ଦେଇ ମଣିକାନ୍ତ ସମ୍ପତ୍ତି ପାଇଁ ବାପା ନାରାୟଣ ସ୍ୱାମୀଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ସୁପାରି କିଲର ଆଦର୍ଶ ଓ ଶିବ କୁମାରଙ୍କୁ ମଧ ପୋଲିସ ଗିରଫ କରିନେଇଛି। ମାରାଥାହାଲ୍ଲିର କାଭେରାପ୍ପାରେ ନାରାୟଣ ସ୍ୱାମୀଙ୍କ ଘର। ଫେବୃୟାରୀ ୧୩ରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ରାସ୍ତାରେ ଯାଉଥିବା ନାରାୟଣ ସ୍ୱାମୀଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ନାରାୟଣ ସ୍ୱାମୀଙ୍କ ହତ୍ୟାର ପ୍ରତ୍ୟକ୍ଷଦର୍ଶୀ ଥିଲେ ଅଭିଯୁକ୍ତ ପୁଅ ମଣିକାନ୍ତ। ବାପାଙ୍କ ହତ୍ୟା ନେଇ ସେ ମାରାଥାହାଲ୍ଲି ଥାନାରେ ଅଭିଯୋଗ କରିଥିଲେ। ଅର୍ଚ୍ଚନା ମଣିକାନ୍ତଙ୍କର ଦ୍ୱିତୀୟ ସ୍ତ୍ରୀ ଥିଲେ। ମଣିକାନ୍ତ ଅର୍ଚ୍ଚନାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ଜେଲରେ ସଜା କାଟିଥିଲେ। ଜାମିନ୍‌ରେ ଫେରିବା ପରେ ଅର୍ଚ୍ଚନା ଝିଅ ସହ ଅଲଗା ରହିଥିଲେ। ନାରାୟଣ ବୋହୂ ଅର୍ଚ୍ଚନାଙ୍କୁ ଏକ ଫ୍ଲାଟ୍ ଉପହାର ସ୍ୱରୂପ ଦେବାକୁ ଚାହୁଁଥିଲେ। ଅନ୍ୟପଟେ ବେକାର ମଣିକାନ୍ତଙ୍କୁ ନାରାୟଣ ଟଙ୍କା ଦେବା ବନ୍ଦ କରିଦେଇଥିଲେ, ଯାହାକୁ ସେ ସହଜରେ ଗ୍ରହଣ କରିପାରୁ ନ ଥିଲେ। ଏହାପରେ ମଣିକାନ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ମିଶି ବାପା ନାରାୟଣ ସ୍ୱାମୀଙ୍କ ହତ୍ୟା ଯୋଜନା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ରୁଷିଆର ଗୁପ୍ତଚର ବିମାନ ଧ୍ୱସ୍ତ

## ବେଲାରୁଷରେ ଡ୍ରୋନ୍ ଆକ୍ରମଣ

ମସ୍କୋ/କିଭ୍, ୨୮।୨

ବେଲାରୁଷରେ ଥିବା ରୁଷିଆର ଏକ ଏୟାରବେସ୍‌ରେ ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିରେ ରୁଷୀୟ ସେନାର ଏକ ଗୁପ୍ତଚର ବିମାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣ ବେଳେ ବରଫ ସଫା କରିବାରେ ନିୟୋଜିତ କେତେକ ଯାନବାହନ ମଧ ନଷ୍ଟ ହୋଇଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ମସ୍କୋର ଗୁପ୍ତଚର ବିମାନ ଏଡବ୍ଲ୍ୟୁଏସିଏସ୍ ବେରିଏଭ୍-୫୦ୟୁ ଗତ ଡିସେମ୍ବର ୧୪ରେ ବେଲାରୁଷ ରାଜଧାନୀ ମିନ୍‌ସ୍କ ନିକଟରେ ପହଞ୍ଚିଥିଲା। ଗତବର୍ଷ ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ଆରମ୍ଭରୁ ଏହା ନିୟୋଜିତ ଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଏୟାରଫୋର୍ସ ପାଇଁ ଏହି ବିମାନ ଲକ୍ଷ୍ୟସ୍ଥଳର ଅବସ୍ଥିତି ଚିହ୍ନଟ କରୁଥିଲା। ତେବେ ଦୁଇଟି ଡ୍ରୋନ୍ ଜରିଆରେ ସରକାର ବିରୋଧୀ ଆକ୍ଟିଭିଷ୍ଟମାନେ ଏହାକୁ ଟାର୍ଗେଟ କରି ନଷ୍ଟ କରିଦେଇଛନ୍ତି। ଉକ୍ତ ବିମାନର ମୂଲ୍ୟ ହେଉଛି ୨୭୪ ନିୟୁତ ପାଉଣ୍ଡ (୨୭୩୭ କୋଟି ଟଙ୍କା)। ରୁଷିଆ ସରକାର ସେଣ୍ଟ ପିଟର୍ସବର୍ଗରେ ଥିବା ପୁଲ୍‌କୋଭୋ ଏୟାରପୋର୍ଟକୁ ଅସ୍ଥାୟୀ ଭାବେ ବନ୍ଦ ଘୋଷଣା କରିବାର କିଛି ସମୟ ପରେ ଏହି ଡ୍ରୋନ୍ ଆଟାକ୍ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଡ୍ରୋନ୍ ଉଡ଼ାଣ କରୁଥିବା ଜଣାପଡ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ତେବେ କିଛି ସମୟ ପରେ ଉକ୍ତ ଏହାରପୋର୍ଟରେ ପୁନଃ

### ୨,୭୩୭ କୋଟି ଟଙ୍କାର ସ୍ପାଏ ଜେଟ୍



ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ରୁଷିଆ ରାଜଧାନୀ ମସ୍କୋରୁ ୧୧୦କି.ମି. ଦୂରରେ ଅବସ୍ଥିତ କୋଲୋମ୍ନା ସହରର ଏକ ପ୍ରାକୃତିକ ବାଷ୍ପ ବିତରଣ ଷ୍ଟେଶନକୁ ମଙ୍ଗଳବାର ଡ୍ରୋନ୍ ଜରିଆରେ ଆକ୍ରମଣ ଉଦ୍ୟମ ହୋଇଥିବା ଆଞ୍ଚଳିକ ଗଭର୍ନର ଆଣ୍ଡ୍ରେଇ ଭୋରୋବିଓଭ୍ ସୂଚନା ଦେଇଛନ୍ତି। କୌଣସି ଭିତ୍ତିଭୂମିକୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଛି। ତେବେ ଏଥିଯୋଗୁ କିଛି କ୍ଷତି ହୋଇନାହିଁ। ଏଫ୍‌ଏସ୍‌ବି ସିକ୍ୟୁରିଟି ସଂସ୍ଥା ଏହାର ତଦନ୍ତ କରୁଛି ବୋଲି ଭୋରୋବିଓଭ୍ କହିଛନ୍ତି। ରୁଷିଆ ସୀମା ଭିତରେ ହୋଇଥିବା ଏହି ଆକ୍ରମଣ ପାଇଁ ୟୁକ୍ରେନ୍ ନିଜକୁ ଖୋଲାଖୋଲି ଭାବେ ଦାୟୀ କରିନାହିଁ। କୋଲୋମ୍ନାରେ ଏକ ଡ୍ରୋନ୍‌ର ଧୂସର ରଙ୍ଗର ଧାତବ ଭଗ୍ନାବଶେଷ ପଡ଼ିଥିବା ଦୃଶ୍ୟ କେତେକ ସୋସିଆଲ ମିଡିଆ ପୋଷ୍ଟିଂରେ ଦେଖିବାକୁ ମିଳିଛି। ଏହା ପୂର୍ବରୁ କ୍ରାସ୍‌ନୋଡାର ଏବଂ ଆଡିଗେଆ ଅଞ୍ଚଳରେ ୟୁକ୍ରେନ୍ ଆକ୍ରମଣ କରୁଥିବା ନେଇ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଥିଲା। ଏସବୁକୁ ଦୃଷ୍ଟିରେ ରଖି ରୁଷୀୟ ଟିଭି ଚ୍ୟାନେଲ ଓ ରେଡିଓ ଷ୍ଟେଶନ୍‌ଗୁଡ଼ିକୁ ମଧ ବନ୍ଦ କରାଯାଇଛି। ପ୍ରକାଶ ଯେ, ୟୁକ୍ରେନ୍ ଆକ୍ରମଣ ପାଇଁ ବେଲାରୁଷ ନିଜ ଭୂଖଣ୍ଡକୁ ବ୍ୟବହାର କରିବାକୁ ମସ୍କୋକୁ ଅନୁମତି ଦେଇଥିବାବେଳେ ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରହିବାକୁ ମନା କରିଦେଇଛି।

### ଆଲୋଚନା ପାଇଁ ମସ୍କୋ ପ୍ରସ୍ତୁତ, କିନ୍ତୁ ...

ୟୁକ୍ରେନ୍ ସଂଘର୍ଷର ଅବସାନ ପାଇଁ ମସ୍କୋ ପ୍ରସ୍ତୁତ। କିନ୍ତୁ ନୂଆକରି ଦଖଲ କରିଥିବା ଅଞ୍ଚଳଗୁଡ଼ିକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ବୋଲି ମଙ୍ଗଳବାର ରୁଷିଆ ସର୍ତ୍ତ ବାଢ଼ିଛି। କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ କହିଛନ୍ତି, ଗତବର୍ଷ ଗଣଭୋଟ କରାଇ ନିଜ ଦଖଲକୁ ନେଇଥିବା ଡୋନେସ୍କ, ଲୁହାନ୍‌ସ୍କ, ଖେରସନ୍ ଓ ଝାପୋରିଝିଆ ଅଞ୍ଚଳକୁ ରୁଷିଆ ଛାଡ଼ିବ ନାହିଁ। କ୍ଷେତ୍ରୀୟ ବାସ୍ତବତାକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରକାଶ ଯେ, ଏହି ୪ ୟୁକ୍ରେନୀୟ ଅଞ୍ଚଳକୁ ରୁଷୀୟ ସୈନ୍ୟ ସମ୍ପୂର୍ଣ୍ଣ ଦଖଲ କରିପାରି ନାହାନ୍ତି। ୟୁକ୍ରେନ୍‌ର ନୂଆ ନାଜିମାନଙ୍କ ହାତରୁ ୪ ଅଞ୍ଚଳକୁ ମୁକ୍ତ କରିବା ପାଇଁ ଲଢ଼େଇ ଜାରି ରହିବ ବୋଲି ମସ୍କୋ କହିଛନ୍ତି। କିଭ୍ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହାକୁ ବେଆଇନ ଭାବେ ଜମି ଦଖଲ ଉଦ୍ୟମର ଏକ ଅଂଶ ଭାବେ ଅଭିହିତ କରିଛନ୍ତି। ୟୁକ୍ରେନୀୟଙ୍କ ଦାବି ହେଉଛି, ରୁଷୀୟ ସୈନ୍ୟ ତୁରନ୍ତ ଏହାର ଭୂଖଣ୍ଡ ଛାଡ଼ି ଚାଲିଯାଆନ୍ତୁ।



ୟୁକ୍ରେନ୍‌ର ଡୋନେସ୍କସ୍ଥିତ ଚାସିଭ୍ ୟାରରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣ ପରେ ଜଳିଯାଉଥିବା ଏକ ବିଲ୍ଡିଂକୁ ଦେଖୁଛନ୍ତି ଜଣେ ସ୍ଥାନୀୟ ବ୍ୟକ୍ତି।

## ଜି-୨୦ ବୈଠକରେ ଯୋଗଦେବେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ



କିନ୍ ଗାଙ୍ଗ୍

ବେଜିଂ, ୨୮।୨

ଜାତୀୟ ରାଜଧାନୀ ଦିଲ୍ଲୀରେ ମାର୍ଚ୍ଚ ୨ରେ ହେବାକୁ ଥିବା ଜି-୨୦ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍ ସାମିଲ ହେବେ। ବୈଠକରେ ବୈଶ୍ୱିକ ଅର୍ଥନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହେବାର ଅଛି। ଉକ୍ତ ବୈଠକରେ ଚାଇନାର ଯୋଗଦାନ ରହିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି।

## ପାସ୍‌ପୋର୍ଟ ଚିରିଦେବାରୁ ଆମେରିକାରେ ଫସିଛନ୍ତି ୪୨ ଛାତ୍ରୀଛାତ୍ର

ୱାଶିଂଟନ୍, ୨୮।୨

ହୋଟେଲ କର୍ତ୍ତୃପକ୍ଷ ଭୁଲବଶତଃ ଛାତ୍ରୀଛାତ୍ରଙ୍କ ପାସପୋର୍ଟ ଚିରିଦେବା ଯୋଗୁ ବ୍ରିଟେନର ୪୨ଜଣ ଆମେରିକାରେ ଫସି ରହିଛନ୍ତି। ବ୍ରିଟେନ୍‌ର ୱାଲସାଲସ୍ଥିତ ବାର୍‌ କୋନ୍ ସ୍କୁଲର ୪୨ ଜଣ ଛାତ୍ରୀଛାତ୍ର ସ୍କି ଟ୍ରିପ୍ ପାଇଁ ନ୍ୟୁ ହାମ୍ପଶିରେ ଆସିଥିଲେ। ସେମାନେ ରହୁଥିବା ହୋଟେଲର କର୍ତ୍ତୃପକ୍ଷ ଭୁଲବଶତଃ ପାସପୋର୍ଟ ଚିରିଦେବା କାରଣରୁ ସେମାନେ ବ୍ରିଟେନ୍ ଫେରିପାରି ନାହାନ୍ତି। ଶନିବାର ସେମାନଙ୍କ ରିଟର୍ନ ଫ୍ଲାଇଟ୍ ଥିଲା। ଆବଶ୍ୟକ ଦସ୍ତାବିଜ୍ ପାଇଁ ଛାତ୍ରୀଛାତ୍ରଙ୍କୁ ଆହୁରି ୪ ଦିନ ସେଠାରେ ରହିବାକୁ ପଡ଼ିବ। ତେବେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଫେରିବା ବନ୍ଦୋବସ୍ତ କରିବା ନେଇ ଅଭିଭାବକମାନଙ୍କୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଛନ୍ତି।

## ଶହୀଦଙ୍କ ବାପାଙ୍କୁ ମାଡ଼ ମାରି ଗିରଫ କଲା ପୋଲିସ

ପାଟନା, ୨୮।୨

୨୦୨୦ ଗଲ୍‌ୱାନ ଶହୀଦ ଯବାନ ଜୟ କିଶୋରଙ୍କ ବାପାଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିନେଇଛି। ସରକାରୀ ଜାଗାରେ ଯବାନଙ୍କ ସ୍ମାରକୀ ହୋଇଥିବାବେଳେ ଯବାନଙ୍କ ବାପା ରାଜ କପୁର ସିଂ ଉକ୍ତ ଜାଗାକୁ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଥିଲା। ୧୫ ଦିନ ମଧ୍ୟରେ ସ୍ମାରକୀକୁ ସ୍ଥାନାନ୍ତର କରିବା ନେଇ ପୋଲିସ କହିଥିଲା। କିନ୍ତୁ ସୋମବାର ରାତିରେ ରାଜ କପୁରଙ୍କୁ ପୋଲିସ ଜୋରଜବରଦସ୍ତ ଗିରଫ କରିନେଇଥିବା ତାଙ୍କ ଘରଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସ ତାଙ୍କୁ ମାଡ଼ ମାରିବା ସହ ଘୋଷାରି ଘୋଷାରି ନେଇଥିବା ତାଙ୍କ ସାନପୁଅ ନନ୍ଦ କିଶୋର ସିଂ କହିଛନ୍ତି। ଏ ନେଇ ଗ୍ରାମବାସୀ ପୋଲିସ ବିରୋଧରେ ଜୟ କିଶୋରଙ୍କ ସ୍ମାରକୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ସରକାରୀ ଜମିରୁ ଜବରଦଖଲ ହଟାଇବା ପାଇଁ ବାରମ୍ବାର ରାଜକପୁରଙ୍କୁ କୁହାଯାଇଥିଲେ ସୁଦ୍ଧା ସେ ବେଆଇନ ନିର୍ମାଣ କରିଥିବା ଯୋଗୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ଅଫିସର ପୁନମ କେଶରୀ କହିଛନ୍ତି।

## ଏମ୍‌ପିରେ ବଢୁଛି ଶିଶୁ ଯୌନ ଉତ୍ପୀଡ଼ନକାରୀଙ୍କ ସଂଖ୍ୟା

**୩୦,୦୦୦ଙ୍କୁ ଚିହ୍ନଟ କଲା ଆମେରିକୀୟ ଏଜେନ୍ସି**



ଭୋପାଳ, ୨୮।୨

ଆମେରିକାର ନ୍ୟାଶନାଲ ସେଣ୍ଟର ଫର୍ ମିସିଙ୍ଗ୍ ଆଣ୍ଡ୍ ଏକ୍ସପ୍ଲୋଏଟେଡ୍ ଚିଲ୍‌ଡ୍ରେନ୍ (ଏନ୍‌ସିଏମ୍‌ଇସି) ଏଜେନ୍ସି ପକ୍ଷରୁ କରାଯାଇଥିବା ସର୍ଭେରେ ମଧ୍ୟପ୍ରଦେଶରୁ ୩୦,୦୦୦ ଶିଶୁ ଯୌନ ଉତ୍ପୀଡ଼ନକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ଶିଶୁ ଯୌନ ଉତ୍ପୀଡ଼ନ ସାମଗ୍ରୀ (ସିଏସ୍‌ଏଏମ୍), ପର୍ନୋଗ୍ରାଫି ଏବଂ ଅନ୍‌ଲାଇନ୍ ଜରିଆରେ ଶିଶୁଙ୍କୁ ପ୍ରଲୋଭିତ କରିବା ଭଳି କାର୍ଯ୍ୟରେ ଲିପ୍ତ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏମାନଙ୍କ ମଧ୍ୟରୁ ୪,୦୦୦ ଜଣଙ୍କ ନାମତାଲିକା ୧୦ ଜିଲାକୁ ପଠାଯାଇଛି। ଇନ୍ଦୋରରେ ୨,୦୦୦ ମାମଲା, ଭୋପାଳରେ ୧୦୦୦ ଏବଂ ଏମ୍‌ପିର ଅନ୍ୟ ସହରରେ ୫୦୦ରୁ ୬୦୦ ମାମଲା ରହିଛି। କେନ୍ଦ୍ରୀୟ ଗୋଇନ୍ଦା ପକ୍ଷରୁ ହସ୍ତଗତ ଏନ୍‌ସିଏମ୍‌ଇସି ସାଇବର ଟିପ୍‌ଲାଇନ୍ ଡେଟା ଆଧାରରେ ଏମ୍‌ପି ପୋଲିସ ଅଭିଯୁକ୍ତଙ୍କ ଚିହ୍ନଟ କରିବା ସକାଶେ ବଡ଼ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟ ଗୃହ ବିଭାଗର ସୂଚନା ଅନୁସାରେ ଗିରଫ ନେଇ ଅଭିଯୁକ୍ତଙ୍କ ଏକ ନାମ ତାଲିକା ରାଜ୍ୟ ସାଇବର ସେଲ ହେଡ୍‌କ୍ୱାର୍ଟରରୁ ୧୦ ଜିଲାକୁ ପଠାସରିଛି। ସିଏସ୍‌ଏଏମ୍ ଅପ୍‌ଲୋଡ୍ ନେଇ ଏମ୍‌ପି ଶୀର୍ଷରେ ରହିଛି। ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ ହେଉଥିବା ପର୍ନୋଗ୍ରାଫିରେ ଏମ୍‌ପିର କୌଣସି ଝିଅଙ୍କର ସମ୍ପୃକ୍ତି ନ ଥିବା ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସିଏସ୍‌ଏଏମ୍ ଅଭିଯୋଗରେ ଗତବର୍ଷ ୫୦ ଜଣଙ୍କୁ ଗିରଫ କରାଯାଇଛି। ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ଦୋଷୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବା ନେଇ ଗତ ୨୦୧୭ରେ ଏମ୍‌ପି ସରକାର ବିଧାନସଭାରେ ନୂଆ ବିଧେୟ ପାସ୍ କରିଥିଲେ। ଆମେରିକୀୟ ଏଜେନ୍ସି ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆର୍‌ବି) ସହ ମିଳିତ ଭାବେ ଭାରତ 'ସାଇବର ଟିପ୍‌ଲାଇନ୍' ରିପୋର୍ଟ ନେଇ ୨୦୧୯ ଫେବୃୟାରୀ ୨୯ରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଯୌନ ଉତ୍ପୀଡ଼ନା ନେଇ ସନ୍ଦେହ ଉପୁଜିଲେ ଶିଶୁ ଏବଂ ସେମାନଙ୍କ ଅଭିଭାବକ ସାଇବର ଟିପ୍‌ଲାଇନ୍ ଜରିଆରେ ଅଭିଯୋଗ କରିପାରିବେ।

## ଉମେଶ ପାଲ୍ ହତ୍ୟା ପାଇଁ ଜେଲରୁ ହୋଇଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୨୮।୨

୨୦୦୫ରେ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଥିବା ଉମେଶ ପାଲ୍‌ଙ୍କୁ ହତ୍ୟା କରିବା ପାଇଁ ଉତ୍ତରପ୍ରଦେଶର ବରେଲି ଜେଲରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ମୁଖ୍ୟ ଷଡ଼ଯନ୍ତ୍ରକାରୀ ସଦାକତ୍ ଖାନ୍‌ଙ୍କ ହଷ୍ଟେଲରେ ଆକ୍ରମଣକାରୀମାନେ ଏକାଠି ହୋଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କୁଖ୍ୟାତ ଗ୍ୟାଙ୍ଗଷ୍ଟର ଆତିକ୍ ଅହମଦଙ୍କ ଭାଇ ଅଶ୍ରଫଙ୍କୁ ଆକ୍ରମଣକାରୀମାନେ ବରେଲି ଜେଲ୍‌ରେ

**ହଷ୍ଟେଲରେ ଏକାଠି ହୋଇଥିଲେ ଆକ୍ରମଣକାରୀ**

ଭେଟିଥିଲେ। ଉମେଶ ପାଲ୍‌ଙ୍କୁ ହତ୍ୟା କରିବା ପାଇଁ ସାବରମତି ଜେଲ୍‌ରୁ ଆତିକ୍ ନିର୍ଦ୍ଦେଶ ଦେଇଥିଲେ ବୋଲି ପୋଲିସ କମିଶନର କହିଛନ୍ତି। ୟୁପି ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ସଦାକତ୍‌ଙ୍କୁ ପୂର୍ବରୁ ଗିରଫ କରିଥିଲା।

ସୂଚନାଯୋଗ୍ୟ, ପୂର୍ବତନ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶଙ୍କୁ ଗତ ସପ୍ତାହରେ ତାଙ୍କ ପ୍ରୟାଗରାଜ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ସୋମବାର ପୋଲିସ ଏନ୍‌କାଉଣ୍ଟରରେ ଉମେଶ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ନିହତ ହୋଇଥିଲେ। ରାଜୁ ଅହମଦାବାଦ(ପଶ୍ଚିମ) ଆସନରେ ଆତିକ୍ ଅହମଦଙ୍କ ସାନଭାଇ ଖଲିଦ ଆଜିମ୍‌ଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହେବାର କିଛିଦିନ ପରେ ତାଙ୍କୁ ହତ୍ୟା କରାଯାଇଥିଲା।




ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଥିବା ୪୦୦ ବିଲିୟନ୍ ଡଲାର ଷ୍ଟୁଡେଣ୍ଟ ଲୋନ୍ ଫରଗିଭ୍‌ନେସ୍ ପ୍ଲାନ୍‌ର ବୈଧତା ନେଇ ଶୁଣାଣି ଚାଲିଥିବାବେଳେ ୱାଶିଂଟନସ୍ଥିତ ସୁପ୍ରିମକୋର୍ଟ ବାହାରେ ମଙ୍ଗଳବାର ଏହି ଯୋଜନା ସପକ୍ଷରେ ଏକାଠି ହୋଇଛନ୍ତି ଛାତ୍ରୀଛାତ୍ର।

## ମାସକର ଶିଶୁକୁ ଝୁଣି ମାରିଦେଲେ କୁକୁର

ଜୟପୁର, ୨୮।୨

ରାଜସ୍ଥାନର ସିରୋହି ଜିଲାର ଏକ ହସ୍ପିଟାଲରେ ମାସକର ଶିଶୁକୁ ବୁଲା କୁକୁର ଘୋଷାଡ଼ି ନେଇ ଝୁଣି ମାରିଦେଇଛନ୍ତି। ଶିଶୁଟି ହସ୍ପିଟାଲର ଟିବି ୱାର୍ଡରେ ମାଆ ପାଖରେ ଶୋଇଥିଲା। ସୋମବାର ରାତିରେ ଏହି ଘଟଣା ଘଟିଛି। ଦୁଇଟି ବୁଲା କୁକୁର ଟିବି ୱାର୍ଡରେ ପଶୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ସେଥିରୁ ଗୋଟିଏ କୁକୁର ଶିଶୁଟିକୁ କାମୁଡ଼ି ଧରି ବାହାରକୁ ଆସିଥିଲା। ପୋଲିସ କହିବା ଅନୁଯାୟୀ ଶିଶୁଟିର ବାପା ମହେନ୍ଦ୍ର ମିନା ଟିବିରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ତ୍ରୀ ପିଲାମାନଙ୍କ ସହ ସେଠାରେ ଥିଲେ। ମାଆ ଶୋଇପଡ଼ିଥିବାବେଳେ କୁକୁର ଶିଶୁଟିକୁ



ଉଠାଇ ନେଇଥିଲା। ସେହି ସମୟରେ ଟିବି ୱାର୍ଡରେ ହସ୍ପିଟାଲର କୌଣସି କର୍ମଚାରୀ ମଧ ନ ଥିଲେ। ମେଡିକାଲ ବୋର୍ଡ ଦ୍ୱାରା ଶିଶୁର ଶବ ବ୍ୟବଚ୍ଛେଦ କରାଯାଇଛି। ଅଧିକ ତଦନ୍ତ ପରେ ମାମଲା ରୁଜୁ ହେବ ବୋଲି ଏସ୍‌ଏଚ୍‌ଓ କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ମଧ ଶିଶୁ ମୃତ୍ୟୁ ଘଟଣାର ତଦନ୍ତ ଚଳାଇଛନ୍ତି।

**ହସ୍ପିଟାଲରେ ମାଆ ପାଖରେ ଶୋଇଥିଲା**

ଅନ୍ୟପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ପୋଲିସ ଶିଶୁର ମାଆଙ୍କଠାରୁ ସାଦା କାଗଜରେ ଦସ୍ତଖତ ନେଇଥିବା ତାଙ୍କ ସ୍ୱାମୀ ମହେନ୍ଦ୍ର ଅଭିଯୋଗ କରିଛନ୍ତି। ମାଆବାପାଙ୍କୁ ନ ଜଣାଇ ଶିଶୁର ଶେଷକୃତ୍ୟ କରିଦିଆଯାଇଛି। ଏପରିକି ଶିଶୁର ମୁହଁ ମଧ ତାଙ୍କୁ ଦେଖିବାକୁ ଦିଆଯାଇ ନ ଥିବା ମହେନ୍ଦ୍ର କହିଛନ୍ତି। ହସ୍ପିଟାଲରୁ ଶିଶୁଟିକୁ ବୁଲା କୁକୁର ନେଇଯାଇ ମାରିଦେବା ଘଟଣାକୁ ଭାଜପା ଜିଲା ସଭାପତି ନାରାୟଣ ପୁରୋହିତ ନିନ୍ଦା କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ଦାୟୀ କରିଛନ୍ତି।

## ସ୍ୱାମୀଙ୍କ ସହମତିରେ ନଣନ୍ଦଙ୍କୁ ବିବାହ କରିଥିଲେ ଭାଉଜ

ପାଟନା, ୨୮।୨

ବିହାର ସମସ୍ତିପୁର ଜିଲାର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହମତି କ୍ରମେ ନଣନ୍ଦଙ୍କୁ ବିବାହ କରିଥିଲେ। ଉକ୍ତ ଯୁବତୀଙ୍କୁ ତାଙ୍କ ବଡ଼ ଭଉଣୀ ଅପହରଣ କରିନେଇଥିବା ଭାଉଜ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ମାମଲାର ତଦନ୍ତ ଦାୟିତ୍ୱ ଜଣେ ମହିଳା ଥାନା ଅଧିକାରୀଙ୍କୁ ଦିଆଯାଇଛି।

ପୋଲିସ କହିବା ଅନୁଯାୟୀ ମହିଳା ଜଣଙ୍କ ବିବାହିତା ଓ ତାଙ୍କର ଦୁଇଟି ସନ୍ତାନ ରହିଛି। ଛାଡ଼ପତ୍ର ହୋଇସାରିଥିଲେ କିମ୍ବା ଅବିବାହିତ ଥିଲେ ସମଲିଙ୍ଗୀ ବିବାହ ପାଇଁ ନିଷ୍ପତ୍ତି ନେଇପାରିବେ ବୋଲି ପୋଲିସ କହିଛି। ନଣନ୍ଦ ନାବାଳିକା ଥିବାରୁ ଏହା ଏକ ବିବାଦୀୟ ପ୍ରସଙ୍ଗ ବୋଲି ରୋସେରା ଥାନାର ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣ ପ୍ରସାଦ



କହିଛନ୍ତି। ମହିଳାଙ୍କ ସହ ତାଙ୍କ ସ୍ୱାମୀ, ଦୁଇ ପିଲା ଓ ନାବାଳିକା ନଣନ୍ଦ ଏକ ଭଡ଼ାଘରେ ରହୁଥିଲେ। ଗତ ଶୁକ୍ରବାର ମହିଳାଙ୍କ ବଡ଼ ନଣନ୍ଦ ୧୦-୧୫ ଜଣ ଲୋକଙ୍କୁ ସାଙ୍ଗରେ ଆଣି ଉକ୍ତ ଭଡ଼ାଘରେ ପହଞ୍ଚି ନାବାଳିକା ଝିଅକୁ ନେଇଯିବାରୁ ଘଟଣାର ମୋଡ଼ ବଦଳିଯାଇଛି। ଏହି ଘଟଣା ପରେ ମହିଳା ଜଣକ ତାଙ୍କ ସ୍ୱାମୀ ଓ ପିଲାମାନଙ୍କ ସହ ଥାନାରେ ପହଞ୍ଚି ଅପହୃତ ସାନ ନଣନ୍ଦକୁ ଫେରାଇ ଆଣିବା ଲାଗି ଦାବି କରିଛନ୍ତି।

**ବଡ଼ ଭଉଣୀ ଅପହରଣ କରିଥିବା ଅଭିଯୋଗ**

ମହିଳାଙ୍କ କହିବା ଅନୁଯାୟୀ ସେ ୫/୬ ମାସ ହେଲା ସାନ ନଣନ୍ଦଙ୍କୁ ବିବାହ କରିଥିଲେ। ସେମାନଙ୍କ ସମ୍ପର୍କ ବିଷୟରେ ସ୍ୱାମୀ ସବୁ ଜାଣିଥିଲେ ମଧ କୌଣସି ପ୍ରତିବାଦ କରୁ ନ ଥିଲେ। ସେ ନଣନ୍ଦଙ୍କୁ ଖୁବ୍ ଭଲ ପାଉଥିବା ଓ ତାଙ୍କ ବିନା ବଞ୍ଚିପାରିବେ ନାହିଁ ବୋଲି ମହିଳା ଜଣଙ୍କ ପୋଲିସକୁ କହିଛନ୍ତି। ଅପହରଣ ଘଟଣାରେ ମ୍ରିୟମାଣ ମହିଳା ଗତ ରବିବାର ଏକ ମନ୍ଦିର କାନ୍ଥରେ ମୁଣ୍ଡ ପିଟି ଆହତ ହୋଇଥିବାରୁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସ୍ତ୍ରୀଙ୍କ ଖୁସିକୁ ସେ ସମର୍ଥନ କରନ୍ତି ବୋଲି ସ୍ୱାମୀ ଜଣକ ଗଣମାଧ୍ୟମକୁ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ | Bhubaneswar, Wednesday, March 1/2023 | ପୃଷ୍ଠା-୧



**କର୍ତ୍ତବ୍ୟରୁ ଓହରିପାରିବେନି ସାମ୍ବିଧାନିକ କର୍ତ୍ତୃପକ୍ଷ**

ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ କର୍ତ୍ତବ୍ୟ ପାଳନରୁ ଓହରିପାରିବେ ନାହିଁ ବୋଲି ପଞ୍ଜାବ ସରକାର-ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ବିବାଦ ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି।

୦୨

୦୬

**ୱାଗନରଙ୍କ ପ୍ରଭାବୀ ବୋଲିଂ**

ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ବୋଲିଂ ସହ ୪ ଉଇକେଟ ଅକ୍ତିଆର କରିଛନ୍ତି ନ୍ୟୁଜିଲାଣ୍ଡର ନୀଲ୍ ୱାଗନର୍।



# ବାଣ ଗୋଦାମରେ ବିସ୍ଫୋରଣ: ୨ ମୃତ



ବିସ୍ଫୋରଣରେ ପୋଡ଼ିଯାଇଥିବା ଗୋଦାମ ଗୃହ।

**ଜଗତ୍‌ସିଂହପୁର ଅଫିସ/ବାଲିକୁଦା (ସ୍ୱ.ପ୍ର.), ୨୮।୨**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଇଛାପୁରସ୍ଥିତ ମାଧୁରୀବଜାରରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଇଛାପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ବୁଲୁ ଦାସ (୪୫) ଓ ବଡ଼ାଘର ଗ୍ରାମର ଦିଲୀପ ମହାନ୍ତି (୪୭)। ବୁଲୁଙ୍କ ଗୋଟିଏ ଗୋଡ ଛିଣ୍ଡି ଅନ୍ୟତ୍ର ପଡ଼ିଥିବା ବେଳେ ମୃତଦେହ ନିକଟସ୍ଥ ପୋଖରୀରୁ ମିଳିଛି। ସେହିପରି ଦିଲୀପଙ୍କ ଗୋଟଏ ହାତ ଛିଣ୍ଡିଯିବା ସହ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁତରଙ୍କ ମଧ୍ୟରୁ ଗୋଦାମ ମାଲିକ ତଥା ବଡ଼ାଘର ଗ୍ରାମର ସୁଶାନ୍ତ ପୃଷ୍ଟି (୪୫)ଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଦିନବନ୍ଧୁ ଦାସ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଅଶୋକ କୁମାର ଶତପଥୀ କହିଛନ୍ତି, ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ବାଣ ଗୋଦାମରେ ବିସ୍ଫୋରଣ ହୋଇଥିବା ଖବର ମିଳିଥିଲା। ☞ପୃଷ୍ଠା-୨





ମୃତ ବୁଲୁ ଦାସ, ଦିଲୀପ ମହାନ୍ତି।

# ସିସୋଡିଆ, ସତ୍ୟେନ୍ଦ୍ରଙ୍କ ଇସ୍ତଫା

- **ଦିଲ୍ଲୀ କ୍ୟାବିନେଟ୍‌ରେ ୫ ମନ୍ତ୍ରୀ ରହିଲେ**
- **ଖୁବ୍‌ଶୀଘ୍ର ସମ୍ପ୍ରସାରଣ ହୋଇପାରେ**

**ନୂଆଦିଲ୍ଲୀ,୨୮।୨**

୨୦୨୧-୨୨ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ୫ ଦିନିଆ ହାଜତରେ ଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେହିପରି ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ୧୦ ମାସ ହେଲା ତିହାର ଜେଲରେ ଥିବା ତାଙ୍କ କ୍ୟାବିନେଟ ସହଯୋଗୀ ସତ୍ୟେନ୍ଦ୍ର ଜୈନ ମଧ୍ୟ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଉଭୟଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଏବେ କେଜ୍‌ରିୱାଲଙ୍କୁ ମିଶାଇ ୫ ଜଣ ମନ୍ତ୍ରୀ ତାଙ୍କ କ୍ୟାବିନେଟରେ ଅଛନ୍ତି। ତେଣୁ କେଜ୍‌ରିୱାଲ ଖୁବ୍ ଶୀଘ୍ର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକଙ୍କୁ ନେଇ କ୍ୟାବିନେଟ ସମ୍ପ୍ରସାରଣ କରିପାରନ୍ତି। ସିସୋଡିଆଙ୍କ ବିଭାଗ ନୂଆ ସଦସ୍ୟଙ୍କୁ ବଣ୍ଟନ କରାଯାଇପାରେ। ସତ୍ୟେନ୍ଦ୍ର ଜେଲ ଯିବା ପରଠୁ ସିସୋଡିଆ ତାଙ୍କ ସ୍ୱାସ୍ଥ୍ୟ ବିଭାଗ ସମେତ ମୋଟ ୧୮ଟି ବିଭାଗ କଥା ବୁଝୁଥିଲେ। ଏଏପିର ଗିରଫ ନେତାମାନେ ଏ ଯାଏ କାହିଁକି ଇସ୍ତଫା ଦେଇନାହାନ୍ତି ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଥିବାବେଳେ କେଜ୍‌ରିୱାଲଙ୍କ ଦୁଇମନ୍ତ୍ରୀ ନିଜ ପଦ ଛାଡ଼ିଛନ୍ତି।

ଅନ୍ୟପକ୍ଷେ ନିଜ ଇସ୍ତଫାପତ୍ରରେ ସିସୋଡିଆ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇଥିବା ବିଷୟ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, କେଜ୍‌ରିୱାଲଙ୍କ ସତ୍ୟର ରାଜନୀତିକୁ ଭୟ କରୁଥିବା ଲୋକେ ତାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ଅନେକ ଏଫ୍‌ଆଇଆର୍ କରାଯାଇଥିବାବେଳେ ଆଗକୁ ମଧ୍ୟ ଆହୁରି ମାମଲା ରୁଜୁ କରାଯିବା ଆଶଙ୍କା ରହିଛି। କେଜ୍‌ରିୱାଲଙ୍କଠାରୁ ତାଙ୍କୁ ଅଲଗା କରିବା ପାଇଁ ☞ପୃଷ୍ଠା-୨



ମନୀଷ ସିସୋଡିଆ



ସତ୍ୟେନ୍ଦ୍ର ଜୈନ

## ସୁପ୍ରିମକୋର୍ଟରେ ଜାମିନ ମିଳିଲାନି, ହାଇକୋର୍ଟ ଯିବେ ସିସୋଡିଆ

**ନୂଆଦିଲ୍ଲୀ,୨୮।୨**

ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ସୁପ୍ରିମକୋର୍ଟରେ ଜାମିନ ଆବେଦନ କରି ନିରାଶ ହୋଇଛନ୍ତି। ସିବିଆଇ ରବିବାର ସିସୋଡିଆଙ୍କୁ ୮ ଘଣ୍ଟା ଜେରା ପରେ ଗିରଫ କରିଥିଲା। ସୋମବାର ରାଉଜ୍ ଆଭିନ୍ୟୁ କୋର୍ଟ ତାଙ୍କୁ ୫ ଦିନିଆ ସିବିଆଇ ହାଜତକୁ ପଠାଇଦେଇଥିଲେ। ସେ ଏହି ଗିରଫଦାରିକୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସର୍ବୋଚ୍ଚ ଅଦାଲତ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି, ଏଭଳି ମାମଲାରେ ଆମେ ମୂଳରୁ ହସ୍ତକ୍ଷେପ କରିବାକୁ ଚାହୁଁନାହୁଁ। ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁସାରେ ସିସୋଡିଆ ଏକ ଏଫ୍‌ଆଇଆର୍ ଏବଂ ରିମାଣ୍ଡକୁ ଚ୍ୟାଲେଞ୍ଜ କରି ଜାମିନ ଆବେଦନ କରିଛନ୍ତି। ସିଆର୍‌ପିସି ଧାରା ୪୮୨ ଅଧୀନରେ ଏହି ସବୁ ସୁବିଧା ହାଇକୋର୍ଟରେ ଉପଲବ୍ଧ। ତେଣୁ ସିସୋଡିଆ ହାଇକୋର୍ଟରେ ନିଜ ପକ୍ଷ ରଖିପାରନ୍ତି। ସିଧାସଳଖ ସୁପ୍ରିମକୋର୍ଟକୁ ଆସିବା ଅନୁଚିତ ବୋଲି ତାଙ୍କ ଓକିଲ ଅଭିଷେକ ମନୁ ସିଂଘଭିଙ୍କୁ ଖଣ୍ଡପୀଠ କହିଥିଲେ। ଏହି ଅବସରରେ ସିଂଘଭି ଯୁକ୍ତି ବାଢ଼ିଥିଲେ ଯେ ତାଙ୍କ ମହକିଲ ସିସୋଡିଆ ତଦନ୍ତରେ ସିବିଆଇକୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ତେଣୁ ତାଙ୍କୁ ଜାମିନ ପ୍ରଦାନ କରାଯାଇପାରେ। ସେହିପରି ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀ ଓ ବିନୋଦ ଦୁଆଙ୍କୁ ଅନୁଚ୍ଛେଦ ୩୨ ବଳରେ ଜାମିନ ପ୍ରଦାନ କରାଯାଇଥିବା ବିଷୟ ମଧ୍ୟ ସିଂଘଭି ଅବତାରଣା କରିଥିଲେ। ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଅର୍ଣ୍ଣବଙ୍କ ମାମଲା ହାଇକୋର୍ଟ ପରେ ସୁପ୍ରିମକୋର୍ଟକୁ ଆସିଥିଲା। ବିନୋଦ ଦୁଆ ଜଣେ ସାମ୍ବାଦିକ ଥିଲେ, ଯିଏକି ସରକାରଙ୍କୁ ସମାଲୋଚନା କରି ☞ପୃଷ୍ଠା-୨

# ଦିଲ୍ଲୀ, ଲକ୍ଷ୍ନୌରୁ ଆସୁଛି ନକଲି ମେଡିସିନ

**ମାମଲା ରୁଜୁ, ଡିଷ୍ଟ୍ରିବ୍ୟୁଟର କୋର୍ଟ ଚାଲାଣ**

**କଟକ ଅଫିସ,୨୮।୨**

ପୁରୀଘାଟ ଥାନା ଅଧୀନ ଟାଉନହଲ୍ ରୋଡ୍‌ସ୍ଥିତ ଶ୍ରୀ ଡିଷ୍ଟ୍ରିବ୍ୟୁଟର ନାମକ ଏକ ଗୋଦାମରେ ସୋମବାର ଡ୍ରଗ୍ସ କଣ୍ଟ୍ରୋଲ ଅଧିକାରୀମାନେ ଚଢ଼ାଉ କରି ପର୍ଯ୍ୟାପ୍ତ ପରିମାଣର ନକଲି ଓ-୨ ମେଡିସିନ ଜବତ କରିଥିଲେ। ଏହି କାରବାର ସହ ଜଡ଼ିତ ଡିଷ୍ଟ୍ରିବ୍ୟୁଟର ବିଜୟ ଅଗ୍ରୱାଲଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୪୫/୨୩) ରୁଜୁ ହୋଇଛି। ତେବେ ଏହି ନକଲି ମେଡିସିନ ଦିଲ୍ଲୀ ଓ ଲକ୍ଷ୍ନୌରୁ ଆସୁଥିବା ନେଇ ପୋଲିସ୍‌କୁ ପ୍ରମାଣ ମିଳିଛି।

ସୂଚନା ଅନୁସାରେ, ପେଟରୋଗର ଆରୋଗ୍ୟ ପାଇଁ ବ୍ୟବହାର ହେଉଥିବା ଓ-୨ ମେଡିସିନ୍‌ର ନକଲି ବ୍ରାଣ୍ଡ ଦାମୀ ମେଡ୍‌ଲେ କମ୍ପାନୀର ଖୋଳରେ ଭର୍ତ୍ତି କରାଯାଇ ବିକ୍ରି ହେଉଥିବା ନେଇ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ଅଧିକାରୀମାନେ ବଜାରରେ ବିକ୍ରି ହେଉଥିବା ଉକ୍ତ ମେଡିସିନ୍‌ର ନମୁନା ସଂଗ୍ରହ କରିଥିଲେ। ଦାମୀଖୋଳରେ ବିକ୍ରି ହେଉଥିବା ଓ-୨ ମେଡିସିନ୍ ଅସଲି କମ୍ପାନୀର ନୁହଁ ବୋଲି ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୁହାଯିବା ପରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଖୋଳତାଡ଼ ☞ପୃଷ୍ଠା-୨



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଙ୍ଗଳବାର ଅବସର ନେଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ। (ରିପୋର୍ଟ: ପୃଷ୍ଠା-୩)

# ୧୪୫ ବର୍ଷରେ ସବୁଠୁ ଉତ୍ତପ୍ତ ଫେବୃୟାରୀ

**ନୂଆଦିଲ୍ଲୀ, ୨୮।୨(ପି.ଟି.)**

ଦୀର୍ଘ ୧୪୫ ବର୍ଷ ମଧ୍ୟରେ ଭାରତରେ ଚଳିତ ଫେବୃୟାରୀ ସବୁଠୁ ଉତ୍ତପ୍ତ ସାବ୍ୟସ୍ତ ହୋଇଛି। ଏହି ମାସରେ ସର୍ବାଧିକ ହାରାହାରି ତାପମାତ୍ରା ୨୯.୫୪ ପ୍ରତିଶତ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ୧୮୭୭ରୁ କୌଣସି ଫେବୃୟାରୀରେ ଏତେ ଉତ୍ତାପ ଅନୁଭୂତ ହୋଇ ନ ଥିଲା। ବିଶ୍ୱ ତାପନ ପ୍ରଭାବରୁ ଭାରତରେ ତାପମାତ୍ରା ବଢୁଛି। ଦେଶର ଅଧିକାଂଶ ଭାଗରେ ସ୍ୱାଭାବିକଠାରୁ ଅଧିକ ଉତ୍ତାପ ଅନୁଭୂତ ହୋଇଛି। ତେବେ ଦାକ୍ଷିଣାତ୍ୟ ଉପଦ୍ୱୀପ ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳ ଏଥିରୁ ବାଦ୍ ପଡ଼ିଥିବା ଆଇଏମ୍‌ଡି କହିଛି। ମାର୍ଚ୍ଚରେ ତାପମାତ୍ରା ବଢ଼ିବାର କିଛିଟା ସମ୍ଭାବନା ରହିଥିବାବେଳେ ଏପ୍ରିଲ ଓ ମେ'ରେ ଦେଶର ଅଧିକାଂଶ ଭାଗ ପ୍ରଚଣ୍ଡ ଗ୍ରୀଷ୍ମ ଲହରିର ସାମ୍ନା କରିବ ବୋଲି ଆଇଏମ୍‌ଡିର ହାଇଡ୍ରୋମେଟ୍ ଓ ଆଗ୍ରୋମେଟ୍ ଆଡଭାଇଜରି ସର୍ଭିସ ମୁଖ୍ୟ ଏସ୍.ସି. ଭାନ୍ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସମଗ୍ର ପୃଥିବୀ ଏବେ ବିଶ୍ୱ ତାପନ ଯୁଗର ସାମ୍ନା କରୁଛି। ମାର୍ଚ୍ଚରେ ଦେଶରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ରହିପାରେ ବୋଲି ଭାନ୍ କହିଛନ୍ତି। ଉତ୍ତର-ପଶ୍ଚିମ, ପଶ୍ଚିମ-କେନ୍ଦ୍ରୀୟ ଅଞ୍ଚଳ ଏବଂ ପୂର୍ବ ଓ ଉତ୍ତରପୂର୍ବ ଭାରତର କେତେକ ଅଂଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସେହିପରି ପୂର୍ବ-କେନ୍ଦ୍ରୀୟ ଭାରତ, ଦାକ୍ଷିଣାତ୍ୟ ଉପଦ୍ୱୀପ, ଉତ୍ତରପୂର୍ବାଞ୍ଚଳର କେତେକ ଭାଗରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇପାରେ।

# ଆଜିଠୁ ଯୁକ୍ତ୨ ପରୀକ୍ଷା

- **୧,୧୪୫ କେନ୍ଦ୍ରରେ ପରୀକ୍ଷା ଦେବେ ୩,୫୭,୯୪୨ ପିଲା**
- **କେନ୍ଦ୍ରକୁ ମୋବାଇଲ, ବୈଦ୍ୟୁତିକ ଉପକରଣ ମନା**

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପୂର୍ବାହ୍ନ ୯ଟା ୩୦ ସୁଦ୍ଧା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ୧୦ଟାରେ ପରୀକ୍ଷା ଆରମ୍ଭ ହେବ। ୩୦ମିନିଟ ପୂର୍ବରୁ ଛାତ୍ରୀଛାତ୍ରମାନେ ହଲ୍‌ରେ ବସିବେ। ପୂର୍ବାହ୍ନ ୧୦ଟାରେ ପ୍ରଶ୍ନପତ୍ର ବଣ୍ଟାଯିବ। ୧୫ ମିନିଟ୍ ମଧ୍ୟରେ ବଳକା ପ୍ରଶ୍ନପତ୍ର ସିଲ୍ କରାଯିବ। ୧୦ଟା ୩୦ ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ଅନୁମତି ମିଳିବ ନାହିଁ। ଉତ୍ତରଖାତାର ବଳକା ଫର୍ଦ୍ଦରେ କ୍ରସ୍ ମାର୍କ କରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଏଥର ୧,୧୪୫ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୪୪୫ଟି ଉଚ୍ଚ ☞ପୃଷ୍ଠା-୨

## ସୋସିଆଲ ମିଡିଆରେ ନକଲି ପ୍ରଶ୍ନପତ୍ର

- **ଅପ୍‌ଲୋଡ୍ ନ କରିବାକୁ ସିଏଚ୍‌ଏସ୍‌ଇର ପରାମର୍ଶ**

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ପ୍ରଶ୍ନପତ୍ର ନକଲି ବୋଲି ସିଏଚ୍‌ଏସ୍‌ଇ କହିଛି। ଏ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ସିଏଚ୍‌ଏସ୍‌ଇ ସଚେତନ କରାଇବା ସହିତ ନକଲି ପ୍ରଶ୍ନପତ୍ରକୁ ଅପ୍‌ଲୋଡ୍ ନ କରିବାକୁ ପରାମର୍ଶ ଦେଇଛି। ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବା ପାଇଁ କେତେଜଣ ଅସାଧୁ ବ୍ୟକ୍ତି ଏପରି କରୁଛନ୍ତି। ଅସାଧୁ ବ୍ୟକ୍ତିଙ୍କ ବିରୋଧରେ ସାଇବର ଥାନାର ଆଶ୍ରୟ ନିଆଯିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

# ରକ୍ତ ନମୁନାରୁ ଚିହ୍ନଟ ହେବ କ୍ୟାନ୍‌ସର ସେଲ୍

**୨୦୨୫ ବେଳକୁ ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧୨.୮% ବୃଦ୍ଧି ପାଇବା ଆଶଙ୍କା**

**ୱାଶିଂଟନ୍, ୨୮।୨**

କ୍ୟାନ୍‌ସର ଏବେ ପ୍ରତ୍ୟେକ ବୟସ ବର୍ଗଙ୍କଠାରେ ଦେଖିବାକୁ ମିଳୁଛି। ଦ୍ରୁତବେଗରେ ମନୁଷ୍ୟ ଶରୀରକୁ ଗ୍ରାସ କରୁଥିବା ଏହି ରୋଗ ଚିହ୍ନଟ ଏବେ ଆହୁରି ସହଜ ହୋଇଛି। ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ବା ଯନ୍ତ୍ର ଉଦ୍ଭାବନ କରିଛନ୍ତି, ଯାହାଦ୍ୱାରା ରୋଗୀ ଶରୀରରେ କର୍କଟ ସେଲ୍ ବିକଶିତ ହେଉଛି କି ନାହିଁ ତାହା ସହଜରେ ଜଣାପଡ଼ିବ। 'ଷ୍ଟାଟିକ୍ ଡ୍ରପଲେଟ୍ ମାଇକ୍ରୋଫ୍ଲୁଇଡିକ୍' ଡିଭାଇସ୍ ରକ୍ତ ନମୁନାରୁ କ୍ୟାନ୍‌ସର ସେଲ୍‌କୁ ଚିହ୍ନଟ କରିପାରିବ। ଡିଭାଇସ୍ ସମ୍ପର୍କିତ ସବିଶେଷ ତଥ୍ୟ ବାୟୋସେନ୍ସର୍ସ ଆଣ୍ଡ୍ ବାୟୋଇଲେକ୍ଟ୍ରୋନିକ୍ସ ସାଇନ୍ସ ଜର୍ନାଲରେ ପ୍ରଦାନ କରାଯାଇଛି।

ଷ୍ଟାଟିକ୍ ଡ୍ରପଲେଟ୍ ମାଇକ୍ରୋଫ୍ଲୁଇଡିକ୍ ଡିଭାଇସ୍ ରୋଗୀ ଶରୀରରେ ସର୍କୁଲେଟିଂ ଟ୍ୟୁମର ସେଲ୍‌ସ (ସିଟିସି)କୁ ଚିହ୍ନଟ କରିଥାଏ। କ୍ୟାନ୍‌ସରର ମୂଳ ରୂପ ଟ୍ୟୁମର। ଟ୍ୟୁମରରୁ କ୍ୟାନ୍‌ସର ସେଲ ବିକଶିତ ହୋଇ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିଥାଏ। ରୋଗୀର ରକ୍ତ ନମୁନାରୁ ଏହି ଡିଭାଇସ୍ କୋଲୋରେକ୍ଟାଲ, ଯକୃତ ଏବଂ ବ୍ଲାଡର କ୍ୟାନ୍‌ସର ଚିହ୍ନଟ କରିପାରିବ ବୋଲି ବିଶେଷଜ୍ଞ କହିଛନ୍ତି। ଡିଭାଇସ୍ ବ୍ୟବହାର ଦ୍ୱାରା କ୍ୟାନ୍‌ସର ରୋଗ ଚିହ୍ନଟ ପାଇଁ କରାଯାଇଥିବା ବାୟୋପ୍ସି ପୀଡ଼ାରୁ ରୋଗୀଙ୍କୁ ମୁକ୍ତ କରାଯାଇପାରିବ। ସେହିପରି କ୍ୟାନ୍‌ସର ଚିହ୍ନଟ ପାଇଁ ଫିଜିକାଲ ଏକ୍‌ଜାମିନେଶନ୍, ଲାବ୍ ଟେଷ୍ଟ ଓ ଇମେଜିଂ ଟେଷ୍ଟ ମଧ୍ୟ କରାଯାଉଛି। ଏହି ପରୀକ୍ଷା ସବୁ ବ୍ୟୟବହୁଳ।

ଆମେରିକୀୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ମୋଟ ୧୪,୬୧,୪୨୭ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ। ପ୍ରକାଶିତ ରିପୋର୍ଟ ମୁତାବକ ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣେ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଦେଶରେ ଉଭୟ ପୁରୁଷ ଓ ମହିଳା ଅଧିକମାତ୍ରାରେ ଫୁସ୍‌ଫୁସ୍ ଏବଂ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଜନ୍ମିତ ଶିଶୁଙ୍କଠୁ ଆରମ୍ଭ କରି ୧୪ ବର୍ଷର ପିଲାଙ୍କ କ୍ଷେତ୍ରରେ ଲିମ୍ଫୋଇଡ୍ ଲ୍ୟୁକେମିଆ ଦେଖିବାକୁ ମିଳୁଛି। ୨୦୨୦ ତୁଳନାରେ ୨୦୨୫ ବେଳକୁ ଦେଶରେ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ୧୨.୮% ବୃଦ୍ଧି ପାଇବା ଆଶଙ୍କା ଥିବା ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି।



# ଜିଡିପି ଅଭିବୃଦ୍ଧି ୪.୪%କୁ ହ୍ରାସ

**ନୂଆଦିଲ୍ଲୀ, ୨୮।୨**

ଭାରତର ଆର୍ଥିକ ଅଭିବୃଦ୍ଧି କ୍ରମାଗତ ଦ୍ୱିତୀୟ ତ୍ରୈମାସିକରେ ହ୍ରାସ ପାଇଛି। ଚାହିଦା ହ୍ରାସ ଏବଂ ଉଚ୍ଚ ମୁଦ୍ରାସ୍ଫୀତି କାରଣରୁ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୪.୪ ପ୍ରତିଶତକୁ ଖସିଆସିଥିବା ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଉତ୍ପାଦନ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ଏବଂ ଋଣ ବ୍ୟୟ ବଢୁଥିବାରୁ ଚାହିଦା ହ୍ରାସ ପାଇଛି। ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସିକରେ ଅଭିବୃଦ୍ଧି ୬.୩ ପ୍ରତିଶତ ରହିଥିଲା। ଗତ ମାସରେ ପ୍ରକାଶିତ ପ୍ରଥମ ଜିଡିପି ଆଗୁଆ ଆକଳନ ଅନୁଯାୟୀ ୨୦୨୨-୨୩ ବର୍ଷରେ ଅଭିବୃଦ୍ଧି ୭ ପ୍ରତିଶତ ରହିବ ବୋଲି କୁହାଯାଇଥିଲା। ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଅଭିଯୋଗ ଆସିବା ପୂର୍ବରୁ ☞ପୃଷ୍ଠା-୨

ଧରିତ୍ରୀ
DHARITRI
Bhubaneswar, Wednesday, March 1/2023



**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: କ୍ରମାଗତ ୮ମ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୨୬(୩୨୬.୨୩) ପଏଣ୍ଟ ଖସି ୫୮,୯୬୨ (୫୮,୯୬୨.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୮୯ (୮୮.୭୫) ପଏଣ୍ଟ ହ୍ରାସ ଘଟି ୧୭,୩୦୪ (୧୭,୩୦୩.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୨୦୨୪ ଶେଷ ସୁଦ୍ଧା ଦେଶରେ ୫ଜି ସେବା

### ୫ମାସ ମଧ୍ୟରେ ୩୮୭ ଜିଲାରେ ଟାୱାର ସ୍ଥାପିତ




ନୂଆଦିଲ୍ଲୀ,୨୮।୨

ଗତ ବର୍ଷ ଅକ୍ଟୋବର ପହିଲାରେ ଆନୁଷ୍ଠାନିକ ଭାବେ ୫ଜି ସେବାର ଶୁଭାରମ୍ଭ କରାଯାଇଥିଲା। ଏପରିକି ଗତ ୬ମାସ ମଧ୍ୟରେ ଦେଶର ୩୮୭ ଜିଲାରେ ୫ଜି ଟାୱାର ସ୍ଥାପିତ କରାଯାଇସାରିଛି ବୋଲି ମଙ୍ଗଳବାର ଏକ ସମ୍ମିଳନୀରେ ଯୋଗଦେଇ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶରେ ୫ଜି ସେବାର ବ୍ୟାପକ ପ୍ରସାରଣ ହୋଇପାରିଛି। କାରଣ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ଦେଶର ସମସ୍ତ ପ୍ରମୁଖ ସହରରେ ୫ଜି ଉପଲବ୍ଧ କରାଇବେ ବୋଲି କୁହାଯାଇଥିଲା। ହେଲେ ଲକ୍ଷ୍ୟଧାର୍ଯ୍ୟ ପୂର୍ବରୁ ଦେଶର ସମସ୍ତ ପ୍ରମୁଖ ସହରରେ ପ୍ରାୟତଃ ସେବା ଉପଲବ୍ଧତା କାର୍ଯ୍ୟ ଶେଷ ହୋଇଯାଇଛି। ସେହିପରି ୨୦୨୪ ଶେଷ ସୁଦ୍ଧା ସମଗ୍ର ଦେଶରେ ୫ଜି ସେବା ଉପଲବ୍ଧ ହେବ ବୋଲି ଅଶ୍ୱିନୀ ବୈଷ୍ଣବ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ମନ୍ତ୍ରୀ କହିଛନ୍ତି, ଉପରୋକ୍ତ ଜିଲାଗୁଡ଼ିକରେ ୧ଲକ୍ଷ ୫ଜି ବେସ୍ ଟ୍ରାନ୍ସସିଭର ସେଣ୍ଟର (ବିଟିଏସ୍) ଲଗାଯାଇଛି, ଯାହାକି ସରକାରଙ୍କ ୨୦୦ ଜିଲାରେ ୫ଜି ଲକ୍ଷ୍ୟ ତୁଳନାରେ ବହୁତ ଅଧିକ ବୋଲି କୁହାଯାଉଛି। ଏପରିକି କେନ୍ଦ୍ର ସରକାର ଓ ମନ୍ତ୍ରଣାଳୟ ପକ୍ଷରୁ ଟେଲିକମ୍ କମ୍ପାନୀଗୁଡ଼ିକୁ ପ୍ରତି ସପ୍ତାହରେ ସର୍ବନିମ୍ନ ୧୦,୦୦୦ ବିଟିଏସ୍ ଲଗାଇବାକୁ କୁହାଯାଇଥିଲା। ସେହିଭଳି ବୈଷ୍ଣବ କହିଛନ୍ତି, ହାରାହାରି ୧୮ଟି ଦେଶ ଭାରତର ସ୍ୱଦେଶୀ ୪ଜି ଏବଂ ୫ଜିକୁ ନିଜ ଦେଶରେ ଲାଗୁ କରିବା ଉପରେ ଆଗ୍ରହ ରଖିଛନ୍ତି। ସେହିପରି ୧୩ ବିଦେଶୀ କମ୍ପାନୀ ମଧ୍ୟ ଭାରତୀୟ ୫ଜି ସେବାରେ ରୁଚି ରଖିଛନ୍ତି। ବିଶେଷକରି ଜି୨୦ରେ ହୋଇଥିବା ଡିଜିଟାଲ ଅର୍ଥନୀତି ଚର୍ଚ୍ଚା ଅନୁଯାୟୀ ସରକାର ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ୪ଜି ଏବଂ ୫ଜି ଉପକରଣକୁ ଅନ୍ୟ ଦେଶ ଆଗରେ ଉପସ୍ଥାପନ କରିଛନ୍ତି। ଏହା ଉପରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଏହା ସହ ଏହି ଷ୍ଟାକ୍ ୧୦ମିଲିୟନ କଲ୍ ଏକାସାଙ୍ଗରେ ସମ୍ଭାଳିବାର ଟେଷ୍ଟିଂ ମଧ୍ୟ ସଫଳ ହୋଇଛି। ସେହିପରି ଆମେରିକା, ସୁଇଡେନ୍, ଫିନ୍‌ଲାଣ୍ଡ, ସାଉଥ୍ କୋରିଆ ଏବଂ ଚାଇନା ଭଳି ରାଷ୍ଟ୍ରରେ ସମାନ ଧରଣର ୪ଜି ଏବଂ ୫ଜି ଷ୍ଟାକ୍ ରହିଛି। ଉପରୋକ୍ତ ଦେଶର କମ୍ପାନୀଗୁଡ଼ିକ ମଧ୍ୟ ୪ଜି ଏବଂ ୫ଜି ଉପକରଣର ମାନ ଏବଂ ମୂଲ୍ୟ ଏବଂ ବଜାର ସ୍ଥିତି ଉପରେ ଧ୍ୟାନ ଦେଉଛନ୍ତି। ଅପରପକ୍ଷରେ ଭାରତରୁ ମୋବାଇଲ ରପ୍ତାନି ଚଳିତ ବର୍ଷ ୧୦ ବିଲିୟନ ଡଲାର ଟପିବା ନେଇ ଆକଳନ କରାଯାଉଛି। ଏପରିକି ଆଗାମୀ ବର୍ଷ ଗୁଡ଼ିକରେ ଦେଶର ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ ନିର୍ମାଣ ସେକ୍ଟରରେ ଅଭୁତପୂର୍ବ ଉନ୍ନତି ହେବ ବୋଲି ମନ୍ତ୍ରୀ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ବିଏସ୍ଏନ୍ଏଲ୍‌ର ନିଜସ୍ୱ ୪ଜି-୫ଜି ନେଟ୍‌ୱର୍କ ଲାଗୁ ହେବାରେ ମଧ୍ୟ ବିଳମ୍ବ ହେବନାହିଁ।

## ୱିମେନ୍ ଇଞ୍ଜିନିୟର୍ସ ପ୍ରୋଗ୍ରାମର ୫ମ ସଂସ୍କରଣ

ନୂଆଦିଲ୍ଲୀ,୨୮।୨

ଗ୍ଲୋବାଲ ଏଡ୍‌ଟେକ୍ କମ୍ପାନୀ ଟାଲେଣ୍ଟ ସ୍ପ୍ରିଣ୍ଟ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର ୱିମେନ୍ସ ଇଞ୍ଜିନିୟର୍ସ (ଡବ୍ଲ୍ୟୁଇ) ପ୍ରୋଗ୍ରାମର ୫ମ ସଂସ୍କରଣ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମ ଦେଶବ୍ୟାପୀ ୨୦୦ ପ୍ରଥମ ବର୍ଷର ମହିଳା ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାପୂର୍ଣ୍ଣ ସଫ୍ଟୱେର ଇଞ୍ଜିନିୟର ହେବା ପାଇଁ ଚିହ୍ନଟ, ଚୟନ, ପ୍ରଶିକ୍ଷିତ ଓ ପ୍ରସ୍ତୁତ କରିବା ପାଇଁ ଲକ୍ଷ୍ୟ ରଖିଛି। ଉକ୍ତ କାର୍ଯ୍ୟକ୍ରମ ପ୍ରତ୍ୟେକ ମନୋନୀତ ଛାତ୍ରୀଙ୍କୁ ୧୦୦% ଫି ଛାତ୍ରବୃତ୍ତି ଓ ୧ ଲକ୍ଷ ଟଙ୍କାର ନଗଦ ବୃତ୍ତି ପ୍ରଦାନ କରୁଛି। ବିଶେଷକରି ଏକ ୨ବର୍ଷିଆ କାର୍ଯ୍ୟକ୍ରମ ଭାବେ ପ୍ରଦାନ କରାଯାଇଥିବା ଡବ୍ଲ୍ୟୁଇରେ ଟାଲେଣ୍ଟ ସ୍ପ୍ରିଣ୍ଟର ଶୀର୍ଷସ୍ତରର ଅଧ୍ୟାପକ ଓ ଶିଳ୍ପ ବିଶେଷଜ୍ଞଙ୍କଠାରୁ ଶିକ୍ଷା ଏବଂ ଗୁଗଲ୍‌ରେ ଇଞ୍ଜିନିୟର ଓ ଟେକ୍ନୋଲୋଜି ଲିଡରଙ୍କ ମାର୍ଗଦର୍ଶନ ସାମିଲ ରହିଛି।

## ଗୁଣାତ୍ମକ ଉତ୍ପାଦ ଯୋଗାଉଛି ଟାପାରିଆ

ନୂଆଦିଲ୍ଲୀ,୨୮।୨


ଏଚ୍.ଏନ୍. ଟାପାରିଆ

ଦେଶର ପ୍ରମୁଖ ହ୍ୟାଣ୍ଡ୍ ଟୁଲ୍ସ ଉତ୍ପାଦକ ଟାପାରିଆ ଟୁଲ୍ସ ବଜାରରେ ବର୍ତ୍ତମାନ ମଧ୍ୟ ପ୍ରାଧାନ୍ୟ ବଜାୟ ରଖିଛି। ଏହାର ମୂଳ ଲକ୍ଷ୍ୟ ସର୍ବଦା ଅନେକ ଶିଳ୍ପ କ୍ଷେତ୍ର ପାଇଁ ଉନ୍ନତ ହ୍ୟାଣ୍ଡ ଟୁଲ୍ ପ୍ରଦାନ କରିଥାଏ। ବିଶେଷକରି ବିମାନ ଚଳାଚଳ, ନିର୍ମାଣ ଏବଂ ଭିତ୍ତିଭୂମି, ଆସବାବପତ୍ର, ଅଟୋମୋବାଇଲ ଏବଂ ଅଟୋ ସେବା ଭଳି କାର୍ଯ୍ୟରେ ବିନିଯୋଗ ହେଉଛି।

ସେହିଭଳି ୧୯୬୯ରେ ସୁଇଡେନ୍‌ର ଏ.ବି.ବାଟୋଙ୍କ ସହ ଟେକ୍ନୋଲୋଜିକାଲ ସହଭାଗିତା ପରଠାରୁ କ୍ରମାଗତ ଭାବେ ହ୍ୟାଣ୍ଡ ଟୁଲ୍ସ ଉତ୍ପାଦନ କରିଆସିଛି, ଯାହା କେବଳ ଭାରତୀୟ ନୁହେଁ ଅନ୍ତର୍ଜାତୀୟ ମାନଦଣ୍ଡକୁ ମଧ୍ୟ ପୂରଣ କରିଥାଏ। ବିଶେଷକରି ପ୍ରିମିୟମ କଞ୍ଚାମାଲ ଏବଂ କଠୋର ଗୁଣ ବ୍ୟବହାର କରି ଉକ୍ତ ହ୍ୟାଣ୍ଡ୍ ଟୁଲ୍ସ ଉତ୍ପାଦିତ ହୁଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ସେହିପରି ନିୟନ୍ତ୍ରଣ ପ୍ରଣାଳୀ, ଉଚ୍ଚ କ୍ଷମତାସମ୍ପନ୍ନ ହାତ ଉପକରଣଗୁଡ଼ିକର ବିତରଣକୁ ସକ୍ଷମ କରିଥାଏ। ଏପରିକି ହାତ ସାଧନଗୁଡ଼ିକର ଉତ୍ପାଦନ ଏକ ଶ୍ରମ-ଆବଶ୍ୟକ, ଉଚ୍ଚ-ବୈଷୟିକ ଉତ୍ପାଦନ ଆବଶ୍ୟକ କରିଥାଏ। ଏହାର ପ୍ରଣାଳୀ କମ୍ପାନୀର ଏମ୍ଆଇଡିସି ସାତପୁର କଲୋନି ନାସିକରେ ଏକ ସୁସଜ୍ଜିତ ଓ ସମ୍ପୂର୍ଣ୍ଣ ଉପକରଣ ସୁବିଧା ତିଆରି କରିବା ପାଇଁ ଆବଶ୍ୟକ ଗୋଟିଏ ସ୍ଥାନରେ ରଖାଯାଇଛି। ଏ ସମ୍ପର୍କରେ ଟାପାରିଆ ଟୁଲ୍ସର ସିଏମ୍‌ଡି ଏଚ୍.ଏନ୍. ଟାପାରିଆ କହିଛନ୍ତି, ସମସ୍ତ ଟାପାରିଆ ହ୍ୟାଣ୍ଡ ଟୁଲ୍ସ ଏର୍ଗୋନୋମିକାଲି ଇଞ୍ଜିନିୟରିଂ ସହ ସର୍ବାଧିକ ଦକ୍ଷତା, ନିରାପତ୍ତା ଏବଂ ଆରାମଦାୟକ ହୋଇଥାଏ। ବିଶେଷ କରି ଅଳ୍ପ ଅପରେଟର ଥକ୍କା ସହ ସ୍ଥାୟୀ ବ୍ୟବହାର ପାଇଁ କଠିନ ନିର୍ମିତ ସେଗୁଡିକ ଯାଞ୍ଚ କରାଯାଏ।

## 'ଯତ୍ନବାନ୍ ହେଲେ ଦୁର୍ଘଟଣା ରୋକିହେବ'




### ଏଲ୍‌ପିଜି ସଚେତନତା ଶିବିର

କଟକ ଅଫିସ,୨୮।୨

କଟକ ପ୍ରେସ୍ ଛକସ୍ଥିତ ସଂଗ୍ରାମୀ ଗ୍ୟାସ୍ ପକ୍ଷରୁ ଖାନ୍‌ନଗର ହାଇସ୍କୁଲଠାରେ ଏଲପିଜି ନିରାପତ୍ତା ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ତଥା ସ୍କାଉଟ୍ସ ଜିଲା ମୁଖ୍ୟ କମିଶନର କୃଷ୍ଣଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସାଲେପୁର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟବକ୍ତା ଭାବେ ଏସିପି ଅମରେନ୍ଦ୍ର ପଣ୍ଡା ଯୋଗଦେଇ ଗ୍ୟାସ୍ ବ୍ୟବହାରବେଳେ ସୁରକ୍ଷା ଓ ନିରାପତ୍ତା ପ୍ରତି ଯତ୍ନବାନ୍ ହେଲେ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି କହିଥିଲେ। ସଂଗ୍ରାମୀ ଗ୍ୟାସ୍‌ର ସ୍ୱତ୍ୱାଧିକାରୀ ବିଶ୍ୱନାଥ ମୁଖାର୍ଜୀ ସ୍ୱାଗତ ଭାଷଣ ଦେଇ ଏଲ୍‌ପିଜିର ନିରାପତ୍ତା ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଓସିଏଲର ସାଧାରଣ ପରିଚାଳକ ଏନ୍. କୋନର ଯୋଗଦେଇ ଏଲପିଜି ଘରୋଇ ବ୍ୟବହାରବେଳେ ବିଭିନ୍ନ ଦିଗ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଜ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଚନ୍ଦ୍ରଶେଖରପୁରରେ ଫ୍ରୋଜିଟ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୮।୨



ରାଜ୍ୟର ପ୍ରମୁଖ ମସଲା ଉଦ୍ୟୋଗ ତଥା ପୂର୍ବଭାରତର ଅନନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ପ୍ରତିଷ୍ଠାନ ରୁଚି ଫୁଡ୍‌ଲାଇନ ଦ୍ୱାରା ପରିଚାଳିତ ଫ୍ରୋଜେନ୍ ଫୁଡ୍‌ସ ବ୍ରାଣ୍ଡ 'ଫ୍ରୋଜିଟ୍'ର ଏକ୍ସକ୍ଲୁସିଭ ଷ୍ଟୋର ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରୁଚି ଫୁଡ୍ ଲାଇନର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଚ୍ଏମ୍‌ର ପୂର୍ବତନ ଅଧ୍ୟକ୍ଷା ଆର୍ଯ୍ୟା ପାଣିଗ୍ରାହୀ, ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ଫ୍ରୋଜିଟ୍‌ର ପ୍ରତିଷ୍ଠାତା ତଥା ରୁଚିଫୁଡ୍‌ଲାଇନର ନିର୍ଦ୍ଦେଶିକା ରଶି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରଶ୍ମି କହିଥିଲେ, ଫ୍ରୋଜିଟ୍‌ର ୧୩ତମ ଷ୍ଟୋର ଉଦ୍‌ଘାଟନକରି ଆମେ ବେଶ୍ ଉତ୍ସାହିତ।

## ପାୱାର ଗ୍ରୀଡ୍ ପକ୍ଷରୁ ସଚେତନତା ଅଭିଯାନ




ନୂଆଦିଲ୍ଲୀ,୨୮।୨




ଦେଶର ପ୍ରମୁଖ ସିପିଏସ୍ଇ 'ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍'(ପିଜିସିଆଇଏଲ୍) ପକ୍ଷରୁ ଏକ ୩ ଦିନିଆ ସଚେତନତା କାର୍ଯ୍ୟକ୍ରମ ବୁଧବାରଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି। ଏପରିକି କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନା ସିପିଏସ୍ଇ ପାୱାର ଗ୍ରୀଡ୍ ଚଳିତ ବର୍ଷ ମାର୍ଚ୍ଚ ୧ରୁ ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଥିବା ଜଣାପଡ଼ିଛି। ବିଶେଷ କରି କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶରେ ଜି-୨୦ ଫୋରମର ଆଗାମୀ ବୈଠକ ମାର୍ଚ୍ଚ ୧ରୁ ୩ ପର୍ଯ୍ୟନ୍ତ ଗୁରୁଗ୍ରାମଠାରେ ଆୟୋଜିତ ହେବ। ଏପରିକି ଦୁର୍ନୀତି ନିବାରଣ କାର୍ଯ୍ୟ ଗୋଷ୍ଠୀ (ଏସିଡବ୍ଲ୍ୟୁଜି)ର ଆଗାମୀ ବୈଠକ ପର୍ଯ୍ୟନ୍ତ କମ୍ପାନୀ ଅନେକ ଜନସଚେତନତା ସୃଷ୍ଟି କରିବ। ଅପରପକ୍ଷରେ ଗୁରୁଗ୍ରାମ ଏବଂ ଦିଲ୍ଲୀର ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନରେ ବିତର୍କ, କୁଇଜ୍, ପ୍ରବନ୍ଧ, ପୋଷ୍ଟରମେକିଂ ଭଳି ପ୍ରତିଯୋଗିତା ଆୟୋଜନ ହେବ। ସେହିଭଳି ଜନସଚେତନତା ସୃଷ୍ଟି କରିବା ପାଇଁ ପାୱାର ଗ୍ରୀଡ ମଧ୍ୟ ଗୁରୁଗ୍ରାମର ପ୍ରମୁଖ ସ୍ଥାନରେ ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ସାଧାରଣ ଜନତାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରୁଛି।

## ଜୀବନ ଜିଇଁବାର ଦିଗ ବଦଳାଇଦେବ ୫ଜି

ନୂଆଦିଲ୍ଲୀ,୨୮।୨


ଆକାଶ ଅମ୍ବାନୀ

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ବଜେଟ ପରବର୍ତ୍ତୀ ଏକ ୱେବିନାର୍‌ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ ୱେବିନାରକୁ ସମ୍ବୋଧିତ କରି କହିଥିଲେ, ବର୍ତ୍ତମାନର ଦୂରସଞ୍ଚାର ସେବା ଓ ସୁବିଧା ଅଧିକ ଉନ୍ନତ ଓ ଅତ୍ୟାଧୁନିକ ହୋଇପାରିଛି। ଫଳରେ ଏହା ଭାରତୀୟଙ୍କ ଜୀବନ ଜିଇଁବାର ଦିଗ ବଦଳାଇଦେବା। ବିଶେଷକରି ୫ଜି ପ୍ରଯୁକ୍ତି ଜରିଆରେ ଭାରତୀୟ ଆହୁରି ଅଧିକ ବିକଶିତ ହୋଇପାରିବ। ଏପରିକି ଜିଓ ପକ୍ଷରୁ ୫ଜି ନେଟ୍‌ୱର୍କର ଶୁଭାରମ୍ଭ ସାରା ବିଶ୍ୱର ସବୁଠୁ ବଡ଼ ଶୁଭାରମ୍ଭ ଥିଲା ବୋଲି ଆକାଶ ଅମ୍ବାନୀ କହିଛନ୍ତି। ସେହିଭଳି ବିଗତ ୫ମାସ ମଧ୍ୟରେ ଜିଓ ପ୍ରାୟ ୪୦ହଜାର ଟାୱାର ସାଇଟ୍ସରେ ୨.୫ଲକ୍ଷ ୫ଜି ସେଲ୍‌ସ ଲଗାଇଛି। ରିଲାଏନ୍ସ ଜିଓର ଏହି ବଡ଼ ଭିତ୍ତିଭୂମି ଦ୍ୱାରା କମ୍ପାନୀର ଟ୍ରୁ-୫ଜି ସେବା ୨୭୭ ସହରରେ ପହଞ୍ଚିଛି ବୋଲି ଆକାଶ ସ୍ପଷ୍ଟ କରିଛନ୍ତି। ସେହିପରି ୨୦୨୩ ସୁଦ୍ଧା ରିଲାଏନ୍ସ ଜିଓର ଟ୍ରୁ-୫ଜି ସେବା ସବୁ ତାଲୁକା, ସହର ଏବଂ ଗାଁରେ ଉପଲବ୍ଧ ହେବ। ଏପରିକି ବିଭିନ୍ନ କ୍ଷେତ୍ରରେ ୫ଜି ପ୍ରଯୁକ୍ତି କିଭଳି ବ୍ୟବହାର ହୋଇପାରିବ ଏବଂ ଆମ ଜୀବନ ଉପରେ ତା'ର କ'ଣ ପ୍ରଭାବ ରହିବ ସେ ସମ୍ପର୍କରେ ମଧ୍ୟ ଆକାଶ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅପରପକ୍ଷରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗେମିଂଠାରୁ ସ୍ମାର୍ଟ ସିଟି ପର୍ଯ୍ୟନ୍ତ ୫ଜିର ଉପଯୋଗିତା ବିଷୟରେ ଆକାଶ ବିସ୍ତୃତ ମତପ୍ରକାଶ କରିଥିଲେ। ୫ଜିର ଲାଭ ହାସଲ କରିବା ଲାଗି ଦେଶ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ଅନୁଗୋଳରେ ଟିପିସିଓଡିଏଲ୍‌ର ନୂଆ ଏସ୍‌ଡିସି

ଭୁବନେଶ୍ୱର,୨୮।୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଆଉ ଏକ 'ଦକ୍ଷତା ବିକାଶ କେନ୍ଦ୍ର'(ଏସ୍‌ଡିସି)ର ଶୁଭାରମ୍ଭ କରାଯାଇଛି। ଏପରିକି ଅନୁଗୋଳଠାରେ ଟିପିସିଓଡିଏଲ୍‌ର ନୂଆ ଏସ୍‌ଡିସି ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳର ବିଧାୟକ ରଜନୀକାନ୍ତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ଆମ ସହ ଯୋଡ଼ିହୋଇ ରହିଥିବା ସମସ୍ତ ବୈଷୟିକ ବ୍ୟକ୍ତି, ନିୟମିତ କର୍ମଚାରୀ ଓ ବ୍ୟବସାୟ ସହଯୋଗୀଙ୍କ ପେସାଦାର ଅଭିବୃଦ୍ଧି ଓ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ସହ ସେମାନଙ୍କ ଦକ୍ଷତାରେ ଉନ୍ନତି ଆଣିବାକୁ ଆମେ ପ୍ରତିବଦ୍ଧ ରହିଛୁ।

# କର୍ତ୍ତବ୍ୟରୁ ଓହରିପାରିବେନି ସାମ୍ବିଧାନିକ କର୍ତ୍ତୃପକ୍ଷ


ଭଗଓ୍ୱନ୍ତ ମାନ୍ ବନଓ୍ୱାରିଲାଲ୍ ପୁରୋହିତ

### ପଞ୍ଜାବ ସରକାର, ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ବାର୍ତ୍ତା

ନୂଆଦିଲ୍ଲୀ, ୨୮।୨

ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି ସରକାର ଏବଂ ରାଜ୍ୟପାଳ ବନଓ୍ୱାରିଲାଲ୍ ପୁରୋହିତଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏହା ଉପରେ ଗଭୀର ସାମ୍ବିଧାନିକ ଆଲୋଚନା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଫଳରେ ଉଭୟ ପକ୍ଷଙ୍କୁ କଡ଼ା ବାର୍ତ୍ତା ଯାଇଛି। ସାମ୍ବିଧାନିକ କର୍ତ୍ତୃପକ୍ଷ ତାଙ୍କ କର୍ତ୍ତବ୍ୟ ପୂରଣ ନ କରିବା ଅର୍ଥ ନୁହେଁ ଯେ ଅନ୍ୟ ଜଣେ ମଧ୍ୟ ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହ କରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିବେଳେ କହିଛନ୍ତି। ଆପଣମାନେ ଭିନ୍ନ ରାଜନୈତିକ ଦଳର ହୋଇପାରନ୍ତି। କିନ୍ତୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ କୌଣସି ଦଳର ନୁହେଁ। ଆମକୁ ଏହା ଉପରେ ଆଲୋଚନା କରିବାକୁ ହେବ ବୋଲି ସିଜେଆଇ କହିଛନ୍ତି।

ରାଜ୍ୟପାଳ ପୁରୋହିତ ସରକାରଙ୍କୁ କେତେକ ତଥ୍ୟ ମାଗିଥିଲେ। ସରକାର ଏହା ପ୍ରଦାନ ନ କରିବାରୁ ରାଜ୍ୟପାଳ ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ ଡାକିବାରେ ବିଳମ୍ବ କରିଥିଲେ। ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କୁ ରାଜ୍ୟପାଳ ପତ୍ର ଲେଖି ରାଜଭବନ ପତ୍ରର ଉତ୍ତର ମିଳି ନ ଥିବା ସମ୍ପର୍କରେ ଅବଗତ କରାଇଥିଲେ। ସେଥିପାଇଁ ସେ ଅଧିବେଶନ ଡାକିବାକୁ ବ୍ୟଗ୍ର ନୁହନ୍ତି ବୋଲି କହିଥିଲେ। ଏହାକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେବା ସହ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ରାଜ୍ୟପାଳଙ୍କୁ ତଥ୍ୟ ଦେବା ଲାଗି ମୁଖ୍ୟମନ୍ତ୍ରୀ ସାମ୍ବିଧାନିକ ଦୃଷ୍ଟିରୁ ବାଧ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତଥ୍ୟ ନ ଦେବା ତାଙ୍କ ସାମ୍ବିଧାନିକ କର୍ତ୍ତବ୍ୟର ଉଲ୍ଲଂଘନ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ତଥ୍ୟ ଦେଇ ନ ଥିବାରୁ ରାଜ୍ୟପାଳ ବଜେଟ ଅଧିବେଶନ ଡାକିବା ସାମ୍ବିଧାନିକ କର୍ତ୍ତବ୍ୟ ନ ଡାକିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୭୪ ଅନୁଯାୟୀ ଅଧିବେଶନ ଡାକିବା ରାଜ୍ୟପାଳଙ୍କ ଇଚ୍ଛାଧୀନ କ୍ଷମତା ନୁହେଁ। ପୂର୍ବରୁ ସୁପ୍ରିମକୋର୍ଟରେ ସାମ୍ବିଧାନିକ ଖଣ୍ଡପୀଠ ନବମ ରେବିଆ ମାମଲାରେ ଏହା ଦର୍ଶାଇଥିଲେ।

## ସିସୋଡିଆ, ସତ୍ୟେନ୍ଦ୍ରଙ୍କ ...

ସେମାନେ କୌଣସି ସୁଯୋଗକୁ ହାତଛଡ଼ା କରିନାହାନ୍ତି। ତେବେ ଏଥିରେ ସେ ଆଦୌ ଭୟଭୀତ ନୁହନ୍ତି। ବ୍ରିଟିଶ୍ ସରକାର ମଧ୍ୟ ସେମାନଙ୍କ ବିରୋଧରେ ଲଢୁଥିବା ଲୋକଙ୍କୁ ଜେଲରେ ପୂରାଉଥିଲେ। ଏପରି କି କେତେଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇଦେଇଥିଲେ।

## ସୁପ୍ରିମକୋର୍ଟରେ ଜାମିନ ମିଳିଲାନି,....

ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। କିନ୍ତୁ ସିସୋଡିଆଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ ହୋଇଛି। ତେଣୁ ଅର୍ଣ୍ଣବ ଓ ବିନୋଦଙ୍କ ସହ ଏହି ମାମଲାର ତୁଳନା କରିବା ଅନୁଚିତ। ଦିଲ୍ଲୀରେ ଘଟଣା ଘଟିଛି ବୋଲି ଆମେ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କଲେ ଖରାପ ପରମ୍ପରା ସୃଷ୍ଟି ହେବ। ଏଥିସହ ସିବିଆଇ ହାଜତରେ ଏଏପି ନେତା ସିସୋଡିଆଙ୍କୁ ଜେରା ଏଭଳି ସ୍ଥାନରେ କରାଯିବା ଉଚିତ, ଯେଉଁଠି ସିସିଟିଭି କ୍ୟାମେରା ସଂଲଗ୍ନ କରାଯାଇଥିବ। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ସ ଅନୁସାରେ ଜେରା ବେଳର ଦୃଶ୍ୟକୁ ସିବିଆଇ ସଂରକ୍ଷିତ ରଖିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟରେ ନିରାଶ ହେବା ପରେ ସିସୋଡିଆଙ୍କ ପାଇଁ ଏଏପି ଦିଲ୍ଲୀ ହାଇକୋର୍ଟ ଯିବ ବୋଲି କହିଛି।

## ବାଣ ଗୋଦାମରେ ...

ଏହାପରେ ଦମକଳ ବାହିନୀର ୨ ୟୁନିଟ୍ କର୍ମଚାରୀ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁଶାନ୍ତ ଓ ଦିନବନ୍ଧୁଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାକୁ ବ୍ୟବସ୍ଥା କରିଥିଲେ। ଏଥିସହ ବୁଲୁ ଓ ଦିଲୀପଙ୍କ ମୃତଦେହକୁ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରିଥିଲେ। ଏହି ଆଜବେଷ୍ଟସ୍ ଗୋଦାମ ପାଖାପାଖି ୮୦୦ ବର୍ଗଫୁଟର ହୋଇଥିବାବେଳେ ସେଥିରେ ୪ ବଖରା ଥିଲା। ବାଣ ବିସ୍ଫୋରଣରେ ଗୋଦାମ ସମେତ ପାଖରେ ଥିବା ଏକ ପାଳଗଦାରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ ପହଞ୍ଚି ଏହାକୁ ଆୟତ୍ତ କରିଥିଲା। ଆଜବେଷ୍ଟସ୍ ପୋଡି ଛିଟିକି ଏଣେତେଣେ ପଡ଼ିଥିବା ବେଳେ ଘର କାନ୍ଥ ଫାଟିଯାଇଥିବା ଶତପଥୀ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍ଓ (ମେଡିକାଲ) ଡ. ନିମାଇଁ ଚରଣ ନାୟକ କହିଛନ୍ତି, ଗୁରୁତରଦ୍ୱୟ ଅପରାହ୍ନ ପ୍ରାୟ ୧ଟା୪୫ରେ ଚିକିତ୍ସାଳୟରେ ପହଞ୍ଚିଥିଲେ। ସୁଶାନ୍ତଙ୍କ ଶରୀରର ପାଖାପାଖି ୯୦% ପୋଡି ଯାଇଛି। ଦିନବନ୍ଧୁଙ୍କ ଆଣ୍ଠୁ ତଳକୁ ଓ ମୁହଁ ଆଦି ୩୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କ ଅବସ୍ଥା ଭଲ ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତା'ପରେ ଦିଲୀପ ଓ ଅପରାହ୍ନ ପ୍ରାୟ ୪ଟାବେଳେ ବୁଲୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପହଞ୍ଚିଥିଲା। ଜିଲାପାଳଙ୍କ ଅନୁମତିକ୍ରମେ ଏହାକୁ ବ୍ୟବଚ୍ଛେଦ କରାଯାଇଛି। ବାଲିକୁଦା ଆଇଆଇସି ସଲିଲ ପ୍ରଧାନ କହିଛନ୍ତି, ବାଣ ଭିଡୁଥିବାବେଳେ ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏନେଇ ମାମଲା (ନଂ.୯୫/୨୩) ରୁଜୁ କରାଯାଇଛି। ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପଦାକୁ ଆସିବ ବୋଲି ସେ କହିଛନ୍ତି।

### ବେଆଇନ ଭାବେ ପ୍ରସ୍ତୁତ ହେଉଥିଲା ବାଣ

ବାଣ ଗୋଦାମଟି ବେଆଇନ ଭାବେ ଚାଲିଥିଲା ବୋଲି ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାରେ କାହାରିକୁ ବାଣ ତିଆରି ପାଇଁ ଅନୁମତି ଦିଆଯାଇନାହିଁ। କେବଳ ଦୀପାବଳି ସମୟରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଥାଏ। ଯେହେତୁ ଉକ୍ତ ବାଣ ଗୋଦାମରେ ବେଆଇନ ଭାବେ ବାଣ ତିଆରି ଚାଲିଥିଲା, ତେଣୁ ବରିଷ୍ଠ ଅଧିକାରୀଙ୍କ ପରାମର୍ଶକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ହେଲେ ଦୀର୍ଘ ବର୍ଷ ଧରି ସେଠାରେ କିପରି ବାଣ ତିଆରି ହେଉଥିଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣ ଲୋକେ ଏକଥା ଜାଣିଥିବାବେଳେ ପୋଲିସ ଓ ଅଗ୍ନିଶମ ବାହିନୀ ଜାଣି ନ ପାରିବା ଉଭୟ ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଦିଲ୍ଲୀ, ଲକ୍ଷ୍ନୌରୁ ଆସୁଛି...

ଆରମ୍ଭ କରିଥିଲା। ପୁରୀଘାଟ ପୋଲିସ ସହାୟତାରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସୋମବାର ଟାଉନ ହଲ୍ ରୋଡ୍‌ସ୍ଥିତ ଶ୍ରୀ ଡିଷ୍ଟ୍ରିବ୍ୟୁଟର ଗୋଦାମରେ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ୨ ଲକ୍ଷ ଟଙ୍କାର ନକଲି ଓ-୨ ମେଡିସିନ ଜବତ ହୋଇଥିଲା। ପୁଣି ମଙ୍ଗଳବାର ସେଠାରେ ଚଢ଼ାଉ କରାଯାଇ ଅବଶିଷ୍ଟ ନକଲି ମେଡିସିନ୍ ଜବତ କରାଯାଇଛି। ଏହି ନକଲି ମେଡିସିନ କାରବାରର ଗୁମର ଫିଟାଇବା ପାଇଁ ପୋଲିସ ବିଜୟଙ୍କୁ ପଚରାଉଚରା କରିବାବେଳେ ବହୁ ତଥ୍ୟ ହାସଲ କରିଛି। ସମ୍ପୃକ୍ତ ସଂସ୍ଥା ବିଜୟଙ୍କ ସ୍ତ୍ରୀଙ୍କ ନାମରେ ରହିଥିବାବେଳେ ବିଜୟ ନିଜେ ସବୁ କାରବାର କରୁଥିଲେ। ୨ ମାସ ତଳେ ଏହି ନକଲି ମେଡିସିନ୍ କାରବାର ଆରମ୍ଭ ହୋଇଥିଲା। ଦିଲ୍ଲୀର କ୍ରିଷ୍ଟା ମେଡିକୋ ଓ ଲକ୍ଷ୍ନୌର ନାଚୁରାଲ ଫାର୍ମାସ୍ୟୁଟିକାଲ୍ସରୁ ଏହି ନକଲି ମେଡିସିନ ଆସୁଥିଲା। କଟକ ସମେତ ଓଡ଼ିଶାର ବିଭିନ୍ନ ସହରକୁ ଏହି ନକଲି ମେଡିସିନ୍ ଯୋଗାଣ କରାଯାଉଥିଲା। ତେବେ ଏହାର ତାଲିକା ପ୍ରସ୍ତୁତ କରାଯିବା ପରେ ନକଲି ମେଡିସିନ୍‌କୁ ଫେରସ୍ତ ଅଣାଯାଉଥିବା ଜଣାଯାଇଛି। ଅପରପକ୍ଷରେ ପୋଲିସ ଦିଲ୍ଲୀ ଓ ଲକ୍ଷ୍ନୌ ଯାଇ ଉକ୍ତ ସଂସ୍ଥାଦ୍ୱୟକୁ ଠାବ କରିବାକୁ ଯୋଜନା କରିଛି। ଏହାପରେ ନକଲି କାରବାରର ମୂଳକୁ ଧରିବାରେ ସକ୍ଷମ ହୋଇପାରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, କିଛିମାସ ତଳେ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧର ନକଲି ଟେଲମା-ଏମ୍ ଓ ଟେଲମା-୪୦ ମେଡିସିନ୍ କାରବାର ନେଇ ରାଜ୍ୟରେ ଚହଳ ପଡିଥିଲା। ଏହି ମାମଲାରେ ୨ଟି ଡିଷ୍ଟ୍ରିବ୍ୟୁଟର ସଂସ୍ଥାର ୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଅର୍ଥନୈତିକ କାରବାର ଉପରେ ରୋକ ଲଗାଯାଇଥିଲା। ରାଜ୍ୟ ବାହାରକୁ ବାରମ୍ବାର ପୁରୀଘାଟ ପୋଲିସ ଯାଇ ମାଷ୍ଟର ମାଇଣ୍ଡକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଥିବାବେଳେ ପୁଣି ନକଲି ମେଡିସିନ କାରବାର କରିବାକୁ କିପରି ସାହସ କରାଯାଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜିଠୁ ଯୁକ୍ତ୨ ...

ମାଧ୍ୟମିକ ସ୍କୁଲକୁ ଟ୍ୟାଗ୍ କରାଯାଇଛି। ୬ଟି ସବ୍-ସେଣ୍ଟର କରାଯାଇଛି। ଚଳିତବର୍ଷ ମୋଟ ୧,୫୯୦ଟି ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ସେହିପରି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଲାଗି ପ୍ରଶ୍ନପତ୍ର ସୁରକ୍ଷାକୁ ଗୁରୁତ୍ୱ ଦେଇ ୨୦୨ଟି ହବ୍ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୩,୫୭,୯୪୨ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ।

ପ୍ରଥମ ପୃଷ୍ଠାରୁ...

ସେମାନଙ୍କ ମଧ୍ୟରେ ୩,୩୮,୨୨୧ଜଣ ରେଗୁଲାର, ୧୭,୬୯୬ଜଣ ଏକ୍ସରେଗୁଲାର ଏବଂ ୨,୦୨୫ଜଣ ଡିଷ୍ଟାନ୍ସ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରେ ୧,୮୪,୪୦୮ ଛାତ୍ରୀ ଥିବାବେଳେ ୧,୭୩,୫୩୪ଜଣ ଛାତ୍ର ରହିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ପରୀକ୍ଷାକୁ ସୁପରିଚାଳନା କରିବା ପାଇଁ ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ମଧ୍ୟ ମୋବାଇଲ ବ୍ୟବହାର କରିପାରିବେ ନାହିଁ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ସମସ୍ତ ଅଧିକାରୀ, ଅବଜର୍ଭର, ସ୍କ୍ୱାଡ୍ ମେମ୍ବର, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ମୋବାଇଲ ଫୋନ ଦାଖଲ କରିବେ।

## ଜିଡିପି ଅଭିବୃଦ୍ଧି ...

ଅଭିବୃଦ୍ଧିରେ ମନ୍ଥରତା ଆସିଥିଲା। ଆଦାନୀ ଗ୍ରୁପ୍ ଜାଲିଆତି ଏବଂ ଏଥର ପ୍ରବଳ ଗ୍ରୀଷ୍ମ ଲହରର ପୂର୍ବାନୁମାନ ପରେ ପୁଞ୍ଜି ଓ ଆର୍ଥିକ ବଜାରରେ କମ୍ପନ ସୃଷ୍ଟି ହୋଇଥିଲା। ତେବେ ମାର୍ଚ୍ଚରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ଛୁଇଁବା ନେଇ ସରକାର ଦୃଢ଼ ନିଶ୍ଚିତ ଅଛନ୍ତି।

ଗତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୧୧.୨ ପ୍ରତିଶତ ଥିଲା। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଅଭିବୃଦ୍ଧି ହାର ୬.୩ ପ୍ରତିଶତ ରହିଥିଲା। ଅକ୍ଟୋବର-ଡିସେମ୍ବରରେ ଶିଳ୍ପ ସେକ୍ଟର ଉତ୍ପାଦନ ୧.୧ ପ୍ରତିଶତ ହ୍ରାସ ପାଇଥିବାବେଳେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଖାଉଟି ଚାହିଦା ଓ ରପ୍ତାନି ହ୍ରାସ ପାଇଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାନୀତିକୁ କଠୋର କରୁଥିବାରୁ ବାହ୍ୟ ଚାହିଦା ଦୁର୍ବଳ ହେଉଛି। ଗତବର୍ଷ ମେ'ରୁ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି କଲେଣି। ଏପ୍ରିଲରେ ପୁଣିଥରେ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୬.୭୫ ପ୍ରତିଶତରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ମାର୍ଚ୍ଚ, ୨୦୨୩

**ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ**

ବ୍ରହ୍ମପୁର ଅଫିସ,୨୮।୨: ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡ. ଅରୁଣ କୁମାର ସାହୁ ମଙ୍ଗଳବାର ସରକାରୀ ଯୋଜନାରେ ହିତାଧିକାରୀଙ୍କ ପାଇଁ ଆସିଥିବା ଚାଉଳ ଆତ୍ମସାତ୍ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବିଶୋୟୀଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ଦୁଇ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ୨୦୦୫-୦୬ରେ ଗଞ୍ଜାମ ଜିଲା ପୋଲସରା ବ୍ଲକ ମନ୍ଦାର ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନ୍ୟାଶନାଲ ଫୁଡ୍ ଫର୍ ୱାର୍କ ଯୋଜନାରେ ଆସିଥିବା ୨୦୯ କୁଇଣ୍ଟାଲ ଚାଉଳ ଆତ୍ମସାତ୍ କରିଥିବା ଜିଲା ଲୋକାଲ ଫଣ୍ଡ ଅଡିଟ୍‌ବେଳେ ଧରାପଡିଥିଲା।



# ତଦନ୍ତରେ ବଳ ଲଗାଇଥିଲେ ଭଲ ହୋଇଥାଆନ୍ତା: ଜୟନାରାୟଣ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ବିଧାନସଭାରେ ମଙ୍ଗଳବାର ଅପରାହ୍ଣ ୪ଟା ସମୟରେ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରଥମେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଭାଗନେଇ କହିଥିଲେ, ନବ ଦାସ ହତ୍ୟାକାଣ୍ଡକୁ ମାସେ ପୂରିଲାଣି। ବର୍ତ୍ତମାନ ପର୍ଯ୍ୟନ୍ତ ଏ ଷଡ଼ଯନ୍ତ୍ର ପଛର ରହସ୍ୟ ଜଣାପଡ଼ିଲାନାହିଁ। ଏହାର ପ୍ରତିବାଦ କରିବାକୁ ଯୁବମୋର୍ଚ୍ଚା ବିଧାନସଭା ଅଭିମୁଖେ ଆସୁଥିଲା। ହେଲେ ସେମାନଙ୍କୁ ପୋଲିସ ଗୋଡ଼େଇ ଗୋଡ଼େଇ ପିଟିଲା। ପୋଲିସର ଏଭଳି ଆକ୍ରମଣରେ କାହାର ଗୋଡ଼ ଭାଙ୍ଗିଛି ତ କାହାର ମୁଣ୍ଡ ଫାଟିଛି। ପୋଲିସ ଆନ୍ଦୋଳନକୁ ପ୍ରତିହତ କରିବାକୁ ଯେଉଁ ବଳ ଲଗାଇଛି ତାହା ତଦନ୍ତରେ ଲଗାଇଥିଲେ ଭଲ ହୋଇଥାଆନ୍ତା। ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ପୋଲିସ ଗୋଇଠା ମାରିବା କେତେ ଗ୍ରହଣୀୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ଆଚରଣକୁ ନିନ୍ଦା କରାଯିବା ଉଚିତ। ବିଧାନସଭା ପ୍ରଶ୍ନ ଉତ୍ତରରୁ ଜଣାପଡିଛି ଚୋରି, ହତ୍ୟା ଏବଂ ବଳାତ୍କାର ରାଜ୍ୟରେ ବଢ଼ିଚାଲିଛି। ରାଜ୍ୟରେ ନେତା, ମନ୍ତ୍ରୀ ଅସୁରକ୍ଷିତ। ଯୁବମୋର୍ଚ୍ଚା ଏହାର ପ୍ରତିବାଦ କରୁଥିଲା ହେଲେ ପୋଲିସ୍ ପକ୍ଷରୁ ଆକ୍ରମଣ କରାଗଲା। ଜୟନାରାୟଣଙ୍କ ଏଭଳି ମନ୍ତବ୍ୟ ନ ସରୁଣୁ ଭାଜପା ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ସମୟରେ ବିରୋଧୀ ଦଳ ନେତା ତାଙ୍କ ଆସନ ପାଖରେ ଠିଆହୋଇଥିଲେ। ବାଚସ୍ପତି ବିରୋଧୀ ସଦସ୍ୟଙ୍କୁ ଆସନ ଗ୍ରହଣ କରିବାକୁ କହିବା ସହିତ ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ ବଜେଟ ଉପରେ ବକ୍ତବ୍ୟ ରଖିବାକୁ କହିଥିଲେ। ଏହାପରେ ବାଚସ୍ପତି ଶାସକ ଦଳ ନେତା ଦେବୀପ୍ରସାଦ ମିଶ୍ରଙ୍କୁ କହିବାକୁ କହିଥିଲେ। ସେ କହିଥିଲେ, ପୋଲିସ ଉପରେ ଭାଜପା କର୍ମୀମାନେ କିପରି ଆକ୍ରମଣ କରୁଥିଲେ ତାହା ସେ ଖାଇବାକୁ ଯିବା ସମୟରେ ଟେଲିଭିଜନ ଜରିଆରେ ଦେଖିଥିଲେ। ଟେଲିଭିଜନରେ ଦେଖାଉଥିଲା ଭାଜପା କର୍ମୀ କଳା ଡେଲା ମାଡ଼ କରୁଥିବା ଦୃଶ୍ୟ। ଏହାକୁ ବୋଧେ ବିରୋଧୀ ଦଳ ନେତା ଦେଖିନାହାନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି, ସେଥିରେ କିଛି ଅସୁବିଧା ନାହିଁ। ହେଲେ ଏଭଳି ଘଟଣା ଠିକ୍ ନୁହେଁ ବୋଲି ସେ କହିଥିଲେ। ଏହାପରେ ବାଚସ୍ପତି ପୁନର୍ବାର ବିରୋଧୀ ସଦସ୍ୟଙ୍କୁ ଆସନ ଗ୍ରହଣ କରିବାକୁ କହିବା ସହିତ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ବଜେଟ ଉପରେ ବକ୍ତବ୍ୟ ଦେବାକୁ କହିଥିଲେ।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ୨ଥର ଗୃହ ମୁଲତବୀ**

- ■ ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ ବୁଝାଇବାରୁ ବୁଝିଗଲେ
- ■ ଥରେ ଆଲୋଚନା ହେଲେ ଗୋଟେ ବିଷୟରେ ଆଉ ଆଲୋଚନା ହୁଏନି: ପୂଜାରୀ
- ■ ବିଜୁ ଯୁବବାହିନୀ ଯୁବକଙ୍କୁ କିକ୍ ମାରିଦେଲେ: ସାଲୁଜା

ଏହି ସମୟରେ ସେ କହିଥିଲେ, ଗୋଟିଏ ବିଷୟରେ ଥରେ ଗୃହରେ ମୋସନ ଆସି ଆଲୋଚନା ହେବାପରେ ଆଉ ଥରେ ସେହି ବିଷୟରେ ଆଲୋଚନା ନିୟମାନୁଯାୟୀ ହୁଏ ନାହିଁ। ଏହାଦ୍ୱାରା ସମ୍ବିଧାନ ନିୟମର ଉଲ୍ଲଂଘନ ହେଉଛି। ଲୋକଙ୍କ ସ୍ୱାର୍ଥ ଲାଗି ବଜେଟ ଆଲୋଚନାରେ ଭାଗ ନେବାକୁ ସେ କହିଥିଲେ। ନିୟମ ବାହାରକୁ କେହି ନ ଯିବାକୁ ସେ ପୁଣି ଜଣାଇଥିଲେ। ଏହାପରେ ବାଚସ୍ପତି ଶାସକ ଦଳ ମୁଖ୍ୟ ସଚେତକ ଏବଂ ଉପ ମୁଖ୍ୟ ସଚେତକ ସରୋଜ ମେହେରଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିରୋଧୀ ଦଳ ନେତାଙ୍କୁ ବୁଝାଇବା ଲାଗି। ପ୍ରଶାନ୍ତ ମୁଦୁଲି ବିରୋଧୀ ସଦସ୍ୟଙ୍କ ସହିତ ଆଲୋଚନା କରିବା ପରେ ଯାଇ ବାଚସ୍ପତିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଗୃହ ୪ଟା ୧୧ରୁ ୪ଟା ୨୧ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ଏହାପରେ ଗୃହ ଚାଲିବା କ୍ଷଣି ବିରୋଧୀ ପୁଣି ସମାନ ପ୍ରସଙ୍ଗରେ ହୋହଲ୍ଲା କରିବାରୁ ବାଚସ୍ପତି ବିରୋଧୀ ଦଳ ନେତା, ଶାସକ ଦଳ ମୁଖ୍ୟ ସଚେତକ, ଶାସକ ଦଳ ସଦସ୍ୟ ଦେବୀ ମିଶ୍ର, ପ୍ରଣବ ପ୍ରକାଶ ଦାସ, କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟମାନଙ୍କୁ ଆଲୋଚନା ଲାଗି ଡାକିବା ସହ ଗୃହକୁ ୪ଟା ୨୨ରୁ ୪ଟା ୩୨ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୪ଟା ୩୨ରୁ ଗୃହ ସ୍ୱାଭାବିକ ହୋଇଥିଲା। ଏହାପରେ ଦେବୀ ମିଶ୍ର ପୁଣି ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ସନ୍ତୋଷ ସିଂ ସାଲୁଜା ବଜେଟ ଉପରେ ପ୍ରତିକ୍ରିୟା ରଖି କହିଥିଲେ , ପ୍ରତ୍ୟେକ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଯେତିକି ଟଙ୍କାର ବଜେଟ ଆଣୁଛନ୍ତି ତା'ର ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହେଉଛନ୍ତି। ହେଲେ ବାକି ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ଗତ ବର୍ଷ ୨ ଲକ୍ଷ କୋଟି ଟଙ୍କାର ବଜେଟ ଆଣିଥିବା ବେଳେ ଏହାର ୭୦ ପ୍ରତିଶତ ଖର୍ଚ୍ଚ କରିଥିଲେ। ତେଣୁ ସେହି ଅନୁପାତରେ ଦେଖିଲେ ରାଜ୍ୟ ସରକାର ଏଥର ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ଆଣିଛନ୍ତି। ସେଥିରୁ ୬୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରିବେ ନାହିଁ। ତେଣୁ ସେହି ଅନୁସାରେ ଦେଖିଲେ ସରକାର ଦେଢ଼ଲକ୍ଷ କୋଟି ଟଙ୍କାର ବଜେଟ ଆଣିଛନ୍ତି। ଇଏ କେବଳ କାଗଜରେ ବଜେଟ ଆକାର ବଢ଼ାଇଥିବା ଉଲ୍ଲେଖ କରୁଛନ୍ତି। ଏମାନେ ୨୪ଟି ନୂଆ ଯୋଜନା ଆଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନାଁରେ ୯ଟି ଯୋଜନା କରିଛନ୍ତି। ୨୦୧୯ରେ ସରକାର ଏମିତି ବଜେଟ ଆଣିଥିଲେ। ସେଥିରେ ଆମ ଗାଁ ଆମ ବିକାଶ ଯୋଜନା ରଖିଥିଲେ। ବିଜୁ ଯୁବବାହିନୀ ଯୋଜନା ଆଣିଥିଲେ, କୁଆଡେ ଗଲା ସେସବୁ ଯୋଜନା। ବିଜୁ ଯୁବବାହିନୀ ଏବେ ବିଜୁ ଗୁଣ୍ଡା ବାହିନୀରେ ପରିଣତ ହୋଇଛି। ନିର୍ବାଚନରେ ସେହି ବିଜୁ ଯୁବବାହିନୀରେ ଥିବା ଯୁବକଙ୍କୁ କିକ୍ ମାରିକି ଆଉଟ୍ କରିଦେଲେ। ଏ ସରକାର ଲୋକଙ୍କୁ ଦାଦନ ଖଟିବାକୁ ଯିବା ପାଇଁ ବାଧ କରୁଥିବା ସେ କହିଛନ୍ତି। ଏହାପରେ ଧ୍ରୁବଚରଣ ସାହୁ, ଜ୍ୟୋତି ପାଣିଗ୍ରାହୀ ସରକାରଙ୍କ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହାପରେ କୁସୁମ ଟେଟେ, ପ୍ରଣବ ବଳବନ୍ତରାୟ, ପ୍ରଭୁ ଜାନି, ଅଧିରାଜ ପାଣିଗ୍ରାହୀ, ପ୍ରୀତମ ପାଢୀ, ମୋହନ ମାଝି ଏବଂ ଦାଶରଥୀ ଗମାଙ୍ଗ ନିଜର ବକ୍ତବ୍ୟ ରଖିଥିଲେ।

# ୪୫ ଲକ୍ଷ ପରିବାରଙ୍କୁ ମିଳିଛି ପକ୍କାଘର:ମନ୍ତ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ରାଜ୍ୟରେ ୪୪ ଲକ୍ଷ ୯୧ ହଜାର ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି। ମଙ୍ଗଳବାର ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୨୦୨୨ରେ ପକ୍କାଘର ପାଇବା ପାଇଁ ଯୋଗ୍ୟ ପିଭିଟିଜି ପରିବାର ଓ ସ୍ୱାଭିମାନ ଅଞ୍ଚଳରେ ବସବାସ କରୁଥିବା ଯୋଗ୍ୟ ଲୋକଙ୍କ ସର୍ଭେ କରାଯାଇଥିଲା । ଏହି ସର୍ଭେରେ ୨୬,୭୭୫ ପିଭିଟିଜି ପରିବାର ଓ ସ୍ୱାଭିମାନ ଅଞ୍ଚଳର ୧୮,୧୬୦ ପରିବାର ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ଲାଗି ଗତ ଜାନୁୟାରୀ ୧୮ରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଏହାର ଅନୁମୋଦନ ପରେ କଚ୍ଚା ଘରେ ରହୁଥିବା ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ । ପର୍ଯ୍ୟାୟକ୍ରମେ ଯୋଗ୍ୟ ପରିବାରଙ୍କୁ ଗୃହ ଯୋଗାଇ ଦିଆଯିବ । ତେବେ କେନ୍ଦ୍ର ସରକାର ମଞ୍ଜୁର କରିଥିବା ୯ ଲକ୍ଷ ୫୯ ହଜାର ପ୍ରଧାନମନ୍ତ୍ରୀ ଆବାସ ଗୃହ ପରେ ମଧ୍ୟ ୨୦୧୯ ମାର୍ଚ୍ଚ ୭ ତାରିଖ ପୂର୍ବରୁ ଚିହ୍ନଟ ୧, ୩୦, ୮୭୩ ପରିବାର ଆବାସ ପ୍ଲସ୍ ତାଲିକାରେ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ପ୍ଲାଷ୍ଟିକ୍ ଚାଉଳ ନୁହେଁ, ଭିଟାମିନ୍ ଚାଉଳ ଦିଆଯାଉଛି: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ପ୍ଲାଷ୍ଟିକ୍ ଚାଉଳ ବଣ୍ଟନ ହେଉଥିବା ନେଇ ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଜିଲାରୁ ଅଭିଯୋଗ ଆସୁଛି। ତେବେ ଏହା ଗୁଜବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଣମାଧ୍ୟମକୁ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଯାହାକୁ ପ୍ଲାଷ୍ଟିକ୍ ଚାଉଳ ବୋଲି କୁହାଯାଉଛି, ତାହା ଭିଟାମିନ୍‌ଯୁକ୍ତ ଚାଉଳ। ପ୍ରଥମେ ମାଲକାନଗିରି ଜିଲାରେ ପାଇଲଟ ପ୍ରୋଜେକ୍ଟ ଆକାରରେ ଏହି ଚାଉଳ ବଣ୍ଟନ କରାଯାଉଥିଲା। ସେ ସମୟରେ ମଧ୍ୟ ଏହି ଚାଉଳ ନେଇ ଏଭଳି ଗୁଜବ ସୃଷ୍ଟି ହୋଇଥିଲା। ସଚେତନ କରାଯିବା ପରେ ଲୋକେ ଜାଣିପାରିଲେ ଯେ ଏହା ଭିଟାମିନ୍ ଯୁକ୍ତ ଚାଉଳ। ବର୍ତ୍ତମାନ ଯେଉଁ ଦୁଇ ତିନୋଟି ଜିଲାରେ ଏହି ଗୁଜବ ଉଠିଛି, ସେଠି ପ୍ରଶାସନ ଲୋକଙ୍କୁ ସଚେତନ କରିବ। ଗୋଟିଏ କୁଇଣ୍ଟାଲ ଚାଉଳରେ ଏକ କିଲୋ ଭିଟାମିନ୍ ଚାଉଳ ମିଶାଯାଉଛି। ଏହି ଚାଉଳ ସ୍ୱାସ୍ଥ୍ୟ ପାଇଁ ହିତକର। ଚଳିତ ଫେବୃୟାରୀରୁ ସମସ୍ତ ୩୦ଟି ଜିଲାରେ ଏହି ଭିଟାମିନ୍ ଯୁକ୍ତ ଚାଉଳ ଦିଆଯାଉଛି। ଏହି ଚାଉଳକୁ କେନ୍ଦ୍ର ସରକାରଙ୍କ ଅଧିକୃତ ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି। ତା' ପରେ ଏହାକୁ ପିଡିଏସ୍‌ରେ ଲୋକମାନଙ୍କୁ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।



ନବୀନ ନିବାସରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିବା ମିଶନ ଶକ୍ତି ଅଧୀନ ବିଭିନ୍ନ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ନେତୃବୃନ୍ଦ।

# ତାତି ବଢ଼ିବ, ସୋନପୁରରେ ୩୭.୭ ଡିଗ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ରାଜ୍ୟରେ ଗତ ୪ ମାସ ହେବ ବର୍ଷା ନାହିଁ। ଗତ କିଛିଦିନ ହେବ ସମୁଦ୍ରଆଡୁ ରାଜ୍ୟକୁ ପ୍ରବାହିତ ବାୟୁ ଯୋଗୁ ତାତି ନିୟନ୍ତ୍ରଣରେ ରହିଛି। ତେବେ ଆସନ୍ତା ସପ୍ତାହରେ ରାଜ୍ୟରେ ପାରଦ ଉପରମୁହାଁ ହେବାର ସମ୍ଭାବନା ରହିଛି। ଏପରିକି ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଟପିଯିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସୋନପୁରରେ ସର୍ବାଧିକ ୩୭.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୩୭.୫, ତାଳଚେର ୩୭, ବଲାଙ୍ଗୀର ୩୭, ଭୁବନେଶ୍ୱରରେ ସର୍ବାଧିକ ୩୬.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ZILLA SWASTHYA SAMITI, DHENKANAL
DISTRICT PROGRAMME MANAGEMENT UNIT
NATIONAL HEALTH MISSION

Notice No. 742 Date: 28.02.2023

EXPRESSION OF INTEREST

No. E-942: Expression of Interest is invited from reputed institutions to impart training and to develop tool for identification of SAM & MAM. The detail EOI document is uploaded in the District website i.e. **www.dhenkanal.nic.in**. The last date of receipt of documents is **09.03.2023, 05.30 P.M.** The EOIs will be opened on **10.03.2023 at 11 A.M.** in the Office of the undersigned. The undersigned is not responsible for any kind of postal delay and reserves all right to cancel any or all the EOI at any stage of selection/ finalisation process without assigning any reason thereof. Any typographical error may be exempted.

**Sd./- CDM & PHO-cum-District Mission Director, Dhenkanal**
OIPR-10059/11/0022/2223

# ରାଜ୍ୟରେ ୯ ଲକ୍ଷ ବେକାରି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ଆସନ୍ତା ଆର୍ଥିକ ବର୍ଷରେ ୧୫ ହଜାର ଯୁବତୀଯୁବକଙ୍କୁ ତାଲିମ ଦିଆଯିବ:ମନ୍ତ୍ରୀ**

ରାଜ୍ୟରେ ୮ ଲକ୍ଷ ୯୮ ହଜାର ୭୧୭ ଜଣ ଶିକ୍ଷିତ ବେକାରି ରହିଛନ୍ତି। ବିଭିନ୍ନ ପଞ୍ଜୀକରଣ କାର୍ଯ୍ୟାଳୟରେ ସେମାନେ ନିଜର ନାମ ପଞ୍ଜୀକରଣ କରିଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ଅଧୀନରେ ଗତ ୫ ବର୍ଷ (୨୦୧୪-୧୫ରୁ ୨୦୧୮-୧୯) ମଧ୍ୟରେ ୧୦,୩୮,୩୦୧ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ୨୦୨୦-୨୧ରୁ ୨୦୨୩-୨୪ରେ ବାର୍ଷିକ ୩ ଲକ୍ଷ ହିସାବରେ ୧୫ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବୃଦ୍ଧି ମାଧ୍ୟମରେ ନିଯୁକ୍ତିକ୍ଷମ କରିବା ଲକ୍ଷ୍ୟ ରଖାଯାଇଛି। ୨୦୧୯-୨୦ରେ ୩,୨୭,୮୧୫, ୨୦୨୦-୨୧ରେ ୭୬,୧୪୨, ୨୦୨୧-୨୨ରେ ୧,୦୩,୦୦୮ ଏବଂ ୨୦୨୨-୨୩ରେ ୭୧,୮୩୫ ଜଣ ଯୁବତୀଯୁବକଙ୍କୁ ତାଲିମ ଦିଆଯାଇ ଆତ୍ମନିଯୁକ୍ତିକ୍ଷମ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ସର୍ବନିମ୍ନ ୧୫ ହଜାର ଯୁବତୀଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତି କରାଯିବା ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ଦିଆଯାଇଛି ୧.୭୨ ଲକ୍ଷ ଜମି ସାର୍ଟିଫିକେଟ୍

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ଜାଗା ମିଶନ**

ସାରା ରାଜ୍ୟରେ ଜାଗା ମିଶନ ଜରିଆରେ ୧ ଲକ୍ଷ ୭୨ ହଜାର ୬୫୬ ଜମି ସାର୍ଟିଫିକେଟ୍ ଦିଆଯାଇଛି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୫ଟି ମହାନଗର ନିଗମରେ ସର୍ଭେ କାମ ଜାରି ରହିଛି। ଓଡ଼ିଶା ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ଅଧିନିୟମ-୨୦୧୭ ଏବଂ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩ ଅନୁଯାୟୀ କାର୍ଯ୍ୟ କରାଯାଉଛି। ରାଜ୍ୟରେ ୫ଟି ମହାନଗର ନିଗମ, ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ୪୮ଟି ପୌର ପରିଷଦ ଅଛି। ଏହି ସବୁ ପୌରାଞ୍ଚଳରେ ବଳକା ଜମିର ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# କାମାନ୍ଧ ଶ୍ୱଶୁରଙ୍କୁ ଗାଁ ଦାଣ୍ଡରେ ଜୋତାମାଳ

ଉଦଳା,୨୮।୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ବୋହୂ ପ୍ରତି ପାଶବିକ ଅତ୍ୟାଚାର ଉଦ୍ୟମ କରିଥିବା କାମାନ୍ଧ ଶ୍ୱଶୁରଙ୍କୁ ଗାଁ ଦାଣ୍ଡରେ ଜୋତାମାଳ ପିନ୍ଧାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବୋହୂଙ୍କ ବାପଘର ଗାଁରେ କଙ୍ଗାରୁ କୋର୍ଟ ବସି ଏଭଳି ଦଣ୍ଡ ଦିଆଯାଇଛି। ସୋମବାର ରାତିରେ ସ୍ୱାମୀ ଓ ଶାଶୁ ଘରେ ନ ଥିବା ବେଳେ ଖିଆପିଆ ସାରି ବୋହୂ ନିଜ ରୁମ୍‌କୁ ଶୋଇବାକୁ ଯାଇଥିଲେ। ଏହି ସୁଯୋଗରେ କାମାନ୍ଧ ଶ୍ୱଶୁର ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ବୋହୂ କୌଶଳକ୍ରମେ ଖସି ଆସିବା ସହିତ ଚିତ୍କାର କରି ସ୍ଥାନୀୟ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ ବାପଘରକୁ ପଳାଇଥିଲେ। ମଙ୍ଗଳବାର ତାଙ୍କ ବାପଘର ଲୋକେ ଶ୍ୱଶୁର ଓ ସ୍ୱାମୀଙ୍କୁ ଡକାଇଥିଲେ। ଗ୍ରାମରେ ବସିଥିଲା କଙ୍ଗାରୁକୋର୍ଟ। ବୋହୂ ବାପଘର ଗାଁ ଲୋକଙ୍କ ନିଷ୍ପତ୍ତିକ୍ରମେ ଶ୍ୱଶୁରଙ୍କ ବେକରେ ଜୋତାମାଳ ପିନ୍ଧାଯିବା ସହିତ ତାଙ୍କ ଗୋଡ଼ ବାନ୍ଧି ରଖାଯାଇଥିଲା। ଏହାସହିତ ସ୍ୱାମୀଙ୍କୁ ମଧ୍ୟ ନିଷ୍ଠୁର ମାଡ଼ ମରାଯାଇଥିଲା। ଖବରପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ୱଶୁରଙ୍କୁ ଉଦ୍ଧାରକରି ଥାନାକୁ ଆଣିଥିଲା । ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ପୁଅକୁ ବଞ୍ଚାଇ ବୁଡ଼ିଗଲେ ବାପା

ଦିଗପହଣ୍ଡି, ୨୮।୨(ଡି.ଏନ୍.ଏ)

**ଘୋଡ଼ାହାଡ଼ ନଦୀଗଣ୍ଡରେ ଅଘଟଣ**

ନଦୀଗଣ୍ଡରେ ପୁଅ ବୁଡ଼ିଯାଉଥିବା ବେଳେ ନିଜ ଜୀବନକୁ ଖାତିର ନ କରି ବାପା ଡେଇଁପଡ଼ିଲେ। ଆଉ ପୁଅର ଜୀବନବଞ୍ଚାଇ ନିଜେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଏପରି ଘଟଣା ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ତଲାସିଙ୍ଗି ଗ୍ରାମରେ ଘଟିଛି। ମୃତକ ହେଉଛନ୍ତି ଅରୁଣ ପଣ୍ଡା। ପ୍ରକାଶ ଯେ, ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପେଣ୍ଠର ମୂଳବାସିନ୍ଦା ଅରୁଣ ପଣ୍ଡା ରାଉରକେଲାରେ ଚାକିରି କରି ସେଠାରେ ପରିବାର ସହ ରୁହନ୍ତି। ସୋମବାର ଅରୁଣଙ୍କ ପରିବାର ବ୍ରହ୍ମପୁରରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେଇ ମଙ୍ଗଳବାର ଶ୍ୱଶୁର ଘର ଗାଁ ତଲାସିଂକୁ ଆସିଥିଲେ। ମଙ୍ଗଳବାର ପୁଅ ଆଲୋକଙ୍କୁ ନେଇ ଉଭୟ ଅପରାହ୍ଣ ପ୍ରାୟ ୨ଟାରେ ନିକଟସ୍ଥ ଘୋଡ଼ାହାଡ଼ ନଦୀଗଣ୍ଡକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ପୁଅ ନଦୀଗଣ୍ଡର ଗଭୀର ଜଳରେ ବୁଡ଼ିଯାଉଥିଲେ। ଏହାଦେଖି ଅରୁଣ ପୁଅକୁ ଉଦ୍ଧାର କରିବା ପାଇଁ ଗଣ୍ଡକୁ ଡେଇଁ ପଡ଼ିଥିଲେ। ତେବେ ପୁଅକୁ ବଞ୍ଚାଇବାକୁ ସକ୍ଷମ ହୋଇଥିବାବେଳେ ସେ ନିଜେ ଗଭୀର ଜଳରେ ବୁଡ଼ିଯାଇଥିଲେ। ପୁଅ ଘରକୁ ଆସି ସମସ୍ତ ଘଟଣା କହିଥିଲେ। ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ଼ ଘଟଣାସ୍ଥଳରେ ପହଞ୍ଚି ଦିଗପହଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଦୀର୍ଘ ୨ ଘଣ୍ଟା ଅକ୍ଳାନ୍ତ ଉଦ୍ୟମ କରି ନଦୀ ଗଣ୍ଡରୁ ଅରୁଣଙ୍କ ମୃତଦେହକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା କହିଛନ୍ତି।

OFFICE OF THE NOTIFIED AREA COUNCIL, BALLIGUDA
TENDER CALL NOTICE

No. 264 Date: 24.02.2023

No. C-2554: Sealed tenders are invited from the Registered firms/ Entrepreneurs/Agency/Contractors/Private Companies in two bid systems towards supplying, installation and commissioning for **"SHIVA STATUE"** as per specification give in DTCN to the Office of the NAC, Balliguda, so as to reach before the undersigned by 4.00 P.M. on dated 09.03.2023 through Speed Post/Regd. Post/Courier/ By Hand, which will be opened at 11.00 A.M. on Dt.10.03.2023 in the Office of the NAC, Balliguda in the presence of available bidders or their authorized representative. Detailed Tender Call Notice is available at NAC Office from 11.00 A.M. of 28.02.2023 till 4.00 P.M. on Dated 09.03.2023 (Except Govt. Holiday).
The undersigned reserves the right to accept in full or reject any or all the quotation without assigning any reason thereof.

**Sd./- Executive Officer, N.A.C., Balliguda**
OIPR-13097/11/0022/2223

# ଜନପ୍ରିୟ ବିଜ୍ଞାନ ଲାଗି ଇଂ.ମାୟାଧର ସ୍ୱାଇଁଙ୍କୁ ଜାତୀୟ ପୁରସ୍କାର



ଭୁବନେଶ୍ୱର(ବ୍ୟୁରୋ),୨୮।୨

ଜନପ୍ରିୟ ବିଜ୍ଞାନ ରଚନା ଲାଗି ଇଂ. ମାୟାଧର ସ୍ୱାଇଁଙ୍କୁ ୨୦୨୨ ମସିହା ପାଇଁ ଜାତୀୟ ପୁରସ୍କାର ମିଳିଛି। ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ମାୟାଧରଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ପୁସ୍ତକ ରଚନା ଏବଂ ପତ୍ରିକାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଲେଖାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ମାୟାଧର ୭୦ ଜନପ୍ରିୟ ବିଜ୍ଞାନ ପୁସ୍ତକ ଓ ପତ୍ରିକାରେ ୫୦୦ରୁ ଅଧିକ ବିଜ୍ଞାନ ନିବନ୍ଧ ପ୍ରକାଶ କରିଛନ୍ତି। ଜନପ୍ରିୟ ବିଜ୍ଞାନ ରଚନା ଲାଗି ତାଙ୍କୁ ପୂର୍ବରୁ ଓଡ଼ିଶା ବିଜ୍ଞାନ ଏକାଡେମୀ, ବିଜ୍ଞାନ ପ୍ରଚାର ସମିତି, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ପରିବେଶ ସମିତି, ରାଜଧାନୀ ପୁସ୍ତକ ମେଳା, ଭୁବନେଶ୍ୱର ପୁସ୍ତକ ମେଳା ସହ ଅନେକ ସଂସ୍ଥା ଦ୍ୱାରା ପୁରସ୍କୃତ କରାଯାଇଛି। ବର୍ତ୍ତମାନ ସେ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରକାଶିତ ମାସିକ ଇଂଲିଶ ପତ୍ରିକା 'ସାଇନ୍ସ ହରାଇଜନ୍'ର ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ମା' ହତ୍ୟାର ୧୩ ଦିନ ପରେ ପୁଅର ଆତ୍ମହତ୍ୟା

ଛତ୍ରପୁର,୨୮।୨(ଡି.ଏନ୍.ଏ)

**ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବିପୁଲିଙ୍ଗି ଗାଁର ସୁପ୍ରଭା ଚୌଧୁରୀଙ୍କୁ ନିର୍ମମ ଭାବେ ତାଙ୍କ ଘରେ ହତ୍ୟା କରାଯାଇଥିଲା । ଏହି ଘଟଣାର ୧୩ଦିନ ପରେ ସାନପୁଅ ଦେବାଶିଷ ବିଷପିଇ ନିଜ ଘରେ ସୋମବାର ରାତିରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପକେଟରୁ କୀଟନାଶକ ପୁଡ଼ିଆ ମିଳିଛି। ମଙ୍ଗଳବାର ସକାଳେ ତାଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଗତ ୧୬ ତାରିଖ ରାତିରେ ସୁପ୍ରଭା ଚୌଧୁରୀ ଘରେ ଏକୁଟିଆ ଶୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ସକାଳୁ ତାଙ୍କ ସ୍ୱାମୀ ରାଧେଶ୍ୟାମ ଘରକୁ ଫେରି ସୁପ୍ରଭା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରାଧେଶ୍ୟାମ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ସୁପ୍ରଭାଙ୍କୁ ହତ୍ୟା କରାଯିବା ସହ ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଥିଲା। ଘଟଣାର ୧୩ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନାହିଁ। ସୁପ୍ରଭାଙ୍କ ୩ ପୁତ୍ର ହାଇଦ୍ରାବାଦରେ ରହୁଥିଲେ। ମା'ଙ୍କ ମୃତ୍ୟୁ ପରେ ସେମାନେ ଘରକୁ ଆସିଥିଲେ। ପୋଲିସ ସୁପ୍ରଭାଙ୍କ ହତ୍ୟାର ତଦନ୍ତ ପାଇଁ ବାରମ୍ବାର ରାଧେଶ୍ୟାମଙ୍କୁ ଥାନାକୁ ଡକାଉଥିଲେ। ବାପାଙ୍କୁ ସବୁ ସମୟରେ ଦେବାଶିଷ ଥାନାକୁ ନେଇ ଯାଉଥିଲେ। ଦେବାଶିଷଙ୍କ ମାନସିକ ଅବସ୍ଥା ଭଲ ନଥିବା ସମ୍ପର୍କୀୟମାନେ କହିଛନ୍ତି। ତେଣୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ବଡ଼ଭାଇ ଶାନ୍ତନୁ ଚୌଧୁରୀ ଥାନାରେ ଏତଲା ଦେଇଛନ୍ତି। ଛତ୍ରପୁର ପୋଲିସ ନଂ ୧ / ୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

GOVERNMENT OF ODISHA No. B-1300
"e" - PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 37/2022-23

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Road Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : Special/ Super Class Contractor
6. Available of Bid document in the Website : From 10.00 A.M. of 06.03.2023 to 5.00 P.M. of 28.03.2023
7. Pre-Bid Meeting : Dt.13.03.2023
8. Date of Opening of Bid : Dt.29.03.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/ cancellation of tender can also be seen in the said website.

**Sd./- Chief Engineer**
OIPR-34003/11/0076/2223 **World Bank Project, Odisha**

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, AT/PO:BARINIPUT, DIST-KORAPUT-764006
Phone:06854-242001, Fax:06854242038, Email:sgmel_ukhep@ohpcltd.com, CIN:U40101OR1995SGC003963
E-PROCUREMENT NOTICE NO.UKHEP/ET-10/2022-23, Dated 28.02.2023

**No.CAD-4979:** The Unit Head, Upper Kolab Hydro Electric Project, Bariniput, Koraput,Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated cost (in Rs.) | E.M.D. (in Rs) | Cost of bid document | Class of Contracrtor | Availability of Bids online for Bidders | Due date and time of Opening of Tender |
|---|---|---|---|---|---|---|---|
| 1 | Construction of RCC Retaining wall at Switchyard, UKHEP, Bariniput | 42,05,022/- | 42,050/- | 7080/- (Rs.6000+18% GST) | "A" & "B" Class | From 10.00 Hrs. of 09.03.2023 to 17.00 Hrs of 16.03.2023 | At 11.30 Hrs. of 17.03.2023 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in. by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.
OIPR-04002/11/0090/2223 **Sd./- Unit Head, UKHEP, Bariniput**



## ଖରାଟିଆ ମୁଗ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉକୁଣି, ଖାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ। ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## ବ୍ୟବସାୟ ଭିତ୍ତିରେ ଫୁଲଚାଷ

ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ ଲଗାଯାଇ ପାରିବ । ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ। ଗେଣ୍ଡୁଫୁଲର ଉନ୍ନତ କିସମ ମଧ୍ୟରେ ରହିଛି ଅରେଞ୍ଜଯେଲୋ ଏବଂ ସନ୍‌ଲାଇଟ୍। ଜିନିଆ ଫୁଲର ଉନ୍ନତ କିସମଗୁଡିକ ହେଲା- ଲିଲିପୁଟ, ଡ୍ରିମ୍, ହ୍ୱାଇଟ୍‌ବଲ୍, ସାଲ୍‌ମାନ୍ ବିଉଟି ଏବଂ ରଜନୀଗନ୍ଧାର ଉନ୍ନତ କିସମଗୁଡିକ ହେଉଛି ସ୍ୱର୍ଣ୍ଣରେଖା, ରଜତରେଖା, ସୁଭାସିନ୍, ମୁକ୍ତା, ପ୍ରଜ୍ୱଳ, ଭୈରବ, ବାଙ୍ଗାଲୋର ସିଙ୍ଗଲ୍ ।



## ମହୁ ବାକ୍ସର ଯତ୍ନ

ମହୁବାକ୍ସ ଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



# ଡାଲୁଅ ଧାନରେ ରୋଗପୋକ ନିୟନ୍ତ୍ରଣ

ଡାଲୁଅ ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ଦୁଇ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସଂପୂର୍ଣ୍ଣ ରକ୍ଷା ମିଳିଥାଏ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ :** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ର ଉକୁଣୀ ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଫଳଚାଷ :** ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ



**ଏ ମାସର କୃଷି ସୂଚନା**

ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନ ଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।

**ପ୍ରାଣୀପାଳନ :** ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧିପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସୀ, ହୋଲଷ୍ଟିନ୍ ବା ଶଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

**ଛେଳି ଓ ମେଣ୍ଢା ପାଳନ :** ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପି.ପି.ଆର୍. ରୋଗ ଟିକା ଦିଅନ୍ତୁ ।

**ଛତୁଚାଷ :** ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ଆଳୁ ଅମଳ ସମୟରେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

# ଖରାଦିନିଆ ପନିପରିବା ଚାଷ

ଖରା ଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା:- ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାରର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ଶଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ



ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ ।

## ଆଖୁ ଚାଷ

ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ କାର୍ବେଣ୍ଡାଜିମ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍, ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ନଳିତା ବୁଣିବା ସମୟରେ...

ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର



ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ। ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି ଏବଂ ଶ୍ରାବନ୍ତୀ ।

# କୁକୁଡ଼ାଙ୍କୁ ବୁଷ୍ଟର ଟିକା

ଏକୋଇଶ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟୀକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟୀକା ଦିଅନ୍ତୁ। ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟୀକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟୀକା ଦିଅନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟୀକା ଦିଅନ୍ତୁ ଯାହା ଫଳରେ ରାଣୀକ୍ଷେତ୍ ରୋଗ ହେବ ନାହିଁ ।

**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ Bhubaneswar, Wednesday, March 1/ 2023





ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ମଙ୍ଗଳବାର ଇନ୍ଦୋରର ହୋଲ୍‌କାର ଷ୍ଟାଡିୟମରେ ଟିମ୍ ଇଣ୍ଡିଆର ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ଶାମିଙ୍କ ବୋଲିଂ ଅଭ୍ୟାସ।

# ଡେଭିଡ୍ ଆଲବାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ

ଜେନେଭା,୨୮।୨(ପି.ଟି.)

ଲିଓନେଲ ମେସିଙ୍କ ସପକ୍ଷରେ ଭୋଟ ଦେବାକୁ ନେଇ ରିୟଲ ମାଡ୍ରିଡ ଡିଫେଣ୍ଡର ଡେଭିଡ ଆଲବାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଛି। ସୋମବାର ମେସିଙ୍କୁ ଫିଫା ପକ୍ଷରୁ ଶ୍ରେଷ୍ଠ ପୁରୁଷ ଖେଳାଳି ଭାବେ ଘୋଷଣା କରାଯାଇଥିଲା। ବିଭିନ୍ନ ଜାତୀୟ ଦଳର ଅଧିନାୟକ ଓ କୋଚ୍‌ଙ୍କ ସମେତ ବିଭିନ୍ନ କ୍ରୀଡା ସାମ୍ବାଦିକ ଓ ପ୍ରଶଂସକଙ୍କ ଭୋଟରେ ଏହି ବିଜେତା ଚୟନ କରାଯାଇଥାଏ। ଏହି ଭୋଟିଂ ସମୟରେ ଅଷ୍ଟ୍ରିଆର ଅଧିନାୟକ ରହିଥିବା ଆଲବା ବାର୍ସେଲୋନା ପକ୍ଷରୁ ଖେଳୁଥିବା ମେସିଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଏହାପରେ ରିୟଲ ମାଡ୍ରିଡ ସମର୍ଥକ ମାନେ ସୋସିଆଲ ମିଡିଆରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। କରିମ୍ ବେଞ୍ଜେମା ଓ ଆଲବା ଏକତ୍ର ରିୟଲ ମାଡ୍ରିଡ୍ ପକ୍ଷରୁ ଖେଳନ୍ତି। ଏହି ଭୋଟିଂ ଏକାକୀ ମୋର ଭୋଟ୍ ନଥିଲା ବରଂ ସମୁଦାୟ ଅଷ୍ଟ୍ରିଆ ଟିମ୍ ମିଳିତ ଭାବରେ ଏହି ନିଷ୍ପତ୍ତି ନେଇଥିଲେ। କରିମଙ୍କୁ ମୁଁ କେତେ ସମ୍ମାନ କରେ ତାହା ସେ ଜାଣିଛନ୍ତି। କରିମ୍ ସର୍ବଦା ମୋ ପାଇଁ ବିଶ୍ୱର ଶ୍ରେଷ୍ଠ ଷ୍ଟ୍ରାଇକର ରହିବେ ବୋଲି ସେ କହିଛନ୍ତି।

# ଅନୁପମା ମହିଳା, ମିଥୁନ ପୁରୁଷ ଚାମ୍ପିୟନ

ପୁଣେ, ୨୮।୨(ପି.ଟି.)

ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ବିଶ୍ୱର ପୂର୍ବତନ ଜୁନିୟର ନମ୍ବର ୱାନ ଖେଳାଳି ଅନୁପମା ଉପାଧ୍ୟାୟ ଓ ମିଥୁନ ମଞ୍ଜୁନାଥ ଯଥାକ୍ରମେ ମହିଳା ଓ ପୁରୁଷ ଟାଇଟଲ ହାସଲ କରିଛନ୍ତି। ୧୮ ବର୍ଷୀୟା ଅନୁପମା ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆକର୍ଷୀ କାଶ୍ୟପଙ୍କୁ ୨୦-୨୨, ୨୧-୧୭, ୨୪-୨୨ରେ ହରାଇ ଦେଇଛନ୍ତି। ବାଲେୱାଡି ଷ୍ଟାଡିୟମରେ ଏହି ମହିଳା ସିଙ୍ଗଲ୍ସ ଫାଇନାଲ ଏକ ଘଣ୍ଟା ୧୮ ମିନିଟ୍ ଧରି ଚାଲିଥିଲା। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଓର୍ଲିନ୍ସ ମାଷ୍ଟର୍ସ ରନର ଅପ୍ ମିଥୁନ ୨୧-୧୬, ୨୧-୧୧ରେ ପ୍ରିୟାଂଶୁ ରାଜାୱତଙ୍କୁ ହରାଇ ଦେଇଛନ୍ତି।

# ଭାବିନା ପଟେଲଙ୍କୁ ୩ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୮।୨

**ଇଜିପ୍ଟ ପାରା ଟିଟି ଓପନ୍**

ଇଜିପ୍ଟର ଗିଜାରେ ଅନୁଷ୍ଠିତ ଇଜିପ୍ଟ ପାରା ଟେବୁଲ ଟେନିସ ଓପନରେ ଭାରତର ଭାବିନା ହସମୁଖ ଭାଇ ପଟେଲ ୩ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ସୋମବାର ଉଦ୍‌ଯାପିତ ଏହି ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ବର୍ଗରେ ସେ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ଟୋକିଓ ପାରାଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଭାବିନା ମହିଳା ସିଙ୍ଗଲ୍ସ କ୍ଲାସ୍ ୩-୫ରେ ଅନ୍ୟତମ ଭାରତୀୟ ଖେଳାଳି ସୋନଲବେନ ମନୁଭାଇ ପଟେଲଙ୍କୁ ୧୩-୧୧, ୧୧-୬ ଓ ୧୩-୧୧ରେ ପରାସ୍ତ କରିଥିଲେ। ଏହାପରେ କ୍ଲାସ୍ ୧୦ର ଡବଲ୍ସ ମୁକାବିଲାରେ ସୋନଲଙ୍କୁ ସାଥୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ପରେ ଭାବିନା ମିକ୍ସଡ ଡବଲ୍ସରେ ଜଶ୍ୟନ୍ତ ଦଲସାଙ୍ଗଭାଇ ଚୌଧାରୀଙ୍କୁ ସାଥୀ କରି ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଜିପ୍ଟରେ ବିଗତ ବର୍ଷ କ୍ଲାସ୪-୫ରେ ଭାବିନା ଓ କ୍ଲାସ୍ ୨-୩ରେ ସୋନାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ଇଜିପ୍ଟ ପାରା ଟେବୁଲ ଟେନିସ ଓପନରେ ପଦକ ବିଜୟୀ ଭାରତୀୟ ଖେଳାଳି।

# ଡବ୍ଲ୍ୟୁଟିସି ଫାଇନାଲ ଲକ୍ଷ୍ୟରେ ଭାରତ

**ଆଜିଠୁ ତୃତୀୟ ଟେଷ୍ଟ**

**ମ୍ୟାଚ୍ ସ୍ଥାନ: ହୋଲକାର ଷ୍ଟାଡିୟମ, ଇନ୍ଦୋର**
**ସମୟ: ସକାଳ ୯.୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

ଇନ୍ଦୋର,୨୮।୨(ପି.ଟି.)

ବର୍ଡର ଗାଭାସ୍କର ସିରିଜର ତୃତୀୟ ଟେଷ୍ଟ ବୁଧବାର ଇନ୍ଦୋରର ହୋଲକାର ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦୁଇଟି ଟେଷ୍ଟକୁ ଜିତି ଭାରତ ୨-୦ରେ ଆଗୁଆ ରହିଥିବା ବେଳେ ତୃତୀୟ ମ୍ୟାଚ ଜିତିବା ସହିତ ଆଗୁଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି ଭାରତ। ଭାରତ ବର୍ଡର ଗାଭାସ୍କର ଟ୍ରଫି ଉପରେ ଆଗୁଆ କବ୍‌ଜା କରିସାରିଛି। ତେବେ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବା ପାଇଁ ଭାରତକୁ ଏହି ସିରିଜ୍ ଅନ୍ୟୂନ ୩-୦ ବା ୩-୧ରେ ବିଜୟୀ ହେବା ଆବଶ୍ୟକ। ଇନ୍ଦୋର ଟେଷ୍ଟ ଜିତିବା ସହିତ ଜୁନ୍‌ରେ ହେବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଆଗୁଆ ଯୋଗ୍ୟତା ହାସଲ କରିବା ଭାରତର ପ୍ରଥମ ଲକ୍ଷ୍ୟ ରହିବ। ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୦ରେ ଆଗୁଆ ଥିବା ବେଳେ ଲୋକେଶ ରାହୁଲ ଓ ଶୁବମାନ ଗିଲଙ୍କ ଚୟନକୁ ନେଇ ଦଳ ଦ୍ୱନ୍ଦ୍ୱରେ ରହିଛି। ରାହୁଲଙ୍କୁ ଭାରତୀୟ ଦଳର ଉପ ଅଧିନାୟକ ପଦରୁ ବିଦା କରାଯାଇଥିଲେ ମଧ୍ୟ ମ୍ୟାନେଜମେଣ୍ଟ ତାଙ୍କୁ ଆଉ ଏକ ସୁଯୋଗ ଦେଇପାରେ। ରାହୁଲଙ୍କ ବ୍ୟାଟରୁ ଦୀର୍ଘ ଦିନ ହେବ ଏକ ବଡ ଇନିଂସ ଆସି ନ ଥିବା ବେଳେ ସେ ଅନେକ ପୂର୍ବତନ ଖେଳାଳିଙ୍କ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ରାହୁଲଙ୍କ ଉପରେ ଭରସା ଦେଖାଇ ପ୍ରଥମ ଦୁଇ ଟେଷ୍ଟରେ ଖେଳାଇଥିଲା। ତେବେ ରାହୁଲ ୨ ଟେଷ୍ଟର ୩ ଇନିଂସରେ ୨୦ ରନ୍‌ର ସର୍ବାଧିକ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଚଳିତ ସିରିଜରେ ଗୋଟିଏ ମାତ୍ର ଶତକ ସ୍କୋର ହୋଇଥିବା ବେଳେ ତାହା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟରୁ ଆସିଛି। ଇନ୍ଦୋର ପିଚ୍‌ରେ ଭାରତକୁ ପ୍ରଥମ ଇନିଂସ ବ୍ୟାଟିଂ ସୁଯୋଗ ମିଳିଲେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କ ବ୍ୟାଟରୁ ବଡ ସ୍କୋରର ଆଶା ରହିବ। ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ ଯୋଡି କେବଳ ବୋଲିଂ ନୁହେଁ ବ୍ୟାଟିଂରେ ମଧ୍ୟ ଏହି ୩ ଖେଳାଳି ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ତେବେ ନିମ୍ନ ମଧ୍ୟକ୍ରମରେ ଏହି ଖେଳାଳିମାନଙ୍କ ଉପରେ ନିର୍ଭର ନ କରି ଭାରତୀୟ ଟପ୍ ଅର୍ଡର ବ୍ୟାଟରଙ୍କୁ ରନ୍ ସ୍କୋର କରିବାକୁ ପଡିବ। ଅଷ୍ଟ୍ରେଲିଆ ଖେଳାଳିମାନେ ସୁଇପ୍ ଶଟ୍ ଉପରେ ଅଧିକ ନିର୍ଭର କରୁଥିବା ବେଳେ ତାହା ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ ପାରମ୍ପରିକ ଭାବରେ କ୍ରିକେଟିଂ ଶଟ୍ ଓ ଫୁଟ ମୁଭମେଣ୍ଟ ଉପରେ ଗୁରୁତ୍ୱ ଦେଇଥିଲେ। ହୋଲକାର ଷ୍ଟାଡିୟମରେ ଉଭୟ କଳା ଓ ଲାଲ ମାଟିର ପିଚ୍ ରହିଥାଏ। ତେବେ ତୃତୀୟ ମ୍ୟାଚ୍ ପାଇଁ କଳା ମାଟିର ବ୍ୟବହାର କରାଯାଉଥିବା ନେଇ କ୍ୟୁରେଟର ସୂଚନା ଦେଇଛନ୍ତି। କଳା ମାଟିରେ କମ୍ ଟର୍ନ ଓ ବାଉନ୍ସ ରହୁଥିବାରୁ ଦିଲ୍ଲୀ ପରି ଆଉ ଏକ ଟ୍ରାକ ଦେଖିବାକୁ ମିଳିପାରେ। ଆହତ ସମସ୍ୟାରେ ଜର୍ଜରିତ ଅଷ୍ଟ୍ରେଲିଆ ପାଇଁ ଚିନ୍ତା ବଢିବାରେ ଲାଗିଛି। ମା'ଙ୍କ ଅସୁସ୍ଥତା ପାଇଁ କୁମିନ୍ସ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ତାଙ୍କ ସ୍ଥାନରେ ସ୍ମିଥ୍ ଦଳର ନେତୃତ୍ୱ ନେବେ। ଏହା ବ୍ୟତୀତ ଆଷ୍ଟନ ଆଗର, ଜୋସ୍ ହେଜେଲଉଡ ଓ ଡେଭିଡ ୱାର୍ନର ମଧ୍ୟ ଆହତ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉସ୍‌ମାନ ଖ୍ୱାଜାଙ୍କ ସହିତ ଟ୍ରାଭିସ୍ ହେଡ୍ ଓପନ୍ କରିବେ। ସେହିପରି ଜାଡେଜା-ଅଶ୍ୱିନଙ୍କ ଆଗରେ ଅଷ୍ଟ୍ରେଲିଆ ବ୍ୟାଟର ପାରମ୍ପରିକ ଭାବରେ ଫୁଟୱାର୍କର ଉପଯୋଗ କରିବାକୁ ପ୍ରୟାସ କରିବେ। ଏହା ସହିତ ପେସ୍ ବୋଲର ମିଚେଲ ଷ୍ଟାର୍କ ଓ ଅଲରାଉଣ୍ଡର କାମେରନ୍ ଗ୍ରୀନ୍ ମଧ୍ୟ ଦଳରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ୩ ସ୍ପିନର ନାଥାନ ଲିୟନ୍, ଟଡ୍ ମର୍ଫି ଓ ମାଥ୍ୟୁ କୁହନେମାନ୍ ଏହି ମ୍ୟାଚରେ ଖେଳିବେ।



ପିଚ୍ ନିରୀକ୍ଷଣ କରୁଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ।

# ୧ ରନରେ ଜିତିଲା ନ୍ୟୁଜିଲାଣ୍ଡ

ୱେଲିଂଟନ୍,୨୮।୨(ପି.ଟି.)

ୱେଲିଂଟନରେ ବେସିନ୍ ରିଜର୍ଭରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ରୋମାଞ୍ଚକର ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଇଂଲଣ୍ଡ ୨୫୮ ରନର ପିଛା କରୁଥିବା ବେଳେ ୨୫୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ ଏହି ମ୍ୟାଚକୁ ୧ ରନ୍‌ରେ ଜିତି ନେଇଥିଲା ଘରୋଇ ଦଳ। ଅନ୍ତିମ ଦିନରେ ଇଂଲଣ୍ଡ ପାଖରେ ୯ ଉଇକେଟ ରହିଥିବା ବେଳେ ବିଜୟ ପାଇଁ ମାତ୍ର ୨୧୦ ରନ ଆବଶ୍ୟକ ଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ଜୋ ରୁଟ୍ ୯୫ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ବିଜୟୀ କରି ପାରି ନ ଥିଲେ। ପ୍ରଥମ ମ୍ୟାଚକୁ ଇଂଲଣ୍ଡ ୨୬୭ ରନରେ ଜିତିଥିବା ବେଳେ ନ୍ୟୁଜିଲାଣ୍ଡ ସିରିଜ ବରାବର କରିବାରେ ସମର୍ଥ ହୋଇଛି। ଏହା ସହ ତୃତୀୟ ଦଳ ଭାବରେ ଫଲୋଅନ୍ ପରେ ଟେଷ୍ଟ ମ୍ୟାଚ ଜିତିବାର ରେକର୍ଡ ନିଜ ନାମରେ କରିଛି ନ୍ୟୁଜିଲାଣ୍ଡ। ଇଂଲଣ୍ଡ (୧୮୯୪, ୧୯୮୧) ଓ ଭାରତ ୨୦୦୧ ମସିହାରେ ଏହି ସଫଳତା ହାସଲ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ନିଲ୍ ୱାଗନର ୪ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜୋ ରୁଟ୍ ୯୫ ରନ୍ କରି ଏକାକୀ ଲଢେଇ କରିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ମିଳି ନ ଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୩୯/୧ରୁ ଖେଳ ଆରମ୍ଭ କରି ଦଳୀୟ ସ୍କୋର ୫୩ରେ ଓଲି ରବିନ୍‌ସନ୍(୨)ଙ୍କ ଉଇକେଟ ହରାଇଥିଲା। ଏହାପରେ ଦ୍ରୁତ ବ୍ୟବଧାନରେ ବେନ୍ ଡକେଟ୍(୩୩), ଓଲି ପୋପ(୧୪) ଓ ହ୍ୟାରୀ ବ୍ରୁକ୍(୦) ଆଉଟ ହୋଇଥିଲେ। ୮୦ ରନ୍‌ରେ ଦଳ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ପ୍ରଥମ ଇନିଂସରେ ୧୮୬ ରନ୍‌ର ଇନିଂସ ଖେଳିଥିବା ବ୍ରୁକ୍ ଖାତା ଖୋଲିବା ଆଗରୁ ରନ୍ ଆଉଟ ହୋଇଥିଲେ। ଜୋ ରୁଟ୍ (୯୫) ଓ ଅଧିନାୟକ ବେନ୍ ଷ୍ଟୋକ୍ସ(୩୩) ଷଷ୍ଠ ଉଇକେଟରେ ୧୨୧ରନ୍ ଯୋଡିଥିଲେ। ରୁଟ୍ ୧୧୩ ବଲ୍ ଖେଳି ୮ ଚୌକା ଓ ୩ ଛକା ମାରିଥିଲେ। ବେନ୍ ଷ୍ଟୋକ୍ସ ୧୧୬ ବଲ୍ ଖେଳି ୬ ଚୌକା ମାରିଥିଲେ। ତେବେ ଉଭୟ ଖେଳାଳିଙ୍କୁ ମାତ୍ର ଦୁଇ ଓଭର ଓ ୧ ରନ୍ ବ୍ୟବଧାନରେ ଆଉଟ୍ କରିଥିଲେ ୱାଗନର। ଉଭୟ ଆଉଟ ହେବା ସହିତ ନ୍ୟୁଜିଲାଣ୍ଡର ବିଜୟ ସମ୍ଭାବନା ବୃଦ୍ଧି ପାଇଥିଲା। ତେବେ ଉଇକେଟ କିପର ବେନ୍ ଫୋକ୍ସ ୩୫ ରନ୍ କରି ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲେ। ବିଜୟ ପାଇଁ ୭ ରନ୍ ଆବଶ୍ୟକ ଥିବା ବେଳେ ବେନ୍ ଫୋକ୍ସଙ୍କୁ ଆଉଟ କରିଥିଲେ ଟିମ୍ ସାଉଦି। ୱାଗନର ବୋଲିଂ କରିଥିବା ପରବର୍ତ୍ତୀ ଓଭରରେ ଜେମ୍ସ ଆଣ୍ଡରସନ୍ ଏକ ଚୌକା ମାରିବା ପରେ ଆଉଟ ହେବା ସହ ନ୍ୟୁଜିଲାଣ୍ଡ ହାତକୁ ମ୍ୟାଚ ଟେକି ଦେଇଥିଲେ। ନିଲ୍ ୱାଗନର ୪ ଉଇକେଟ ନେଇଥିବା ବେଳେ ସାଉଦି ୩ ଓ ମ୍ୟାଟ୍ଟ ହେନରୀ ଦୁଇ ଉଇକେଟ ନେଇଥିଲେ। କେନ୍ ୱିଲିୟମ୍‌ସନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ହ୍ୟାରୀ ବ୍ରୁକ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।



ଜେମ୍ସ ଆଣ୍ଡରସନଙ୍କ ଉଇକେଟ ନେବାପରେ ନିଲ ୱାଗରଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ- ୪୩୫/୮(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମଇନିଂସ-୨୦୯/୧୦।ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୪୮୩/୧୦। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୭୪.୨ ଓଭରରେ ୨୫୬/୧୦(ଜୋ ରୁଟ୍-୯୫, ବେନ୍ ଫୋକ୍ସ-୩୫, ବେନ୍ ଷ୍ଟୋକ୍ସ-୩୩, ନିଲ୍ ୱାଗନର-୪/୬୨, ଟିମ୍ ସାଉଦି-୩/୪୫,ମ୍ୟାଟ୍ଟ ହେନରୀ-୨/୭୫)।



ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ ଡ୍ର ରହିବାପରେ ଟ୍ରଫି ସହ ବେନ୍ ଷ୍ଟୋକ୍ସ ଓ ଟିମ୍ ସାଉଦୀ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ